# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

◆VOLUME- 41 ◆ISSUE-233 ◆BHUBANESWAR ◆SATURDAY ◆17 FEBRUARY 2024 ◆PAGE-16 ◆₹ 6.00

◆ବର୍ଷ-୪୧ ◆ସଂଖ୍ୟା-୨୩୩ ◆ଭୁବନେଶ୍ୱର ◆ଶନିବାର ◆୧୭ ଫେବୃଆରୀ ୨୦୨୪ ◆ପୃଷ୍ଠା-୧୬ ◆ଟ.୬.୦୦




ପୁଣି ଥରେ କବିର-କାର୍ତ୍ତିକ

▶ପୃଷ୍ଠା ୧୫ ଦେଖନ୍ତୁ...


DSPL-664

ODISHA NEW OPPORTUNITIES

ଆମ ଓଡ଼ିଶା ନବୀନ ଓଡ଼ିଶା

"ଶିଳ୍ପାୟନ ଦ୍ୱାରା ରାଜ୍ୟର ଯୁବବର୍ଗଙ୍କୁ କର୍ମ ନିଯୁକ୍ତି ଯୋଗାଇଦେବା ଆମର ଲକ୍ଷ୍ୟ । ଏହି ସବୁ ନୂତନ ଶିଳ୍ପ ହେବା ଦ୍ୱାରା ରାଜ୍ୟବାସୀ ଉପକୃତ ହେବେ ଏବଂ ଆମ ରାଜ୍ୟ ବିଶ୍ୱ ମାନଚିତ୍ରରେ ଏକ ଶିଳ୍ପ ଶକ୍ତି ଭାବେ ଗଢି ଉଠିବ"

Naveen Patnaik
Chief Minister, Odisha







## ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା WELSPUN INTEGRATED TEXTILE COMPLEX ର ଶିଳାନ୍ୟାସ

୩,୦୦୦ କୋଟି ଟଙ୍କା ର ପୁଞ୍ଜି ନିବେଶ

୧୦,୦୦୦ ଯୁବ ବର୍ଗଙ୍କୁ କର୍ମ ନିଯୁକ୍ତି

୧୭ ଫେବୃଆରୀ ୨୦୨୪ । ଚୌଦ୍ୱାର, କଟକ

COME. JOIN THE JUGGERNAUT.

OIPR-14005/13/0055/2324

Scarecrow M&CSaatchi/2024/Feb

Email us at: info@investodisha.org
For any queries or inquiries give a missed call on: 01732351348
Please visit http://www.investodisha.gov.in/
Follow us on @investInOdisha /InvestOdisha

## ରାଜ୍ୟ କ୍ୟାବିନେଟ ବୈଠକରେ ୧୨ ପ୍ରସ୍ତାବକୁ ଅନୁମୋଦନ

# 'ଓଡ଼ିଶା ସଂସ୍କୃତି ଉନ୍ନୟନ ସେବା' କ୍ୟାଡର ସୃଷ୍ଟି



**ଆହୁରି ପ୍ରଚାରପ୍ରସାର ହେବ ଓଡ଼ିଆ ଭାଷା, କଳା, ସାହିତ୍ୟ ଓ ସଂସ୍କୃତି**

**ନିୟମିତ ମାନ୍ୟତା ପାଇବେ ବିଭିନ୍ନ ସ୍କୁଲର ୭୩ ବହୁଭାଷୀ ଶିକ୍ଷକ**

**କୀର୍ତ୍ତିରାଜି ଓ ପର୍ଯ୍ୟଟନସ୍ଥଳୀ ଉନ୍ନୟନ ଯୋଜନା ୨୦୨୭ ଯାଏ ସମ୍ପ୍ରସାରିତ**

**ନୂଆ-ଓ ଛାତ୍ରବୃତ୍ତି, ବୁଣାକାର ଓ କାରିଗର ସହାୟତା ଯୋଜନାକୁ ମୋହର**

**ଭୁବନେଶ୍ୱର,୧୬।୨(ସମିସ):** ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିର ପ୍ରଚାର ଓ ପ୍ରସାର; କଳା, ଭାସ୍କର୍ଯ୍ୟ ଓ ଐତିହ୍ୟଗୁଡ଼ିକର ସଂରକ୍ଷଣ ଏବଂ ବିଭାଗର କାର୍ଯ୍ୟକ୍ରମର ସୁପରିଚାଳନା ପାଇଁ ଜିଲ୍ଲା ସଂସ୍କୃତି ଅଧିକାରୀଙ୍କ କ୍ୟାଡର ପୁନର୍ଗଠନ ହେବ। ଏଥିପାଇଁ 'ଓଡ଼ିଶା ସଂସ୍କୃତି ଉନ୍ନୟନ ସେବା' ନାମରେ ଏକ ନୂଆ କ୍ୟାଡର ସୃଷ୍ଟି କରାଯିବ। ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କ୍ୟାବିନେଟ ବୈଠକରେ ଉପରୋକ୍ତ ପ୍ରସ୍ତାବ ସହ ୧୦ଟି ବିଭାଗର ମୋଟ ୧୨ଟି ପ୍ରସ୍ତାବ ମୋହର ବାଜିଛି । ବୈଠକରେ ନିଷ୍ପତ୍ତି ସମ୍ପର୍କରେ ମନ୍ତ୍ରୀ ପ୍ରଦୀପ କୁମାର ଅମାତ, ମୁଖ୍ୟ ସଚିବ ପ୍ରଦୀପ କୁମାର ଜେନା ବିଶଦ୍ ସୂଚନା ପ୍ରଦାନ କରିଛନ୍ତି।

ମନ୍ତ୍ରୀ ଓ ମୁଖ୍ୟ ସଚିବ ପ୍ରଦାନ କରିଥିବା ସୂଚନା ଅନୁସାରେ ନୂଆ କ୍ୟାଡରରେ ଆବଶ୍ୟକୀୟ ସଂସ୍କୃତି ଅଧିକାରୀ, ସହ ନିର୍ଦ୍ଦେଶକ(ସଂସ୍କୃତି), ଉପ-ନିର୍ଦ୍ଦେଶକ(ସଂସ୍କୃତି), ଯୁଗ୍ମ-ନିର୍ଦ୍ଦେଶକ(ସଂସ୍କୃତି) ଏବଂ ଅତିରିକ୍ତ ନିର୍ଦ୍ଦେଶକ(ସଂସ୍କୃତି) ଇତ୍ୟାଦି ପଦବୀ ସୃଷ୍ଟି କରାଯାଇଛି। ଏହାଦ୍ୱାରା ରାଜ୍ୟରେ କଳା, ଭାସ୍କର୍ଯ୍ୟ ଓ ଐତିହ୍ୟଗୁଡ଼ିକର ଉତ୍ତମ ରୂପେ ପରିଚାଳନା କରାଯାଇପାରିବ। ଏଥିପାଇଁ ରାଜକୋଷକୁ ବାର୍ଷିକ ଆନୁମାନିକ ୨.୧୭ କୋଟି ଟଙ୍କା ବହନ କରିବାକୁ ପଡ଼ିବ । ସେହିପରି ଅନ୍ୟ ଏକ ପ୍ରସ୍ତାବ ଅନୁଯାୟୀ ଗ୍ରାମ ପଞ୍ଚାୟତ, ପଞ୍ଚାୟତ ସମିତି ଏବଂ ଜିଲ୍ଲା ପରିଷଦ ସ୍ତରର ବିଭିନ୍ନ ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କ ପ୍ରମୁଖ କାର୍ଯ୍ୟକ୍ରମଗୁଡ଼ିକୁ କାର୍ଯ୍ୟକାରୀ କରିବା ପାଇଁ ରାଜ୍ୟ କ୍ୟାବିନେଟ ଏ ସଂକ୍ରାନ୍ତୀୟ ଏକ ନିଷ୍ପତ୍ତି ନେଇଛି। ଓଡ଼ିଶା ପଞ୍ଚାୟତ ସମିତି ହିସାବ ପଦ୍ଧତି ନିୟମ, ୨୦୦୨ରେ ବିଭିନ୍ନ ବୈଷୟିକ ଅଧିକାରୀ ଏବଂ ପ୍ରଶାସନିକ ଅଧିକାରୀଙ୍କୁ ନିର୍ଦ୍ଦିଷ୍ଟ ବୈଷୟିକ ମଞ୍ଜୁରୀ ଏବଂ ପ୍ରଶାସନିକ ଅନୁମୋଦନ କ୍ଷମତା ପ୍ରଦାନ କରାଯାଇଛି। ଉପରୋକ୍ତ ପ୍ରସ୍ତାବରେ ୧୦ ଲକ୍ଷ ପର୍ଯ୍ୟନ୍ତ ପ୍ରକଳ୍ପର ବୈଷୟିକ ମଞ୍ଜୁରୀ କ୍ଷମତା ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କୁ ପ୍ରଦାନ କରାଯାଇଛି। ସେହିପରି ନିର୍ବାହୀ ଯନ୍ତ୍ରୀ ଓ ଅଧୀକ୍ଷକ ଯନ୍ତ୍ରୀ(ପଞ୍ଚାୟତିରାଜ)ଙ୍କୁ ଯଥାକ୍ରମେ ୧ କୋଟି ଓ ୪ କୋଟିର ବୈଷୟିକ ମଞ୍ଜୁରୀ କ୍ଷମତା ପ୍ରଦାନ କରାଯାଇଛି। ୪ କୋଟିରୁ ଉଦ୍ଧ୍ୱର୍ ପ୍ରକଳ୍ପର ବୈଷୟିକ ମଞ୍ଜୁରୀ କ୍ଷମତା ମୁଖ୍ୟଯନ୍ତ୍ରୀଙ୍କ ଉପରେ ନ୍ୟସ୍ତ କରାଯାଇଛି। ଏତଦ୍‌ବ୍ୟତୀତ ପଞ୍ଚାୟତିରାଜ ବିଭାଗ ଦ୍ୱାରା କରାଯାଇଥିବା ପ୍ରକଳ୍ପଗୁଡ଼ିକରେ ଜିଲ୍ଲାପାଳଙ୍କର ପ୍ରଶାସନିକ ଅନୁମୋଦନ କ୍ଷମତା ୫୦ ଲକ୍ଷରୁ ୧ କୋଟି ବୃଦ୍ଧି କରାଯାଇଛି। ବୈଠକରେ ଓଡ଼ିଶା ବୈଷୟିକ ଶିକ୍ଷା ଓ ପ୍ରଶିକ୍ଷଣ ସେବା ନିୟମାବଳୀ, ୧୯୮୫ର ପୁନର୍ବିନ୍ୟାସ ପ୍ରସ୍ତାବକୁ କ୍ୟାବିନେଟରେ ଅନୁମୋଦନ ମିଳିଛି। ସେହିପରି କ୍ୟାବିନେଟ ଆଜି ନୂଆ-ଓ ଛାତ୍ରବୃତ୍ତି ଏବଂ ମୁଖ୍ୟମନ୍ତ୍ରୀ ବରିଷ୍ଠ ବୁଣାକାର ଓ କାରିଗର ସହାୟତା ଯୋଜନାକୁ ମଧ୍ୟ ଅନୁମୋଦନ ଦେଇଛି। ଏହି ଅବସରରେ ବିଭିନ୍ନ ବିଭାଗର ପ୍ରମୁଖ ସଚିବ ସୁଶୀଲ କୁମାର ଲୋହାନୀ, ପ୍ରମୁଖ ଶାସନ ସଚିବ ବୀର ବିକ୍ରମ ଯାଦବ, ପ୍ରମୁଖ ଶାସନ ସଚିବ ଊଷା ପାଢ଼ୀ, କମିଶନର ତଥା ଶାସନ ସଚିବ ସୁଜାତା ରାଉତ କାର୍ତ୍ତିକେୟନ, କମିଶନର ତଥା ଶାସନ ସଚିବ ରୂପା ରୋଶନ ସାହୁ, କମିଶନର ତଥା ଶାସନ ସଚିବ ଅରବିନ୍ଦ ଅଗ୍ରୱାଲ ପ୍ରମୁଖ ନିଜନିଜ ବିଭାଗୀୟ ପ୍ରସ୍ତାବ ଅନୁମୋଦନ ସଂକ୍ରାନ୍ତରେ ସୂଚନା ଦେଇଥିଲେ ।

## ବୃଦ୍ଧି ପାଇବ ପଞ୍ଚାୟତ କାର୍ଯ୍ୟଦକ୍ଷତା

# ନିଯୁକ୍ତ ହେବେ ୭୧୪୨ ଆକାଉଣ୍ଟାଣ୍ଟ

**ଜିଆର୍‌ଏସ୍‌ଙ୍କ ପାଇଁ ୩୦% ପଦ ସଂରକ୍ଷିତ**

**ଭୁବନେଶ୍ୱର,୧୬।୨(ସମିସ):** ଗ୍ରାମ ପଞ୍ଚାୟତସ୍ତରରେ ସରକାରୀ ଯୋଜନା ଏବଂ କାର୍ଯ୍ୟକ୍ରମର ସଠିକ୍ କାର୍ଯ୍ୟାନ୍ୱୟନ, ସମାୟାନୁବର୍ତ୍ତିତା, ବିଭିନ୍ନ ଯୋଜନାର ରେକର୍ଡ ଆର୍ଥିକ ପରିଚାଳନା ଏବଂ ଡକ୍ୟୁମେଣ୍ଟେସନ ଆହୁରି ବ୍ୟବସ୍ଥିତ ହୋଇପାରିବ। ସବୁ ପଞ୍ଚାୟତରେ ଏଣିକି ଜଣେ ଲେଖାଏଁ ଆକାଉଣ୍ଟାଣ୍ଟ ରହିବେ । ଏହି ଆକାଉଣ୍ଟାଣ୍ଟମାନେ ଡାଟା ଏଣ୍ଟ୍ରି ଅପରେଟର ଭାବେ ମଧ୍ୟ କାର୍ଯ୍ୟ କରିବେ। ଏଥିପାଇଁ ସ୍ୱତନ୍ତ୍ର ଭାବେ ୭୧୪୨ଟି ନୂଆ ପଦବୀ ସୃଷ୍ଟି କରାଯାଇଛି। ରାଜ୍ୟ କ୍ୟାବିନେଟ୍ ଆଜି ଏହି ନୂଆ ପଦବୀ ଓ ନିଯୁକ୍ତିପଦ୍ଧତି ସହ ସେବା ସର୍ତ୍ତାବଳୀକୁ ଅନୁମୋଦନ କରିଛନ୍ତି।

ସରକାରଙ୍କ ଯୁକ୍ତି ଅନୁଯାୟୀ ଗ୍ରାମ ପଞ୍ଚାୟତ ଗୁଡ଼ିକରେ ରାଜ୍ୟ ତଥା କେନ୍ଦ୍ର ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନା ଓ କାର୍ଯ୍ୟକ୍ରମ ଗୁଡ଼ିକ କାର୍ଯ୍ୟକାରୀ ହେବା ସହ କେନ୍ଦ୍ରୀୟ ଅର୍ଥ କମିଶନ ଓ ରାଜ୍ୟ ଅର୍ଥ କମିଶନଙ୍କ ଅନୁଦାନ ଓ ପାଣ୍ଠି ବିନିଯୋଗ ହେଉଛି। ଅତଏବ ଗ୍ରାମପଞ୍ଚାୟତକୁ ଅଧିକ ଜୀବନ୍ତ ଓ କାର୍ଯ୍ୟକ୍ରମ କରିବା ପାଇଁ ଓଡ଼ିଶା ଆକାଉଣ୍ଟାଣ୍ଟ କମ୍ ଡାଟା ଏଣ୍ଟ୍ରି ଅପରେଟର(ନିଯୁକ୍ତି ପଦ୍ଧତି ଓ ସେବା ସର୍ତ୍ତ) ନିୟମ-୨୦୨୪ ନାମକ ଏକ ନିୟମ ପ୍ରସ୍ତୁତ କରାଯାଇଛି। ପଞ୍ଚାୟତରେ ବିଭିନ୍ନ ଲୋକାଭିମୁଖୀ ଯୋଜନା ଓ କାର୍ଯ୍ୟକ୍ରମ ସହିତ ଜଡ଼ିତ ଥିବା ଗ୍ରାମ ରୋଜଗାର ସେବକଙ୍କ ଅଭିଜ୍ଞତାକୁ ଦୃଷ୍ଟିରେ ରଖି ମୋଟ ଆକାଉଣ୍ଟାଣ୍ଟ କମ୍ ଡାଟା ଏଣ୍ଟ୍ରି ଅପରେଟରର ୩୦ ପ୍ରତିଶତ ପଦବୀରେ ସେମାନଙ୍କୁ ମନୋନୀତ କରାଯିବ। ବାକି ୭୦ ପ୍ରତିଶତକୁ ପଦବୀକୁ ଓଡ଼ିଶା ଅଧସ୍ତନ କର୍ମଚାରୀ ଚୟନ ଆୟୋଗଙ୍କ ମାଧ୍ୟମରେ ପ୍ରତ୍ୟକ୍ଷ ନିଯୁକ୍ତି ଦ୍ୱାରା ପୂରଣ କରାଯିବ। ମାତ୍ର ଏକକାଳୀନ ଯୋଜନାରେ ଯେଉଁ ଗ୍ରାମରୋଜଗାର ସେବକମାନେ କ୍ରମାନ୍ୱୟନରେ ୫ବର୍ଷ କାର୍ଯ୍ୟ କରିଥିବେ ଓ ଅନ୍ୟାନ୍ୟ ଯୋଗ୍ୟତା ପୂରଣ କରୁଥିବେ ସେମାନଙ୍କୁ ଖାଲିଥିବା ସ୍ଥାନରେ ଅବସ୍ଥାପିତ କରାଯିବ ବୋଲି ନିଷ୍ପତ୍ତି ଗ୍ରହଣ କରାଯାଇଛି।

# ଶଙ୍ଖ ଧରିଲେ ଅଂଶୁମାନ

## 'ମୁଖ୍ୟମନ୍ତ୍ରୀଙ୍କ ଆଶୀର୍ବାଦରୁ ମୁଁ ମୋ ଘରକୁ ଫେରିଛି'



**ବିଜୁ ପରିବାରର ଘନିଷ୍ଠ ସହଯୋଗୀ ଥିଲେ ନଳିନୀ ମହାନ୍ତି: ପ୍ରଣବ ପ୍ରକାଶ**

**ଭୁବନେଶ୍ୱର, ୧୬।୨ (ସମିସ):** କେନ୍ଦ୍ରାପଡା ଜିଲ୍ଲା ରାଜନଗରର ପୂର୍ବତନ କଂଗ୍ରେସ ବିଧାୟକ ତଥା ପୂର୍ବତନ ଡ଼ିସିସି ସଭାପତି ଅଂଶୁମାନ ମହାନ୍ତି ତାଙ୍କର ହଜାରରୁ ଉଦ୍ଧ୍ୱର୍ ସମର୍ଥକଙ୍କ ସହ ବିଜୁ ଜନତା ଦଳରେ ଯୋଗ ଦେଇଛନ୍ତି। ଶୁକ୍ରବାର ଶଙ୍ଖଭବନଠାରେ ବିଜେଡି ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ରାଜ୍ୟସଭା ସାଂସଦ ମାନସ ମଙ୍ଗରାଜ, ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ, ମନ୍ତ୍ରୀ ପ୍ରତାପ କେଶରୀ ଦେବ, ବିଧାୟକ ତଥା କେନ୍ଦ୍ରାପଡା ଜିଲ୍ଲା ପର୍ଯ୍ୟବେକ୍ଷକ ପ୍ରତାପ ଜେନା ଓ ବିଧାୟକ ଧ୍ରୁବଚରଣ ସାହୁଙ୍କ ଉପସ୍ଥିତିରେ ଶ୍ରୀ ମହାନ୍ତି ବିଜେଡିରେ ସାମିଲ ହୋଇଛନ୍ତି। ଶଙ୍ଖଭବନରେ ମିଶ୍ରଣ ପରେ ଦଳୀୟ ନେତୃବୃନ୍ଦଙ୍କ ସହ ଶ୍ରୀ ମହାନ୍ତି ନବୀନ ନିବାସ ଯାଇ ବିଜେଡି ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆଶୀର୍ବାଦ ନେବା ସହ '୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କୁ ସାକ୍ଷାତ କରିଛନ୍ତି ।

ଶଙ୍ଖଭବନରେ ଅଂଶୁମାନଙ୍କ ବିଜେଡି ଯୋଗଦାନ ଉତ୍ସବରେ ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ କହିଛନ୍ତି ଯେ ମୁଖ୍ୟମନ୍ତ୍ରୀଙ୍କ ରୂପାନ୍ତରିତ ସମୃଦ୍ଧ ଓଡିଶା ଗଠନରେ ଆକୃଷ୍ଟ ହୋଇ ଆଜି ପୂର୍ବତନ ବିଧାୟକ ଅଂଶୁମାନ ମହାନ୍ତି ଦଳରେ ଯୋଗ ଦେଇଛନ୍ତି। ସବୁ କ୍ଷେତ୍ରରେ ଆମ ରାଜ୍ୟ ଶ୍ରେଷ୍ଠ ପ୍ରଦର୍ଶନ କରୁଛି। ଏହି କ୍ରମରେ ରାଜଗନରରେ ଚାଲିଥିବା ବିକାଶ ମହାପର୍ବ ଅଂଶୁମାନଙ୍କ ଯୋଗଦାନ ପରେ ଆହୁରି ତୀବ୍ରତର ହେବ। ଅଂଶୁମାନଙ୍କ ବାପା ସ୍ୱର୍ଗତ ନଳିନୀ ମହାନ୍ତି ବିଜୁ ପରିବାରର ଅତ୍ୟନ୍ତ ଘନିଷ୍ଠ ସହଯୋଗୀ ଥିଲେ। ବିଜୁ ପରିବାର ପ୍ରତି ତାଙ୍କର ସମର୍ପଣ ଓ ଭଲ ପାଇବା ସର୍ବଦା ରହିଆସିଥିଲା। ରାଜନଗର ସବୁବେଳେ ବିଜେଡି ସହ ଅଛି। ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ଯେଉଁମାନେ ତାଙ୍କ ଉପରେ ଆସ୍ଥା ରଖି ଦଳରେ ଯୋଗ ଦେଇଛନ୍ତି, ସମସ୍ତଙ୍କ ସମ୍ମାନ ଓ ଆତ୍ମବିଶ୍ୱାସ ସର୍ବଦା ବଜାୟ ରହିବବୋଲି ଶ୍ରୀ ଦାସ କହିଛନ୍ତି ।

ଜିଲ୍ଲା ପର୍ଯ୍ୟବେକ୍ଷକ ପ୍ରତାପ ଜେନା କହିଛନ୍ତି ଯେ ଅଂଶୁମାନ ଜଣେ ଯୁବ ଓ ଦକ୍ଷ ସଂଗଠକ ଭାବେ ଜଣାଶୁଣା। ତାଙ୍କର ଯୋଗଦାନ ରାଜନଗର ନିର୍ବାଚନମଣ୍ଡଳୀ ତଥା ସମଗ୍ର କେନ୍ଦ୍ରାପଡା ଜିଲ୍ଲାରେ ବିଜେଡି ସଂଗଠନ ମଜବୁତ ହେବା ସହ ବିକାଶ ଧାରା ଆହୁରି ତ୍ୱରାନ୍ୱିତ ହେବ। ରାଜ୍ୟସଭା ସାଂସଦ ମାନସ ରଞ୍ଜନ ମଙ୍ଗରାଜ କହିଛନ୍ତି ଯେ ଜଣେ ପୂର୍ବତନ ବିଧାୟକଭାବେ ଅଂଶୁମାନ ମହାନ୍ତିଙ୍କର ଜନସେବାରେ ପୂର୍ଣ୍ଣ ଅଭିଜ୍ଞତା ରହିଛି। ତାଙ୍କ ଭଳି ଯୁବ ନେତା ବିଜେଡିରେ ଯୋଗଦେବା ଫଳରେ କେନ୍ଦ୍ରାପଡ଼ା ଜିଲ୍ଲାରେ ଆମ ଦଳ ଆହୁରି ସୁଦୃଢ଼ ହେବ । ରାଜନଗର ବିଧାୟକ ଧ୍ରୁବଚରଣ ସାହୁ ଏହି ଅବସରରେ ପୂର୍ବତନ ବିଧାୟକ ଅଂଶୁମାନ ମହାନ୍ତି ଓ ତାଙ୍କ ସମର୍ଥକଙ୍କୁ ଦଳକୁ ସ୍ୱାଗତ କରିଛନ୍ତି । ସେହିପରି ଜିଲ୍ଲାର ଦୁଇ ମନ୍ତ୍ରୀ ପ୍ରତାପ କେଶରୀ ଦେବ ଏବଂ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ମଧ୍ୟ ଅଂଶୁମାନଙ୍କୁ ସ୍ୱାଗତ କରିଛନ୍ତି । ଏହି ଅବସରରେ ଅଂଶୁମାନ କହିଛନ୍ତି ଯେ ଆଜି ମୋ ପାଇଁ ଗର୍ବର ଦିନ। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ଆଜି ମୁଁ ନିଜ ଘରକୁ ଫେରିଛି। ମୋର କର୍ମଭୂମି ରାଜନଗର ସହ ▶ପୃଷ୍ଠା-୯

# ନିୟମିତ ହେବେ ୭୩ ବହୁଭାଷୀ ଶିକ୍ଷା ସ୍ୱେଚ୍ଛାସେବୀ

**ଭୁବନେଶ୍ୱର, ୧୬।୨(ସମିସ):** ୭୩ ଜଣ ବହୁଭାଷୀ ଶିକ୍ଷା ସ୍ୱେଚ୍ଛାସେବୀଙ୍କୁ ନିୟମିତ କରିବାରୁ ରାଜ୍ୟ କ୍ୟାବିନେଟ୍ ନିଷ୍ପତ୍ତି ନେଇଛି। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅଧୀନରେ ବିଗତ ୧୬ବର୍ଷ ଧରି କେତେକ ବହୁଭାଷୀ ଶିକ୍ଷା ସ୍ୱେଚ୍ଛାସେବୀ କାର୍ଯ୍ୟ କରିଆସୁଛନ୍ତି। ଏମାନଙ୍କ ମଧ୍ୟରୁ ୭୩ ଜଣ ଶିକ୍ଷା ସ୍ୱେଚ୍ଛାସେବୀଙ୍କୁ ନିୟମିତ କରିବା ନେଇ ଶୁକ୍ରବାକ ହୋଇଥିବା କ୍ୟାବିନେଟ୍ ବୈଠକରେ ମୋହର ବାଜିଛି।

ବର୍ତ୍ତମାନ ପ୍ରାଥମିକ ବିଦ୍ୟାଳୟରେ ପାଠ ପଢୁଥିବା ଜନଜାତି ଛାତ୍ରୀମାନଙ୍କୁ ସେମାନେ ମାତୃଭାଷାରେ ଶିକ୍ଷାଦାନ ଦେଇ ବର୍ତ୍ତମାନର ପାଠ୍ୟ ଖସଡ଼ାକୁ ସହଜ ଓ ସରଳ ଭାବରେ ବୁଝାଇବା ପାଇଁ ବହୁଭାଷୀ ଶିକ୍ଷା ସ୍ୱେଚ୍ଛାସେବୀ ଭାବେ ଏମାନେ କାର୍ଯ୍ୟରତ ଅଛନ୍ତି। ଏମାନଙ୍କୁ ନିୟମିତ କରିବା ପାଇଁ ବିଗତ ଦିନରୁ ଦାବି ହୋଇ ଆସୁଥିଲା। ଯେହେତୁ ଏହି ବହୁଭାଷୀ ସ୍ୱେଚ୍ଛାସେବୀମାନେ ବିଦ୍ୟାଳୟ ଯାଉଥିବା ଜନଜାତି ପିଲାମାନଙ୍କୁ ମୁଖ୍ୟସ୍ରୋତର ଶିକ୍ଷା ସହିତ ସାମିଲ୍ କରିବା ପାଇଁ ଦାୟିତ୍ୱ ନିର୍ବାହ କରୁଛନ୍ତି ଏବଂ ବର୍ତ୍ତମାନ ଯେଉଁ ସ୍ୱେଚ୍ଛାସେବୀମାନଙ୍କର ଆବଶ୍ୟକ ଶିକ୍ଷାଗତ ଯୋଗ୍ୟତା ଯଥା +୨ ଡିଏଲ୍‌ଇଡି/ସିଟି ଏବଂ ଓଟିଇଟି ରହିଛି। ଏକକାଳୀନ ମାପଦଣ୍ଡ ହିସାବରେ ବୟସକୁ ରିହାତି ଦେଇ ନିୟମିତ ସୃଷ୍ଟି କରାଯାଇଥିବା ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗର ଜନଜାତି ଭାଷା ଶିକ୍ଷକ ପଦବୀରେ ୭୩ ଜଣ ବହୁଭାଷୀ ଶିକ୍ଷା ସ୍ୱେଚ୍ଛାସେବୀଙ୍କୁ ନିୟମିତ କରାଯିବ ବୋଲି କ୍ୟାବିନେଟ୍ ବୈଠକ ପରେ ରାଜ୍ୟ ସରକାର ସୂଚନା ଦେଇଛନ୍ତି। ଅବଶିଷ୍ଟ ବହୁଭାଷୀ ସ୍ୱେଚ୍ଛାସେବୀମାନଙ୍କୁ ଆଗାମୀ ୩ବର୍ଷ ସମୟସୀମା ମଧ୍ୟରେ ଆବଶ୍ୟକ +୨ ଡିଏଲ୍‌ଇଡି/ସିଟି ଏବଂ ଓଟିଇଟି ଯୋଗ୍ୟତା ହାସଲ କରିବା ପରେ ଯଦି ସେମାନଙ୍କ ବୟସ ନିୟମିତ ହେବା ସମୟରେ ୬୦ ବର୍ଷ ଭିତରେ ହୋଇଥାଏ, ତେବେ ସେମାନଙ୍କୁ ନିୟମିତ କରିବା ପାଇଁ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ରାଜ୍ୟ କ୍ୟାବିନେଟ୍ ନିଷ୍ପତ୍ତି ନେଇଛି।

## ପ୍ରତିଶ୍ରୁତି ରଖିଲେ ମୁଖ୍ୟମନ୍ତ୍ରୀ

# ଧର୍ମଶାଳା ପାଇଁ କୁଲତା ସମାଜକୁ ମିଳିଲା ଜମି

**ଭୁବନେଶ୍ୱର, ୧୬।୨ (ସମିସ):** କଥା ଦେଇ କଥା ରଖୁଥିବା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଜି ପୁଣିଥରେ ଏହି ଉଦାହରଣ ସମସ୍ତଙ୍କ ସାମ୍ନାରେ ରଖିଛନ୍ତି। ପୂର୍ବ ପ୍ରତିଶ୍ରୁତି ଅନୁସାରେ ମୁଖ୍ୟମନ୍ତ୍ରୀ ଆଜି ପୁରୀ ବାଲୁଖଣ୍ଡ ମୌଜାରେ ଓଡ଼ିଶା କୁଲତା ସମାଜର ଧର୍ମଶାଳା ନିର୍ମାଣ ପାଇଁ ୧ଏକର ଜମି ଦେଇଛନ୍ତି। ବିନା ପ୍ରିମିୟମ୍, ବିନା ଇନସିଡେଣ୍ଟାଲ ଦେୟ ଏବଂ ସ୍ୱଳ୍ପ ବାର୍ଷିକ ଭୂରାଜସ୍ୱ ଓ ସେସ୍‌ରେ ଦେବା ପାଇଁ ରାଜ୍ୟ କ୍ୟାବିନେଟ୍ ନିଷ୍ପତ୍ତି ନେଇଛନ୍ତି। ଏଥିପାଇଁ ଓଡ଼ିଶା କୁଲତା ସମାଜକୁ ବାର୍ଷିକ ଭୂ-ରାଜସ୍ୱ ବାବଦରେ ୧୦୦ ଟଙ୍କା ଓ ବାର୍ଷିକ ଭୂ-ରାଜସ୍ୱର ୭୫% ହିସାବରେ ୭୫ ଟଙ୍କାକୁ ମିଶାଇ ସର୍ବମୋଟ ୧୭୫ ଟଙ୍କା ଦେବାକୁ ହେବ।

ସୂଚନାଯୋଗ୍ୟ ଯେ ପଶ୍ଚିମ ଓଡ଼ିଶାର ୧୧ଟି କୁଲତା ସମାଜର କର୍ମକର୍ତ୍ତା ଭୁବନେଶ୍ୱର ଆସି ନବୀନ ନିବାସରେ ମୁଖ୍ୟମନ୍ତ୍ରୀଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଥିଲେ। ଏହି ଅବସରରେ ପୁରୀରେ ଧର୍ମଶାଳା ନିର୍ମାଣରେ ସହଯୋଗ କରିବା ଲାଗି ସେମାନେ ମୁଖ୍ୟମନ୍ତ୍ରୀଙ୍କୁ ନିବେଦନ କରିଥିଲେ। ପ୍ରତିଦିନ ବହୁସଂଖ୍ୟକ କୁଲତା ସମାଜ ଲୋକ ଓଡ଼ିଶାର ବିଭିନ୍ନ ଜିଲ୍ଲାରୁ ମହାପ୍ରଭୁଙ୍କ ଦର୍ଶନ ପାଇଁ ପୁରୀ ଆସିଥା'ନ୍ତି। କିନ୍ତୁ ସେମାନେ ରହିବା ପାଇଁ ସମସ୍ୟା ଭୋଗୁଥିବାରୁ ଧର୍ମଶାଳା ନିର୍ମାଣ ପାଇଁ ଜମି ଖଣ୍ଡେ ଦେବାକୁ ସେମାନେ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଥିଲେ। ଆଉ ସେମାନଙ୍କ ଅନୁରୋଧ ନିଶ୍ଚୟ ରକ୍ଷା ହେବ ବୋଲି ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ। ଆଜି ରାଜ୍ୟ କ୍ୟାବିନେଟ୍‌ର ନିଷ୍ପତ୍ତି ପରେ କୁଲତା ସମାଜରେ ଆନନ୍ଦ ଲହରୀ ଖେଳିଯାଇଛି। ସେମାନଙ୍କର ଦୀର୍ଘ ଦିନର ଆଶାକୁ ମୁଖ୍ୟମନ୍ତ୍ରୀ ପୂରଣ କରିଛନ୍ତି ବୋଲି କହିବା ସହ ସେଥିପାଇଁ ମୁଖ୍ୟମନ୍ତ୍ରୀଙ୍କୁ ସାଧୁବାଦ ଜଣାଇଛନ୍ତି।

## ମତ୍ସ୍ୟ-ପ୍ରାଣୀ ସମାବେଶ ଓଡ଼ିଶା-୨୦୨୪ ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ

# 'ମତ୍ସ୍ୟ ଓ ପ୍ରାଣିପାଳନ ବିକାଶରେ ବୈଜ୍ଞାନିକ ପଦ୍ଧତି ଆପଣାଅ'

**ଭୁବନେଶ୍ୱର, ୧୬।୨(ସମିସ):** ମତ୍ସ୍ୟ ଓ ପ୍ରାଣିସଂପଦ ବିକାଶ କ୍ଷେତ୍ରରେ ରାଜ୍ୟ ସରକାରଙ୍କ '୫-ଟି' ଅଧିନରେ ବୈଜ୍ଞାନିକ ପଦ୍ଧତିରେ ଫାର୍ମି ପାଇଁ ନୂଆ ଜ୍ଞାନକୌଶଳର ବ୍ୟବହାର କରାଯାଉଛି। ବାୟୋ-ଫ୍ଲକ୍, କେଜ୍ କଲଚର ମାଛଚାଷ, ସେକ୍ସ ସର୍ଟେଡ୍ ସିମେନ୍ ପଦ୍ଧତି ପରି ନୂଆ ଜ୍ଞାନକୌଶଳ ବ୍ୟବହାର କରି ରାଜ୍ୟ ଚାଷୀମାନଙ୍କ ଆୟ ବହୁଗୁଣିତ କରିବା ଦିଗରେ ପଦକ୍ଷେପ ନିଆଯାଉଛି। ବୈଜ୍ଞାନିକ ପଦ୍ଧତିରେ ମତ୍ସ୍ୟ ଓ ପ୍ରାଣିପାଳନ ବିଷୟରେ ଚାଷୀଙ୍କୁ ଅବଗତ କରାଯିବା ସହ ଏହାର ଉପଯୋଗ ଉପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁତ୍ୱାରୋପ କରିଛନ୍ତି।

ଜନତା ମଇଦାନରେ ଶୁକ୍ରବାର ତିନିଦିନିଆ ରାଜ୍ୟସ୍ତରୀୟ 'ମତ୍ସ୍ୟ-ପ୍ରାଣୀ ସମାବେଶ-୨୦୨୪'ର ଉଦ୍‌ଘାଟନ ଅବସରରେ ଏକ ଭିଡିଓ ବାର୍ତ୍ତାରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ମତ୍ସ୍ୟ ଉତ୍ପାଦନରେ ଓଡ଼ିଶା ସାରା ଦେଶରେ ଚତୁର୍ଥ ସ୍ଥାନ ଅଧିକାର କରିଛି। ସରକାର ରାଜ୍ୟର ମତ୍ସ୍ୟଚାଷୀ ଓ ମତ୍ସ୍ୟଜୀବୀଙ୍କ



ଉନ୍ନତି ପାଇଁ ନୂତନ ଭାବେ 'ମୁଖ୍ୟମନ୍ତ୍ରୀ ମତ୍ସ୍ୟଜୀବୀ କଲ୍ୟାଣ ଯୋଜନା' କାର୍ଯକାରୀ କରିଛନ୍ତି। ଏଥିରେ ୧୧ ହଜାର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ୫୦ ହଜାର ମତ୍ସ୍ୟଜୀବୀ ସିଧାସଳଖ ଉପକୃତ ହେବେ। ରାଜ୍ୟର ପ୍ରାଣିପାଳକମାନଙ୍କୁ ଉନ୍ନତ ମାନର ସେବା ଯୋଗାଇଦେବା ଉଦ୍ଦେଶ୍ୟରେ ୧୮୧ ନୂତନ ମୋବାଇଲ୍ ଭେଟେରିନାରୀ ୟୁନିଟ୍ ଭ୍ୟାନ୍‌ର ବ୍ୟବସ୍ଥା କରାଯାଇଛି ଏବଂ ଖୁବଶୀଘ୍ର ଆଉ ୧୩୧ ମୋବାଇଲ୍ ଭେଟେରିନାରୀ ୟୁନିଟ୍ ଭ୍ୟାନ୍ ରାଜ୍ୟରେ ସେବା ଯୋଗାଇଦେବ। 'ମତ୍ସ୍ୟ-ପ୍ରାଣୀ ସମାବେଶ ଓଡ଼ିଶା-୨୦୨୪' ରେ ସାରା ରାଜ୍ୟରୁ ପ୍ରାୟ ୭୦୦୦ ଚାଷୀ ଭାଇ ଓ ଭଉଣୀମାନେ ଯୋଗ ଦେଉଛନ୍ତି। ଏଥିରେ ଚାଷୀ-ବୈଜ୍ଞାନିକ ଭାବବିନିମୟ, ଲାଇଭ୍ ଆନିମଲ୍ ଓ ଫିସ୍ ଡେମୋନ୍‌ଷ୍ଟ୍ରେସନ୍, ଆଧୁନିକ ଫାର୍ମି ପଦ୍ଧତିର ପ୍ରଦର୍ଶନୀ, ଶ୍ରେଷ୍ଠ ଚାଷୀଙ୍କୁ ସମ୍ବର୍ଦ୍ଧନା ଆଦି କାର୍ଯ୍ୟକ୍ରମ ରଖାଯାଇଛି। ପ୍ରଥମ ଥର ଏହି ସମାବେଶ ଆୟୋଜନ କରିଥିବାରୁ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇବା ସହ ମତ୍ସ୍ୟ ଓ ପ୍ରାଣିସଂପଦ ବିଭାଗକୁ ଧନ୍ୟବାଦ ଜଣାଇଛନ୍ତି ମୁଖ୍ୟମନ୍ତ୍ରୀ।

ସମାବେଶରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଅର୍ଥମନ୍ତ୍ରୀ ଶ୍ରୀ ବିକ୍ରମ କେଶରୀ ଆରୁଖ କହିଲେ ଯେ, କୃଷି ଓ ଆନୁସଙ୍ଗିକ ▶ପୃଷ୍ଠା-୯

# ଆଜିଠୁ କଳା ଓ ବାଣିଜ୍ୟ ପରୀକ୍ଷା

**+୨ ବିଜ୍ଞାନ ପରୀକ୍ଷା: ମାତୃଭାଷାରେ କପି କରି ଧରାପଡ଼ିଲେ ୧୧**

**ଭୁବନେଶ୍ୱର, ୧୬।୨(ସମିସ):** ଆରମ୍ଭ ହୋଇଛି ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ(ସିଏଚ୍‌ଏସ୍‌ଇ) ପରିଚାଳିତ +୨ ପରୀକ୍ଷା। ଶୁକ୍ରବାର ପ୍ରଥମ ଦିନରେ ବିଜ୍ଞାନ ବିଭାଗ ଛାତ୍ରଛାତ୍ରୀମାନେ ମାତୃଭାଷା ବିଷୟରେ ପରୀକ୍ଷା ଦେଇଛନ୍ତି। ଏହି ବିଷୟରେ କପି କରି ସାରା ରାଜ୍ୟରୁ ସମୁଦାୟ ୧୧ ଜଣ ପରୀକ୍ଷାର୍ଥୀ ଧରାପଡ଼ିଛନ୍ତି। ସବୁଠି ସୁରୁଖୁରୁରେ ପ୍ରଥମ ଦିନ ପରୀକ୍ଷା ସରିଥିବାବେଳେ କୌଣସି ତ୍ରୁଟି ହୋଇ ନ ଥିବା ପରୀକ୍ଷା ନିୟନ୍ତ୍ରକ ଅଶୋକ କୁମାର ନାୟକ କହିଛନ୍ତି। ଅନ୍ୟପଟେ ଆସନ୍ତାକାଲି ଠାରୁ +୨ କଳା ଓ ବାଣିଜ୍ୟ ବିଭାଗର ପରୀକ୍ଷା ଆରମ୍ଭ ହେବ। ଉଭୟ ବିଭାଗର ପ୍ରଥମ ଦିନ ମାତୃଭାଷା ପରୀକ୍ଷା ରହିଛି। କଳା ବିଭାଗରେ ମୋଟ୍ ୨ ଲକ୍ଷ ୩୭ ହଜାର ୭୫୦ଜଣ ଓ ବାଣିଜ୍ୟରେ ୨୬ ହଜାର ୮୯ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେବାକୁ ଫର୍ମ ପୂରଣ କରିଛନ୍ତି। ପରୀକ୍ଷାରେ କପି ରୋକିବା ପାଇଁ ତ୍ରିସ୍ତରୀୟ ସ୍କ୍ୱାଡ୍ ବିଭିନ୍ନ ସ୍ଥାନରେ ଯାଞ୍ଚ କରିଛନ୍ତି। ଏହାସହ କଣ୍ଟ୍ରୋଲ ରୁମ୍‌ରୁ ସିସିଟିଭି ଲାଇଭ୍ ଷ୍ଟ୍ରିମିଂ ଦେଖି ପରିଷଦ ପକ୍ଷରୁ ପରୀକ୍ଷା ନିରୀକ୍ଷଣ କରାଯାଇଛି। ପରୀକ୍ଷା ସମୟରେ କୌଣସି ତ୍ରୁଟି ନ ହେବା ପାଇଁ ପରିଷଦ ପକ୍ଷରୁ ସମସ୍ତ ପ୍ରସ୍ତୁତି କରାଯାଇଥିବା ପରୀକ୍ଷା ନିୟନ୍ତ୍ରକ ପ୍ରକାଶ କରିଛନ୍ତି।

## ଲୋକକଥା



ନିର୍ବାଚନୀ ବଣ୍ଡ ଅସିଦ୍ଧ ଘୋଷଣା
କରିଦେଲେ ଅଦାଲତ,
ସୂଚନାଧିକାର ଆଇନର କାଳେ
ଇଏ ଅଟେ ବିପରୀତ।
କିଣିବାକୁ ଲୋକ ମତ,
ଏଭଳିଆ ପାଣ୍ଠି ଯୋଗାଡ଼ କରିବା
ଆଇନତ ଗରିହିତ॥

# ଆଉ ୬ ଜିଲ୍ଲାରେ ଗଡ଼ିଲା ଲକ୍ଷ୍ମୀ ବସ୍

## ରାଜ୍ୟର ପ୍ରତ୍ୟେକ ପଞ୍ଚାୟତ ହେବ ବିକାଶ କେନ୍ଦ୍ର: ମୁଖ୍ୟମନ୍ତ୍ରୀ

**ଉପକୃତ ହେବେ ୧୩୬୩ ପଞ୍ଚାୟତର ୭୫ ଲକ୍ଷ ଲୋକ**

**ଲୋକଙ୍କ ଇଚ୍ଛାରେ ଆରମ୍ଭ ହୋଇଛି 'ଶ୍ରୀ ଜଗନ୍ନାଥ' ଓ 'ଲକ୍ଷ୍ମୀ' ବସ୍ ସେବା**

**ଭୁବନେଶ୍ୱର,୧୬।୨(ସମିସ):** ଆଜିଠାରୁ ରାଜ୍ୟର ଆଉ ୬ ଜିଲ୍ଲାରେ ଗଡିଛି ବହୁ ପ୍ରତୀକ୍ଷିତ ଲକ୍ଷ୍ମୀ ବସ୍। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନ୍‌ଫରେନ୍‌ସିଂ ଜରିଆରେ ଖୋର୍ଦ୍ଧା, ପୁରୀ, କେନ୍ଦ୍ରାପଡା, ଭଦ୍ରକ, ଯାଜପୁର ଓ ନୟାଗଡ ଜିଲ୍ଲାରେ ଲକ୍ଷ୍ମୀ ବସ୍ ଯୋଜନାର ଶୁଭାରମ୍ଭ କରିଛନ୍ତି। ଫଳରେ ଏହି ୬ ଜିଲ୍ଲାର ୧୩୬୩ଟି ପଞ୍ଚାୟତରେ ୧୯୮ଟି ବସ୍ ୭୫ ଲକ୍ଷରୁ ଅଧିକ ଲୋକଙ୍କୁ ଆରାମଦାୟକ, ସରକ୍ଷିତ ଓ ସମୟୋଚିତ ପରିବହନ ସେବା ପ୍ରଦାନ କରିବ। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ



ଗାଁରେ ରହୁଥିବା ଲୋକଙ୍କ ଆର୍ଥିକ ଓ ସାମାଜିକ ବିକାଶ ହାସଲ ପାଇଁ ଯେଉଁ ଲକ୍ଷ୍ୟ ରହିଛି ତାହା ଏହି ଲକ୍ଷ୍ମୀ ବସ୍ ହିଁ ପୂରଣ କରିବ। ଲୋକମାନେ ଲକ୍ଷ୍ମୀ ବସ୍ ଜରିଆରେ ସୁବିଧାରେ ଏବଂ କମ ଖର୍ଚ୍ଚରେ ସେମାନଙ୍କର ଦୈନନ୍ଦିନ କାର୍ଯ୍ୟ କରିପାରିବେ। ଲକ୍ଷ୍ମୀ ବସ୍ କେବଳ ଆମ ଜୀବନ ଯାତ୍ରାକୁ ସହଜ କରିବ ନାହିଁ ବରଂ ଘରେ ଘରେ ସମୃଦ୍ଧି ଆଣିବ। ଲକ୍ଷ୍ମୀ ବସ୍ ଗାଁର ଅର୍ଥନୀତିକୁ ମଜବୁତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ପଞ୍ଚାୟତକୁ ବିକାଶର କେନ୍ଦ୍ର କରିବା ସହିତ ଗାଁର ଅର୍ଥନୀତିକୁ ମଜବୁତ କରିବା ଆମର ଲକ୍ଷ୍ୟ। ଲକ୍ଷ୍ମୀ ବସ୍ ଏଥିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ ▶ପୃଷ୍ଠା-୯

## ପର୍ଯ୍ୟଟନ କ୍ଷେତ୍ରକୁ ବଳ ଯୋଗାଇଲେ ସରକାର

# ୨୦୨୭ ପର୍ଯ୍ୟନ୍ତ ଚାଲୁ ରହିବ ଆଇଡିଏଚ୍‌ଏମ୍‌ଟିଡି

**ଭୁବନେଶ୍ୱର, ୧୬।୨(ସମିସ):** ପର୍ଯ୍ୟଟନ କ୍ଷେତ୍ରର ବିକାଶ ତଥା ପର୍ଯ୍ୟଟକମାନଙ୍କୁ ଓଡ଼ିଶା ପ୍ରତି ଆକର୍ଷିତ କରିବା ପାଇଁ ରାଜ୍ୟ ସରକାରଙ୍କ ପ୍ରୟାସ ଜାରି ରଖିଛନ୍ତି। କ୍ରମାଗତ ଭାବେ ଓଡ଼ିଶା ପର୍ଯ୍ୟଟନରେ ନୂଆ ଇତିହାସ ସୃଷ୍ଟି ହେବାରେ ଲାଗିଛି। ପର୍ଯ୍ୟଟନ କ୍ଷେତ୍ରର ଭିତ୍ତିଭୂମି ବିକାଶ ହେବା ସହ ଲୁକ୍କାୟିତ ପର୍ଯ୍ୟଟନସ୍ଥଳୀ ଲୋକଲୋଚନକୁ ଆସିପାରୁଛି। ଫଳରେ ପ୍ରତିବର୍ଷ ଓଡ଼ିଶାକୁ ଅଧିକ ମାତ୍ରାରେ ପର୍ଯ୍ୟଟକଙ୍କ ସୁଅ ଛୁଟିବାରେ ଲାଗିଛି। ଏସବୁକୁ ଦୃଷ୍ଟିରେ ରଖି ରାଜ୍ୟ ସରକାରଙ୍କ ପକ୍ଷରୁ ପରମ୍ପରାଗତ କୀର୍ତ୍ତିରାଜି ଓ ପର୍ଯ୍ୟଟନସ୍ଥଳୀ ସମନ୍ୱିତ ଉନ୍ନୟନ ଯୋଜନାର କାର୍ଯ୍ୟକାରିତାକୁ ୨୦୨୬-୨୭ ପର୍ଯ୍ୟନ୍ତ ଚାଲୁ ରଖିବାକୁ ନିଷ୍ପତ୍ତି ନେଇଛନ୍ତି। ଏଥିପାଇଁ ଆଜି ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ୍ ବୈଠକରେ ଅନୁମୋଦନ ମିଳିଛି। ରାଜ୍ୟ ସରକାର ଏହି ଯୋଜନା ୨୦୨୧-୨୨ରୁ ଆରମ୍ଭ କରିଥିଲେ। ଏଥିପାଇଁ ୧୪୧୨.୭୯ କୋଟି ଟଙ୍କା ବ୍ୟୟ ଅଟକଳକୁ ରାଜ୍ୟ କ୍ୟାବିନେଟ ଅନୁମୋଦନ ପ୍ରଦାନ କରିଛି। ଏହି ଯୋଜନାର ଉଦ୍ଦେଶ୍ୟ ହେଉଛି ପରମ୍ପରାଗତ କୀର୍ତ୍ତିରାଜି ଏବଂ ମନ୍ଦିରଗୁଡ଼ିକର ସଂରକ୍ଷଣ କରି ପୁନର୍ଜୀବିତ କରିବା। ଏହାସହ ପର୍ଯ୍ୟଟକ ଓ ଜନସାଧାରଣଙ୍କ ପାଇଁ ବିଶେଷ ସୁବିଧା ଓ ଭିତ୍ତିଭୂମିର ସ୍ଥାପନ କରିବା ଏହି ଯୋଜନାର ମୂଳ ଲକ୍ଷ୍ୟ। ଏହି ଯୋଜନା ଅଧୀନରେ ୧୫୯ଗୋଟି ପ୍ରକଳ୍ପ ନିଆଯାଇଛି, ଯାହାର ଆନୁମାନିକ ମୂଲ୍ୟ ୧୪୧୨.୭୯କୋଟି ଟଙ୍କା ଅଟେ।

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 41 ◆ISSUE-233 ◆BHUBANESWAR ◆SATURDAY ◆17 FEBRUARY 2024 ◆PAGE-16 ◆₹ 6.00

◆ବର୍ଷ-୪୧ ◆ସଂଖ୍ୟା-୨୩୩ ◆ଭୁବନେଶ୍ୱର ◆ଶନିବାର ◆୧୭ ଫେବୃଆରୀ ୨୦୨୪ ◆ପୃଷ୍ଠା-୧୬ ◆ଟ.୬.୦୦




## ୫୦୦ ୱିକେଟ୍ କ୍ଲବରେ ଅଶ୍ୱିନ

■ **ରାଜକୋଟ, ୧୬।୨ (ଏଜେନ୍ସି):** ଭେଟେରାନ ସ୍ପିନର ରବିଚନ୍ଦ୍ରନ ଅଶ୍ୱିନ ଦ୍ୱିତୀୟ ଭାରତୀୟ ବୋଲର ଭାବେ ଟେଷ୍ଟ କ୍ରିକେଟ୍‌ରେ ୫୦୦ ୱିକେଟ ଅକ୍ତିଆର କରିଛନ୍ତି। ଏଠାରେ ଇଂଲଣ୍ଡ ବିପକ୍ଷରେ ଚାଲିଥିବା ୩ୟ ଟେଷ୍ଟରେ ଜ୍ୟାକ୍ କ୍ରାଲୀଙ୍କୁ ଆଉଟ୍ କରି ୩୭ ବର୍ଷୀୟ ଅଶ୍ୱିନ ଏହି ମାଇଲଖୁଣ୍ଟ ହାସଲ କରିଛନ୍ତି। ୨୦୧୧ରେ ଟେଷ୍ଟ ପଦାର୍ପଣ କରିଥିବା ଅଶ୍ୱିନ ନିଜର ୯୮ତମ ଟେଷ୍ଟ ମ୍ୟାଚ୍ ଖେଳୁଥିବାବେଳେ ଏହି ସଫଳତା ପାଇଛନ୍ତି। ଏହିକ୍ରମରେ ସେ ପ୍ରାକ୍ତନ ସାଥୀ ଖେଳାଳି ଅନିଲ କୁମ୍ବଲେ (୧୦୫ ମ୍ୟାଚ୍)ଙ୍କୁ ପଛରେ ପକାଇ ଦ୍ରୁତତମ ଭାରତୀୟ ବୋଲର ଭାବେ ୫୦୦ ୱିକେଟ୍ ନେଇଛନ୍ତି। ସେହିଭଳି ବିଶ୍ୱର ୯ମ ବୋଲର ଭାବେ ସେ ଏହି ୫୦୦ ୱିକେଟ୍ କ୍ଲବରେ ସାମିଲ ହୋଇଛନ୍ତି। ତାଙ୍କ ପୂର୍ବରୁ ମୁଥିଆ ମୁରଲୀଧରନ (୮୦୦ ୱିକେଟ୍), ସେନ ୱର୍ଣ୍ଣ (୭୦୮), ଜେମ୍ସ ଆଣ୍ଡରସନ (୬୯୬), ଅନିଲ କୁମ୍ବଲେ (୬୧୯), ଷ୍ଟୁଆର୍ଟ ବ୍ରଡ୍ (୬୦୪), ଗ୍ଲେନ ମ୍ୟାକ୍‌ଗ୍ରା (୫୬୩), କର୍ଟନୀ ୱାଲ୍ସ (୫୧୯) ଓ ନାଥନ ଲିୟନ (୫୧୭) ଏହି ସଫଳତା ପାଇଥିଲେ।

# ପାରାଦ୍ୱୀପରେ ଜେଏସ୍‌ଡବ୍ଲ୍ୟୁର ସର୍ବବୃହତ ଷ୍ଟିଲ୍ ପ୍ଲାଣ୍ଟ

## ୬୫ ହଜାର କୋଟି ନିବେଶ, ୩୫୦୦୦ ନିଯୁକ୍ତି ସୁଯୋଗ



- ଶିଳାନ୍ୟାସ କଲେ ମୁଖ୍ୟମନ୍ତ୍ରୀ
- ବାର୍ଷିକ ୧୩.୨ ନିୟୁତ ଟନ୍ ଇସ୍ପାତ ଉତ୍ପାଦନ ଲକ୍ଷ୍ୟ
- ରିନ୍ୟୁ ଇ-ଫୁଏଲ୍ସ ଓ ସିଲକ୍ସ ଇଣ୍ଡିଆ ଶିଳ୍ପର ଭିତ୍ତି ସ୍ଥାପନ
- ଓଡ଼ିଶାର ବିକାଶ ଧାରାକୁ ଉଜ୍ଜ୍ୱଳ କରିଛି '୫-ଟି' ଉପକ୍ରମ

**ପାରାଦୀପ ସାରା ପୂର୍ବ ଭାରତରେ ଏକ ପ୍ରମୁଖ ପୁଞ୍ଜିନିବେଶ ସ୍ଥଳୀ: ମୁଖ୍ୟମନ୍ତ୍ରୀ**

**" ବିଜୁ ବାବୁଙ୍କ ସ୍ୱପ୍ନ ପୂରଣ କରିଛନ୍ତି ନବୀନ ପଟ୍ଟନାୟକ: ସଜ୍ଜନ ଜିନ୍ଦଲ**

■ **ଭୁବନେଶ୍ୱର/ପାରାଦ୍ୱୀପ, ୧୬।୨ (ସମିସ):** ଜଗତସିଂହପୁର ଜିଲ୍ଲା ତଥା ଓଡ଼ିଶା ପାଇଁ ଆଜି ଦିନଟି ଐତିହାସିକ ତଥା ସ୍ମରଣୀୟ ହୋଇ ରହିବ। ପାରାଦ୍ୱୀପରେ ଏକ ଇସ୍ପାତ କାରଖାନା ସ୍ଥାପନ ପାଇଁ ପ୍ରବାଦପୁରୁଷ ବିଜୁ ପଟ୍ଟନାୟକ ଯେଉଁ ସ୍ୱପ୍ନ ଦେଖିଥିଲେ ତାହା ଏବେ ସାକାର ହୋଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉଦ୍ୟମରେ ପାରାଦ୍ୱୀପ ନିକଟସ୍ଥ ଢ଼ିଙ୍କିଆ ଅଞ୍ଚଳରେ ସ୍ଥାପନ ହେବାକୁ ଯାଉଛି ବିଶ୍ୱର ଅନ୍ୟତମ ବୃହତ୍ ଇସ୍ପାତ କାରଖାନା। ଜେଏସ୍‌ଡବ୍ଲ୍ୟୁ ଉତ୍କଳ ଷ୍ଟିଲ୍ ଲିମିଟେଡ୍ ଦ୍ୱାରା ପ୍ରତିଷ୍ଠା ହେବାକୁ ଯାଉଥିବା ଏହି ଇସ୍ପାତ କାରଖାନାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁକ୍ରବାର ଶିଳାନ୍ୟାସ କରିଛନ୍ତି। ଏହି କାରଖାନା ସ୍ଥାପନ ନିମନ୍ତେ ଜେଏସ୍‌ଡ଼ବ୍ଲ୍ୟୁ ୬୫ ହଜାର କୋଟି ଟଙ୍କା ନିବେଶ କରିବ। କାରଖାନାରୁ ବାର୍ଷିକ ୧୩.୨ ନିୟୁତ ଟନ୍ ଇସ୍ପାତ୍ ଉତ୍ପାଦନ ହେବ ଏବଂ ଏଠାରେ କେବଳ ପ୍ରତ୍ୟକ୍ଷ ଭାବରେ ୩୫ ହଜାର ଯୁବବର୍ଗଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ । ଅନୁରୂପ ଭାବରେ ପାରାଦ୍ୱୀପରେ ରିନ୍ୟୁ ଇ-ଫୁଏଲ୍ସ ପ୍ରାଇଭେଟ୍ ଲିମିଟେଡ ୨୨ ହଜାର କୋଟି ଟଙ୍କା ପୁଞ୍ଜି ନିବେଶରେ ବାର୍ଷିକ ୧.୨୦ ନିୟୁତ ଟନ୍ ଗ୍ରୀନ୍ ଆମୋନିଆ ଉତ୍ପାଦନ କ୍ଷମତା ବିଶିଷ୍ଟ କାରଖାନା ଓ ସିଲକ୍ସ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍‌ର ୫୦୦ କୋଟି ଟଙ୍କା ପୁଞ୍ଜି ନିବେଶରେ ବାର୍ଷିକ ୨୫ ହଜାର ନିୟୁତ ଟନ୍ କ୍ଷମତା ବିଶିଷ୍ଟ ଅତ୍ୟାଧୁନିକ ରାସାୟନିକ କାରଖାନା ସ୍ଥାପନ କରିବାକୁ ଯାଉଛି। ଏହି କାରଖାନାକୁ ମଧ ମୁଖ୍ୟମନ୍ତ୍ରୀ ଶିଳାନ୍ୟାସ କରିଛନ୍ତି ।

ପାରାଦ୍ୱୀପରେ ଇସ୍ପାତ, ଆମୋନିଆ ଓ ରାସାୟନିକ କାରଖାନାର ଶିଳାନ୍ୟାସ ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସ୍ୱର୍ଗୀୟ ପ୍ରବାଦପୁରୁଷଙ୍କ ସ୍ମୃତିଚାରଣ କରିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ପାରାଦୀପ ଆସିଲେ ତାଙ୍କର ପ୍ରବାଦ ପୁରୁଷ ବିଜୁ ବାବୁଙ୍କ ସ୍ମୃତି ମନକୁ ଆସେ। ୧୯୬୦ ମସିହାର ପ୍ରାରମ୍ଭରେ ବିଜୁ ବାବୁ ଏକ ଯୁଗାନ୍ତକାରୀ ନିଷ୍ପତ୍ତି ନେଇ ପାରାଦୀପ ବନ୍ଦର ସ୍ଥାପନ କରିଥିଲେ। ଓଡ଼ିଶା ବିକାଶରେ ଏହା ମାଇଲଷ୍ଟୋନ ଥିଲା। ଆଜି ପାରାଦୀପ ସାରା ପୂର୍ବ ଭାରତରେ ଏକ ପ୍ରମୁଖ ପୁଞ୍ଜି ନିବେଶ ସ୍ଥଳୀ ହୋଇ ପାରିଛି। ଏକ ବନ୍ଦର ନଗରୀ ଭାବେ ପାରାଦୀପର ସୁନାମ ମଧ୍ୟ ବୃଦ୍ଧି ପାଇଛି। ଜେଏସ୍‌ଡବ୍ଲ୍ୟୁର ମେଗା ଇସ୍ପାତ କାରଖାନା ସହ ଗ୍ରୀନ ଆମୋନିଆ କାରଖାନା ଓ ଅତ୍ୟାଧୁନିକ ରସାୟନିକ କାରଖାନା ପାଇଁ ଭିତ୍ତି ପଡ଼ିଥିବା ଯୋଗୁଁ ମୁଖ୍ୟମନ୍ତ୍ରୀ ଖୁସି ବ୍ୟକ୍ତ କରିଛନ୍ତି। ଏହି ସବୁ ଶିଳ୍ପାନୁଷ୍ଠାନ ଓଡ଼ିଶା ପାଇଁ ପ୍ରାୟ ୯୦ ହଜାର କୋଟି ଟଙ୍କାର ପୁଞ୍ଜି ନିବେଶ ଆଣିଛି। ତା ସହିତ ଏ ସବୁ ପ୍ରକଳ୍ପ ମାଧ୍ୟମରେ ୩୫ ହଜାର ନିଯୁକ୍ତି ସୃଷ୍ଟି ହେବ। ମୁଖ୍ୟମନ୍ତ୍ରୀ ଏ ସବୁ ପୁଞ୍ଜି ନିବେଶ କରୁଥିବା ଶିଳ୍ପପତିମାନଙ୍କୁ ଏହି ▶ପୃଷ୍ଠା-୯

▶▶ମିଶନ ଶକ୍ତି ମହିଳାଙ୍କ ବିକାଶ ପାଇଁ ରାଜ୍ୟ ସରକାର ବଦ୍ଧପରିକର

# ୭୦ ଲକ୍ଷ ଏସ୍‌ଏଚ୍‌ଜି ସଦସ୍ୟାଙ୍କୁ ୧୦୦୦ ଟଙ୍କା ୟୁନିଫର୍ମ ଭତ୍ତା

■ **ଭୁବନେଶ୍ୱର, ୧୬।୨ (ସମିସ):** ରାଜ୍ୟରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ୭୦ ଲକ୍ଷ ମା'ମାନଙ୍କୁ ଅର୍ଥନୈତିକ ଏବଂ ସାମାଜିକସ୍ତରରେ ସଶକ୍ତ ଏବଂ ଆତ୍ମନିର୍ଭର କରି ଗଢ଼ିତୋଳିବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବ୍ୟାପକ ପଦକ୍ଷେପ ନେଇ ଆସୁଛନ୍ତି। ଏହିକ୍ରମରେ ଶୁକ୍ରବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କ୍ୟାବିନେଟ ବୈଠକରେ ୭୦ ଲକ୍ଷ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟା, ୧.୫ ଲକ୍ଷରୁ ଅଧିକ ଗ୍ରାମ ପଞ୍ଚାୟତସ୍ତରୀୟ ମହାସଂଘ, ବ୍ଲକ ସ୍ତରୀୟ ମହାସଂଘ, ଜିଲ୍ଲାସ୍ତରୀୟ ମହାସଂଘ ଏବଂ ସହରାଞ୍ଚଳରେ ଥିବା ଆଞ୍ଚଳିକ ମହାସଂଘର ପରିଚାଳନା କମିଟି ସଦସ୍ୟାଙ୍କ ପାଇଁ ଏକ ବଡ଼ ନିଷ୍ପତ୍ତି ନିଆଯାଇଛି। ଉପରୋକ୍ତ ସମସ୍ତ ସଦସ୍ୟାଙ୍କ ପାଇଁ ୨୦୨୩-୨୪ ଆର୍ଥିକ ବର୍ଷରେ ମୋଟ ୭୩୦ କୋଟି ଟଙ୍କା ଅନୁମୋଦନ କରାଯାଇଛି। ନିଜ ପସନ୍ଦର ୟୁନିଫର୍ମ କିଣିବା ପାଇଁ ସମସ୍ତ ମିଶନ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାଙ୍କୁ ୧୦୦୦ ଟଙ୍କା ଲେଖାଏଁ ସହାୟତା ପ୍ରଦାନ କରାଯିବ। ସ୍ୱୟଂ ସହାୟକ ଗୋଷ୍ଠୀମାନେ ନିଜ ପସନ୍ଦର ୟୁନିଫର୍ମ ଚୟନ କରିବେ। ସେହିପରି ଗ୍ରାମ ପଞ୍ଚାୟତ, ବ୍ଲକ, ଜିଲ୍ଲାସ୍ତରୀୟ ମହାସଂଘର କାର୍ଯ୍ୟ ନିର୍ବାହୀ କମିଟି ସଦସ୍ୟା ଏବଂ ସହରାଞ୍ଚଳରେ ଆଞ୍ଚଳିକ ମହାସଂଘର ପରିଚାଳନା କମିଟି ସଦସ୍ୟାମାନେ ନିଜ ମନ ପସନ୍ଦର ବ୍ଲେଜର କିଣିପାରିବେ। ଏଥିପାଇଁ ପ୍ରତ୍ୟେକ ସଦସ୍ୟାଙ୍କୁ ୨୦୦୦ ଟଙ୍କା ଲେଖାଏଁ ଆର୍ଥିକ ସହାୟତା ପ୍ରଦାନ କରାଯିବ। ଏହି ରାଶି ସ୍ୱୟଂ ସହାୟକ ଗୋଷ୍ଠୀ ଓ ମହାସଂଘର ବ୍ୟାଙ୍କ ଆକାଉଣ୍ଟରେ ସିଧାସଳଖ ଜମା ହେବ। ଏହି ଐତିହାସିକ ନିଷ୍ପତ୍ତି, ମିଶନ ଶକ୍ତି ଅଧିନରେ ଥିବା ଏସ୍‌ଏଚଜି ତଥା ସେମାନଙ୍କ ମହାସଂଘର ସଦସ୍ୟାମାନଙ୍କ ପରିଚୟକୁ ସଂରକ୍ଷଣ ତଥା ପ୍ରୋତ୍ସାହନ କରିବାରେ ବିଶେଷ ସହାୟକ ହୋଇପାରିବ। ସେହିପରି ସେମାନଙ୍କ ମଧ୍ୟରେ ପରିବର୍ତ୍ତନକାରୀ ଭୂମିକାକୁ ସୁଦୃଢ଼ କରିବା ସହ ଏସଏମଇରେ ପରିଣତ କରିବା ପାଇଁ ଏହି ନିଷ୍ପତ୍ତି ଉତ୍ସାହିତ କରିବ ବୋଲି ସରକାର ଆଶା ରଖିଛନ୍ତି।

ସୂଚନାଯୋଗ୍ୟ ଯେ ମିଶନ ଶକ୍ତି ମାଧ୍ୟମରେ ମହିଳା ସଶକ୍ତିକରଣ ପାଇଁ ରାଜ୍ୟ ସରକାରଙ୍କ ପ୍ରତିବଦ୍ଧତା ବିଭିନ୍ନ କ୍ଷେତ୍ରରେ ମାମାନଙ୍କର ପ୍ରବେଶ ସୁନିଶ୍ଚିତ କରିପାରିଛି। ଏସ୍‌ଏଚ୍‌ଜିମାନଙ୍କ ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ପାଇଁ ଭିତ୍ତିଭୂମିର ବ୍ୟବସ୍ଥା ଓ ସରକାରୀ ବିଭାଗର ବିଭିନ୍ନ କାର୍ଯ୍ୟକ୍ରମରେ ନିୟୋଜିତ କରି ଏସଏଚଜିକୁ ଏସଏମଇରେ ମିଶନ ଶକ୍ତି ପରିଣତ କରୁଛି। ବିଶେଷକରି ମୁଖ୍ୟମନ୍ତ୍ରୀଙ୍କ ମାନସ ସନ୍ତାନ, ମିଶନ ଶକ୍ତି ଆଜି ଓଡ଼ିଶରେ ଏକ ମହାଦ୍ରୁମରେ ପରିଣତ ହୋଇଛି। ଏହି ସଶକ୍ତିକରଣ ସମାଜରେ ମହିଳାଙ୍କ ଭୂମିକାକୁ ପୁନଃନିର୍ଦ୍ଧାରଣ କରିପାରିଛି।

**ମିଶନ ଶକ୍ତି**

**୧.୫ ଲକ୍ଷ କାର୍ଯ୍ୟନିର୍ବାହୀ ସଦସ୍ୟାଙ୍କୁ ବ୍ଲେଜର୍ ଭତ୍ତା ୨୦୦୦ ଟଙ୍କା**

**ମିଶନ ଶକ୍ତି ବିଭାଗର ୭୩୦ କୋଟିର ପ୍ରସ୍ତାବକୁ କ୍ୟାବିନେଟ ଅନୁମୋଦନ**




# ଯୁବକଙ୍କୁ ଦଳିଦେଲା ଦନ୍ତା

■ବାରିପଦା, ୧୬।୨ (ସମିସ): ମୟୂରଭଞ୍ଜ ଜିଲ୍ଲା ବେତନଟୀ ରେଞ୍ଜ ଓ ମୋରଡା ବ୍ଲକ ଅଧୀନ ଜୁଆଳିଭଙ୍ଗା ପଞ୍ଚାୟତ କାଳିଆନାଳ ଗ୍ରାମରେ ଏକ ଦନ୍ତାହାତୀ ଆକ୍ରମଣରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ, ମୋରଡ଼ା ଥାନା ଅନ୍ତର୍ଗତ କାଳିଆନାଳ ଗ୍ରାମର ପୁଇନା ଦେହୁରୀ।

ସୂଚନା ମୁତାବକ, ଗୁରୁବାର ବିଳମ୍ବିତ ରାତିରେ ୩ଟି ଦନ୍ତାହାତୀ ଗାଁ ଭିତରେ ପଶି ଉପଦ୍ରବ କରୁଥିଲେ। ପୁଇନା ଦୁଇ ଝିଅ ସହ ଘରେ ଶୋଇଥିବା ବେଳେ ହାତୀ ଆସିବା ଜାଣିପାରି ଏଣେତେଣେ ଦୌଡ଼ି ପଳାଉଥିଲେ। ହେଲେ ପୁଇନାଙ୍କୁ ଗୋଟିଏ ଦନ୍ତା ଟାଣି ନେଇ ଦଳି ଦେଇଥିଲା। ଏଥିରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଖବର ପାଇ ବେତନଟୀ ରେଞ୍ଜ ଅଧିକାରୀ ଏବଂ ଚିତ୍ରଡା ଫାଣ୍ଡି ଅଧିକାରୀ ପହଞ୍ଚି ଶବ ବ୍ୟବଚ୍ଛେଦ ପାଇଁ ବାରିପଦା ପିଆରଏମ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲକୁ ପଠାଇଥିଲେ। ପରେ ମୃତଦେହକୁ ପରିବାରକୁ ହସ୍ତାନ୍ତର କରାଯାଇଛି। ମୃତକଙ୍କୁ ସରକାରଙ୍କ ପକ୍ଷରୁ ମିଳିବାକୁ ଥିବା ସହାୟତା ରାଶିର ୧୦ ପ୍ରତିଶତ ଅର୍ଥ ଅନ୍ତିମ ସଂସ୍କାର ପାଇଁ ଅଗ୍ରିମ ଆକାରରେ ବନବିଭାଗ ପକ୍ଷରୁ ଦିଆଯାଇଛି।

ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 41 ♦ISSUE-233 ♦BHUBANESWAR ♦SATURDAY ♦17 FEBRUARY 2024 ♦PAGE-16 ♦₹ 6.00

♦ବର୍ଷ-୪୧ ♦ସଂଖ୍ୟା-୨୩୩ ♦ଭୁବନେଶ୍ୱର ♦ଶନିବାର ♦୧୭ ଫେବୃଆରୀ ୨୦୨୪ ♦ପୃଷ୍ଠା-୧୬ ♦ଟ.୬.୦୦




# ଗିରଫ ହେଲେ କୋଟିପତି ବୌଦ୍ଧ ଆରଟିଓ

■ଭୁବନେଶ୍ୱର/ବୌଦ୍ଧ, ୧୬।୨(ସମିସ): ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ବୌଦ୍ଧର କୋଟିପତି ଆର୍‌ଟିଓ ବସନ୍ତ ମହାପାତ୍ରଙ୍କୁ ଆଜି ଭିଜିଲାନ୍ସ ଗିରଫ କରିଛି। କ୍ୟାପିଟାଲ ହସ୍ପିଟାଲରେ ତାଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ପରେ ଭୁବନେଶ୍ୱର ସ୍ପେଶାଲ ଭିଜିଲାନ୍ସ



**ଆୟଠାରୁ ୪୪୫ ପ୍ରତିଶତ ଆୟ ବହିର୍ଭୂତ ସମ୍ପତ୍ତି**

କୋର୍ଟକୁ ଚାଲାଣ କରାଯାଇଛି। ସେ ନିଜ ଆୟଠାରୁ ୪୪୫ ପ୍ରତିଶତ କଳାଧନ ଅର୍ଜନ କରିଥିବା ଭିଜିଲାନ୍ସ କହିଛି। ବସନ୍ତ ତାଙ୍କ ସ୍ତ୍ରୀ ଏବଂ ପୁଅ ନାମରେ କୋଟିକୋଟି ଟଙ୍କାର ସଂପତ୍ତି କରିଥିବାରୁ ଭିଜିଲାନ୍ସ ଦୁହିଁଙ୍କ ନାମରେ ମଧ ମାମଲା ରୁଜୁ କରିଛି। ଆଗାମୀ ଦିନରେ ଉଭୟଙ୍କୁ ପଚରାଉଚରା କରାଯିବ ବୋଲି ଭିଜିଲାନ୍ସ କହିଛି।

ଚଢ଼ଉ ବେଳେ ଭିଜିଲାନ୍ସ ଆର୍‌ଟିଓ ଶ୍ରୀ ମହାପାତ୍ରଙ୍କ ମୋଟ ୧୯ କୋଟିର ଆୟ ବହିର୍ଭୂତ ସମ୍ପତ୍ତି ଠାବ କରିଥିଲା। ଜବତ ସଂପତ୍ତି ମଧ୍ୟରେ ୧୪ କୋଟି ୫୦ ଲକ୍ଷ ମୂଲ୍ୟର ଫ୍ଲାଟ୍, ୪ କୋଟି ୫୦ଲକ୍ଷର ସୁନାଗହଣା ଏବଂ ଗାଡ଼ି ଓ ଅନ୍ୟାନ୍ୟ ଆସବାବପତ୍ର ରହିଛି। ଗତକାଲି ଭିଜିଲାନ୍ସ ବସନ୍ତଙ୍କ ପୈତୃକ ଘର ଗଞ୍ଜାମ ସମେତ ଭୁବନେଶ୍ୱର ଓ ବୌଦ୍ଧରେ ଚଢ଼ଉ କରିଥିଲା।

ତଦନ୍ତରୁ ଜଣାପଡ଼ିଛି ଯେ ୨୦୧୨ ମସିହାରେ ଶ୍ରୀ ମହାପାତ୍ର ଜୁନିୟର୍ ଏମ୍‌ଭିଆଇ ଥିବା ବେଳେ ସମ୍ବଲପୁର, ଲକ୍ଷ୍ମୀଡୁଙ୍ଗୁରୀ ଚେକ୍ ପୋଷ୍ଟରେ ନିଯୁକ୍ତି ପାଇଥିଲେ। ସେଠାରେ ସେ ୩୯ ହଜାର ଟଙ୍କା ନେବା ସମୟରେ ବିଭାଗୀୟ ଅଧିକାରୀଙ୍କ ହାତରେ ଧରାପଡ଼ି ନିଲମ୍ବିତ ହୋଇଥିଲେ। ଏହାପରେ ସେ ପଦୋନ୍ନତି ପାଇ ଏଭଳି କଳାଧନ ଅର୍ଜନ କରିଥିଲେ।

**ଶ୍ରୀମନ୍ଦିର ରତ୍ନଭଣ୍ଡାର ମାମଲା**

# ୪ ସପ୍ତାହରେ ନିଯୁକ୍ତ ହେବେ କମିଟି ଅଧ୍ୟକ୍ଷ

■ କଟକ, ୧୬।୨(ସମିସ): ଶ୍ରୀମନ୍ଦିର ରତ୍ନଭଣ୍ଡାର ଖୋଲାଯାଇ ଏହାର ଅଳଙ୍କାର ଯାଞ୍ଚ କରିବା ପାଇଁ ସରକାର କମିଟି ଗଠନ କରିପାରି ନଥିବା ପ୍ରସଙ୍ଗରେ ରୁଜୁ ଅନ୍ତରୀଣ ଆବେଦନକୁ ହାଇକୋର୍ଟ ଶୁଣାଣି ପାଇଁ ଗ୍ରହଣ କରିଛନ୍ତି। ହାଇକୋର୍ଟଙ୍କ ପୂର୍ବ ନିର୍ଦ୍ଦେଶ ଅନୁସାରେ ରତ୍ନଭଣ୍ଡାର ଖୋଲି ଅଳଙ୍କାର ଯାଞ୍ଚ ନିମନ୍ତେ ଉଚ୍ଚସ୍ତରୀୟ କମିଟି ଗଠନ ହୋଇ ନଥିବା ନେଇ ଆବେଦନକାରୀ ଅଭିଯୋଗ କରିଥିଲେ। ତେବେ ଆସନ୍ତା ୪ସପ୍ତାହ ମଧ୍ୟରେ କମିଟି ଅଧ୍ୟକ୍ଷ ନିଯୁକ୍ତ କରାଯିବ ବୋଲି ହାଇକୋର୍ଟଙ୍କୁ ଅବଗତ କରିଛନ୍ତି ରାଜ୍ୟ ସରକାର। ଶ୍ରୀଜଗନ୍ନାଥ ମନ୍ଦିର ପରିଚାଳନା କମିଟି(ଏସଜେଟିଏମସି) ପକ୍ଷରୁ କମିଟି ଗଠନ ପାଇଁ ପ୍ରସ୍ତାବ ହସ୍ତଗତ ହୋଇଛି ଓ ପ୍ରଥମେ କମିଟିର ଅଧ୍ୟକ୍ଷ ଚୟନ କରାଯିବ ବୋଲି ଆଡଭୋକେଟ ଜେନେରାଲ ଅଶୋକ କୁମାର ପରିଜା ଆଜି ଅଦାଲତଙ୍କୁ ଅବଗତ କରାଇଥିଲେ। ଅଧ୍ୟକ୍ଷ ପଦରେ ସୁପ୍ରିମକୋର୍ଟ କିମ୍ବା ହାଇକୋର୍ଟର ଜଣେ ଅବସରପ୍ରାପ୍ତ ବିଚାରପତିଙ୍କୁ ନିଯୁକ୍ତ କରାଯିବ।

**ଉଚ୍ଚସ୍ତରୀୟ କମିଟି ଗଠନ ପାଇଁ ପ୍ରସ୍ତାବ ଦେଇଛି ଏସ୍‌ଜେଟିଏମ୍‌ସି**

ଉପରୋକ୍ତ ସମୟ ମଧ୍ୟରେ କମିଟି ଅଧ୍ୟକ୍ଷ ନିଯୁକ୍ତି କରିବାକୁ ହାଇକୋର୍ଟ କହିବା ସହ ଆସନ୍ତା ୪ ସପ୍ତାହ ପରେ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ସମୟ ଧାର୍ଯ୍ୟ କରିଛନ୍ତି। ସମୀର ମହାନ୍ତିଙ୍କ ପକ୍ଷରୁ ଦାୟର ଆବେଦନର ଶୁଣାଣି କରି ମୁଖ୍ୟ ବିଚାରପତି ଜଷ୍ଟିସ ଚକ୍ରଧାରୀ ଶରଣସିଂହ ଓ ଜଷ୍ଟିସ ସାବିତ୍ରୀ ରଥଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ଦେଇଛନ୍ତି।

ରତ୍ନଭଣ୍ଡାର ଖୋଲାଯାଇ ଅଳଙ୍କାର ଯାଞ୍ଚ ନିମନ୍ତେ ଉଚ୍ଚସ୍ତରୀୟ କମିଟି ଗଠନ କରିବାକୁ ରାଜ୍ୟ ସରକାରଙ୍କୁ ଗତ ଫେବୃଆରୀ ୧୨ରେ ଏସଜେଟିଏମସି ପକ୍ଷରୁ ପ୍ରସ୍ତାବ ଦିଆଯାଇଛି। ଏ ସମ୍ପର୍କିତ ଏକ ଚିଠିର ନକଲକୁ ହାଇକୋର୍ଟରେ ଦାଖଲ କରାଯାଇଥିଲା। ପ୍ରକାଶଥାଉକି ଆବେଦନକାରୀଙ୍କ ପକ୍ଷରୁ ରୁଜୁ ମୂଳ ଜନସ୍ୱାର୍ଥ ମାମଲାରେ ହାଇକୋର୍ଟ ଗତ ୨୦୨୩ ସେପ୍ଟେମ୍ବର ୨୯ରେ ପୂର୍ଣ୍ଣଛେଦ ପକାଇଥିଲେ। ଶ୍ରୀଜଗନ୍ନାଥ ମନ୍ଦିର ପରିଚାଳନା କମିଟି (ଏସଜେଟିଏମସି) ପକ୍ଷରୁ ରତ୍ନଭଣ୍ଡାର ଖୋଲି ଅଳଙ୍କାର ଯାଞ୍ଚ କରିବା ପାଇଁ ଉଚ୍ଚସ୍ତରୀୟ କମିଟି ଗଠନ ପାଇଁ ନିବେଦନ କରାଯିବାର ୬୦ ଦିନ ମଧ୍ୟରେ ସରକାର ଏହି କମିଟି ଗଠନ କରିବେ ବୋଲି ମୂଳ ମାମଲାରେ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ ବି ଏହି କମିଟି ଗଠନ କରାଯାଇ ନଥିବା ନେଇ ଆବେଦନକାରୀ ପୁନଃ ଅଦାଲତଙ୍କ ଦ୍ୱାରସ୍ଥ ହୋଇଛନ୍ତି।

ମାମଲାରୁ ପ୍ରକାଶ ଯେ ୧୯୭୮ ରେ ରତ୍ନଭଣ୍ଡାର ଶେଷଥର ପାଇଁ ଖୋଲାଯାଇଥିଲା। ଏହାର ଚାବି ହଜିବା ନେଇ ବିବାଦ ଦେଖାଦେଇଥିଲା, ହେଲେ ପରେ ଚାବି ମିଳିଥିଲା। ଭିତର ରତ୍ନଭଣ୍ଡାରରେ ଗଚ୍ଛିତ ଅଳଙ୍କାର ଯାଞ୍ଚ ପୂର୍ବକ ତାଲିକା ପ୍ରସ୍ତୁତି ଦୀର୍ଘ ୪୫ ବର୍ଷ ଧରି ହୋଇପାରି ନଥିବା ଜଣାପଡ଼ିଛି। ଆବେଦନକାରୀଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ପୀତାମ୍ବର ଆଚାର୍ଯ୍ୟ ମାମଲା ପରିଚାଳନା କରୁଛନ୍ତି।

# ସୁନା ବ୍ୟବସାୟୀଙ୍କୁ ଗୁଳି

■ ସମ୍ବଲପୁର, ୧୬।୨ (ସମିସ): ଧନୁପାଲି ଥାନା ଗୋବିନ୍ଦତୋଲା-ଧନୁପାଲି ରାସ୍ତାରେ ଥିବା ନ୍ୟୁ ପାୟଲ ସୁନା ଅଳଙ୍କାର ଦୋକାନରେ ଦିନ ଦ୍ୱିପହରରେ ବନ୍ଧୁକ ଦେଖାଇ ସଶସ୍ତ୍ର ଡକାୟତ ଦଳ ଲୁଟ କରିବାକୁ ଉଦ୍ୟମ କରି ବିଫଳ ହୋଇଛନ୍ତି। ଡକାୟତି ଉଦ୍ୟମରେ ବିଫଳ ହୋଇ ଦୁର୍ବୃତ୍ତମାନେ ବ୍ୟବସାୟୀ ସୁଜିତ ସ୍ୱର୍ଣ୍ଣକାରଙ୍କୁ ଗୁଳି କରି ଆହତ କରିଛନ୍ତି। ସେମାନେ ସୁଜିତଙ୍କ ଉପରକୁ ୨ ରାଉଣ୍ଡ ଗୁଳି ଚଳାଇଥିଲେ। ସେଥିରୁ ଗୋଟିଏ ଗୁଳି ସୁଜିତଙ୍କ ପେଟରେ ବାଜିଛି। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ବୁର୍ଲା ଭିମସାର ଓ ପରେ ଭୁବନେଶ୍ୱରର ଏକ ଘରୋଇ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ପୁଲିସ ଟିମ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ପୁଲିସ ବିଭିନ୍ନ ସ୍ଥାନରେ ନାକା କରି ଦୁର୍ବୃତ୍ତମାନଙ୍କୁ ଧରିବା ପାଇଁ ଚଢ଼ଉ ଜାରି ରଖିଛି।



ଆଜି ଅପରାହ୍ଣ ୨ଟା ୪୫ରେ ଗ୍ରାହକଙ୍କ ବେଶରେ ଜଣେ ଦୁର୍ବୃତ୍ତ ପ୍ରଥମେ ଦୋକାନକୁ ଯାଇଥିଲେ। ସେ ସୁନା ଅଳଙ୍କାର ଦେଖାଇବାକୁ କହି ମାଲିକ ଓ କର୍ମଚାରୀଙ୍କ ଧ୍ୟାନ ହଟାଇବାକୁ ଚେଷ୍ଟା କରିଥିଲେ। ଏପରିକି ସେ କିଣିବା ବାହାନାରେ କିଛି ସୁନା ଗହଣା ମଧ ବାଛିଥିଲେ। ସେହି ସମୟରେ ହଠାତ୍ ବାହାରେ ଥିବା ଅନ୍ୟ ୫ଜଣ ବ୍ୟକ୍ତି ଦୋକାନ ଭିତରକୁ ପଶି ବନ୍ଧୁକ ଦେଖାଇ ସୁନା ଅଳଙ୍କାର ଦେବାକୁ ଦୋକାନୀ ଓ କର୍ମଚାରୀଙ୍କୁ କହିଥିଲେ। ହେଲେ ଦୋକାନୀ ଓ କର୍ମଚାରୀମାନେ ଦୋକାନ ବନ୍ଦ କରି ଦୁର୍ବୃତ୍ତଙ୍କୁ କାବୁ କରିବାକୁ ଉଦ୍ୟମ କରିଥିଲେ। ହେଲେ ଦୁର୍ବୃତ୍ତମାନେ ଦୋକାନ ମାଲିକ ସୁଜିତଙ୍କୁ ଲକ୍ଷ୍ୟ କରି ଗୁଳି କରିଥିଲେ। ସେ ରକ୍ତାକ୍ତ ଅବସ୍ଥାରେ ତଳେ ପଡ଼ି ଯାଇଥିଲେ। ପରିବାରଲୋକ ତାଙ୍କୁ ତୁରନ୍ତ ମେଡିକାଲ ନେଇଥିଲେ। ପୂର୍ବରୁ କ୍ଷେତରାଜପୁର ଥାନା ଅଞ୍ଚଳରେ ମୁକେଶ ଜୈନ ନାମକ ଜଣେ ଡାଲି ବ୍ୟବସାୟୀଙ୍କଠାରୁ ତାଙ୍କ ଘର ସମ୍ମୁଖରେ ଗୁଳି କରି ଲୁଟ୍ ଉଦ୍ୟମ ହୋଇଥିଲା। ଏହି ଘଟଣାରେ ପୁଲିସ ହାତ ଖାଲି ରହିଛି। ସେହିପରି ମାନେଶ୍ୱର ମାନଧାତା ବାବା ଜୁଏଲାରୀରୁ ସେପ୍ଟମ୍ବର ୨୪ ତାରିଖରେ ବନ୍ଧୁକ ଦେଖାଇ ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର ଲୁଟ୍ ହୋଇଥିଲା। ସେ ଘଟଣାରେ ମଧ ଅପରାଧୀଙ୍କୁ ଧରିବାରେ ପୁଲିସ ବିଫଳ ହୋଇଛି।

**ଦ୍ୱିତୀୟ ସ୍ତ୍ରୀକୁ ତଣ୍ଟି ଚିପି ହତ୍ୟା ମାମଲା**

# ଦୋଷୀକୁ ଆଜୀବନ ଜେଲ୍

■ ବ୍ରହ୍ମପୁର, ୧୬।୨(ସମିସ): ଏକ ପତ୍ନୀହତ୍ୟା ମାମଲାର ବିଚାର କରି ଗଞ୍ଜାମ ଜିଲ୍ଲା ଦୌରାଜଜ୍ ରୂପଶ୍ରୀ ଚୌଧୁରୀ ଶୁକ୍ରବାର ଅଭିଯୁକ୍ତ ସ୍ୱାମୀ ପ୍ରଫୁଲ୍ଲ ଚନ୍ଦ୍ର ପ୍ରଧାନଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଜରଡ଼ା ଥାନା ଅନ୍ତର୍ଗତ ଖରିଣୀପଡ଼ା ଗ୍ରାମର ପ୍ରଫୁଲ୍ଲ ସ୍ଥାନୀୟ ଶ୍ରୀରାମପୁର ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ଭାବେ କାର୍ଯ୍ୟ କରନ୍ତି। ସେ ନିଜକୁ ଅବିବାହିତ ଦର୍ଶାଇ ୨୦୧୨ ମସିହାରେ ବ୍ରହ୍ମପୁର ଟାଉନ୍ ଥାନା ଅନ୍ତର୍ଗତ ତ୍ରିବେଣୀ ନଗରର ସୁଭଦ୍ରା ପ୍ରଧାନଙ୍କୁ ଦ୍ୱିତୀୟ ବିବାହ କରିଥିଲେ। ତେବେ ପ୍ରଫୁଲ୍ଲ ପୂର୍ବରୁ ବିବାହିତ ବୋଲି କୌଣସି ସୂତ୍ରରୁ ଜାଣିବାକୁ ପାଇବା ପରେ ସୁଭଦ୍ରା ନିଜ ପିଲାଙ୍କ ନାମରେ ଟଙ୍କା ଜମା ରଖିବାକୁ ଜିଦ୍ ଧରିଥିଲେ। ଏହାସହ ଯଥାଶୀଘ୍ର ପ୍ରଥମ ସ୍ତ୍ରୀକୁ ଛାଡ଼ପତ୍ର ଦେବାକୁ କହିଥିଲେ। ଏହାକୁ ନେଇ ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ବାରମ୍ବାର କଳହ ହେଉଥିଲା। ତେବେ ୨୦୧୮ ଅଗଷ୍ଟ ୫ ତାରିଖରେ ଏହି କାରଣରୁ ଦୁହିଁଙ୍କ ଭିତରେ କଳହ ହେବାରୁ ପ୍ରଫୁଲ୍ଲ ଏଥିରେ ଉତ୍‌କ୍ଷିପ୍ତ ହୋଇ ସୁଭଦ୍ରାଙ୍କୁ ତଣ୍ଟି ଚିପି ହତ୍ୟା କରିଥିଲେ। ତେବେ ଗିରଫଦାରୀ ଭୟରେ ସେ ସୁଭଦ୍ରାଙ୍କ ମୃତ୍ୟୁ ଗର୍ଭଯନ୍ତ୍ରଣାରୁ ହୋଇଥିବା କହି ଆମ୍ବୁଲାନ୍ସରେ ଶବକୁ ଚିକିଟି ଶ୍ମଶାନକୁ ନେଇଯାଇଥିଲେ। କିନ୍ତୁ ଦୁର୍ଭାଗ୍ୟକୁ ଚିକିଟି ଫାଣ୍ଡି ପୁଲିସ ଆମ୍ବୁଲାନ୍ସ ଅଟକାଇ ପଚରାଉଚରା କରିବାରୁ ପ୍ରଫୁଲ୍ଲଙ୍କ ଯୋଜନା ଫସର ଫାଟି ଯାଇଥିଲା। ପୁଲିସ ଶବକୁ ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ବ୍ୟବଚ୍ଛେଦ ରିପୋର୍ଟରେ ସୁଭଦ୍ରାଙ୍କୁ ତଣ୍ଟି ଚିପି ହତ୍ୟା କରାଯାଇଥିବା ଓ ସେ ୮ ମାସର ଗର୍ଭବତୀ ଥିବା ଜଣାପଡ଼ିବା ପରେ ପୁଲିସ ପ୍ରଫୁଲ୍ଲଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ସରକାରଙ୍କ ପକ୍ଷରୁ ପିପି ତ୍ରିଲୋଚନ ପରିଡ଼ା ମାମଲା ପରିଚାଳନା କରୁଥିଲେ।




**ମାଘ ଶୁକ୍ଳ ସପ୍ତମୀ**

# ଚନ୍ଦ୍ରଭାଗାରେ ବୁଡ଼ ପକାଇଲେ ୪ ଲକ୍ଷ ଶ୍ରଦ୍ଧାଳୁ



■ କୋଣାର୍କ, ୧୬।୨(ସମିସ): ଶୁକ୍ରବାର ମାଘ ଶୁକ୍ଳ ସପ୍ତମୀ ପ୍ରତ୍ୟୁଷରେ ଚନ୍ଦ୍ରଭାଗା ତୀର୍ଥ ପୁଷ୍କରିଣୀ ଓ ମହୋଦଧିରେ ୪ ଲକ୍ଷରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ ବୁଡ଼ ପକାଇ ସୂର୍ଯ୍ୟଦେବଙ୍କୁ ଦର୍ଶନ ଓ ପୂଜାର୍ଚ୍ଚନା କରିଛନ୍ତି। ଭୋର୍ ୪ଟା ୪୧ରେ ତୀର୍ଥ ଜଳରେ ଅର୍କକ୍ଷେତ୍ରର ତ୍ରିଶମ୍ଭୁ ବାବା ତ୍ରିବେଣୀଶ୍ୱର, ଈଶାନେଶ୍ୱର ଓ ଦକ୍ଷିଣେଶ୍ୱରଙ୍କ ମହାସ୍ନାନ ନୀତି ସମ୍ପନ୍ନ ପରେ ଶ୍ରଦ୍ଧାଳୁମାନେ ତୀର୍ଥସ୍ନାନ ଲାଗି ପୁଷ୍କରିଣୀକୁ ବ୍ୟାରିକେଡ୍ ଦେଇ ପ୍ରବେଶ କରିଥିଲେ। ଗୁରୁବାର ଷଷ୍ଠୀ ରାତି ୯ଟାରେ ତିନି ଠାକୁର ନିଜ ନିଜ ଆସ୍ଥାନରୁ ବାହାରି ବିମାନ ବିଜେ ପରେ ବର୍ଣ୍ଣାଢ଼୍ୟ ଶୋଭାଯାତ୍ରାରେ ବଜାର ପରିକ୍ରମା ସହ କୋଣାର୍କ ଏନ୍‌ଏସି ମଣ୍ଡପ, ତହସିଲ କାର୍ଯ୍ୟାଳୟ, ପୂର୍ତ୍ତ ବିଭାଗ ଡାକ ବଙ୍ଗଳା ପରିସରରେ ଭୋଗ ଖାଇଥିଲେ। ରାତି ୩ଟା ୪୫ରେ ତିନି ଠାକୁର ଚନ୍ଦ୍ରଭାଗା ତୀର୍ଥ ମଣ୍ଡପରେ ପହଞ୍ଚିଥିଲେ। ପାରମ୍ପରିକ ରୀତିନୀତିରେ ଚଳନ୍ତି ପ୍ରତିମାଙ୍କ ପୂଜାହୋମ କର୍ମ ସମ୍ପାଦନ ଶେଷ ପରେ ସପ୍ତମୀ ତିଥିରେ ପବିତ୍ର ତୀର୍ଥ ଜଳରେ ତିନିଠାକୁର ମହାସ୍ନାନ କରିଥିଲେ। ତୀର୍ଥ ପୁଷ୍କରିଣୀରେ ପୁରୀ ରାଧାବଲ୍ଲଭ ମଠ ପକ୍ଷରୁ ସାଧୁସନ୍ଥମାନେ ୧୦୮ ଦୀପ ଆଳତି କରିଥିଲେ। ବୁଡ଼ ସାରି ବେଳାଭୂମିରେ ଶ୍ରଦ୍ଧାଳୁମାନେ ସକାଳ ୬.୩୫ରେ ସୂର୍ଯ୍ୟଦର୍ଶନ କରିଥିଲେ। ଗ୍ରହ ଶାନ୍ତି ନିମନ୍ତେ ନବଗ୍ରହଙ୍କ ନିକଟରେ ହୋମଯଜ୍ଞ ଓ ପୂଜାର୍ଚ୍ଚନା କରିଥିଲେ। ଶାମ୍ବ ଦଶମୀ ତିଥିରୁ ୨୭ ଦିନ ଯାତ୍ରାରେ ବାହାରିଥିବା ପ୍ରଭୁ ସୂର୍ଯ୍ୟ ନାରାୟଣଙ୍କ ଚଳନ୍ତି ପ୍ରତିମା ରଥାରୂଢ଼ ହୋଇ ଅବଧୂତ ମଠକୁ ବାହୁଡ଼ି ଆସିଥିଲେ। ଚନ୍ଦ୍ରଭାଗାରେ କୋଣାର୍କ ଏନ୍‌ଏସି ଅଧ୍ୟକ୍ଷା ସୁଶ୍ରୀ ସଂଯୁକ୍ତା ତ୍ରିପାଠୀ, ପୁରୀ ଜିଲ୍ଲାପାଳ ବିଜୟକୁମାର ଦାଶ, ଏସପି ପିନାକ ମିଶ୍ର, ଉପଜିଲ୍ଲାପାଳ ଗୋପୀନାଥ କୁଅଁର, ଅତିରିକ୍ତ ଏସପି ବିଷ୍ଣୁ ପ୍ରସାଦ ପତି, ଜିଲ୍ଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା, ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସନ୍ତୋଷ ସେଠୀ, କୋଣାର୍କ ଏନ୍‌ଏସି ନିର୍ବାହୀ ଅଧିକାରୀ ଶ୍ୱେତପଦ୍ମା ଧଳ ପ୍ରମୁଖଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ରହି ବ୍ୟବସ୍ଥା ତଦାରଖ କରିଥିଲେ। ଶାନ୍ତିଶୃଙ୍ଖଳା ରକ୍ଷା ଲାଗି ୩୩ ପ୍ଲାଟୁନ୍ ପୁଲିସ ଫୋର୍ସ ନିୟୋଜିତ ହୋଇଥିଲେ।

# ପରିକ୍ରମା ମାର୍ଗ ବୁଲିଲେ ୮ ଜିଲ୍ଲାର ଶ୍ରଦ୍ଧାଳୁ

**ପୁରୀ,୧୬।୨ (ସମିସ):** ରାଜ୍ୟ ସରକାରଙ୍କ ପକ୍ଷରୁ ବିଭିନ୍ନ ଜିଲ୍ଲାରୁ ଭକ୍ତଙ୍କୁ ଅଣାଯାଇ ପରିକ୍ରମା ମାର୍ଗର ଅନୁଭୂତି ପ୍ରଦାନ କରାଯାଉଛି। ଏହି କ୍ରମରେ ଶୁକ୍ରବାର ୮ ଜିଲ୍ଲାର ୧୦,୫୨୦ ଶ୍ରଦ୍ଧାଳୁ ମହାପ୍ରଭୁଙ୍କୁ ଦର୍ଶନ କରିବା ସହ ଶ୍ରୀମନ୍ଦିର ପରିକ୍ରମା ମାର୍ଗ ବୁଲିଛନ୍ତି। କେନ୍ଦ୍ରାପଡ଼ା ଜିଲ୍ଲାର ୫୨ଟି ପଞ୍ଚାୟତ ଏବଂ ୱାର୍ଡରୁ ୨୩ଟି ବସ୍‌ରେ ୧,୦୪୦ ଜଣ, ଯାଜପୁର ଜିଲ୍ଲାର ୪୩ଟି ପଞ୍ଚାୟତ ଏବଂ ୱାର୍ଡରୁ ୧୯ଟି ବସ୍‌ରେ ୮୬୦ଜଣ, ନୟାଗଡ଼ ଜିଲ୍ଲାର ୬୬ଟି ପଞ୍ଚାୟତ ଏବଂ ୱାର୍ଡରୁ ୨୯ଟି ବସ୍‌ରେ ୧,୩୨୦ଜଣ, ନବରଙ୍ଗପୁର ଜିଲ୍ଲାର ୬୭ଟି ପଞ୍ଚାୟତ ଏବଂ ୱାର୍ଡରୁ ୩୦ଟି ବସ୍‌ରେ ୧,୩୪୦ ଜଣ, କନ୍ଧମାଳ ଜିଲ୍ଲାର ୬୯ଟି ପଞ୍ଚାୟତ ଏବଂ ୱାର୍ଡରୁ ୩୧ଟି ବସ୍‌ରେ ୧,୩୮୦ଜଣ, ଢେଙ୍କାନାଳ ଜିଲ୍ଲାର ୭୯ଟି ପଞ୍ଚାୟତ ଏବଂ ୱାର୍ଡରୁ ୩୫ଟି ବସ୍‌ରେ ୧,୫୮୦ ଜଣ, ଅନୁଗୁଳ ଜିଲ୍ଲାର ୬୭ଟି ପଞ୍ଚାୟତ ଏବଂ ୱାର୍ଡରୁ ୩୦ଟି ବସ୍‌ରେ ୧,୩୪୦ ଜଣ, କୋରାପୁଟ ଜିଲ୍ଲାର ୮୩ଟି ପଞ୍ଚାୟତ ଏବଂ ୱାର୍ଡରୁ ୩୭ଟି ବସ୍‌ରେ ୧,୬୬୦ ଏହିପରି ମୋଟ ୧୦,୫୨୦ ଜଣ ଶ୍ରଦ୍ଧାଳୁ ବସ୍‌ରେ ଆସି ସମଙ୍ଗ ପାର୍କିଂରେ ପହଞ୍ଚିଥିଲେ। ସେଠାରୁ ଫିଡ୍‌ର ବସ୍‌ରେ ଭକ୍ତମାନେ ଜଗନ୍ନାଥ ବଲ୍ଲଭ ପିଲୀଗ୍ରିମ ସେଣ୍ଟର (ଜେବିପିସି)ରେ ପହଞ୍ଚିଥିଲେ। ପରେ ଶ୍ରୀଦାଣ୍ଡ ଦେଇ ଶ୍ରୀମନ୍ଦିର ନିକଟରେ ପହଞ୍ଚି ମହାପ୍ରଭୁଙ୍କୁ ଦର୍ଶନ କରିଥିଲେ। ଏହାରେ ପରିକ୍ରମା ମାର୍ଗ ପ୍ରଦକ୍ଷିଣ କରି ଦିବ୍ୟ ଅନୁଭୂତି ସାଉଣ୍ଟିଥିଲେ। ଏହାପରେ ଶ୍ରଦ୍ଧାଳୁ ସମଙ୍ଗ ପାର୍କିରେ ପହଞ୍ଚି ସେଠାରେ ଭୋଜନ କରିଥିଲେ। ପରେ ଯେଉଁ ବସ୍‌ରେ ଆସିଥିଲେ ସେଥିରେ ନିଜ ନିଜ ଘରକୁ ଫେରିଥିଲେ।

ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI
◆VOLUME- 41 ◆ISSUE-233 ◆BHUBANESWAR ◆SATURDAY ◆17 FEBRUARY 2024 ◆PAGE-16 ◆₹ 6.00
◆ବର୍ଷ-୪୧ ◆ସଂଖ୍ୟା-୨୩୩ ◆ଭୁବନେଶ୍ୱର ◆ଶନିବାର ◆୧୭ ଫେବୃଆରୀ ୨୦୨୪ ◆ପୃଷ୍ଠା-୧୬ ◆ଟ.୬.୦୦



# ଦୁର୍ଘଟଣାରେ ତିନି ଗୁରୁତର

**ନୟାହାଟ,୧୬ ।୨(ସମିସ):** ପୁରୀ ଜିଲ୍ଲା ଚାରିଛକ ବଜାରରେ ଶୁକ୍ରବାର ଦୁଇଟି ସ୍ଥାନରେ ଦୁଇଟି ଦୁର୍ଘଟଣା ଘଟି ୩ ଜଣ ଗୁରୁତର ହୋଇଛନ୍ତି । ଚାରିଛକ ବଜାର ନିମାପଡା ରାସ୍ତାର ଲକି ପବ୍ଲିକ ସ୍କୁଲ ସମ୍ମୁଖରେ ଦ୍ରୁତ ଗତିରେ ଯାଉଥିବା ବାଲି ବୋଝେଇ ହାଇୱା ସ୍କୁଟିକୁ ଧକ୍କା ଦେଇଥିଲା । ସ୍କୁଟିରେ ଯାଉଥିବା କାକଟପୁର ଥାନା ପଥରପକା ଗ୍ରାମର ସୁଜିତ କୁମାର ମଲ୍ଲିକ ( ୨୮ ) ଓ ଭୁତୁଣିଆ ଗ୍ରାମର ଇନ୍ଦ୍ରଜିତ ସ୍ୱାଇଁ ( ୩୦ ) ଦୁଇ ଜଣ ଯୁବକ ଗାଡିରୁ ପଡିଯାଇଥିଲେ । ଯାହା ଫଳରେ ଯୁବକଙ୍କ ପାଦରେ ବାଲି ବୋଝେଇ ଗାଡି ମାଡି ଯାଇଥିଲା । ସ୍ଥାନୀୟ ଲୋକମାନେ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ସାହାଯ୍ୟରେ ଚାରିଛକ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଯାଇଥିଲେ । ସେହିଭଳି ଚାରିଛକ ଗୋପ ରାସ୍ତା ଅକ୍ସୋପଡ଼୍ ସ୍କୁଲ ନିକଟରେ ଗଡ଼ଅମରପ୍ରସାଦ ଗ୍ରାମର ମଧୁସ୍ମିତା ପାତ୍ର ତାଙ୍କ ୫ ବର୍ଷର ପୁଅକୁ ସ୍କୁଟିରେ ନେଇ ସ୍କୁଲରେ ଛାଡି ଫେରୁଥିବା ସମୟରେ ଏକ ହାଇୱା ଗାଡି ସ୍କୁଟିକୁ ଧକ୍କା ଦେଇଥିଲା । ଫଳରେ ତାଙ୍କର ମୁଣ୍ଡ ଫାଟି ଯାଇଥିଲା ।ସେଠାରେ ଥିବା ଲୋକମାନେ ଉଦ୍ଧାର କରି ଚାରିଛକ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଯାଇଥିଲେ ।ସେଠାରେ ଦୁଇ ଯୁବକ ସହ ମହିଳାଙ୍କ ଅବସ୍ଥା ଗୁରୁତର ହେବାରୁ ଡାକ୍ତର ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରିଥିଲେ । ଚାରିଛକ ଥାନା ପୁଲିସ ପହଞ୍ଚି ବାଲି ବୋଝେଇ ହାଇୱା ସହ ଦୁଇ ଯୁବକଙ୍କ ସ୍କୁଟି କୁ ଜବତ କରିଛନ୍ତି ।

● କାମ କରୁନି କଟକଣା

# ନିଷିଦ୍ଧାଞ୍ଚଳରୁ ମାଛଧରା ଟ୍ରଲର ଜବତ,୮ କର୍ମଚାରୀ ଅଟକ

**ଅସ୍ତରଙ୍ଗ,୧୬ ।୨(ସମିସ)**

ବିରଳ ଅଲିଭ୍ ରିଡଲେ କଇଁଛଙ୍କ ସୂରକ୍ଷା ନିମନ୍ତେ ସମୁଦ୍ର ଉପକୂଳରୁ ୨୦କିଲୋମିଟର ପର୍ଯ୍ୟନ୍ତ ଯନ୍ତ୍ର ଚାଳିତ ଡ଼ଙ୍ଗା ଚଳା ଚଳ ଉପରେ କଟକଣା ଲାଗୁ ହୋଇଥିବା ବେଳେ କଟକଣା ନମାନି ବାରମ୍ବାର ନିଷିଦ୍ଧାଞ୍ଚଳ ମଧ୍ୟକୁ ଟ୍ରଲର ପ୍ରବେଶ କରି ବନବିଭାଗ ହାତରେ ଧରା ପଡୁଛନ୍ତି । ସେହିପରି ଶୁକ୍ରବାର ସକାଳେ ନିଷିଦ୍ଧାଞ୍ଚଳରୁ ମାଛଧରୁ ଥିବା ଏକ ଟ୍ରଲରକୁ ଅସ୍ତରଙ୍ଗର ବନବିଭାଗର ପାଟ୍ରୋଲିଂ ଟିମ୍ ଜବତ କରିଛି । ଜବତ



ଟ୍ରଲର ନଂ ଆଇ ଏନ ଡି ଓ ଆର ୦୪-ଏମ ଏମ ୨୩୪ ଥିବା ବେଳେ ଏହାର ନାମ ପବନସୁତ-୩ ଏବଂ ଏଥିରେ ଥିବା ଥିବା ୮ ଜଣ କର୍ମଚାରୀ ଅଟକ ଥିବା ବନବିଭାଗ ପକ୍ଷରୁ ସୂଚନା ମିଳିଛି । ଶୁକ୍ରବାର ଦିନ ସକାଳେ ଦେବୀ ମାଉଥରୁ ୫କିଲୋମିଟର ଦୁରରେ ମାଛ ମାରୁଥିବା ବେଳେ ବନ ବିଭାଗର ପାଟ୍ରୋଲିଂ ଟିମ୍ ହାବୁଡ଼ରେ ପଡିଥିଲା ଏବଂ ବନ ବିଭାଗ ଟ୍ରଲରକୁ ଜବତ କରି ସାମୁଦ୍ରିକ ମତ୍ସ୍ୟବିଭାଗକୁ ହସ୍ତାନ୍ତର କରାଯିବ ନେଇ ବନବିଭାଗ ପକ୍ଷରୁ ସୂଚନା ମିଳିଛି । ଏହି ଚଢ଼ଉରେ ବନବିଭାଗ ପାଟ୍ରୋଲିଂ ଟିମ୍‌ର ଫରେଷ୍ଟର ବିରଜା ପ୍ରସାଦ ମହାପାତ୍ର, ଫରେଷ୍ଟ ଗାଡର୍ ମିଳନ ମହାପାତ୍ର, କଇଁଛ ସ୍କ୍ୱାର୍ଡ, ଏପିଆର ଫୋର୍ସ ଥିଲେ । ପ୍ରକାଶ ଥାଉକି, ଅଲିଭ୍ ରିଡଲେ କଇଁଛ ଏବଂ ମାଛମାନଙ୍କ ବଂଶ ବୃଦ୍ଧି ପାଇଁ ନିମନ୍ତେ ସମୁଦ୍ର ଉପକୂଳରେ ମାଛଧରିବା ଉପରେ ୧ନମ୍ବେମ୍ବରରୁ ୩୧ ମଇ ପର୍ଯ୍ୟନ୍ତ କଟକଣା ଲାଗିଛି । ସମୁଦ୍ର କୂଳରୁ ୨୦କିଲୋମିଟର ପର୍ଯ୍ୟନ୍ତ ଜଳପଥକୁ ନିଷିଦ୍ଧାଞ୍ଚଳ ଘୋଷଣା କରି ବୋଟ୍ ଚଳାଚଳ,ଯନ୍ତ୍ରଚାଳିତ ଡଙ୍ଗା ଓ ଗିଂ ଜାଲ ବ୍ୟବହାର କରି ମାଛ ଧରିବା ଉପରେ ରୋକ୍ ଲାଗିଛି । ଏହି ସମୟ ମଧ୍ୟରେ ବନବିଭାଗ ଓ ସ୍ଥାନୀୟ ସାମୁଦ୍ରିକ ମତ୍ସ୍ୟବିଭାଗ ମିଳିତ ଆନୁକୂଲ୍ୟରେ ନିଷିଦ୍ଧାଞ୍ଚଳରେ ପାଟ୍ରୋଲିଂ କରି ମାଛଧରିଥିବା ବୋଟ୍ କିମ୍ବା ଟ୍ରଲରକୁ ଜବତ କରିବା ସମେତ ଜରିମାନା କରିବା ନିୟମ ରହିଛି ।

# 'ଆମ ଓଡ଼ିଶା, ନବୀନ ଓଡ଼ିଶା'କାର୍ଯ୍ୟକ୍ରମ



**କୃଷ୍ଣପ୍ରସାଦ,୧୬ ।୨(ସମିସ)**

ରାଜ୍ୟ ସରକାର ଗ୍ରାମାଞ୍ଚଳରେ ଓଡ଼ିଶା ସରକାରଙ୍କ ଲୋକାଭିମୁଖୀ ଯୋଜନାର ସଫଳ ରୂପାୟନ ଜନସାଧାରଣଙ୍କ ନିକଟରେ ପହଞ୍ଚାଇବା ପାଇଁ ଆରମ୍ଭ କରିଛନ୍ତି 'ଆମ ଓଡ଼ିଶା ନବୀନ ଓଡ଼ିଶା' ପଞ୍ଚାୟତସ୍ତରୀୟ ସଚେତନତା ଶିବିର । ଏହି ପରିପ୍ରେକ୍ଷୀରେ ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ବ୍ଲକ ଅଧୀନସ୍ଥ ରାମ ଲେଙ୍କା ପଞ୍ଚାୟତରେ ଶୁକ୍ରବାର ଦିନ ସରପଞ୍ଚ ସବିତା ବିଶ୍ୱାଳଙ୍କ ସଭାପତିତ୍ୱରେ ସଭାକାର୍ଯ୍ୟ ଅନୁଷ୍ଠିତ ହୋଇଥିଲା ।ମୁଖ୍ୟଅତିଥି ଭାବେ ଜିଲ୍ଲା ପରିଷଦ ଲକ୍ଷ୍ମୀଧର ସାହୁ, ବ୍ଲକ ଅଧ୍ୟକ୍ଷା ସରୋଜିନୀ ତରେଇ, ଅଧ୍ୟକ୍ଷାଙ୍କ ପ୍ରତିନିଧି ବିଜୟ କୁମାର ତରେଇ, ସରପଞ୍ଚଙ୍କ ପ୍ରତିନିଧି ଅଞ୍ଚଳ ବିଶ୍ୱାଳ, ରାମ ଲଙ୍କା ପଞ୍ଚାୟତ ସମିତି ସଭ୍ୟା ରୁବୀ ପ୍ରିୟଦର୍ଶିନୀ ରଣସିଂ,ସାଂସଦଙ୍କ ପ୍ରତିନିଧି ରାଜକିଶୋର ବିଶ୍ୱାଳ, ପୂର୍ବତନ ସରପଞ୍ଚ ହରିହର ପଲେଇ, କମ୍ପ୍ୟୁଟର ପ୍ରୋଗ୍ରାମ ଅଫିସର ପ୍ରଭାତ କୁମାର ଜେନା, ନୋଡାଲ ଅଫିସର ଶିବ ପ୍ରସାଦ ପ୍ରମୁଖ ଯୋଗଦେଇ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ସମ୍ପର୍କରେ ଉପସ୍ଥିତ ପଞ୍ଚାୟତବାସୀଙ୍କୁ ଅବଗତ କରାଇଥିଲେ । ଶତାଧିକ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା,ଏମବିକେ, ସିଆରପି, ଆଶା କର୍ମୀ,ଅଙ୍ଗନବାଡ଼ି କର୍ମୀ, ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଅଂଶ ଗ୍ରହଣ କରିଥିଲେ । ସମିତି ସଭ୍ୟାଙ୍କ ପ୍ରତିନିଧି ଦିଲ୍ଲୀପ କୁମାର ରଣସିଂହ ମଞ୍ଚ ପରିଚାଳନା କରିଥିଲେ ।

**ନିମାପଡା:** ନିମାପଡା ବ୍ଲକ ଅନ୍ତର୍ଗତ ଧଳେଶ୍ୱର ପଞ୍ଚାୟତ ମା'ଝାଡେଶ୍ୱରୀ ଠାକୁରାଣୀଙ୍କ ପଡିଆରେ ଶୁକ୍ରବାର 'ଆମ ଓଡିଶାନବୀନ ଓଡିଶା' ସଚେତନତା କାର୍ଯ୍ୟକ୍ରମ ସହ ମିଶନ ଶକ୍ତି ଗୃହର ଉଦ୍‌ଘାଟନ ହୋଇଯାଇଛି । ଉକ୍ତ ପଞ୍ଚାୟତରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ସ୍ଥାନୀୟ ବିଧାୟକ ସମୀର ରଞ୍ଜନ ଦାଶ ଯୋଗଦେଇ ଜଗନ୍ନାଥ ସଂସ୍କୃତିର ସଂରକ୍ଷଣ,ଧାର୍ମିକସ୍ଥଳୀ ଗୁଡିକର ରୁପାନ୍ତିକରଣ,ମହିଳା ସଶକ୍ତିକରଣ ସୁଗମ ଗମନା ଗମନର ବ୍ୟବସ୍ଥା ସବୁ



ରାଜ୍ୟର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ସମ୍ଭବ ହୋଇପାରିଛି । ଚଳିତବର୍ଷ ସାଧାରଣ ନିର୍ବାଚନ ଆସୁଥିବାରୁ ନବୀନ ବାବୁଙ୍କୁ ପୁର୍ନବାର ଷଷ୍ଠଥର ପାଇଁ ଆମ ଓଡିଶାର ମୁଖ୍ୟମନ୍ତ୍ରୀ କରାଇବାକୁ ଉପସ୍ଥିତ ଜନସାଧାରଣଙ୍କୁ ନିବେଦନ କରିଛନ୍ତି । କାର୍ଯ୍ୟକ୍ରମରେ ବ୍ଲକ ବିଜେଡି ସଭାପତି ଅଶୋକ ସାହୁ,ବ୍ଲକ ଅଧ୍ୟକ୍ଷ ଶଙ୍କର ଭୋଇ,ଉପାମୁଖ୍ୟା ଅନୁସ୍ୱୟା ମହାନ୍ତି,ଜିଲ୍ଲାପରିଷଦସଭ୍ୟ ପ୍ରଦୀପ୍ତ କୁମାର ଖଟୋଇ,ସାଂସଦ ପ୍ରତିନିଧି ସୁଧିରରଞ୍ଜନଦାଶ,ପୁର୍ବତନବ୍ଲକଉପାଧ୍ୟକ୍ଷଅଜୟକୁମାରସ୍ୱାଇଁ,ସ୍ୱପ୍ନେଶ୍ୱର ଲେଙ୍କାଙ୍କ ସମେତ ସ୍ଥାନୀୟ ଜନସାଧାରଣ,ବ୍ଲକ କନିଷ୍ଠଯନ୍ତ୍ରୀ ଏବଂ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରମୁଖ ଉପସ୍ଥିତଥିଲେ ।

# ରାଜ୍ୟସ୍ତରୀୟ ଭଲିବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

**ଗମ୍ଭାରୀପଦା/କାକଟପୁର,୧୬ ।୨(ସମିସ):** କାକଟପୁର ବ୍ଲକ ଅନ୍ତର୍ଗତ ବାଙ୍ଗୁରୀଗାଁ ପଞ୍ଚାୟତରେ ରାଜ୍ୟ କ୍ରିଡ଼ା ମନ୍ତ୍ରୀ ତୁଷାରକାନ୍ତି ବେହେରା ରାଜ୍ୟସ୍ତରୀୟ ଭଲିବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟନ କରି ଖେଳ ଆଗାମୀ ପିଢ଼ିଙ୍କୁ ଭାତୃତ୍ୱ ବନ୍ଧନରେ ବାନ୍ଧି ରଖିବାରେ ସହାୟକ ହେବ ବୋଲି କହିଥିଲେ । ଉଦ୍‌ଘାଟନୀ ଉତ୍ସବରେ ପୁରୀ ଜିଲ୍ଲାପରିଷଦ ଉପାଧ୍ୟକ୍ଷ ସ୍ୱାଧିନ କୁମାର ନାୟକ, ଜ୍ୟୋତିର୍ମୟ ଦଳାଇ,ପୁରୀ ନିମାପଡ଼ା ସମ୍ମିଳିତ ସମବାୟବ୍ୟାଙ୍କର ଡାଇରେକ୍ଟର ପ୍ରାଣକୃଷ୍ଣ ମଲ୍ଲିକ, ସତ୍ୟବ୍ରତ ପ୍ରଧାନ । ଆୟୋଜକ ବାଙ୍ଗୁରୀଗାଁ ଭଲିବଲ କ୍ଲବର ସଭ୍ୟ ପବିତ୍ର କୁମାର ସାହୁ,ରାହୁଲ ସାହୁ, ରମାକାନ୍ତ ସାହୁ ଓ ଦୀପକ କୁମାର ସାହୁଙ୍କ ସମେତ କ୍ଲବର ସମସ୍ତ କର୍ମକର୍ତ୍ତାମାନଙ୍କ ସହଯୋଗରେ ଟୁର୍ଣ୍ଣାମେଣ୍ଟରେ ସରସ ସୁନ୍ଦର ଓ ଶୃଙ୍ଖଳାର ସହ ସମାପନ ହୋଇଥିଲା । କିଟ୍ ଭୁବନେଶ୍ୱର,ଇଟାଭାଟି ଖୋର୍ଦ୍ଧା,ସାହାରା ପୁରୀ,ଗୋପ,ବାଙ୍ଗୁରୀଗାଁ ଓ ପାରାଦୀପ ଭଳି ୬ଟି ଟିମ୍ ଟୁର୍ଣ୍ଣାମେଣ୍ଟରେ ଅଂଶଗ୍ରହଣ କରିଥିଲେ । ଗୋପ ଟିମ୍‌କୁ ଚାମ୍ପିଅନ ଘୋଷଣା କରାଯାଇ ୧୦ହଜାର ରାଶି ଓ ଟ୍ରଫି ଦିଆଯାଇଥିଲା । କିଟ୍ ଭୁବନେଶ୍ୱର ଟିମ୍‌କୁ ୫ହଜାର ଟଙ୍କା ଓ ମାନପତ୍ର ଦିଆଯାଇଥିଲା । ଇଣ୍ଟରନ୍ୟାସନାଲ ରେଫରୀ ସୁଦର୍ଶନ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ବଳରାମ ସାହୁ ଓ ରୋଶନ କୁମାର ସାହୁ ରେଫରୀ ଦାୟିତ୍ୱ ନିର୍ବାହ କରିଥିଲେ ।

● ଡେଲାଙ୍ଗ-କଲ୍ୟାଣପୁର ରାସ୍ତା ଅବସ୍ଥା ଶୋଚନୀୟ

# ଆନ୍ଦୋଳନ ପରେ ନବୀକରଣ କାର୍ଯ୍ୟ ଆରମ୍ଭ

**ଡେଲାଙ୍ଗ,୧୬ ।୨(ସମିସ):** ଦୀର୍ଘ ୬ଘଣ୍ଟା ରାସ୍ତା ଅବରୋଧ ପରେ ଆରମ୍ଭ ହେଲା ଡେଲାଙ୍ଗ-କଣାସ ରାସ୍ତା ନବୀକରଣ କାର୍ଯ୍ୟ ଅରମ୍ଭ ହୋଇଛି । ଡେଲାଙ୍ଗ-କଣାସ ପୂର୍ତ୍ତ ବିଭାଗ ରାସ୍ତାର ଡେଲାଙ୍ଗ ହାଟବଜାର ଠାରୁ କଲ୍ୟାଣପୁର ପର୍ଯ୍ୟନ୍ତ ରାସ୍ତା ଅତ୍ୟନ୍ତ ଶୋଚନୀୟ ହୋଇପଡିଥିଲେ ମଧ୍ୟ ବିଭାଗୀୟ ଅଧିକାରୀ ଓ ଠିକାଦାରଙ୍କ ମଧୁଚନ୍ଦ୍ରିକା ପାଇଁ ରାସ୍ତା କାର୍ଯ୍ୟ ତ୍ୱରାନ୍ୱିତ ହୋଇପାରୁନାହିଁ । ଯାହାପାଇଁ ଆଙ୍କୁଲା ଠାରୁ ରାତୁଅ ଛକ ପର୍ଯ୍ୟନ୍ତ ସଡକ ଅତ୍ୟନ୍ତ ଶୋଚନୀୟ ଓ ପଥଚାରୀ ମାନଙ୍କ ଯାତାୟତ ପାଇଁ ଅତ୍ୟନ୍ତ ଦୁଃଖ ଦାୟକ ହୋଇପଡିଛି । ରାସ୍ତାରେ ଭାରିଯାନ ପଛରେ ଧୂଳି ଉଡୁଥିବାରୁ ସାଇକେଲ ଓ ୨ ଚକିଆ ଗାଡି ଚଳାଇ ହେଉନି ।ଏହି ରାସ୍ତାର ନବୀକରଣ ପାଇଁ ଟେଣ୍ଡର ପ୍ରକ୍ରିୟା ଶେଷ ହୋଇଥିବା ବିଭାଗୀୟ ଯନ୍ତ୍ରୀ କହୁଥିଲେ ମଧ୍ୟ ତତ୍ପରତା ଅଭାବରୁ ରାସ୍ତା କାମ ଆରମ୍ଭ ହେଉନି । ଏନେଇ ଶୁକ୍ରବାର ରାସ୍ତାର ମୁନିନ୍ଦା ଛକଠାରେ କୋଠବାଡ ପଞ୍ଚାୟତ ପୂର୍ବତନ ସରପଞ୍ଚ ଦୂର୍ଗାଚରଣ ରାଉତରାୟଙ୍କ ନେତୃତ୍ୱରେ ଅଞ୍ଚଳବାସୀ ରାସ୍ତା ରୋକ କରିଥିଲେ । ଡେଲାଙ୍ଗ-ପିପିଲି ଜନକଲ୍ୟାଣମଞ୍ଚ ଆବାହକ ରାଧାମୋହନ, ମୁନିନ୍ଦା ସରପଞ୍ଚ ଶେଷଦେବ ବାରିକ, ସମିତିସଭ୍ୟା ସ୍ୱର୍ଣ୍ଣଲତା ନାୟକ, କଲ୍ୟାଣପୁର ସରପଞ୍ଚ ଗୋବର୍ଦ୍ଧନ ସେଠୀ, କୃଷକ ନେତା ଅଶୋକ ପ୍ରଧାନ, ରବୀନ୍ଦ୍ର ପ୍ରଧାନ,ଗୁଣନିଧି ପାତ୍ର, ଉଲ୍ଲାସ ନାୟକ ପ୍ରମୁଖଙ୍କ ସମେତ ଶତାଧିକ ସ୍ଥାନୀୟ ମହିଳା ଓ ପୁରୁଷ



ରାସ୍ତାରୋକ କରିଥିଲେ । ରାସ୍ତା ଅବରୋଧର ୩ଘଣ୍ଟା ପରେ ପିପିଲି ପୂର୍ତ୍ତ ବିଭାଗ ସହକାରୀ ଯନ୍ତ୍ରୀ ସିଦ୍ଧେଶ୍ୱର ବେହେରା ଘଟଣା ସ୍ଥଳରେ ପହଞ୍ଚିଠ ଖୁବ ଶୀଘ୍ର ରାସ୍ତା କାମ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ଲୋକେ ବର୍ତ୍ତମାନ କାମ ଆରମ୍ଭ କରିବାକୁ ଜିଦ ଧରିଥିଲେ । ୨ଘଣ୍ଟା ମଧ୍ୟରେ ଯନ୍ତ୍ରୀ ମେସିନ ଡକାଇ କାମ ଆରମ୍ଭ କଲାପରେ ରାସ୍ତା ଅବରୋଧ ପ୍ରତ୍ୟାହୃତ ହୋଇଥିଲା । ଆଇନ୍ ଶୃଙ୍ଖଳା ରକ୍ଷା ପାଇଁ ପିପିଲି ଏସଡିପିଓ ବୀରଞ୍ଚି ନାରାୟଣ ପତି, ଡେଲାଙ୍ଗ ଥାନା ଅଧିକାରୀ ଦେବାଶିଷ ମହାନ୍ତି, କନେଷ୍ଟବଳ ଜିତେନ୍ଦ୍ର ସ୍ୱାଇଁ ପ୍ରମୁଖ ଘଟଣା ସ୍ଥଳରେ ଉପସ୍ଥିତ ଥରଲେ ।



ଗୋଟିଏ ଅଙ୍ଗଦାନ ନିଷ୍ପତ୍ତି ସର୍ବାଧିକ ଆଠଟି ଜୀବନ ବଞ୍ଚାଇ ପାରେ ଏବଂ ସେମାନଙ୍କ ଉପରେ ନିର୍ଭରଶୀଳ ଅନେକ ଜୀବନର ସାହାରା ହୋଇପାରେ।
-ବାରାକ୍ ଓବାମା

ସକାଳ
THE SAKALA

# ଅଙ୍ଗଦାନ ମହାପୁଣ୍ୟ

ବିଜ୍ଞାନ ଆଗେଇବା ସହିତ ନୂଆ ନୂଆ ବ୍ୟାଧି ଓ ତଜ୍ଜନିତ ଜଟିଳତା ବଢୁଛି। ନୂଆ ରୋଗର ଚିକିତ୍ସା ଓ ଉପଚାର ପାଇଁ ଆହ୍ୱାନ ସୃଷ୍ଟି କରୁଛି। ଏହାସତ୍ତ୍ୱେ ଚିକିତ୍ସା ବିଜ୍ଞାନ ଅବିରାମ ଗତିରେ ଆଗେଇ ଚାଲିଛି। ରୋଗ ପାଖରେ ନ ହାରି ରୋଗକୁ ହରାଇବା ଚିକିତ୍ସା ବିଜ୍ଞାନର ପ୍ରବୃତ୍ତି ପାଲଟିଛି। ଏବେ ଅଙ୍ଗଦାନ ଚିକିତ୍ସା ଜଗତର ଏକ ନୂଆ କ୍ଷେତ୍ର, ଯେଉଁଠି ମସ୍ତିଷ୍କ-ମୃତ ମଣିଷର ହୃଦୟ, ଫୁସ୍‌ଫୁସ୍, ବୃକ୍କ, ଯକୃତ, ଆଖି ଆଦିକୁ ସଂଗ୍ରହ କରାଯାଇ ଅନ୍ୟ ଲୋକଙ୍କ ଦେହରେ ପ୍ରତିରୋପଣ କରାଯାଉଛି। ଏହାଫଳରେ ଅଙ୍ଗଗ୍ରହୀତା ବିଶେଷ ଉପକୃତ ହେଉଛନ୍ତି। ମଣିଷର ଅଙ୍ଗ ତିଆରି କରିବା ଏ ଯାଏଁ ଚିକିତ୍ସା ବିଜ୍ଞାନରେ ସଫଳ ହୋଇନାହିଁ। ତେବେ ଅଙ୍ଗ ସଂଗ୍ରହ ବା ଅମଳ (ଅନ୍ୟ ଲୋକଠାରୁ) ସମ୍ଭବ ହୋଇଛି।

ଜୀବନ୍ତ ଅଙ୍ଗର ଅଭାବ ଏକ ବୈଶ୍ୱିକ ସମସ୍ୟା। ଏସିଆ ଏବଂ ନିର୍ଦ୍ଦିଷ୍ଟ ଭାବେ ଭାରତ ଏ କ୍ଷେତ୍ରରେ ବହୁ ପଛରେ। ଅଙ୍ଗ ଦେବା ପାଇଁ ଆମ ରାଜ୍ୟ ବା ଦେଶରେ ଯେ ଲୋକଙ୍କର ଅଭାବ ରହିଛି, ତାହା ନୁହେଁ। ଯେଉଁମାନେ ପ୍ରାକୃତିକ ଉପାୟରେ କିମ୍ବା ଦୁର୍ଘଟଣାରେ ପ୍ରାଣ ହରାଉଛନ୍ତି, ସେମାନଙ୍କଠାରୁ ଠିକ୍ ସମୟରେ ଅଙ୍ଗ ସଂଗ୍ରହ କରିହେବ। ଏଥିପାଇଁ ଯେଉଁ ଦୁଇଟି ଗୁରୁତ୍ୱପୂର୍ଣ୍ଣ ଆବଶ୍ୟକତା ରହିଛି, ତାହା ହେଲା ସଚେତନତା ଓ ସଂଗ୍ରହ ବ୍ୟବସ୍ଥା। ଭାରତ କଥା ବିଚାରକୁ ନିଆଯାଉ। ଏଠି ପ୍ରତିବର୍ଷ ପ୍ରାୟ ୧.୮ ଲକ୍ଷ ଲୋକ ବୃକ୍କ୍ ଜନିତ ରୋଗର ସମ୍ମୁଖୀନ ହୁଅନ୍ତି। ମାତ୍ର ସେମାନଙ୍କ ମଧ୍ୟରୁ ୬୦୦୦ଙ୍କର କିଡ୍‌ନୀ ପ୍ରତିରୋପଣ ସମ୍ଭବ ହୁଏ। ସେହିଭଳି ଭାରତରେ ବର୍ଷକୁ ଦୁଇଲକ୍ଷ ଲୋକ ଲିଭର ବା ଯକୃତ ଅଚଳ କିମ୍ବା କର୍କଟ ରୋଗରେ ଆକ୍ରାନ୍ତ ହୋଇ ପ୍ରାଣ ହରାଇଥା'ନ୍ତି। ଯଦି ଠିକ୍ ସମୟରେ ଯକୃତ ପ୍ରତିରୋପଣ କରାଯାଆନ୍ତା ତା'ହେଲେ ୧୦ ରୁ ୧୫ ଶତାଂଶ ରୋଗୀ ବଞ୍ଚିପାରନ୍ତେ। ଏଥିପାଇଁ ଭାରତରେ ବର୍ଷକୁ ୨୫ ରୁ ୩୦ ହଜାର ଯକୃତ ପ୍ରତିରୋପଣ ଆବଶ୍ୟକତା ରହିଛି। ହୃଦ୍‌ରୋଗ କ୍ଷେତ୍ରରେ ମଧ୍ୟ ଏକାପ୍ରକାର ସ୍ଥିତି। ଭାରତରେ ପ୍ରତିବର୍ଷ ୫୦ ହଜାର ଲୋକ ହୃଦ୍‌ରୋଗରେ ପ୍ରାଣ ହରାଇଥା'ନ୍ତି। ତେବେ ଆମ ଦେଶରେ ଏବେ ବର୍ଷକୁ ମାତ୍ର ୧୦ ରୁ ୧୫ଟି ହୃତ୍‌ପିଣ୍ଡ ପ୍ରତିରୋପଣ ହେଉଛି। ଅନ୍ଧତ୍ୱ ଦୂରୀକରଣ ପାଇଁ ଭାରତରେ ପ୍ରତିବର୍ଷ ୧ ଲକ୍ଷ କର୍ଣ୍ଣିଆ ବା ସ୍ୱଚ୍ଛପଟଳର ଆବଶ୍ୟକତା ରହିଥିବା ବେଳେ ମିଳୁଛି ଯଥେଷ୍ଟ କମ୍। ଫଳରେ ମାତ୍ର ୨୫ ହଜାର ଲୋକଙ୍କର ପ୍ରତିବର୍ଷ ଚକ୍ଷୁ ପ୍ରତିରୋପଣ କରାଯାଉଛି। ଏହାର ଅଭାବ ହେଲା ଅଙ୍ଗର ଅଭାବ।

ଅଙ୍ଗଦାନକୁ ସରକାର ପ୍ରୋତ୍ସାହିତ କରୁଛନ୍ତି। ଉଭୟ କେନ୍ଦ୍ରୀୟ ଓ ପ୍ରାଦେଶିକ ସ୍ତରରେ ଏଥିପାଇଁ ଅନୁକୂଳ ଆଇନ ପ୍ରଣୟନ ସହିତ ନିଜର ସମ୍ପର୍କୀୟ, ଆଗ୍ରହୀ ବ୍ୟକ୍ତିବିଶେଷ ଏବଂ ଯେଉଁମାନେ ଅଙ୍ଗଦାନ ପାଇଁ ପୂର୍ବରୁ ଘୋଷଣା କରିଛନ୍ତି, ସେମାନଙ୍କଠାରୁ ଅଙ୍ଗ ସଂଗ୍ରହ କରାଯାଉଛି। ଏହାଛଡ଼ା ଅଙ୍ଗଦାନ ସହିତ ଅର୍ଥ କାରବାର, ବ୍ୟବସାୟ, ଅନୈତିକତା, ଠକାମୀ ଓ ଅନ୍ୟାନ୍ୟ ଆପତ୍ତିଜନକ କାର୍ଯ୍ୟକଳାପ ସମ୍ପୃକ୍ତ ଥିବାରୁ ସରକାରୀ ସ୍ତରରେ ଏହାକୁ ରୋକିବାକୁ କଠୋର ଆଇନ କରାଯାଇଛି। ଭେଷଜ ପରିଷଦ ଓ ଭାରପ୍ରାପ୍ତ ଡାକ୍ତରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏ କାମ କରାଯାଉଛି।

ସୁଖର କଥା, ଆମ ଓଡ଼ିଶାରେ କ୍ରମଶଃ ଅଙ୍ଗ ଓ ଶରୀରଦାନ ପ୍ରତି ସଚେତନତା ବଢୁଛି। ଉଭୟ ସରକାରୀ ଓ ବେସରକାରୀ ସ୍ତରରେ କିଛି ଅନୁଷ୍ଠାନ ଏ କ୍ଷେତ୍ରରେ ପ୍ରଶଂସନୀୟ କାର୍ଯ୍ୟ କରୁଛନ୍ତି। ଆମ ରାଜ୍ୟର ମେଡିକାଲ କଲେଜଗୁଡ଼ିକରେ ହୃତପିଣ୍ଡ, ଯକୃତ, ବୃକ୍କ, ବୋନ୍ ମ୍ୟାରୋ, ଚକ୍ଷୁ ଆଦିର ପ୍ରତିରୋପଣ ହେଲାଣି। ବିଶେଷକରି ଶରୀର ଓ ଅଙ୍ଗଦାନ ଅଭିମାନ କାର୍ଯ୍ୟକ୍ରମ ଏ କ୍ଷେତ୍ରରେ ନୂଆ ସଚେତନତା ଆଣିଛି। ଦୁର୍ଘଟଣାରେ ମସ୍ତିଷ୍କ-ମୃତ ବ୍ୟକ୍ତିମାନଙ୍କ ପରିବାର ଉଦାର ଚିତ୍ତରେ ସମ୍ପୃକ୍ତ ବ୍ୟକ୍ତିଙ୍କ ଅଙ୍ଗଦାନ କରି ଅନ୍ୟ ଲୋକଙ୍କୁ ବଞ୍ଚାଇବାକୁ ଆଗେଇ ଆସୁଛନ୍ତି। ଏହା ମାନବିକତାର ଏକ ଚମତ୍କାର ଉଦାହରଣ।

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏଭଳି ଦେବସୁଲଭ କାର୍ଯ୍ୟ ପ୍ରତି ସ୍ୱତନ୍ତ୍ର ଆଗ୍ରହ ପ୍ରକାଶ କରିବା ସହ ଅଙ୍ଗଦାତାଙ୍କୁ 'ସୁରଜ' ସମ୍ମାନରେ ସମ୍ମାନିତ କରିବା ପାଇଁ ୨୦୨୦ ମସିହାରୁ ଘୋଷଣା କରିଛନ୍ତି। ଏବେ ଏ କ୍ଷେତ୍ରରେ ଆଉ ଗୋଟିଏ ପାଦ ଆଗକୁ ଯାଇ ଅଙ୍ଗଦାନ ସଚେତନତା ବୃଦ୍ଧି ପାଇଁ ଯେଉଁମାନେ ଅଙ୍ଗଦାନ କରୁଛନ୍ତି, ସେମାନଙ୍କ ଶେଷକୃତ୍ୟ ସମୟରେ ପ୍ରାଦେଶିକ ମର୍ଯ୍ୟାଦା (ଷ୍ଟେଟ୍ ଅନର) ସମ୍ମାନ କରିବାକୁ ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ନିଶ୍ଚିତ ଭାବେ ଏହା ଏକ ପ୍ରେରଣାଦାୟୀ ପଦକ୍ଷେପ। ଓଡ଼ିଶାରେ ୨୦୨୦ରୁ 'ସୋଟୋ' ନାମରେ ଏକ ସଂସ୍ଥା କାର୍ଯ୍ୟ କରୁଛି। ମସ୍ତିଷ୍କ-ମୃତଙ୍କ ଟିସୁ ଓ ଅଙ୍ଗ ଏହି ସଂସ୍ଥା ସଂଗ୍ରହ କରୁଛି। ୨୦୨୦ରୁ ଏଯାଏଁ 'ସୋଟୋ' ମାଧ୍ୟମରେ ୧୫ ଜଣଙ୍କର ବୃକ୍କ ପ୍ରତିରୋପଣ କରାଯାଇଥିବା ବେଳେ ଏହି ତାଲିକାରେ ଏବେ ୧୫୦ ରୋଗୀ ବୃକ୍କ ପ୍ରତିରୋପଣ ଅପେକ୍ଷାରେ ଅଛନ୍ତି।

ଆମ ରାଜ୍ୟର ସମସ୍ୟା ହେଲା ବୃକ୍କ୍ ବ୍ୟତୀତ ହୃତପିଣ୍ଡ, ଫୁସ୍‌ଫୁସ୍, ଯକୃତ ପ୍ୟାନ୍‌କ୍ରିଆଜ ଭଳି ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ମସ୍ତିଷ୍କ-ମୃତ ଲୋକଙ୍କଠାରୁ କ୍ୱଚିତ ମିଳୁଛି। ଏହାର କାରଣ ହେଲା ଅନ୍ୟ ରାଜ୍ୟ ତୁଳନାରେ ଓଡ଼ିଶାରେ ଏହି ଅଙ୍ଗଦାନ ଓ ପ୍ରତିରୋପଣ ପ୍ରକ୍ରିୟା ବିଳମ୍ବରେ ଆରମ୍ଭ ହୋଇଛି ତଥା ଏହା ଅତ୍ୟନ୍ତ ମନ୍ଥର। ଓଡ଼ିଶାରେ କିନ୍ତୁ ଦୁର୍ଘଟଣା ହାର ଅଧିକ ଏବଂ ଏଥିରେ ମସ୍ତିଷ୍କ-ମୃତ ଲୋକଙ୍କ ସଂଖ୍ୟା ମଧ୍ୟ ତୁଳନାତ୍ମକ ଭାବେ ବେଶି। ତେଣୁ ସରକାରୀ, ବେସରକାରୀ ପ୍ରୋତ୍ସାହନ ସହିତ ଏ କ୍ଷେତ୍ରରେ ଜନସଚେତନତା ଅଧିକ ସୃଷ୍ଟି ହେଲେ ଅଙ୍ଗ ସଂଗ୍ରହ ଓ ପ୍ରତିରୋପଣ ପ୍ରକ୍ରିୟା ଦ୍ରୁତତର ତଥା ଅଧିକ ହୋଇପାରିବ। ଏଭଳି ମହାପୁଣ୍ୟ କାମରେ ସମସ୍ତଙ୍କ ସହଯୋଗ ଲୋଡ଼ା।

# ଗାଜା ଯୁଦ୍ଧକ୍ଷେତ୍ରରେ ସାମ୍ବାଦିକ ସୁରକ୍ଷା ସମସ୍ୟା



ଡକ୍ଟର ପ୍ରଦୀପ ମହାପାତ୍ର
ବ୍ରହ୍ମପୁର, ମୋ: ୯୪୩୭୦୯୬୯୪୪

ଗତ ବର୍ଷ ଅକ୍ଟୋବର ୭ ତାରିଖରେ ଇସ୍ରାଏଲ ଉପରେ ହମାସ ଆତଙ୍କବାଦୀ ସଂଗଠନର ଆକ୍ରମଣ ଓ ଏହାର ଜବାବରେ ଇସ୍ରାଏଲ୍ ପକ୍ଷରୁ ଗାଜା ଉପରେ ପ୍ରତିଆକ୍ରମଣ ଘଟଣାକୁ ଇତିମଧ୍ୟରେ ଚାରିମାସ ବିତିସାରିଛି। ଏହି ଚାରିମାସର ଆକ୍ରମଣ-ପ୍ରତିଆକ୍ରମଣରେ କେତେ ଯେ ଧନଜୀବନ ହାନି ହୋଇଛି ତାହାର ସଠିକ୍ ହିସାବ ମିଳିବା କଷ୍ଟକର। ସରକାରୀ ଭାବେ ଯାହା କୁହାଯାଉଛି, ଗଣମାଧ୍ୟମରେ ଅସମର୍ଥିତ ସୂତ୍ର ଆଧାରରେ ପରିବେଷଣ ହେଉଥିବା ତଥ୍ୟ ମଧ୍ୟରେ ଫରକ୍ ରହୁଛି। ଅବଶ୍ୟ ଗଣମାଧ୍ୟମର ତଥ୍ୟର ସଠିକତା ଓ ଗ୍ରହଣୀୟତା ନେଇ କେହି ପ୍ରଶ୍ନ ଉଠାଇ ନଥିଲେ ମଧ୍ୟ ଯୁଦ୍ଧକ୍ଷେତ୍ରରେ ଗଣମାଧ୍ୟମ ପ୍ରତିନିଧିମାନଙ୍କ ଉପସ୍ଥିତି ଓ କାର୍ଯ୍ୟନିଷ୍ଠା ନିଶ୍ଚିତ ପ୍ରଶଂସାଯୋଗ୍ୟ।

ଫରାସୀ ସମ୍ବାଦ ସରବରାହ ସଂସ୍ଥା 'ଏଜେନ୍ସ ଫ୍ରାନ୍ସ ପ୍ରେସ' ଉକ୍ତ ଚାରିମାସର ଯୁଦ୍ଧ ଉପଦ୍ରୁତ ଇଲାକାରୁ ସମ୍ବାଦ ପରିବେଷଣ ଜାରି ରଖିଛି। ଦୀର୍ଘ ଚାରି ମାସ ଧରି ଯୁଦ୍ଧ କ୍ଷେତ୍ରରେ ଅବରୁଦ୍ଧ ସାମ୍ବାଦିକମାନଙ୍କ ଅଭିଜ୍ଞତା 'ଏଏଫପି' ପକ୍ଷରୁ ୮ ଫେବୃୟାରୀ ୨୦୨୪ରେ ସମ୍ବାଦ ଆକାରରେ ନିଜସ୍ୱ ୱେବସାଇଟରେ ପ୍ରକାଶିତ ହୋଇଛି। ସମକାଳରେ ଯୁଦ୍ଧର ଘନଘଟା ଏବଂ ସେହି ପରିପ୍ରେକ୍ଷୀରେ ସାମ୍ବାଦିକଙ୍କ ଭୂମିକା ଏହି ବିବରଣୀରେ ପ୍ରତିଫଳିତ। 'ଏଜେନ୍ସ ଫ୍ରାନ୍ସ ପ୍ରେସ' ଆନ୍ତର୍ଜାତିକସ୍ତରରେ ତିନିଗୋଟି ବୃହତ ସମ୍ବାଦ ସରବରାହ ସଂସ୍ଥା ମଧ୍ୟରେ ଅନ୍ୟତମ। ଫ୍ରାନ୍ସରେ ୧୯୩୫ରୁ କାର୍ଯ୍ୟରତ ତଥା ୧୯୪୪ରେ ପୁନଃବିନ୍ୟାସ ଘଟିଥିବା 'ଏଏଫପି'ରେ ୨, ୪୦୦ କର୍ମଚାରୀ ନିଯୁକ୍ତ। ଏହି ସଂସ୍ଥା ୧୫୧ ଗୋଟି ରାଷ୍ଟ୍ରରେ ଉପସ୍ଥିତ ଏବଂ ଛଅ ଗୋଟି ଭାଷାରେ ସମ୍ବାଦ ପରିବେଷଣ କରେ। ଇସ୍ରାଏଲ ପକ୍ଷରୁ ଗାଜା ଆକ୍ରମଣ କାଳରେ 'ଏଏଫପି'ର ଆଠ ଜଣ କର୍ମଚାରୀ ଗାଜାରେ ଅବସ୍ଥାପିତ ଥିଲେ। ସହରର ଉତ୍ତର ପାର୍ଶ୍ୱରେ ସଂସ୍ଥାର କାର୍ଯ୍ୟାଳୟ ଅବସ୍ଥିତ। ଆଖପାଖ ଅଞ୍ଚଳରେ ସାମ୍ବାଦିକମାନଙ୍କ ପରିବାରବର୍ଗ ବସବାସ କରୁଥିଲେ।

ଇସ୍ରାଏଲ-ହମାସ ଯୁଦ୍ଧରେ ୭ ଅକ୍ଟୋବର ୨୦୨୩ ସକାଳୁ ଅତର୍କିତ କ୍ଷେପଣାସ୍ତ୍ର ମାଡ଼ ଆରମ୍ଭ ହୋଇଥିଲା। ଏ ସମ୍ପର୍କରେ ସାମ୍ବାଦିକମାନେ ପୂର୍ବରୁ ଅବଗତ ନଥିଲେ। ଇସ୍ରାଏଲ-ପାଲେଷ୍ଟାଇନ ସଂଘର୍ଷ ବହୁକାଳ ଧରି ଚାଲିଆସିଛି ଏବଂ ଇସ୍ରାଏଲ ପାଲେଷ୍ଟାଇନର ଗାଜା ଉପତ୍ୟକାକୁ ୨୦୦୭ରୁ ୧୭ ବର୍ଷ ଧରି କବଜା କରି ରଖିଛି। ତେବେ ସଦ୍ୟତମ ଯୁଦ୍ଧରେ ଗତଚାରି ମାସରେ ୨୭, ୮୦୦ ପାଲେଷ୍ଟାଇନ ନାଗରିକ ପ୍ରାଣ ହରାଇଥିବା କୁହାଯାଉଛି। 'ଏଏଫପି'ର ସାମ୍ବାଦିକମାନଙ୍କୁ ଇସ୍ରାଏଲ-ହାମାସ ଯୁଦ୍ଧ ଆରମ୍ଭ ହେବା ପରଠୁ ଗାଜା ସହର ଛାଡ଼ିବାକୁ ଇସ୍ରାଏଲ ସେନା କର୍ତ୍ତୃପକ୍ଷ ଅନୁମତି ଦେଇନାହାନ୍ତି। ଫଳତଃ, ସାମ୍ବାଦିକମାନଙ୍କୁ ଶାରୀରିକ ଓ ମାନସିକସ୍ତରରେ ନିର୍ଯାତିତ ହେବାକୁ ପଡ଼ିଛି।




ମୁଖ୍ୟତଃ, ଗାଜା ସହରର ଉତ୍ତର ପାର୍ଶ୍ୱରେ ବସବାସ କରୁଥିବା ନାଗରିକଙ୍କୁ ୧୩ ଅକ୍ଟୋବର ୨୦୨୩ରେ ଇସ୍ରାଏଲ ସେନାବାହିନୀ ପକ୍ଷରୁ ଦକ୍ଷିଣାଞ୍ଚଳ ସ୍ଥାନାନ୍ତରିତ ହେବା ନିମନ୍ତେ ଆଦେଶ ଦେବା ପରେ ସେହି ଅଞ୍ଚଳରେ ଅବସ୍ଥାପିତ 'ଏଏଫପି' କାର୍ଯ୍ୟାଳୟ ଏବଂ ବସବାସ କରୁଥିବା ସାମ୍ବାଦିକ ପରିବାରବର୍ଗ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ତିନି ସପ୍ତାହ ପରେ 'ଏଏଫପି' କାର୍ଯ୍ୟାଳୟ ସ୍ଥାପିତ କୋଠାରେ କ୍ଷେପଣାସ୍ତ୍ର ମାଡ଼ ହେବା ଫଳରେ ବ୍ୟାପକ କ୍ଷୟକ୍ଷତି ଘଟିଥିଲା। ଯୁଦ୍ଧ ଆରମ୍ଭରୁ 'ଏଏଫପି' କାର୍ଯ୍ୟାଳୟ ବାଲକୋନୀରେ ଏକ କ୍ୟାମେରା ସ୍ଥାପନ କରାଯାଇ ତାଜା ସ୍ଥିତି ବିଶ୍ୱବ୍ୟାପୀ ପ୍ରସାରିତ ହେଉଥିବା ବ୍ୟବସ୍ଥା ବନ୍ଦ ହୋଇଯାଇଥିଲା।

ଯୁଦ୍ଧ ଉପଦ୍ରୁତ ଗାଜା ସହରରେ ଅବରୁଦ୍ଧ 'ଏଏଫପି' ସାମ୍ବାଦିକମାନଙ୍କ ଦୈନନ୍ଦିନ ଜୀବନଯାତ୍ରା ଯନ୍ତ୍ରଣାମୟ ହେଲେ ହେଁ ସମ୍ବାଦ ପରିବେଷଣ ଚାଲୁ ରଖିଥିଲେ। ପ୍ରତ୍ୟେକ କ୍ଷେପଣାସ୍ତ୍ର ମାଡ଼ ପରେ ଘଞ୍ଚ ଜନବସତିରେ ବିସ୍ତୃତ କ୍ଷୟକ୍ଷତି ଘଟୁଥିବା ହେତୁ ସାମ୍ବାଦିକମାନେ ଘଟଣାସ୍ଥଳ ପରିଦର୍ଶନ କରି ବିବରଣୀ ସଂଗ୍ରହ କରୁଛନ୍ତି। ଇଣ୍ଟରନେଟ କାର୍ଯ୍ୟ କରୁଥିବା ସମୟରେ 'ହ୍ୱାଟସଆପ' ଜରିଆରେ ସାମ୍ବାଦିକମାନେ ପରସ୍ପର ମଧ୍ୟରେ ବିସ୍ଫୋରଣ ସମ୍ପର୍କରେ ଅବଗତ ହେଉଥିବା ବେଳେ ଇଣ୍ଟରନେଟ ସଂଯୋଗ ଅଭାବରେ ବିସ୍ଫୋରଣର ଶବ୍ଦ ଅନୁସରଣ କରି ଘଟଣାସ୍ଥଳରେ ପହଞ୍ଚିଥା'ନ୍ତି। ଗାଜାରେ ପ୍ରାୟ ୨୦ ଲକ୍ଷ ନାଗରିକ ବାସଚ୍ୟୁତ ହୋଇଥିବା ହେତୁ ସହରର ରାସ୍ତାଘାଟ ଲୋକାରଣ୍ୟ ହୋଇପଡ଼ିଥାଏ। ଫଳରେ ଗୋଟିଏ ଅଞ୍ଚଳରୁ ଅନ୍ୟ ଅଞ୍ଚଳକୁ ଯିବା ଆସିବା ସହଜ ହେଉ ନଥାଏ। ଏତଦ୍‌ବ୍ୟତୀତ ଗାଜାରେ ପେଟ୍ରୋଲ ଲିଟର ପିଛା ୩, ୬୦୦ ଟଙ୍କାରେ ବିକ୍ରି ହେଉଥିବା କାରଣରୁ ସାମ୍ବାଦିକମାନେ ମଟରଗାଡ଼ି ବଦଳରେ ଚାଲିଚାଲି ଅଧିକାଂଶ ଅଞ୍ଚଳକୁ ଯାଇଥା'ନ୍ତି। ପେଟ୍ରୋଲ ମିଳିବାରେ ଅନିଶ୍ଚିତତା ତଥା ନିକଟ ଭବିଷ୍ୟତରେ କୌଣସି ବିଶେଷ ଘଟଣାର ବିବରଣୀ ସଂଗ୍ରହ କରିବା ନିମନ୍ତେ ମଟରଗାଡ଼ି ଯାତ୍ରା ଅନିବାର୍ଯ୍ୟ ସ୍ଥିତିକୁ ଦୃଷ୍ଟିରେ ରଖି ସାମ୍ବାଦିକମାନେ ଦେଖି ଚାହିଁ ମଟରଗାଡ଼ି ବ୍ୟବହାର କରୁଛନ୍ତି।

ଗାଜାରେ ଅବସ୍ଥାପିତ 'ଏଏଫପି' ସାମ୍ବାଦିକମାନେ ନିଜ ଅନୁଭୂତି ବର୍ଣ୍ଣନାରେ ଭୀତତ୍ରସ୍ତ ଜୀବନଯାପନ କରୁଥିବା ସ୍ୱୀକାର କରିଛନ୍ତି। ସେମାନଙ୍କ କହିବା ଅନୁଯାୟୀ, ବାସହରା ହୋଇ ସମୟେ ସମୟେ ସେମାନଙ୍କୁ ମଟରଗାଡ଼ି କିମ୍ବା ତମ୍ବୁରେ ରାତ୍ରିଯାପନ କରିବାକୁ ପଡ଼ିଛି। ପ୍ରବଳ ଶୀତରେ ସପ୍ତାହରେ ଥରେ ଥଣ୍ଡାପାଣିରେ ଗାଧୋଇବା ସୁବିଧା ମିଳୁଛି। ଗାଜା ସହରର ଘର ମାଲିକମାନେ ସାମ୍ବାଦିକମାନଙ୍କୁ ଘର ଭଡ଼ା ଦେବାକୁ ମନା କରୁଛନ୍ତି। କୌଣସିମତେ ନିଜ ପରିବାରବର୍ଗଙ୍କ ଥାଇଥାନ ନିମନ୍ତେ ସେମାନେ ବଜାର ଦରରୁ ପାଞ୍ଚ ଗୁଣ ଅଧିକା ଭଡ଼ା ଦେଇ ଆପାର୍ଟମେଣ୍ଟ ଖଣ୍ଡେ ଯୋଗାଡ଼ କରିବାକୁ ପଡୁଛି। କୌଣସି ଅଞ୍ଚଳରେ କ୍ଷେପଣାସ୍ତ୍ର ମାଡ଼ ପରେ ବିବରଣୀ ସଂଗ୍ରହ ନିମନ୍ତେ ସାମ୍ବାଦିକମାନେ ଘଟଣାସ୍ଥଳରେ ପହଞ୍ଚିବା ପରେ ସମ୍ପୃକ୍ତ ଅଞ୍ଚଳରେ ଦ୍ୱିତୀୟ ବାର କ୍ଷେପଣାସ୍ତ୍ର ମାଡ଼ ଓ ସେଥିରେ କ୍ଷତିଗ୍ରସ୍ତ ହେବା ଆଶଙ୍କା ଏଡ଼ାଇ ଦେଇ ହୁଏ ନାହିଁ। ଉପଦ୍ରୁତ ଅଞ୍ଚଳରେ ପହଞ୍ଚିବା ପରେ କ୍ଷୟକ୍ଷତି ସହିଥିବା ଯନ୍ତ୍ରଣା-ଜର୍ଜରିତ ସ୍ଥାନୀୟ ବାସିନ୍ଦାମାନେ ସାମ୍ବାଦିକଙ୍କୁ ଭଲ ବ୍ୟବହାର କରନ୍ତି ନାହିଁ। ସାମ୍ବାଦିକମାନେ ଟେଲିଫୋନ ନେଟୱାର୍କ କାମ କରୁଥିବା ସମୟରେ ନିଜ ପରିବାରବର୍ଗଙ୍କ ସହ କଥାବାର୍ତ୍ତା ହେବା ସୁବିଧା ପାଆନ୍ତି। ସେମାନଙ୍କ ପରିବାର ସଦସ୍ୟମାନେ ସାମ୍ବାଦିକଙ୍କ ସୁରକ୍ଷା ପ୍ରଶ୍ନ ନେଇ ସଦାସର୍ବଦା ଉଦ୍‌ବିଗ୍ନ ଜୀବନ ବିତାଇଥା'ନ୍ତି।

ଯୁଦ୍ଧ ଉପଦ୍ରୁତ ଇଲକାରେ ସାମ୍ବାଦିକମାନେ ସର୍ବାପେକ୍ଷା ଯୁଦ୍ଧର କରାଳ ରୂପ ସଂସ୍ପର୍ଶରେ ଆସିଥା'ନ୍ତି। କ୍ଷୟକ୍ଷତି ଓ ଯନ୍ତ୍ରଣାମୟ ଜୀବନଯାତ୍ରା ସମ୍ପର୍କରେ ତଥ୍ୟ ସଂଗ୍ରହ କରି ସର୍ବସାଧାରଣରେ ପ୍ରକାଶ ପ୍ରକ୍ରିୟାରେ ଦୀର୍ଘ ସମୟ ଯୁଦ୍ଧର ଭୟାବହତା ଅନୁଭବ କରିଥା'ନ୍ତି। ଏହି ପରିବେଶରେ ସାମ୍ବାଦିକମାନେ ମାନସିକସ୍ତରରେ ଭାରାକ୍ରାନ୍ତ ହୋଇପଡ଼ିବା ସ୍ୱାଭାବିକ। ଇସ୍ରାଏଲ ସେନାବାହିନୀ 'ଏଏଫପି' ସାମ୍ବାଦିକମାନଙ୍କୁ 'ହାମାସ' ସମର୍ଥକ ଭାବେ ଚିତ୍ରଣ କରୁଥିବା ଫରାସୀ ସମ୍ବାଦ ସଂସ୍ଥାର ସାମ୍ବାଦିକମାନେ ଅଭିଯୋଗ କରନ୍ତି। ସାମ୍ବାଦିକତା ନିମନ୍ତେ ଉଭୟ ପକ୍ଷ ସହ ସମ୍ପର୍କ ସ୍ଥାପନ କରିବା ଆବଶ୍ୟକ ଥିବା ଏବଂ ଉଭୟ ସୂତ୍ରରୁ ସଂଗୃହୀତ ବିବରଣୀ ପ୍ରକାଶ କରିବା ସାମ୍ବାଦିକର ଧର୍ମ ହୋଇଥିବା ହେତୁ କୌଣସି ପକ୍ଷକୁ 'ଏଏଫପି' ସାମ୍ବାଦିକମାନେ ହତାଦର କରିନଥା'ନ୍ତି।

ସମ୍ପ୍ରତି ସାମ୍ବାଦିକତା ଇତିହାସରେ ଇସ୍ରାଏଲ-ହାମାସ ଯୁଦ୍ଧ ଏକ ଚର୍ଚ୍ଚିତ ଅଧ୍ୟାୟ। 'କମିଟି ଟୁ ପ୍ରୋଟେକ୍ଟ ଜର୍ଣ୍ଣାଲିଷ୍ଟ'ର ହିସାବରେ ଚାରି ମାସରେ ଗାଜାରେ ମୋଟ ୮୫ ଜଣ ସାମ୍ବାଦିକ ପ୍ରାଣ ହରାଇଛନ୍ତି। 'ଗାଜା'ରେ ଅବସ୍ଥାପିତ 'ଏଏଫପି'ର ଆଠ ଜଣ ସାମ୍ବାଦିକଙ୍କ ପ୍ରତ୍ୟକ୍ଷ ଅନୁଭୂତି ଯୁଦ୍ଧ ଉପଦ୍ରୁତ ଇଲାକାରେ ସାମ୍ବାଦିକତାର ସମ୍ୟକ ପରିଚିତିରେ ସହାୟକ ହେବା ଆଶା କରାଯାଏ।

## ଲୋକମତ

### ଏନ୍‌ଏଚ୍‌ରେ ବ୍ୟାପକ ଚାରାରୋପଣ ହେଉ

ଜାତୀୟ ରାଜପଥ ହେଉଛି ଗମନାଗମନ ଓ ପରିବହନର ଏକ ପ୍ରମୁଖ ମାଧ୍ୟମ। ବିଭିନ୍ନ ସମୟରେ ରାଜପଥରେ ଯାତ୍ରାକୁ ଅଧିକ ନିରାପଦ କରିବା ପାଇଁ କେଉଁଠି ଏହାକୁ ଦୋହରିକରଣ କରାଯାଉଛି ତ ଆଉ କେଉଁଠି ଏହାକୁ ଚାରି କିମ୍ବା ଛ' ଲେନ୍ ବିଶିଷ୍ଟ କାରାଯାଉଛି। ତେବେ ରାତିରେ ଯିବା ଆସିବା ସମୟରେ ବିପରୀତ ଦିଗରୁ ଆସୁଥିବା ଯାନବାହନମାନଙ୍କର ଆସୁଥିବା ଲାଇଟରେ ଚାଳକ ଠିକ୍ ଭାବେ ଗାଡ଼ି ଚଳାଇବା କାଠିକର ପାଠ। ତେଣୁ ଦୁଇଟି ବିପରୀତମୁହାଁ ରାସ୍ତା ମଧ୍ୟରେ ଛୋଟ ଛୋଟ ଚାରା ଲଗା ଯାଇଥାଏ। ତେବେ ବିଭିନ୍ନ କାରଣରୁ ବିଭିନ୍ନ ସ୍ଥାନରେ ଚାରା ବା ବୃକ୍ଷ ନଥିବା ଦେଖାଯାଉଛି। ତେଣୁ କେବଳ ଗାଡ଼ି ଚଳାଇବା କଷ୍ଟକର ହେଉନାହିଁ, ବରଂ ଦୁର୍ଘଟଣାଗ୍ରସ୍ତ ହେବାର ଆଶଙ୍କା ମଧ୍ୟ ରହିଛି। ତେଣୁ ଜାତୀୟ ରାଜପଥ ପ୍ରାଧିକରଣ ଉକ୍ତ ଦିଗ ପ୍ରତି ଦୃଷ୍ଟି ଦେବାକୁ ଅନୁରୋଧ।

ଡ ସୀତାକାନ୍ତ ତ୍ରିପାଠୀ, ଭଦ୍ରକ

### ଖବରକାଗଜ ପ୍ରତି ମୋହ ବଢୁ

ପ୍ରତିଟି ଖବର, ଗାଁ, ରାଇଜ, ଦେଶ ବିଦେଶର ଖବର, ସମ୍ପାଦକଙ୍କୁ ପତ୍ର, ଧର୍ମ ଉପରେ ଆଧାରିତ ବିଷୟବସ୍ତୁ, ବିଭିନ୍ନ ପ୍ରକାରର ବିଜ୍ଞାପନ, ଶୁଭେଚ୍ଛା ବାର୍ତ୍ତା, ଜନ୍ମଦିବସ ଶୁଭେଚ୍ଛା, ଶିକ୍ଷଣୀୟ କଥା, ଖେଳଖବର ଆଦି ଖବରକାଗଜରୁ ଆମେ ଜାଣିପାରୁ। ଖବରକାଗଜର ପ୍ରତିଶବ୍ଦରେ ଭରି ରହିଛି ସାହିତ୍ୟ ଓ ଓଡ଼ିଆଙ୍କର ଭାଷା। କିନ୍ତୁ ଏବେ ଦେଖାଯାଉଛି ଲୋକେ ଖବରକାଗଜଠାରୁ ଦୂରେଇ ରହି ଖବର ଜାଣିବା ପାଇଁ ମୋବାଇଲ ଫୋନ୍‌କୁ ଅଗ୍ରାଧିକାର ଦେଉଛନ୍ତି। ଦେଖି ଶୁଣିବା ଭଲ କଥା, ଲେଖା ପଢ଼ିବା ଉତ୍ତମ କଥା। କିନ୍ତୁ ଦୁଃଖ ଓ ପରିତାପର ବିଷୟ ଯେ ମୋବାଇଲ୍‌କୁ ଚାହିଁ ପାଠ ସବୁବେଳେ ପଢ଼ିବା ଆମ ପାଇଁ ବିପଦ। କୌଣସି ଖବରକାଗଜରୁ ଖବର ପାଠ କଲାବେଳେ ଆମ ଦୁଇ ଆଖିର ବ୍ୟାୟାମ ହୋଇଥାଏ। ଏହାଦ୍ୱାରା ଆଖି ସୁସ୍ଥ ରହେ। ବହୁ ପାଠକ ବର୍ତ୍ତମାନ ମୋବାଇଲ ଫୋନ୍‌ରେ ଖବର ପଢ଼ନ୍ତି ନାହିଁ। କେବଳ ୟୁଟ୍ୟୁବ୍‌ରୁ ଖବରଶ୍ରବଣ କରିବା ସହ ଚଳଚ୍ଚିତ୍ର ଛବି ଦେଖନ୍ତି। ଏହାଦ୍ୱାରା ଯୁବପିଢ଼ି ଓ ମଧ୍ୟବୟସ୍କମାନେ ଆଖିଯନ୍ତ୍ରଣା ଭୋଗୁଛନ୍ତି। ବର୍ତ୍ତମାନ ଯୁଗରେ ଖବରକାଗଜ ପଢ଼ିବା ଛାଡ଼ି, ମୋବାଇଲ୍ ପ୍ରତି ମୋହ ବଢ଼ାଇଲେ ଆମ ଭାଷାର ଗତି କୁଆଡ଼େ ଯିବ ତାହା ଅନୁମେୟ। ଧରାଯାଉ ଗୋଟିଏ ଅଞ୍ଚଳରେ ୬୦, ୦୦୦ହଜାରରୁ ଅଧିକ ଲୋକ ଥିଲେ ମଧ୍ୟ ସେଠାରେ ଖବରକାଗଜ ପାଠକ ହାରାହାରି ୪୦୦ ରୁ ୫୦୦। ଲୋକସଂଖ୍ୟା ତୁଳନାରେ ଖବରକାଗଜର ପାଠକ ସ୍ୱଳ୍ପ ରହିଲେ ଆମ ଭାଷାରେ ପ୍ରସାରିତ ଶିକ୍ଷଣୀୟ ତଥ୍ୟ, କଥା, ଖବର ଜାଣିବାରୁ ବହୁଲୋକ ବଞ୍ଚିତ ହେଉଛନ୍ତି। ମୋବାଇଲ ଫୋନ୍ ବ୍ୟବହାର ହେଉ, କିନ୍ତୁ ସ୍ୱଳ୍ପ ସମୟ ଆଉ ଆବଶ୍ୟକତା ଅନୁସାରେ। ଆମ ଭାଷାର ଟେକ ପାଇଁ ଯୁବ ସମାଜ ଖବରକାଗଜ, ପତ୍ରପତ୍ରିକା ପ୍ରତି ମୋହ ନିଶ୍ଚିତ ବଢ଼ାଇବା ଉଚିତ୍।

ପ୍ରଶ୍ନ କୁମାର ଶତପଥୀ, ମୟୂରଭଞ୍ଜ

### ବିଜୁ ପଟ୍ଟନାୟକଙ୍କୁ ଭାରତରତ୍ନ କେବେ?

ବିଜୁ ପଟ୍ଟନାୟକ ପ୍ରତିଟି ଓଡ଼ିଆ ପ୍ରାଣରେ ଭିନ୍ନ ଭିନ୍ନ ଭାବନାରେ ସ୍ଥାନିତ। କିଏ କହେ ତାଙ୍କୁ 'ମାଟିର ବରପୁତ୍ର' ତ କିଏ କହେ 'ଝଡ଼ର ଇଗଲ'। ସେ ଥିଲେ 'କଳିଙ୍ଗ ବୀର', ନବଓଡ଼ିଶାର ପ୍ରମୁଖ ବିଧାଣୀ। କୋଟି ଓଡ଼ିଆଙ୍କ ମୁଖନିସୃତ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକ। ଆଜନ୍ମ ସାହାସୀ, ଉତ୍ତୁଙ୍ଗ ବ୍ୟକ୍ତିତ୍ୱର ଅଧିକାରୀ ବିଜୁବାବୁଙ୍କ କେବଳ ଓଡ଼ିଆ ଚିହ୍ନେନା; ସାରା ବିଶ୍ୱରେ ତାଙ୍କ ଦୁର୍ଦ୍ଧର୍ଷ ମାନସିକତା, ଦୂରଦୃଷ୍ଟି, କର୍ମନୈପୁଣ୍ୟ ଜୀବନର ପ୍ରଶଂସା ଶୁଣିବାକୁ ମିଳେ। ତାଙ୍କ ଅବର୍ତ୍ତମାନରେ ବି ଏ ଓଡ଼ିଶା ମାଟିରେ ସେ ଅବିସ୍ମରଣୀୟ, ଅତୁଳନୀୟ, ଅବର୍ଣ୍ଣନୀୟ। ସ୍ୱାଧୀନତା ସଂଗ୍ରାମରେ ବିଜୁବାବୁଙ୍କ ଭୂମିକା ଜାତୀୟସ୍ତରରେ ଚର୍ଚ୍ଚାକୁ ଆସିଥିଲା। ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହାରଲାଲ ନେହେରୁଙ୍କ ଅତିପ୍ରିୟ ଥିଲେ ବିଜୁବାବୁ। ଯୁବାବସ୍ଥାରୁ ରାଜନୀତିରେ ସେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ। ରାଜନେତା ଭାବେ ସେ ଥିଲେ ସାହସୀ, ସ୍ୱାଭିମାନୀ, ଦୂରଦ୍ରଷ୍ଟା। ସ୍ୱାଧୀନତା ପରେ ଓଡ଼ିଶାକୁ ଏକ ବୈଭବଶାଳୀ ରାଜ୍ୟ ଭାବେ ଗଢ଼ି ତୋଳିବାକୁ ସେ ଦେଖିଥିଲେ ଅସୁମାରୀ ସ୍ୱପ୍ନ। ସ୍ୱାଧୀନତା ପୂର୍ବରୁ ସେ କଟକ ଉତ୍ତର ଆସନରୁ ୧୯୪୪ରେ ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। ସ୍ୱାଧୀନତା ପରେ ୧୯୫୨ରେ ଜଗନ୍ନାଥପ୍ରସାଦ ଓ ୧୯୫୭ରେ ସୋରଡ଼ା ଆସନରୁ ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। ୬୦ ଦଶକ ଆରମ୍ଭରେ ରାଜ୍ୟ କଂଗ୍ରେସର ମଙ୍ଗ ଧରିଥିଲେ। ବିଜୁବାବୁଙ୍କ ନେତୃତ୍ୱରେ ୧୪୦ଆସନରୁ ୮୨ ଆସନ ଜିତିଥିଲା କଂଗ୍ରେସ। ୧୯୬୧ରେ ମାତ୍ର ୪୫ ବର୍ଷ ବୟସରେ ବିଜୁ ପଟ୍ଟନାୟକ ହୋଇଥିଲେ ଓଡ଼ିଶାର ମୁଖ୍ୟମନ୍ତ୍ରୀ। ଆଧୁନିକ ଓଡ଼ିଶା ନିର୍ମାଣର ନିଅଁ ପଡ଼ିଥିଲା ବିଜୁଙ୍କ ହାତରେ। ମୁଣ୍ଡ ଟେକିଥିଲା ବହୁ ଉଚ୍ଚକୋଟୀର ଶିଳ୍ପ ଓ ଶହ ଶହ ପରିବାର ହାତରେ ଦେଇଥିଲା ରୋଜଗାର। ଜାତୀୟ ରାଜନୀତିରେ ମଧ୍ୟ ବିଜୁ ବାବୁ ଥିଲେ ବେଶ୍ ପ୍ରଭାବଶାଳୀ। ନେହେରୁ ହୁଅନ୍ତୁ ବା ଇନ୍ଦିରା, ସବୁସମୟରେ ବିଜୁବାବୁଙ୍କର ଥିଲା ଅଖଣ୍ଡ ପ୍ରଭାବ। ସାଲିସବିହୀନ ରାଜନୀତି ଥିଲା ତାଙ୍କର ମନ୍ତ୍ର। ଯେଉଁଥି ପାଇଁ ସେ କଂଗ୍ରେସ ଛାଡ଼ି 'ଉତ୍କଳ କଂଗ୍ରେସ' ନାଁରେ ନୂଆ ଆଞ୍ଚଳିକ ଦଳ ଗଢ଼ିଥିଲେ। ପରବର୍ତ୍ତୀ ସମୟରେ ଜନତା ଦଳକୁ ଯାଇଥିଲେ ବିଜୁ ପଟ୍ଟନାୟକ। ଜରୁରୀ ପରିସ୍ଥିତି ବିରୋଧରେ ଲଢ଼ି ଜେଲ ମଧ୍ୟ ଯାଇଥିଲେ। ପରେ ଜନତା ପାର୍ଟି କେନ୍ଦ୍ରରେ ସରକାର ଗଢ଼ିବା ପରେ ବିଜୁ ପଟ୍ଟନାୟକ ହୋଇଥିଲେ କ୍ୟାବିନେଟ ମନ୍ତ୍ରୀ। ସେତେବେଳେ ସେ କେନ୍ଦ୍ରାପଡ଼ାରୁ ସାଂସଦ ଥିଲେ। ପରବର୍ତ୍ତୀ ସମୟରେ ଦେଶବ୍ୟାପୀ କଂଗ୍ରେସ ଲହର ସତ୍ତ୍ୱେ କେନ୍ଦ୍ରାପଡ଼ାରୁ ଲଗାତର ଦୁଇଥର ସାଂସଦ ହୋଇଥିଲେ। ୧୯୮୯ରେ ଭିପି ସିଂହଙ୍କୁ ପ୍ରଧାନମନ୍ତ୍ରୀ କରାଇବାରେ ବିଜୁବାବୁ ଥିଲେ ପରଦା ପଛର ନାୟକ। ୧୯୯୦ରେ ବିଜୁ ପଟ୍ଟନାୟକଙ୍କର ଏମିତି ଲହରୀ ଆସିଲା ଯେଉଁଥିରେ କି କଂଗ୍ରେସ ଓଡ଼ିଶାରୁ ପୂରା ସଫା ହୋଇଯାଇଥିଲା। ରେକର୍ଡ ସଂଖ୍ୟକ ଆସନରେ ବିଜୟଲାଭ କରି ଦ୍ୱିତୀୟ ଥର ପାଇଁ ମୁଖ୍ୟମନ୍ତ୍ରୀ ହେଲେ ବିଜୁ ପଟ୍ଟନାୟକ। ଜୀବନର ଲମ୍ବା ସମୟ ସମାଜ ପାଇଁ ଉତ୍ସର୍ଗ କରିଥିଲେ ବିଜୁ ବାବୁ। ଏହାପରେ ୧୯୯୭ ମସିହା ଏପ୍ରିଲ ୧୭ରେ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ। ବିଜୁବାବୁଙ୍କ ପରଲୋକ ସହ ଏକ ଯୁଗର ପରିସମାପ୍ତି ହେଲା। ତାଙ୍କ ଶେଷ ଦର୍ଶନ ପାଇଁ ସାରା ଦେଶରୁ ରାଜନେତା ଛୁଟି ଆସିଥିଲେ। ପ୍ରିୟ ନେତାଙ୍କୁ ବିଦାୟ ଦେବାକୁ ଜନସମୁଦ୍ର ମାଡ଼ି ଆସିଥିଲା ରାଜରାସ୍ତାକୁ। ବିଜୁବାବୁ ଆଜି ନାହାନ୍ତି ସତ, କିନ୍ତୁ ଆଜି ବି ବିଜୁବାବୁ ପ୍ରତିଟି ଓଡ଼ିଆଙ୍କ ହୃଦୟରେ ଅମର ହୋଇରହିଛନ୍ତି।

ବିଡ଼ମ୍ବନାର ବିଷୟ, ରାଜ୍ୟ ଓ ଦେଶ ପାଇଁ ଯାହାଙ୍କର ଉଦ୍ୟମ ଅବିସ୍ମରଣୀୟ, ତାଙ୍କୁ ଦେଶର ଶାସନକର୍ତ୍ତା ପରବର୍ତ୍ତୀ ସମୟରେ ଭୁଲିଯାଇଛନ୍ତି। ସେବା ପାଇଁ ଅନେକ ପ୍ରଭାବଶାଳୀ ବ୍ୟକ୍ତିତ୍ୱ ଭାରତର ସର୍ବୋଚ୍ଚ ନାଗରିକ ସମ୍ମାନ 'ଭାରତରତ୍ନ' ପାଇ ଅନ୍ୟ ପାଇଁ ପ୍ରେରଣା ସାଜିଛନ୍ତି। କିନ୍ତୁ ବିଜୁ ପଟ୍ଟନାୟକଙ୍କ ଭଳି ସର୍ବଗୁଣର ଅଧିକାରୀଙ୍କୁ 'ଭାରତରତ୍ନ' ସମ୍ମାନରେ ସମ୍ମାନିତ ଅଦ୍ୟାବଧି କରାଯାଇନାହିଁ। ଏହି ଉଦ୍ୟମ ଯେତେ ଶୀଘ୍ର ହେବ ଦେଶମାତୃକା ପାଇଁ ତାଙ୍କର ଅବଦାନ ଓ ବଳିଦାନର ଯଥାର୍ଥ କୃତଜ୍ଞତା ହୋଇପାରିବ।

କୃଷ୍ଣଚନ୍ଦ୍ର ସୁଆଁସିଆ
ଶେରଗଡ଼, ମୋ:୬୩୭୦୯୧୨୪୦୨

### ମଞ୍ଚନାଟକର ଅଧିକ ପ୍ରସାର ହେଉ

ସମ୍ପ୍ରତି ଓଡ଼ିଶାରେ ଆଖିଦୃଶିଆ ମଞ୍ଚନାଟକ କିମ୍ବା ଲୋକକଳାର ପ୍ରଚାର ପ୍ରସାର ହୋଇ ପାରୁ ନାହିଁ। ଏହାର ବିଭିନ୍ନ କାରଣ ମଧ୍ୟରୁ ମୁଖ୍ୟତଃ ସାଧାରଣ ଲୋକଙ୍କ ପାଇଁ ଭ୍ରାମ୍ୟମାଣ ଦୂରଭାଷ ଯନ୍ତ୍ରରେ ସହଜ ଉପଲବ୍ଧ ନାନା ପ୍ରକାର ମନୋରଞ୍ଜନଧର୍ମୀ ନୃତ୍ୟ ଗୀତ, ଭିଡିଓ ଚଳଚ୍ଚିତ୍ର, ସିରିଏଲ୍ ଆଦିର ବହୁଳ ପ୍ରସାରଣ, ଗ୍ରାମାଞ୍ଚଳମାନଙ୍କରେ ଥିବା ଜରାଜୀର୍ଣ୍ଣ ରଙ୍ଗମଞ୍ଚ ଓ ମଞ୍ଚନାଟକ ପ୍ରତି ଅନାଗ୍ରହ। ସହରାଞ୍ଚଳସ୍ଥିତ ଭଡ଼ାସୂତ୍ରରେ ମିଳୁଥିବା ରଙ୍ଗମଞ୍ଚ ଆଦିର ମୂଲ୍ୟ ମଧ୍ୟ ଅନେକ ବୃଦ୍ଧି ପାଇଛି। ଏହାବ୍ୟତୀତ ଓଡ଼ିଆ ନାଟକ / ଓଡ଼ିଶାର ଲୋକ କଳାସଂସ୍କୃତି ପରିବେଷଣ ପ୍ରତି ପୂର୍ବପରି ସେତେଟା ଆକର୍ଷଣୀୟ ହେଉ ନଥିବା ଅଭିଯୋଗ ହେଉଛି। ଏଣୁ ଆମ ମଞ୍ଚନାଟକ ତଥା ଆମ ଓଡ଼ିଶାର ଲୋକକଳାର ପୁନରୁତ୍ଥାନ ନିମନ୍ତେ ମିଳିତ ଉଦ୍ୟମ ହେବା ଦରକାର। ଗ୍ରାମାଞ୍ଚଳ, ସହରାଞ୍ଚଳ ସର୍ବତ୍ର ପ୍ରକୃଷ୍ଟ ପରିବେଶ ସୃଷ୍ଟି କରିବା ପାଇଁ ରଙ୍ଗମଞ୍ଚଗୁଡ଼ିକର ପୁନରୁଦ୍ଧାର ହେବା ନିହାତି ଜରୁରୀ। ଲୋକକଳା ଓ ସଂସ୍କୃତିକୁ ପେସା କରି ବଞ୍ଚିବାକୁ ଚାହୁଁଥିବା କଳାକାର, ନିର୍ଦ୍ଦେଶକ, ଅନ୍ୟାନ୍ୟ ସହଯୋଗୀ ବ୍ୟକ୍ତିବିଶେଷ, ସଂସ୍ଥାଙ୍କୁ ସହାୟତା, ପର୍ଯ୍ୟାପ୍ତ ପ୍ରୋତ୍ସାହନ, ସରକାରୀ ଭାବେ ଉପଲବ୍ଧ ରଙ୍ଗମଞ୍ଚ / ଅଡିଟୋରିଅମ ଭଡ଼ା ସୂତ୍ରରେ ସ୍ୱଳ୍ପ ମୂଲ୍ୟରେ ଯୋଗାଣ ସହିତ ସମ୍ପୃକ୍ତ ଇଚ୍ଛୁକ କଳାକାରମାନଙ୍କୁ ସାମୟିକ ନିଶୁଳ୍କ ପ୍ରଶିକ୍ଷଣ ମଧ୍ୟ ଆବ୍ୟକ।

ଅବନୀ ଚନ୍ଦ୍ର ଦାସ
ଭୁବନେଶ୍ୱର, ମୋ: ୯୯୩୭୫୩୭୯୭୪

### ଡିପ୍‌ଫେକ୍ ପାଇଁ ତୁରନ୍ତ ଦଣ୍ଡ ମିଳୁ

ଡିପ-ଫେକ ଅପବ୍ୟବହାର ଦିନକୁ ଦିନ ବଢ଼ି ଚାଲିଛି, ଯାହାକି ଏକ ବଡ଼ ଚିନ୍ତାର ବିଷୟ। ଯଦିଓ ଏହାଦ୍ୱାରା ପୀଡ଼ିତା କିମ୍ବା ପୀଡ଼ିତାଙ୍କ କୌଣସି ଶାରୀରିକ କ୍ଷତି ହେଉନାହିଁ, ତଥାପି ଏହା ଭାବନାତ୍ମକ ଏବଂ ମାନସିକ ସ୍ତରରେ ବହୁତ ପ୍ରଭାବ ପକାଉଛି। ତେଣୁ ଆଇନ ଶୃଙ୍ଖଳା ରକ୍ଷାକାରୀମାନେ ଏଭଳି ଅପକର୍ମ କରୁଥିବା ବ୍ୟକ୍ତିଙ୍କୁ ତୁରନ୍ତ ଗିରଫ କରି ଦଣ୍ଡ ବିଧାନ ବ୍ୟବସ୍ଥା କରିବା ଉଚିତ୍।

ନବନିତ ପାଣିଗ୍ରାହୀ
ରାୟଗଡ଼ା, ମୋ: ୯୮୬୧୧୩୮୮୩୬

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342

ଘୋଷଣା
ଦୈନିକ **'ସକାଳ'** ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

ଲେଖା ଓ ଲୋକମତ ପାଇଁ: sakalaeditorial@gmail.com

# ଅବଶିଷ୍ଟାଂଶ...

## ପାରାଦ୍ୱୀପରେ ଜେଏସ୍‌ଡବ୍ଲ୍ୟୁର...

ଅବସରରେ ଧନ୍ୟବାଦ ଦେଇଛନ୍ତି। ଓଡ଼ିଶାରେ ଶିଳ୍ପ ଅଭିବୃଦ୍ଧି ପାଇଁ ଜିନ୍ଦଲ ଗ୍ରୁପର ସହଯୋଗ ଉପରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ଧନ୍ୟବାଦ ଦେଇ କହିଛନ୍ତି ଯେ ଓଡ଼ିଶାକୁ ଦେଶର ଏକ ପ୍ରମୁଖ ଶିଳ୍ପାଞ୍ଚଳରେ ପରିଣତ କରିବା ପାଇଁ ଆମର ଯାତ୍ରାରେ ଜିନ୍ଦଲ ଗ୍ରୁପର ମହତ୍ୱପୂର୍ଣ୍ଣ ସହଭାଗିତା ରହିଛି। ରାଜ୍ୟରେ ଶିଳ୍ପ, ଭିତ୍ତିଭୂମି, ଶିକ୍ଷା, ସ୍ୱାସ୍ଥ୍ୟ ସବୁ କ୍ଷେତ୍ରରେ ଏକ ନୂଆ ଯୁଗ ଆରମ୍ଭ ହୋଇଥିବାରୁ 'ବିକାଶ ଆଜି ଓଡ଼ିଶାର ପରିଚୟ' ହୋଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି ଯେ ୫-ଟି ଉପକ୍ରମରେ ଓଡ଼ିଶାର ବିକାଶ ଧାରା ଆହୁରି ଉଜ୍ଜ୍ୱଳ ହୋଇଛି। ସାଧାରଣ ଲୋକ, ଚାଷୀ, ମା'ମାନେ, ଯୁବକ ମାନେ ଆମ ବିକାଶର ସହଭାଗୀ ହୋଇଛନ୍ତି। ନୂଆ ଓଡ଼ିଶା ଗଠନ ପାଇଁ ଆମ କାର୍ଯ୍ୟକ୍ରମକୁ ଆଗକୁ ନେଉଛନ୍ତି। ପାରାଦୀପର ଶିଳ୍ପ ବିକାଶ ପାଇଁ ପାରାଦୀପ ଓ ଜଗତସିଂହପୁର ଜିଲ୍ଲାର ଲୋକମାନଙ୍କ ସହଯୋଗ ପାଇଁ ସେମାନଙ୍କୁ ଧନ୍ୟବାଦ ଦେଇ ଏହି ଶିଳ୍ପାନୁଷ୍ଠାନ ଦ୍ୱାରା ଅଞ୍ଚଳର ସବୁ ପରିବାର ଉପକାର ପାଇବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଶିଳାନ୍ୟାସ ଉତ୍ସବରେ ଜେଏସ୍‌ଡବ୍ଲୁର ମୁଖ୍ୟ ସଜ୍ଜନ ଜିନ୍ଦଲ ତାଙ୍କ ଉଦ୍‌ବୋଧନରେ ଓଡ଼ିଶାର ଶିଳ୍ପ ଅନୁକୂଳ ପରିବେଶକୁ ବେଶ୍ ପ୍ରଶଂସା କରିଛନ୍ତି। ସେ କହିଛନ୍ତି ଯେ ବହୁ ବର୍ଷ ପୂର୍ବେ ରାଷ୍ଟ୍ର ନାୟକ ବିଜୁ ପଟ୍ଟନାୟକ ଏହି ପ୍ରକଳ୍ପ ପାଇଁ ଯୋଜନା କରିଥିଲେ। ପ୍ରକୃତରେ ଏହା ଥିଲା ବିଜୁବାବୁଙ୍କ ସ୍ୱପ୍ନ। ଆଜି ତାଙ୍କ ସୁପୁତ୍ରଙ୍କ ଦ୍ୱାରା ଏହି ସ୍ୱପ୍ନ ସାକାର ହୋଇଥିବା ଦେଖି ସେ ଖୁସି ଅନୁଭବ କରୁଥିବେ। ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଓଡ଼ିଶାରେ ଆଜି ପ୍ରକୃତ ବିକାଶ ଘଟିଛି ଏବଂ ଓଡ଼ିଶାରେ ଶିଳ୍ପାୟନ ପ୍ରକ୍ରିୟା ଦ୍ରୁତ ହୋଇଛି ବୋଲି ଉଲ୍ଲେଖକରି ଜେଏସ୍‌ଡବ୍ଲୁ ପାଇଁ ଓଡ଼ିଶା ପ୍ରମୁଖ ନିବେଶସ୍ଥଳୀ ହୋଇଛି ଏବଂ ଓଡ଼ିଶାର ଅର୍ଥନୈତିକ ଅଭିବୃଦ୍ଧିରେ ଆମେ ସବୁଦିନ ସହଯୋଗ କରିବୁ ବୋଲି ଶ୍ରୀ ଜିନ୍ଦଲ କହିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀଙ୍କୁ ଜିନ୍ଦଲ ପରିବାର ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ୫-ଟି ତଥା ନବୀନ ଓଡିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ଯେ ଶ୍ରୀ ପାଣ୍ଡିଆନ୍ ଏହି ଆଇକନିକ୍ ପ୍ରକଳ୍ପର ତ୍ୱରିତ କାର୍ଯ୍ୟକାରିତା ପାଇଁ ପ୍ରତି ୧୫ ଦିନରେ ଥରେ ସମୀକ୍ଷା କରୁଥିଲେ ଶିଳ୍ପ ବିଭାଗ ପ୍ରମୁଖ ଶାସନ ସଚିବ ହେମନ୍ତ ଶର୍ମା କାର୍ଯ୍ୟକ୍ରମରେ ଧନ୍ୟବାଦ ଅର୍ପଣ କରିଥିଲେ।

## ଶଙ୍ଖ ଧରିଲେ...

ସମଗ୍ର କେନ୍ଦ୍ରାପଡା ଜିଲ୍ଲାରେ ବିଜେଡି ସଂଗଠନ ମଜବୁତ ସହ ମୁଖ୍ୟମନ୍ତ୍ରୀଙ୍କ ନୂତନ ଓଡିଶା ଗଠନ ଦିଗରେ ନିଶ୍ଚିତ କାର୍ଯ୍ୟ କରିବି। ଦଳରେ ମୋତେ ଗ୍ରହଣ କରିଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଦଳର ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଏବଂ ସମସ୍ତ ନେତୃବୃନ୍ଦଙ୍କୁ କୃତଜ୍ଞତା ଜ୍ଞାପନ କରୁଛି ବୋଲି ଶ୍ରୀ ମହାନ୍ତି କହିଛନ୍ତି । ତାଙ୍କ ସହ ରାଜନଗର ବ୍ଲକ୍ କଂଗ୍ରେସ ସଭାପତି ଦେବେନ୍ଦ୍ର ଜେନା, ପଟ୍ଟାମୁଣ୍ଡାଇ ବ୍ଲକ କଂଗ୍ରେସ ସଭାପତି ନିମାଇଁ ଚରଣ କର, ପଟ୍ଟାମୁଣ୍ଡାଇ ମ୍ୟୁନିସିପାଲଟି କଂଗ୍ରେସ ସଭାପତି ଅମୂଲ୍ୟ ପ୍ରଧାନ, ପିସିସି ସଦସ୍ୟ ପ୍ରଦୀପ ପ୍ରଧାନ, ସନ୍ତୋଷ ମହାନ୍ତି, ସରପଞ୍ଚ ସମୀର ସେଠୀ, ସୁରେଖା ପ୍ରଧାନ, ହେମଲତା ମହାନ୍ତି, ସମିତି ସଭ୍ୟ ଅମର ସୁତାର, ପ୍ରେମଲତା ଦାସ, ଅଭୟ ଖଣ୍ଡୱାଲ, ପୁଷ୍ପଲତା ସାଏ, ଜନ୍ମେଜୟ ସେଠୀ, ଅଶୋକ କୁମାର ବଳ, ପୁରେଶ୍ୱର ନାୟକ, ମୋହନ କୁମାର ଦାସ, ଶହଦେବ ସାହୁ, ମାଧମଚନ୍ଦ୍ର, ସୁଧୀର ଚନ୍ଦ୍ର ପାଲ, ପଟ୍ଟାମୁଣ୍ଡାଇର ସରପଞ୍ଚ ଲକ୍ଷ୍ମୀପ୍ରିୟା ଷଡଙ୍ଗୀ, ଅନସୂୟା ନାଥ, ନରେଶ ଚନ୍ଦ୍ର ମଳିକ, ରମେଶ ଚନ୍ଦ୍ର ମଲ୍ଲିକ, ବିଶ୍ୱରଂଜନ ଭୂୟାଁ, ସୁବାସ ଚନ୍ଦ୍ର ବାରିକ, ପର୍ଶୁରାମ ବେହେରା, ସଂଜୟ କୁମାର ମଳିକ, ନିରୁପମା ସାହୁ, ଆରତୀ ସାହୁଙ୍କ ସହ ହଜାରରୁ ଊର୍ଦ୍ଧ୍ୱ କଂଗ୍ରେସ କର୍ମୀ ବିଜେଡିରେ ଯୋଗ ଦେଇଥିଲେ। ଶେଷରେ ବିଜେଡ଼ି ମୁଖପାତ୍ର ଡଃ ପ୍ରିୟବ୍ରତ ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ।

## 'ମତ୍ସ୍ୟ ଓ ପ୍ରାଣିପାଳନ...

କ୍ଷେତ୍ର, ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶର ଉତ୍କର୍ଷ ଓ ଅଭିବୃଦ୍ଧି ସାଧନ ନିମନ୍ତେ ୧୦ ବର୍ଷ ହେବ ରାଜ୍ୟରେ ସ୍ୱତନ୍ତ୍ର କୃଷି ବଜେଟ୍ ପ୍ରସ୍ତୁତ କରାଯାଉଛି। ଗତ ୧୯୯୯-୨୦୦୦ରେ ବଜେଟ ୨୭୮ କୋଟି ୫୮ ଲକ୍ଷ ଟଙ୍କା ଥିଲାବେଳେ ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ବିଭାଗର ବଜେଟ ୧୨୧ କୋଟି ୪୭ ଲକ୍ଷ ଟଙ୍କା ଥିଲା। ୨୦୨୩-୨୪ରେ ଏହା ବୃଦ୍ଧିପାଇ କୃଷି ବିଭାଗର ବଜେଟ ୬୯୩୫ କୋଟି ୮୯ ଲକ୍ଷ ଟଙ୍କା ଥିଲାବେଳେ ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ବିଭାଗର ବଜେଟ ୧୭୬୯ କୋଟି ୨୪ ଲକ୍ଷ ଟଙ୍କାରେ ପହଞ୍ଚିଥିଲା। ଚଳିତ ୨୦୨୪-୨୫ ସମୁଦାୟ ବଜେଟ୍‌ରେ ଏହା ପୁଣି ବୃଦ୍ଧିପାଇ କୃଷି ବିଭାଗର ବଜେଟ ୭୯୨୩ କୋଟି ୮୭ ଲକ୍ଷ ଟଙ୍କା ଥିଲାବେଳେ ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ବିଭାଗର ବଜେଟ ୧୯୩୭ କୋଟି ୬୫ ଲକ୍ଷ ଟଙ୍କାରେ ପହଞ୍ଚିଛି।

ଉଦ୍‌ଘାଟନୀ ଉତ୍ସବରେ ପୌରୋହିତ୍ୟ କରି କୃଷି ଓ କୃଷକ ସଶକ୍ତିକରଣ, ମତ୍ସ୍ୟ ଓ ପ୍ରାଣୀସଂପଦ ବିକାଶ ମନ୍ତ୍ରୀ ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଲେ ଯେ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଚାଷୀମାନଙ୍କ ଆୟକୁ ବହୁଗୁଣିତ କରିବା ପ୍ରତିବଦ୍ଧତା ସ୍ୱରୂପ ଚାଷ କାର୍ଯ୍ୟ ସହିତ ବିଭାଗ ପକ୍ଷରୁ ମାଛଚାଷ ଓ ପ୍ରାଣିପାଳନକୁ ପ୍ରୋତ୍ସାହିତ କରାଯାଉଛି। ଗତ ୨୦ ବର୍ଷରେ ଚାଷୀମାନଙ୍କ ଆୟବୃଦ୍ଧି ହେବା ସହିତ ମାଛ, ମାଂସ, କୁକୁଡ଼ା ଓ ଦୁଗ୍ଧ ଉତ୍ପାଦନରେ ଉଲ୍ଲେଖନୀୟ ସଫଳତା ମିଳିଛି। ମାଛଚାଷ ଓ ପ୍ରାଣିପାଳନ ମହିଳାମାନଙ୍କୁ ସ୍ୱାବଲମ୍ବୀ ଓ ସଶକ୍ତ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରୁଥିବାରୁ ରାଜ୍ୟ ସରକାର ଜେଣ୍ଡର ବଜେଟିଂ କାର୍ଯ୍ୟକାରୀ କରୁଛନ୍ତି। ମୁଖ୍ୟବକ୍ତା ଭାବେ ଯୋଗଦେଇ ପଶ୍ଚିମ ଓଡ଼ିଶା ବିକାଶ ପରିଷଦର ଅଧ୍ୟକ୍ଷ ଶ୍ରୀ ଅସିତ କୁମାର ତ୍ରିପାଠୀ କହିଲେ ଯେ ରାଜ୍ୟ ସରକାରଙ୍କ ଫ୍ଲାଗସିପ୍ କାର୍ଯ୍ୟକ୍ରମ 'ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗୀ ଯୋଜନା' ମତ୍ସ୍ୟଚାଷୀ ଓ ପ୍ରାଣିପାଳକଙ୍କ ଜୀବନଧାରଣରେ ଉଲ୍ଲେଖନୀୟ ପରିବର୍ତ୍ତନ ଆଣିପାରିଛି । ମାଛଚାଷ ଓ ପ୍ରାଣିପାଳନକୁ ଗ୍ରାମାଞ୍ଚଳରେ ବ୍ୟବସାୟିକ ଭିତ୍ତିରେ କରିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ସମ୍ମାନିତ ଅତିଥି ଭାବେ କୃଷି ଓ କୃଷକ ସଶକ୍ତିକରଣ ବିଭାଗର ପ୍ରମୁଖ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀ କହିଲେ ଯେ କୃଷିଭିତ୍ତିକ ଅର୍ଥନୀତିରେ ଆୟବୃଦ୍ଧି ନିମନ୍ତେ ଫସଲ ଚାଷ ସହିତ ପ୍ରାଣିପାଳନ ଓ ମତ୍ସ୍ୟଚାଷ ଏକାନ୍ତ ଅପରିହାର୍ଯ୍ୟ । ସଂପ୍ରତି ଜଳବାୟୁ ପରିବର୍ତ୍ତନ ଦୃଷ୍ଟିରୁ ଜଳବାୟୁ ସହନଶୀଳ ପ୍ରାଣିପାଳନ ଓ ମାଛଚାଷକୁ ଆପଣାଇବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ । ଅନ୍ୟତମ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରଭାତ କୁମାର ରାଉଳ କହିଲେ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାରେ ଉଦ୍ୟୋଗୀମାନେ ପ୍ରାଣିପାଳନ ଓ ମତ୍ସ୍ୟଚାଷକୁ ଅଧିକ ଗୁରୁତ୍ୱ ଦେବାର ଲକ୍ଷ୍ୟ ବିଷୟରେ ବର୍ଣ୍ଣନା କରିଥିଲେ। ସମାବେଶରେ ମତ୍ସ୍ୟ ଓ ପ୍ରାଣୀସଂପଦ ବିକାଶ ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀ ସୁରେଶ କୁମାର ବଶିଷ୍ଠ କହିଲେ ଯେ 'ଗିଫ୍ଟ ତିଲାପିଆ' ଏବଂ 'କେଜ୍ କଲଚର' ପଦ୍ଧତିରେ ମାଛଚାଷ ଏବଂ ଭେଟେରିନାରୀ ମୋବାଇଲ୍ ସେବା ଯୋଗାଇବା କ୍ଷେତ୍ରରେ ଓଡ଼ିଶା ଦେଶର ଅଗ୍ରଣୀ ରାଜ୍ୟ ହୋଇପାରିଛି।

ସମାବେଶରେ ପଦ୍ମଶ୍ରୀ ବିଜେତା ମତ୍ସ୍ୟଚାଷୀ ଶ୍ରୀ ବଟକୃଷ୍ଣ ସାହୁଙ୍କ ସମେତ ମତ୍ସ୍ୟଚାଷ ଓ ପ୍ରାଣିପାଳନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଜାତୀୟ ସ୍ତରରେ ସ୍ୱୀକୃତି ପାଇଥିବା ୫ ଜଣଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ୩୦ଟି ଜିଲ୍ଲାର ଚମ୍ପିଅନ୍ ଚାଷୀଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥିଲା। ଏଥି ସହିତ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାର ହିତାଧିକାରୀଙ୍କୁ ସ୍ଥାୟୀ ପୁଞ୍ଜିନିବେଶ ଉପରେ ସବ୍‌ସିଡି ରାଶିର ଚେକ୍ ପ୍ରଦାନ କରାଯାଇଥିଲା।

ସମାବେଶ ପ୍ରାରମ୍ଭରେ କଟକ ଜିଲ୍ଲାର ମହିଳା ଚାଷୀ ଶ୍ରୀମତୀ ନମିତା ମହାପାତ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ କେନ୍ଦ୍ରାପଡ଼ା ଜିଲ୍ଲାର ମହିଳା ଚାଷୀ ମମତା ପ୍ରିୟଦର୍ଶିନୀ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ କଳିଙ୍ଗ ଷ୍ଟାଡିୟମ୍‌ଠାରୁ ଜନତା ମଇଦାନ ପର୍ଯ୍ୟନ୍ତ ଏକ ଗଣଦୌଡ଼ର ଆୟୋଜନ କରାଯାଇଥିଲା।

## ଆଉ ୬ ଜିଲ୍ଲାରେ...

କରିଛନ୍ତି। ଲକ୍ଷ୍ମୀ ବସ୍ ଲୋକଙ୍କୁ ଲୋକଙ୍କ ସହିତ ଯୋଡିବ। ସାମାଜିକ ଓ ଆର୍ଥିକ ଜୀବନକୁ ମଜବୁତ କରିବ। ପିଲାଙ୍କୁ ସ୍କୁଲ କଲେଜ ନେବ। ଚାଷୀଙ୍କୁ ମାର୍କେଟ ସହିତ ଯୋଡିବ। ମା'ମାନେ ଓ ଛାତ୍ରଛାତ୍ରୀମାନେ ମାତ୍ର ୫ ଟଙ୍କା ମୂଲ୍ୟରେ ଏହି ବସ୍ ରେ ଯିବା ଆସିବା କରିପାରିବେ ବୋଲି ସେ କହିଛନ୍ତି। ମୁଖ୍ୟମନ୍ତ୍ରୀ ପୁଣି କହିଛନ୍ତି ଯେ ମୋ ସରକାର ହେଉଛି ଲୋକଙ୍କ ସରକାର। ଲୋକେ ଯେଉଁ ଇଚ୍ଛା ପ୍ରକାଶ କରନ୍ତି, ତାକୁ ସମ୍ମାନ ଦେଇ ଓଡିଶା ସରକାର ଯୋଜନା କରନ୍ତି। '୫-ଟି' ଅଧ୍ୟକ୍ଷ ତଥା ମୁଖ୍ୟମନ୍ତ୍ରୀ କାର୍ଯ୍ୟାଳୟର ଜିଲ୍ଲାଗସ୍ତ ପରେ ଲୋକଙ୍କ ଅସୁବିଧାକୁ ଅନୁଭବ କରିଥିଲୁ ଏବଂ ଲୋକଙ୍କ ପ୍ରସ୍ତାବକୁ ଅନୁଶୀଳନ କରି ଗାଁ ଲୋକଙ୍କର ଯୋଗାଯୋଗ ସମସ୍ୟା ଦୂର କରିବା ପାଇଁ ଲକ୍ଷ୍ମୀ ବସ୍ ଯୋଜନା ପ୍ରସ୍ତୁତ କରାଯାଇଥିଲା। ଏହି ଯୋଜନାରେ ଶ୍ରୀଜଗନ୍ନାଥ ବସ୍ ସେବା ଆରମ୍ଭ ହୋଇଛି। ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଦର୍ଶନ ଓ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଅନୁଭବ ନେବା ପାଇଁ ଆରମ୍ଭ ଶ୍ରୀଜଗନ୍ନାଥ ବସ୍ ସେବାରେ ମା'ମାନଙ୍କ ପାଇଁ ଟିକେଟ ମୂଲ୍ୟ ଅଧା କରାଯାଇଛି । ଗାଁର ରୂପାନ୍ତର ପାଇଁ ଆମ ଓଡିଶା ନବୀନ ଓଡିଶା କାର୍ଯ୍ୟକ୍ରମ ଜାରି ରହିଛି ବୋଲି କହିବା ସହ ଏକ ନୂଆ ଓଡିଶା ଗଢିବା ପାଇଁ ଜନସାଧାରଣ ଆଗେଇ ଆସିବାକୁ ସେ ଆହ୍ୱାନ ଦେଇଛନ୍ତି । '୫-ଟି' ଓ 'ନବୀନ ଓଡ଼ିଶା' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍ କାର୍ଯ୍ୟକ୍ରମର ସଂଚାଳନ କରି କହିଛନ୍ତି ଯେ ଏହା ହେଉଛି ଆପଣମାନଙ୍କ ସମ୍ପତ୍ତି। ଆମ ରାଜ୍ୟ ବିକାଶର ଏହା ହେଉଛି ସାରଥୀ। ତେଣୁ ଆପଣମାନେ ଏହାର ଯତ୍ନ ନେବା ସହିତ ଆର୍ଥିକ ଓ ସାମାଜିକ ବିକାଶର ସାରଥୀ ହୁଅନ୍ତୁ ବୋଲି ଶ୍ରୀ ପାଣ୍ଡିଆନ୍ ଆହ୍ୱାନ ଦେଇଥିଲେ।

ଏହି ଅବସରରେ ଜୟପୁରରୁ ପରିବହନ ମନ୍ତ୍ରୀ ଟୁକୁନି ସାହୁ, କେନ୍ଦ୍ରାପଡାରୁ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ, ଖୋର୍ଦ୍ଧାରୁ "ଆମ ଓଡିଶା, ନବୀନ ଓଡିଶା' ସଂଯୋଜକ ଶ୍ୱେତସ୍ନିଗ୍ଧା ମିଶ୍ର, ବିଧାୟକ ରାଜେନ୍ଦ୍ର କୁମାର ସାହୁ, ପୁରୀରୁ ବିଧାୟକ ରୁଦ୍ର ପ୍ରତାପ ମହାରଥୀ, ପୂର୍ବତନ ବିଧାୟକ ସଞ୍ଜୟ କୁମାର ଦାସବର୍ମା, କେନ୍ଦ୍ରାପଡାରୁ ବିଧାୟକ ଧ୍ରୁବ ଚରଣ ସାହୁ, ଭଦ୍ରକରୁ "ଆମ ଓଡିଶା, ନବୀନ ଓଡିଶା' ସଂଯୋଜକ ଡ. ସଞ୍ଜୟ ଦାସ, ବିଧାୟକ ବିଷ୍ଣୁବ୍ରତ ରାଉତରାୟ, ନୟାଗଡରୁ ବିଧାୟକ ରମେଶ ଚନ୍ଦ୍ର ବେହେରା ଓ ବିଧାୟକ ଡ. ଅରୁଣ କୁମାର ସାହୁ ପ୍ରମୁଖ ଯୋଗଦେଇ ସରକାରଙ୍କ ପଦକ୍ଷେପକୁ ପ୍ରଶଂସା କରିଥିଲେ। କାର୍ଯ୍ୟକ୍ରମରେ ପୁରୀରେ ଉପସ୍ଥିତ ବାଣିଜ୍ୟ ଓ ପରିବହନ ବିଭାଗ ପ୍ରମୁଖ ଶାସନ ସଚିବ ଉଷା ପାଢୀ ସ୍ୱାଗତ ଭାଷଣ ଦେଇଥିଲେ ଏବଂ ସମସ୍ତ ଜିଲ୍ଲାରେ ବହୁ ଜନ ସମାଗମ ହୋଇଥିଲା। ଆଜିର ଶୁଭାରମ୍ଭ ପରେ ୬ଟି ଜିଲ୍ଲାର ୧୩୬୩ଟି ପଞ୍ଚାୟତରେ ୧୯୮ଟି ବସ୍ ଚଳାଚଳ କରୁଛି। ଏହା ଦ୍ୱାରା ୭୫ ଲକ୍ଷରୁ ଅଧିକ ଲୋକ ଉପକୃତ ହୋଇଛନ୍ତି। ଖୋର୍ଦ୍ଧାର ୧୫୪ଟି ପଞ୍ଚାୟତରେ ୨୨ଟି ବସ୍ ଚାଲିଛି ଏବଂ, ୧୫.୫୦ଲକ୍ଷ ଲୋକ ଉପକୃତ ହୋଇଛନ୍ତି। ପୁରୀର ୨୬୮ଟି ପଞ୍ଚାୟତରେ ୪୪ଟି ବସ୍ ଚଳାଚଳ ଦ୍ୱାରା ୧୪ ଲକ୍ଷ ୬୦ ହଜାର ଲୋକ ଉପକୃତ ହୋଇଛନ୍ତି। କେନ୍ଦ୍ରାପଡାର ୧୯୬ଟି ପଞ୍ଚାୟତରେ ୩୭ଟି ବସ୍ ଚାଲିଛି ଏବଂ ୧୧ ଲକ୍ଷ ୩୭ ହଜାର ଜିଲ୍ଲାବାସୀ ଏହାଦ୍ୱାରା ଲୋକ ଉପକୃତ ହୋଇଛନ୍ତି। ଭଦ୍ରକର ୧୫୮ଟି ପଞ୍ଚାୟତରେ ୨୫ଟି ବସ୍ ଚାଲିଛି ଏବଂ ୧୦ ଲକ୍ଷ ୮୦ ହଜାର ଲୋକ ଉପକୃତ ହୋଇଛନ୍ତି। ଯାଜପୁରର ୨୩୩ଟି ପଞ୍ଚାୟତରେ ୩୯ଟି ବସ୍ ଚଳାଚଳ କରିବା ଦ୍ୱାରା ୧୩ ଲକ୍ଷ ୭୦ ହଜାର ଲୋକ ଉପକୃତ ହୋଇଛନ୍ତି। ସେହିଭଳି ନୟାଗଡର ୧୮୯ଟି ପଞ୍ଚାୟତରେ ୩୧ଟି ବସ୍ ଚାଲିଲା ଏବଂ ଏହା ଦ୍ୱାରା ୯ ଲକ୍ଷ ୩୪ ହଜାର ଲୋକ ଉପକୃତ ହେଲେ। ଏହି ଯୋଜନାରେ ପଞ୍ଚାୟତରୁ ବ୍ଲକକୁ ବସ୍ ଚଳାଚଳର ସୁବିଧା କରାଯାଇଛି। ସାରା ରାଜ୍ୟରେ ୧୦୦୦ରୁ ଅଧିକ ବସ୍ ଚାଲିବ। ୫-ଟି ଉପକ୍ରମରେ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମରେ ମିଶନ ଶକ୍ତି ମା'ମାନଙ୍କୁ ବସ୍ ପରିଚଳନା ଦାୟିତ୍ୱ ଦିଆଯାଇଛି।

## ତିନି ବିଜେଡି ନେତାଙ୍କୁ ନିଯୁକ୍ତି

**ଭୁବନେଶ୍ୱର, ୧୬।୨(ସମିସ):** ବିଜେଡି ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅନୁମୋଦନକ୍ରମେ ଆଜି ତିନି ନେତାଙ୍କୁ ନୂଆ ନିଯୁକ୍ତି ମିଳିଛି। ବିଜେଡି ସଂଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କ ଦସ୍ତଖତ ସମ୍ବଳିତ ପ୍ରେସ୍ ବିଜ୍ଞପ୍ତିରେ କୁହାଯାଇଛି ଯେ ଆଲୋକ କୁମାର ପାଣିଗ୍ରାହୀ ବିଜୁ ଜନତା ଦଳର ରାଜ୍ୟ ସମ୍ପାଦକ ଭାବେ ନିଯୁକ୍ତି ପାଇଛନ୍ତି। ସେହିପରି ରୂପେଶ କୁମାର ପାଣିଗ୍ରାହୀ ବିଜୁ ଯୁବ ଜନତା ଦଳର ରାଜ୍ୟ ଉପସଭାପତି ଏବଂ ପ୍ରିୟଦର୍ଶୀ ପ୍ରତ୍ୟୁଷ ରଥ ରାଇରାଖୋଲ ବିଧାନସଭା କ୍ଷେତ୍ରର ବିଜେଡି ପର୍ଯ୍ୟବେକ୍ଷକ ଦାୟିତ୍ୱ ପାଇଛନ୍ତି।

ବିଧାୟକ ପ୍ରଫୁଲ୍ଲ ସାମଲଙ୍କ ପୁଅ ପ୍ରୟାସକାନ୍ତି ସାମଲଙ୍କ ଘରେ ବି ଚଢ଼ଉ

## ୧୦ ଲକ୍ଷ ଟଙ୍କା ସହ ଫର୍ଚ୍ୟୁନର କାର୍ ଜବତ

**ଭୁବନେଶ୍ୱର, ୧୬।୨(ସମିସ):** ଭଣ୍ଡାରିପୋଖରୀ ବିଧାୟକ ପ୍ରଫୁଲ୍ଲ ସାମଲ ତଥା ତାଙ୍କ ପୁଅଙ୍କ ଘରେ ଦ୍ୱିତୀୟ ଦିନରେ ଇଡି(ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ) ଚଢ଼ଉ ଜାରି ରଖିଛି। ପ୍ରୟାସକାନ୍ତିଙ୍କ ଭୁବନେଶ୍ୱର ପଳାଶପଲ୍ଲୀ ଘରୁ ୧୦ ଲକ୍ଷ ଟଙ୍କା ସହ ଏକ ଫର୍ଚ୍ୟୁନର କାର୍ ଜବତ କରାଯାଇଥିବା ଇଡି ପକ୍ଷରୁ ସୂଚନା ଦିଆଯାଇଛି। ଜବତ ହୋଇଥିବା କାର୍‌ଟି ତୃଷ୍ଣା ବିଲ୍ଡର ସଂସ୍ଥା ନାମରେ ରହିଛି। ସୂଚନାଯୋଗ୍ୟ, ବରପଦା ଇଞ୍ଜିନିୟରିଂ କଲେଜରେ ପ୍ରାୟ୨୦କୋଟି ଟଙ୍କାର ଅର୍ଥ ହେରଫେର ଅଭିଯୋଗ ଆଧାରରେ ଗତକାଲି ଇଡି ଟିମ୍ ଭଦ୍ରକ ସହରର ୬ଟି ସ୍ଥାନରେ ଓ ଭୁବନେଶ୍ୱରର ୪ଟି ସ୍ଥାନରେ ରେଡ୍ କରିଥିଲା।


**AFFIDAVIT**

By virtue of an affidavit sworn before the Executive Magistrate, Cuttack, I, Pankaj Gordhan Periwal, S/o- Gordhan Periwal,Resident of Flat No-11, Shantiniketan Apartment, Jholasahi, PS-Purighat, Dist-Cuttack, Odisha declare by this affidavit no.12126 dated 22.12.2023 that now onwards I shall be known as **Pankaj Periwal** for all future purposes.

**AFFIDAVIT**

By virtue of an affidavit (No.294, Dt-15/2/2024) before the Executive Magistrate, Angul. I have changed my name from **Gopal Samal to Shree Gopal Samal.** Hence forth, I shall be known as **SHREE GOPAL SAMAL,** S/o- Vijay Kumar Samal, At present address Flat No. 8/04, Near DAV Public School, CS Pur, Bhubaneswar, Pin-751021, Odisha for all future Purposes.

**LOST**

I Nityananda Nayak , S/o Late Rama Chandra Nayak of Icchapur, Ps- Balikuda, Dist – Jagatsinghpur pin-754108 residing At/Po- Sector-7, CDA, Cuttack that on 15.02.2024 at about 9.30 AM while I was going to Xerox shop located at CDA Market, I lost the Sale Deed vide Regd No : 10732200056, Khata No 1076/301, Plot No : 869 an area of 0.08 Acre on the way. I searched the above missing Sale deed every where but unable to trace it out anywhere.

**AFFIDAVIT**

By virtue of an affidavit sworn before the Executive Magistrate. Bhubaneswar, Dated 15.02.2024, I Saumendra Kumar Swain, S/o Sailendra Kumar Swain Vill: Sareikul, Po: Sikhor, Ps: Naugaon, Dist: Jagatsinghpur, Odisha declare that I have changed my name from SOUMYA RANJAN SWAIN to SAUMENDRA KUMAR SWAIN. Henceforth I shall be known as **SAUMENDRA KUMAR SWAIN** for all purposes.

**AFFIDAVIT**

BY virtue of an affidavit No. 69AA 280235 dated 02.02.2024 before the Notary Public, Bhubaneswar. I Anchal Ashmita, D/o Phakir Mohan Sahu , W/o Tanmoy Dash At Flat No. 1002 , Tower -3, Vipul Gardens , Shankarpur, Ghatikia , P/s- Chandaka , Bhubaneswar-751003, have changed my name from Anchal Ashmita to Anchal Ashmita Dash. Henceforth I shall be known as **Anchal Ashmita Dash** for all future purposes.

**AFFIDAVIT**

By virtue,an affidavit sworn before the excutive magistrate, Daspalla dated 15.02.2024- I PRATAP DALEI father of JAGADISH DALEI VILL- ISWARPUR, PO- CHHAMUNDIA, VIA- GANIA, DIST- NAYAGARH PIN – 752085, ODISHA, declare that I have changed my sons name from AGASTI DALEI to JAGADISH DALEI. Henceforth, I shall be known as my son s name is **JAGADISH DALEI** for all purpose.

PRATAP DALEI

**AFFIDAVIT**

**I, Haris Chandra Mohanty, S/o- Late Raghunath Mohanty, resident of Plot No-223/1 Kansari Jharana, Unit -6, Bhimpur, Aerodrome Area, Bhubaneswar, District-Khorda, Pin- 751020 Odisha declare by this affidavit No. 2627 dtd.- 16/01/2024 that now onwards I shall be known as HARISH CHANDRA MOHANTY for all future purposes.**



**GOVERNMENT OF ODISHA, "e"-PROCUREMENT NOTICE** B-
**WORKS DEPARTMENT**

**Tender Call Notice No. 59/2023-24** E-mail: **pwdoff_khd@yahoo.com**

The Superintending Engineer, Khurda (R&B) Division, Khurda on behalf of Governor of Odisha invites percentage rate bid in **Double cover** system in ONLINE MODE from eligible class of contractors having valid registration certificate for execution of the **Civil** works as detailed below:

1. Nature of Work : Building
2. No of Work : 01 No
3. Tender Cost : Rs.10000.00 (Online)
4. Class of Contractor : 'B' class Contractor
5. Available of Bid documents in the web site. : From Dt. 15.02.2024 at 10.30 AM to Dt . 22.02.2024 at 5.00 PM
6. Date of opening of Bids : Dt 23.02.2024 at 11.30 A.M
7. Bidders have to participate in ONLINE bidding only. Further details can be seen from the Website: https://tenderodisha.gov.in . Any information regarding Addendum / Corrigendum / Cancellation of tender can be available in the said website.

Executive Engineer,
Khurda (R&B) Division, Khurda

OIPR-34095/11/0036/2324



**OFFICE OF THE MEDICAL OFFICER I/C CHC, SRIRAMCHANDRAPUR, DHENKANAL**

E-843

**TENDER CALL NOTICE FOR HIRING OF VEHICLES**

Sealed proposals as per the prescribed RFP document are invited from interested eligible bidders (Private individuals / Tour operators / Travel Agency ) for hiring & empanelment of vehicles for Block Programme Management Unit (BPMU) at Block CHC level on a monthly basis for implementation of the BPMU activities. The eligibility criteria, terms of reference and the formats for submission of bid are set forth in the RFP document, which can be downloaded from the website www.dhenkanal.nic.in. Interested bidders fulfilling the eligibility criteria may submit their proposals with P.MD & documents as per RFP to the MO I/C of this CHC. The bidders have to submit their proposals with all required documents to the MO I/C , CHC Sriramchandrapur, Po-Gondia , Dist- Dhenkanal, Pin-759016 on or before dt. 26.02.2024 by 3 PM through speed post/Regd post/Courier only. The opening date of tenders will be on 26.02.2024 at 3.30 pm in the CHC. The undersigned reserves the right to reject any or all the proposals without assigning any reason thereof and is not responsible for any postal delay.

Sd/- Medical Officer I/C
CHC Sriramchandrapur, Dhenkanal

OIPR-10225/11/0003/2324



**OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, SUBARNAPUR** E-838
**DISTRICT PROGRAMME MANAGEMENT UNIT, NHM**
E-mail: nhm.subarnapur@gmail.com

Letter No: 372 Date: 13.02.2024

**NOTICE INVITING TENDER FOR ENGAGEMENT OF VEHICLE**

Sealed tenders are invited in the prescribed format from Travel Agencies / Individuals for engagement of vehicle on monthly basis. Interested Registered Travel Agencies/ Tour operators/Individuals may download the detailed terms and conditions and formats from district website www.subarnapur.nic.in and submit on or before **28.02.2024 by 4 P.M.** along with the required documents. The sealed tender will be opened on **29.02.2024 at 11.30 A.M** in the office chamber of the undersigned. The undersigned reserves the right to reject any or all the tenders without assigning any reason thereof.

Sd/-
CDM & PHO-cum-DMD
Subarnapur

OIPR-10118/11/0012/2324



Phone-0680-2404096 O-
E-Mail: eerwgmt@yahoo.co.in

OFFICE OF THE SUPERINTENDING ENGINEER
RURAL WORKS DIVISION-II, GANJAM, BERHAMPUR
Government of Odisha e-Procurement Notice
Bid Identification No. Online Tender/38/SERWD-II/2023-24

**Memo No. 913 / RWD-IIGB. Date 08.02.2024**

| | | | |
|---|---|---|---|
| 1 | Name of the Work | :: | Road Work |
| 2 | Estimated Cost | :: | Rs 25.49 lakh |
| 3 | Period of Completion | :: | 1 (One) Month as per Annexure |
| 4 | Date & Time of availability of Bid documents in the Portal | :: | 16.02.2024 at 10.00 AM to 22.02.2024 up to 3.00 P.M |
| 5 | Last Date/ Time for receipt of Bids in the Portal | :: | 22.02.2024 up to 3.00 P.M |
| 6 | Name and address of the Officer Inviting Bid | :: | Superintending Engineer, Rural Works Division-II, Ganjam, Berhampur |

Further details can be seen from the e-procurement portal tendersodisha.gov.in/nicgep/app.

Superintending Engineer
R.W Division-II, Ganjam
Berhampur

OIPR-25073/11/0036/2324



Phone No.06821-241026 (O)/241079(R) Fax No-06821-241026/240056 e-mail: [illegible] O-

**OFFICE OF THE SUPERINTENDING ENGINEER, RWS&S DIVISION, BHANJANAGAR-761126**
**Govt of Orissa "e" Procurement Notice**
**Bid Identification No. E.E._RWS&S_ 23 /20223-24**

1. The Executive Engineer, RWS&S Division, Bhanjanagar, Ganjam on behalf of Governor of Odisha invites percentage rate bid in Single Cover system according to the norm of "e" Procurement system in online mode for different PWS Schemes in Ganjam District from the eligible contractors as per DTCN.
2. Nature of Work: Construction Collection Well
3. No. of Tender : 03 No.
4. Tender Paper Cost : Rs 15.85 Lakh to 22.16 Lakh/-
5. Tender Cost : 6000.00
6. Class of Contractor : D, C & B
7. Date and Time of Availability of bid document in the portal : Dt. **16.02.2024** at 11.00AM to **25.02.2024** up to 5.00 PM
8. Date of Opening of Bid : Dt. **28.02.2024** at 11.00 AM
9. Period of completion : 90 ( Ninety ) days
10. The bidders have to participate in online bidding only. Further details can be seen from the website https://tendersorissa.gov.in

Executive Engineer
RWS&S Division Bhanjanagar

OIPR-25021/11/0008/2324



GOVERNMENT OF ODISHA A-1497
OFFICE OF THE SUPERINTENDING ENGINEER,
BIDYADHARPUR CANAL DIVISION, BIDYADHARPUR
(E-mail Id: - eebcdivision@gmail.com)
E' Procurement Notice No. SE- BCD- 23 of 2023-24

1. Nature of work:- Canal work
2. Class of Contractor:- "B & C" Class
3. No of works:- **09 Nos.** (Details as per NIT available in website)
4. Value of work:- **Rs. 23.06 Lakhs. To Rs. 42.36 Lakhs.**
5. Time of Completion:- 4 Calendar Months
6. Type of Bid:- Percentage Bid
7. Summary for key dates is provided below
8. Date of Lottery:- **01.03.2024 at 11.30 AM** (in case situation arises)

| E-Procurement Officer | Bid Id No. | Availability of Tender On-line for bidding | | Date of Bid Opening |
|---|---|---|---|---|
| | | From | To | |
| Superintending Engineer, Bidyadharpur Canal Division, Bidyadharpur | SE-BCD- 23/01-09 of 2023-24 | 16.02.24 11.00 hrs | 26.02.24 17.00 hrs | 27.02.24 11.00hrs |

Further details can be seen from the Govt. website www.tendersorissa.gov.in / www.dowrodisha.gov.in Addendum / Corrigendum / Cancellation if any required will be published in Govt. website only.

Superintending Engineer,
Bidyadharpur Canal Division, Bidyadharpur

OIPR-32240/11/0007/2324



**TPCODL**
**TP CENTRAL ODISHA**
DISTRIBUTION LIMITED
(A Joint Venture of Tata Power and Government of Odisha)
1st Floor, Anuj Building, Plot No.: 29, Satya Nagar, Bhubaneswar, Odisha - 751007

**NOTICE INVITING TENDER**
NIT No: TPCODL/P&S/NIT/23-24/33

Bids are invited from eligible Bidders for the following tenders of TPCODL:

| Sl. No. | Tender Enquiry No. | Tender Description |
|---|---|---|
| 1 | TPCODL/P&S/1000000590/2023-24 | Rate Contract for Meter Installation and Associated Services for 2 years |

For more details like bid due date, EMD, tender fee, bid opening date etc. of the Tenders, please visit "Tender" section TPCODL website **https://www.tpcentralodisha.com**. All tenders will be available on TPCODL website w.e.f. from **dtd.19.02.2024**. Future communication / corrigendum to tender documents, if any, shall be available on TPCODL website.



**ODISHA HYDRO POWER CORPORATION LTD.** CAD-4177
(A Government of Odisha Undertaking)
Regd. Office: ODISHA STATE POLICE HOUSING & WELFARE CORPORATION BUILDING, VANIVIHAR CHOUK, JANPATH, BHOINAGAR, BHUBANESWAR-751022
Tel: 91 -0674-2542983, 2542802, 2545526, Fax- 2542102, e-mail – ohpc.co@gmail.com
CIN : U40101OR1995SGC003963

No. OHPC:TECH: C&P:31/2023-24/ 1928 Date: 15.02.2024

NOTICE INVITING TENDER No. 38/2023-24

Sealed Tenders are invited from the government registered C & D contractors in two parts i.e. (i) Techno Commercial Bid & (ii) Price bid in separate sealed envelopes fulfilling the eligibility criteria for the work mentioned below.

| Description of Services | Cost of tender papers (Non-refundable) in Rs. | EMD in shape of DD only (Refundable) in Rs. |
|---|---|---|
| Repair & maintenance works of Qrs. No. D/4, 3R/17 & 3R/19 at GRIDCO Colony, Bhubaneswar | 2000.00+18%(GST)= 2360.00 | 4,000.00 |

For details of the tender documents, terms & conditions please visit/ refer our website www.ohpcltd.com from Dtd: 21.02.2024

OIPR-04012/11/0035/2324 C & P Head



ଅଧିକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ B-
(ରାସ୍ତା ଓ ଗୃହ) ବିଭାଜନ ନଂ.-1, ଭୁବନେଶ୍ୱର
OFFICE OF THE SUPERINTENDING ENGINEER
BHUBANESWAR (R & B) DIVISION NO.I, BHUBANESWAR
Email: eebsr1@yahoo.co.in, Phone / Fax: 06742597097

**INVITATION FOR BIDS (IFB)**

No. 1147 Date: 08.02.2024

Bid Identification No. - C.C. (R&B)-01 e-Procurement notice No. 82 of 2023-24

The Superintending Engineer, Bhubaneswar (R&B) Division No-I, Bhubaneswar on behalf of Governor of Odisha invites Percentage Rate Bids in Single Cover system (Online) for the works as detailed in table below.

| Sl.No | Name of the Work | Approximate Estimated cost put to Tender (Rs.) | Class of Contractor | Cost of Bid Documents (Rs.) | Period of Completion in calendar months |
|---|---|---|---|---|---|
| 1. | SITC of 125kva DG set at Odisha School Education Programme Authority, Shiksha Soudha, Unit-V, Bhubaneswar | Rs.14,42,583.00 (Excluding GST) | Manufacturer / authorised dealer | Rs.6,000.00 (To be paid Online) | 03 (Three) calendar Months |

The bidders have to participate in ONLINE bidding only. The web-site for "ONLINE BIDDING" is http://tendersorissa.gov.in.

Bid documents will be available in above Website from 11.00 Hours of 13/02/2024 to 17.00 Hours of 20/02/2024. Bids of the above work shall be opened at 12.00 hours on 21/02/2024.

The bidder must possess matching class compatible Digital Signature Certificate (DSC).Further details and other terms and conditions can be seen from DTCN in the e- Procurement web site www.tendersorissa.gov.in

*NB: Subsequent corrigendum / addendum if required shall be available in the website as indicated above.*

Superintending Engineer
Bhubaneswar (R&B) Division No.I, BBSR

OIPR-34076/11/0014/2324



**OFFICE OF THE EXECUTIVE ENGINEER, L.I. DIVISION, BERHAMPUR** CAD-4125
**Email: eeolicbam@ymail.com**
**e-Procurement Notice**
**Bid Identification No. 12/2023-24 OLIC (BAM) / Dt. 12.02.2024**

The Executive Engineer, Lift Irrigation Division, Berhampur on behalf of OLIC invites Percentage Rate bids in **Single Cover system** to be received in online Mode only for the work "Installation and Energisation of LIPs in Ganjam District as detailed in the table below. The Bid should be submitted by the eligible class of contractors as mentioned below registered with the State Government and contractors of equivalent grade / class registered with Central Government / M.E.S. / Railways / C.P.W.D. for execution of Civil Works with valid Electrical (H.T) License issued by ELBO Odisha as a single or having joint venture with **proper registration** through On-Line in the Govt. website www.tendersodisha.gov.in. The bidders should have necessary portal enrolment with own digital signature certificate.

1. Numbers of Package — 03 Numbers
2. Estimated Cost — Rs.22.68 lakhs to 24.11 lakhs
3. Tender Cost — Rs 4000+GST@18% or Rs 6000+GST@18% as per DTCN
4. Class of Contractor — As per DTCN
5. Date & time of publication — Dt 15.02.2024 from 11.00 Noon.
6. Date & time of closing — Dt 22.02.2024 at 17.00hrs
7. Date & time of opening of bid — Dt. 23.02.2024 at 12.00 Noon

Further details can be seen from the website www.tendersorissa.gov.in.
Addendum/corrigendum/cancellation of tender, if any, can be seen in the said website

Sd/- Executive Engineer
L.I. Division, Berhampur

OIPR-32442/11/0016/2324

## ନୟାଗଡ଼ରେ ଲକ୍ଷ୍ମୀ ବସ୍ ସେବା ଶୁଭାରମ୍ଭ

# 'ମୁଖ୍ୟମନ୍ତ୍ରୀଙ୍କ ପାଇଁ ପରିବାର ଅର୍ଥନୀତି ସୁଦୃଢ଼ ହୋଇଛି'

ନୟାଗଡ଼, ୧୬।୨(ସମିସ): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦ୍ୱାରା ନୟାଗଡ଼ ଜିଲ୍ଲାରେ ଲକ୍ଷ୍ମୀ ବସ୍ ସେବା ଶୁଭାରମ୍ଭ ହୋଇଛି। '୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍‌ଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଆଭାସି କାର୍ଯ୍ୟକ୍ରମ ଦ୍ୱାରା ମୁଖ୍ୟମନ୍ତ୍ରୀ ନୟାଗଡ଼ ଜିଲ୍ଲାବାସୀଙ୍କୁ ଲକ୍ଷ୍ମୀ ବସ୍ ସେବା ଯୋଗାଇ ଦେଇଛନ୍ତି। ନୟାଗଡ଼ ଷ୍ଟାଡିୟମଠାରେ ଆୟୋଜିତ ଶୁଭାରମ୍ଭ କାର୍ଯ୍ୟକ୍ରମରେ ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁ, ରଣପୁର ବିଧାୟକ ସତ୍ୟନାରାୟଣ ପ୍ରଧାନ, ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା, ଜିଲ୍ଲା ପରିଷଦ ଅଧ୍ୟକ୍ଷ ଇଂ ଦେବାଶିଷ ପଟ୍ଟନାୟକ, ଅତିରିକ୍ତ ଜିଲ୍ଲାପାଳ ଦିଲ୍ଲୀପ କୁମାର ବଳ ପ୍ରମୁଖ ମଞ୍ଚାସୀନ ଥିଲେ। ରୂପାନ୍ତରିତ ଓଡ଼ିଶାରେ ଭିତ୍ତିଭୂମୀ ସୁଦୃଢ଼ ହେଉଥିବା ବେଳେ ଯୋଗାଯୋଗ ଏବଂ ସମ୍ପର୍କ ସ୍ଥାପନ ପାଇଁ ଲକ୍ଷ୍ମୀ ବସ୍ ସେବା ଏକ ଯୁଗାନ୍ତକାରୀ ପଦକ୍ଷେପ ବୋଲି ଦଶପଲ୍ଲା ବିଧାୟକ ଶ୍ରୀ ବେହେରା କହିଥିଲେ। ନୟାଗଡ଼ ଜିଲ୍ଲାବାସୀଙ୍କ ତରଫରୁ ସେ ମୁଖ୍ୟମନ୍ତ୍ରୀ ଏବଂ '୫-ଟି' ଅଧ୍ୟକ୍ଷଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ। ନୟାଗଡ଼ ବିଧାୟକ ଡ. ସାହୁ ମୁଖ୍ୟମନ୍ତ୍ରୀଙ୍କ ପାଇଁ ପରିବାର ଅର୍ଥନୀତି ସୁଦୃଢ଼ ହେଉଥିବା କହିଥିଲେ। ଓଡ଼ିଶାରେ ବିକାଶର ରଥଚକ ଗଡ଼ି ଚାଲିଥିବା ବେଳେ ପ୍ରଗତୀର ଫୁଆର ଜନସାଧାରଣଙ୍କୁ ଆହ୍ଲାଦିତ କରିଛି ବୋଲି କହିଥିଲେ। ଓଡ଼ିଶାର ବକ୍ତବ୍ୟ ରଖିଥିଲେ। ମୁଖ୍ୟମନ୍ତ୍ରୀଙ୍କ ଦୂରଦୃଷ୍ଟି ପାଇଁ ସମଗ୍ର ବିଶ୍ୱ ତାଙ୍କୁ ପ୍ରଶଂସା କରୁଛି ବୋଲି କହିଥିଲେ। ସାଢ଼େ ୪ କୋଟି ଓଡ଼ିଆଙ୍କୁ ନିଜ ପରିବାର ଭାବେ ଗ୍ରହଣ କରିଥିବା ମୁଖ୍ୟମନ୍ତ୍ରୀ ନିଆଣ୍ଟିଆ ରାଜ୍ୟକୁ ବଳକା ରାଜ୍ୟରେ ପରିଣତ କରିଛନ୍ତି ବୋଲି ପ୍ରତ୍ୟେକ ପରିବାର ଦୁଇ ପଇସା ସଞ୍ଚୟ କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ପ୍ରତ୍ୟେକ ଯୋଜନା କରାଯାଉଛି। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଦ୍ୱାରା ଜନସାଧାରଣ ଚିକିତ୍ସା ସୁବିଧା ପାଉଥିବା ବେଳେ ଖର୍ଚ୍ଚାନ୍ତରୁ ମୁକ୍ତି ହେବା ସହ ଅର୍ଥ ସଞ୍ଚୟ କରିବାରେ ସହାୟକ ହେଉଛନ୍ତି। ସେହିଭଳି ଭାବେ ଛାତ୍ରଛାତ୍ରୀଙ୍କ ପାଇଁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ '୫-ଟି' ଅଧ୍ୟକ୍ଷ ଘୋଷଣା କରିଥିବା ଛାତ୍ର ବୃତ୍ତି ଯୋଜନା ପ୍ରତ୍ୟେକ ଗରୀବ ଓ ମଧ୍ୟବିତ ପରିବାରକୁ ଏକ ବଳ ଦେଇଛି ବୋଲି କହିଥିଲେ। ଲକ୍ଷ୍ମୀ ବସ୍ ସେବା ଦ୍ୱାରା ଜନସାଧାରଣ ଅନେକ ଉପକୃତ ହେବେ ବୋଲି ବିଧାୟକ କହିବା ସହ ପ୍ରେଟୋଲ ଓ ଡିଜେଲ୍ ମହଙ୍ଗା ଦ୍ୱାରା ଖର୍ଚ୍ଚାନ୍ତରୁ ମୁକ୍ତି ପାଇବେ ବୋଲି କହିଥିଲେ। ମମତା ଯୋଜନାଠାରୁ ଆରମ୍ଭ କରି ଅନେକ ଯୋଜନା ଲୋକଙ୍କୁ ଅର୍ଥ ସଞ୍ଚୟ କରିବାରେ ସହଯୋଗ ଦେଇ ଆସୁଛି ବୋଲି କହିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ନୟାଗଡ଼ ଜିଲ୍ଲାରେ ଲକ୍ଷ୍ମୀ ବସ ସେବା ଶୁଭାରମ୍ଭ କରିଥିଲେ। ନୟାଗଡ଼ ଷ୍ଟାଡିୟମଠାରୁ ୩ଟି ବସ ନୟାଗଡ଼ ବ୍ଲକ ଅନ୍ତର୍ଗତ ଗମ୍ଭାରିଡିହିକୁ ଗସ୍ତ କରିଥିଲା। ଉକ୍ତ ସ୍ଥାନରେ ସମସ୍ତ ଅତିଥି ଗମ୍ଭାରିଡିହି ବସଷ୍ଟପକୁ ଲୋକାର୍ପିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ନୟାଗଡ଼ ଜିଲ୍ଲାର ୧୦ ହଜାରରୁ ଉର୍ଦ୍ଧ୍ୱ ମହିଳା ଓ ଛାତ୍ରଛାତ୍ରୀ ସାମିଲ ହୋଇଥିଲେ। ନୟାଗଡ଼ ଜିଲ୍ଲାର ବିଭିନ୍ନ ବ୍ଲକ ଅଧ୍ୟକ୍ଷ, ଉପାଧ୍ୟକ୍ଷ, ଜିଲ୍ଲା ପରିଷଦ ସଦସ୍ୟଙ୍କ ସମେତ ବିଭିନ୍ନ ବିଭାଗ କର୍ମଚାରୀ ଉପସ୍ଥିତ ଥିଲେ।






## କୂଅରେ ପଡ଼ି ପ୍ରଥମ ଶ୍ରେଣୀ ଛାତ୍ର ମୃତ

ଦଶପଲ୍ଲା, ୧୬।୨(ସମିସ): ଦଶପଲ୍ଲା ବ୍ଲକ ଅନ୍ତର୍ଗତ ମଧ୍ୟଖଣ୍ଡ ପଞ୍ଚାୟତ ତେନ୍ତୁଲିଆପଲ୍ଲୀ ପ୍ରାଥମିକ ସ୍କୁଲ ର ପ୍ରଥମ ଶ୍ରେଣୀ ଛାତ୍ର ସ୍ମୃତିରଞ୍ଜନ ମହାରଣା କୂଅରେ ପଡ଼ି ମୃତ୍ୟୁ ବରଣ କରିଥିବା ଜଣାଯାଇଛି। ଶୁକ୍ରବାର ଅପରାହ୍ନ ସାଢେ ୪ ଟା ସମୟରେ ସ୍ମୃତିରଞ୍ଜନ ନିଜ ଗ୍ରାମ ଘୋଲାହାଣ୍ଡି ପଞ୍ଚାୟତ ମୁଣ୍ଡା ଗ୍ରାମକୁ ଅନ୍ୟ ଛାତ୍ର ଛାତ୍ରୀଙ୍କ ସହିତ ଫେରିଥିଲେ। ରାସ୍ତାରେ ଶୋଷ ଲାଗିବାରୁ ସେ ରାସ୍ତାକଡରେ ଥିବା ଏକ ସଦ୍ୟ ଖୋଳାଯାଇଥିବା ମାଟି କୂଅକୁ ପାଣି ପିଇବାକୁ ହାତ ବଢ଼ାଇ ଥିଲେ। ଏହି ସମୟରେ ସେ ଅନ୍ୟ ଜଣେ ଛାତ୍ରୀଙ୍କ ହାତ ଧରି ଅନ୍ୟ ହାତରେ ପାଣି ପିଉଥିଲା। ତେବେ କୌଣସି ମତେ ହାତ ଖସି ଯିବାରୁ ସେ କୂଅ ଭିତର ପାଣିରେ ଖସି ପଡ଼ିଥିଲା। ଅନ୍ୟମାନେ ତାକୁ ଉଦ୍ଧାର କରି ନପାରି ଗାଁକୁ ଧାଇଁ ଖବର ଦେଇଥିଲେ। ଗ୍ରାମବାସୀ ତାକୁ ଉଦ୍ଧାର କରି ପ୍ରଥମେ ମଧ୍ୟଖଣ୍ଡ ଓ ପରେ ଦଶପଲ୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚାଇ ଥିଲେ ହେଁ ଡାକ୍ତର ମୃତ ଘୋଷଣା କରିଥିଲେ। ମୃତକ ଛାତ୍ର ସନ୍ତୋଷ ମହାରଣାଙ୍କ ଏକ ମାତ୍ର ପୁତ୍ର ଥିବା ବେଳେ ଗାଁରେ ଶୋକର ଛାୟା ଖେଳି ଯାଇଛି।

## ନୟାଗଡ଼ରେ ଶ୍ରମିକ, କୃଷକ ହରତାଳ

ନୟାଗଡ଼, ୧୬।୨(ସମିସ): ସର୍ବଭାରତୀୟ ଆହ୍ୱାନକ୍ରମେ ସଂଯୁକ୍ତ କିଷାନ ମୋର୍ଚ୍ଚା ଓ ଟ୍ରେଡ ୟୁନିଅନ ସମୂହ ନେତୃତ୍ୱରେ ନୟାଗଡ଼ ଜିଲ୍ଲା ସଦରମହକୁମା ଠାରେ ଦେଶବ୍ୟାପୀ ସାଧାରଣ ଧର୍ମଘଟ ପରିପ୍ରେକ୍ଷୀରେ ପଟୁଆର ପୂର୍ବକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ ସହିତ ସଭା କରାଯାଇଛି। ସିଆଇଟିୟୁର ବରିଷ୍ଠ ନେତା ବିଶ୍ୱନାଥ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବିକ୍ଷୋଭରେ ଶ୍ରମିକ ସଂଗଠକ ଶ୍ରୀକାନ୍ତ ପଟ୍ଟନାୟକ, ପବିତ୍ର ଇନ୍ଦ୍ରଜିତ, କୁଳମଣି ପୃଷ୍ଟି, ଏସ୍ ଏ କରିମ୍, ବୁଦ୍ଧି ନାୟକ, ଗୋପିନାଥ ଜେନା, କମଳା ତ୍ରିପାଠୀ, ବିଭୁତି ପଟ୍ଟନାୟକ ପ୍ରମୁଖ ଉଦବୋଧନ ଦେଇ କେନ୍ଦ୍ର ସରକାରର କଳା କୃଷି ଆଇନ, ଶ୍ରମିକ ବିରୋଧୀ ଶ୍ରମକୋଡ୍ ବିରୋଧରେ କଟୁ ସମାଲୋଚନା କରିବା ସହିତ ଉକ୍ତ କଳା କାନୁନ ପ୍ରତ୍ୟାହାର ନହେଲେ ରାଜରାସ୍ତାଠୁ ଆରମ୍ଭ କରି ପାର୍ଲିଆମେଣ୍ଟ ପର୍ଯ୍ୟନ୍ତ ଲଢେଇ ଜାରି ରହିବ ବୋଲି ବକ୍ତା ମାନେ ଦୃଢୋକ୍ତି କରିଥିଲେ। ପ୍ରତିନିଧି ମଣ୍ଡଳୀ ଜିଲ୍ଲା ପ୍ରଶାସନ କୁ ଦାବିପତ୍ର ଦେଇ ମଧ୍ୟାହ୍ନ ଭୋଜନ ପାଚିକା ଓ ସହାୟିକାଙ୍କ ବେତନ ବୃଦ୍ଧି, ନିୟମିତ ଭତ୍ତା ସମ୍ପର୍କରେ ଦାବି ଉପସ୍ଥାପନ କରିଥିଲେ।

## 'ଆମ ଓଡ଼ିଶା ନବୀନ ଓଡ଼ିଶା' ସଚେତନତା କାର୍ଯ୍ୟକ୍ରମ

ଖଣ୍ଡପଡ଼ା, ୧୬।୨(ସମିସ): ଖଣ୍ଡପଡ଼ା ବ୍ଲକ ଅଧୀନ ବଳଭଦ୍ର ପ୍ରସାଦ ପଞ୍ଚାୟତରେ 'ଆମ ଓଡ଼ିଶା ନବୀନ ଓଡ଼ିଶା'କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଶୁକ୍ରବାର ପଞ୍ଚାୟତର ସରପଞ୍ଚ ବାସୁଦେବ ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ସଚେତନତା କାର୍ଯ୍ୟକ୍ରମରେ ବ୍ଲକ ଉପାଧ୍ୟକ୍ଷ ଶିଶିର କୁମାର ସାହୁ ମୁଖ୍ୟଅତିଥି ଭାବେ ଯୋଗ ଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଲୋକଙ୍କୁ ବିଭିନ୍ନ ଯୋଜନା ବାବଦରେ ସଚେତନ କରିବା ସହ ଷଷ୍ଠ ଥର ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ମୁଖ୍ୟମନ୍ତ୍ରୀ ଭାବେ ନିର୍ବାଚିତ କରିବାକୁ ଉପସ୍ଥିତ ପଞ୍ଚାୟତବାସୀଙ୍କୁ ଶ୍ରୀ ସାହୁ ସଂକଳ୍ପ କରାଇଥିଲେ। ସମ୍ମାନିତ ଅତିଥି ଭାବେ ୫ନଂ ଜୋନ ଜିଲ୍ଲା ପରିଷଦ ସଦସ୍ୟ ରାମେଶ୍ୱର ଶତପଥୀ, ସ୍ଥାନୀୟ ସମିତି ସଭ୍ୟା ସସ୍ମିତା ଦାସ, ଜୋନ ସଭାପତି ଅଖିଳ ପଣ୍ଡା, ବ୍ଲକ ଯୁବ ସଭାପତି ମନୋରଞ୍ଜନ ବେହେରା, ପୂର୍ବତନ ସରପଞ୍ଚ କୃଷ୍ଣଚନ୍ଦ୍ର ସାହୁ, କୁମ୍ଭାରପଡ଼ା ସରପଞ୍ଚ ଚିନ୍ମୟ କୁମାର ପଣ୍ଡା, ସମିତିସଭ୍ୟ ନରେନ୍ଦ୍ର ନାଥ ଦାଶ, ଢୋଲମରା ସମିତି ସଭ୍ୟ ମାନସ ଦାଶ, ଯୁବ ସଂଗଠକ ବୁଲୁ ଦାସ ପ୍ରମୁଖ ମଞ୍ଚାସିନ ରହି ରାଜ୍ୟ ସରକାରଙ୍କ ଲୋକାଭିମୁଖୀ ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ। ଶିଖରପୁର ପୂର୍ବତନ ସରପଞ୍ଚ ବିଜୟ କୁମାର ତ୍ରିପାଠୀ ମଞ୍ଚ ପରିଚାଳନା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି ବ୍ଲକ ଅଧୀନ ସିଂଘାପଡ଼ା ପଞ୍ଚାୟତ ରେ ସରପଞ୍ଚ ସୁନୀଲ କୁମାର ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ସଚେତନତା କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବ୍ଲକ ଉପାଧ୍ୟକ୍ଷ ଶିଶିର କୁମାର ସାହୁ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥୀ ଭାବରେ ବରିଷ୍ଠ ଜିଲ୍ଲା ପରିଷଦ ସଭ୍ୟ ରାମେଶ୍ୱର ଶତପଥୀ, ବ୍ଲକ ଅଧ୍ୟକ୍ଷା ଉପମା ବେହେରା, ପୂର୍ବତନ ବ୍ଲକ ଉପାଧ୍ୟକ୍ଷା ମିନତୀ ସାହୁ, ସମିତି ସଭ୍ୟ ସୁଷମା ଯାନୀ, ଜୋନ ସଭାପତି ଅଖିଳ ପଣ୍ଡା, ପୂର୍ବତନ ସମିତି ସଭ୍ୟ ଆନନ୍ଦ ଚନ୍ଦ୍ର ସାହୁ, ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଦେବରାଜ ବିଶ୍ୱାଳ ପ୍ରମୁଖ ମଞ୍ଚାସିନ ରହି ମୁଖ୍ୟମନ୍ତ୍ରୀଙ୍କ ଯୋଜନା ସମ୍ପର୍କରେ ସମସ୍ତ ତଥ୍ୟ ପ୍ରଦାନ କରିଥିଲେ। ଜନ୍ମେଜୟ ଦଳେଇ ମଞ୍ଚ ସଂଯୋଜନା କରିଥିବା ବେଳେ ମିଶନଶକ୍ତି ମହିଳାମାନେ ଅତିଥିଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ପଞ୍ଚାୟତର ସ୍ୱୟଂ ସହାୟକ ଗୋଷ୍ଠୀ, ଏମବିକେ, ସିଆରପି, ଅଙ୍ଗନବାଡ଼ିକର୍ମୀଙ୍କ ସମେତ ବହୁ ଜନସାଧାରଣ ଯୋଗଦେଇଥିଲେ। '୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ଖଣ୍ଡପଡ଼ା ଗସ୍ତରେ ଆସି ଘୋଷଣା କରିଥିବା ୫୦ ଲକ୍ଷ ଟଙ୍କା ପଞ୍ଚାୟତର ୧୬ଟି ବିକାଶମୂଳକ କାର୍ଯ୍ୟ ପାଇଁ ମଞ୍ଜୁର ହୋଇ ସାରିଥିବା ବେଳେ ଉକ୍ତ ଟଙ୍କାରେ ବିଭିନ୍ନ ସାମୂହିକ କାର୍ଯ୍ୟ ଚାଲୁ ରହିଛି। ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ଛାତ୍ରଛାତ୍ରୀଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା।



**ନୟାଗଡ଼**: ନୟାଗଡ଼ ସଦରବ୍ଲକ ଅନ୍ତର୍ଗତ ଘଡୁଆଳ, ଇଟାମାଟି, ନାଟୁଗାଁ ପଞ୍ଚାୟତ ସମେତ ପୌର ପରିଷଦର ବିଭିନ୍ନ ୱାର୍ଡରେ 'ଆମ ଓଡ଼ିଶା ନବୀନ ଓଡ଼ିଶା' ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁ, ବ୍ଲକ ଅଧ୍ୟକ୍ଷ କିଶୋର ଚନ୍ଦ୍ର ସାହୁ, ଉପାଧ୍ୟକ୍ଷା ଲକ୍ଷ୍ମୀପ୍ରିୟା ସାହୁ, ପୌର ପରିଷଦ ଅଧ୍ୟକ୍ଷା ନିରୂପମା ଖଟେଇ ପ୍ରମୁଖ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ନୟାଗଡ଼ ବିଧାୟକ ଡ. ସାହୁ 'ଆମ ଓଡ଼ିଶା ନବୀନ ଓଡ଼ିଶା'ଯୋଜନା ମାଧ୍ୟମରେ ଗ୍ରାମାଞ୍ଚଳର ବିକାଶ କିଭଳି ହେଉଛି ସେ ସମ୍ପର୍କରେ ବକ୍ତବ୍ୟ ଦେଇଥିଲେ। ଘଡୁଆଳ ପଞ୍ଚାୟତରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସଂଯୁକ୍ତା ରାଣୀ ମହାପାତ୍ର, ସମିତିସଭ୍ୟା ପୁଷ୍ପାଞ୍ଜଳୀ ବିଶ୍ୱାଳ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଇଟାମାଟି ପଞ୍ଚାୟତରେ ସରପଞ୍ଚ ସ୍ୱପ୍ନେଶ୍ୱରୀ ସେଠୀ, ସମିତିସଭ୍ୟା ଗୋଲାପରାଣୀ ସେଠୀ ଏବଂ ନାଟୁଗାଁ ପଞ୍ଚାୟତ ସରପଞ୍ଚ ସାଗରବାଳା ବରାଡ, ସମିତିସଭ୍ୟା ତୋଫାନୀ ଦାଶ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ପଞ୍ଚାୟତରେ ଭୋଟର ଟ୍ୟାଗିଂ ପ୍ରଶିକ୍ଷଣ ଶିବିର



ଭାପୁର, ୧୬।୨ (ସମିସ): ନୟାଗଡ଼ ଜିଲ୍ଲା ଖଣ୍ଡପଡ଼ା ନିର୍ବାଚନ ମଣ୍ଡଳୀର ଭାପୁର ବ୍ଲକ ଶାସକ ବିଜୁ ଜନତା ଦଳର ଗଡ଼ ବୋଲି କୁହାଯାଏ। ସବୁ ନିର୍ବାଚନ ରେ ଭାପୁର ବ୍ଲକରୁ ଶାସକ ଦଳ ବିପୁଳ ଜନସମର୍ଥନ ପାଇଥାଏ। ବର୍ତ୍ତମାନ ପ୍ରତି ବୁଥରେ କିପରି ଦଳକୁ ଅଧିକ ମଜଭୁତ କରାଯିବ ଓ ଭୋଟରଙ୍କୁ କିପରି ମତଦାନ କେନ୍ଦ୍ରକୁ ଅଣାଯିବ ସେ ନେଇ ଦଳ ଗୁରୁତ୍ୱ ଦେଇ କାର୍ଯ୍ୟକ୍ରମ ଆରମ୍ଭ କରିଛି। ଖଣ୍ଡପଡ଼ା ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟକ ଅନୁଭବ ପଟ୍ଟନାୟକଙ୍କ ନେତୃତ୍ୱରେ ଶୁକ୍ରବାର ଦିନ ଭାପୁର ବ୍ଲକର ବିଜିପୁର ଓ ଭଗବାନପୁର ପଞ୍ଚାୟତ ରେ ଭୋଟର ଟ୍ୟାଗିଂ ପ୍ରଶିକ୍ଷଣ ଶିବିର ଆୟୋଜନ କରାଯାଇଥିଲା। ବିଜିପୁର ମିନି ଷ୍ଟାଡିୟମ ନିକଟରେ ପଞ୍ଚାୟତର ପ୍ରତି ବୁଥରୁ ଚାରିଜଣ ଲେଖାଏଁ ଯୁବକଙ୍କୁ ନେଇ ଶିବିର ଆୟୋଜନ କରାଯାଇଥିଲା। ପ୍ରଶିକ୍ଷକ ଭାବେ ଅନୁଭବ ପଟ୍ଟନାୟକ ଯୋଗଦେଇଥିଲା ବେଳେ ତାଙ୍କୁ ସହଯୋଗ କରିଥିଲେ ସନ୍ତୋଷ କୁମାର ତ୍ରିପାଠୀ, ବିଜୟ କୁମାର ପଟ୍ଟନାୟକ ଓ ଅବସରପ୍ରାପ୍ତ ଶିକ୍ଷକ ନାରାୟଣ ଦାଶ। ସେହିପରି ଭଗବାନପୁର ପଞ୍ଚାୟତ ବେତଖୋଲି ଗ୍ରାମ କୋଠଘରେ ହୋଇଥିବା ପ୍ରଶିକ୍ଷଣ ଶିବିରରେ ଅନୁଭବ ପଟ୍ଟନାୟକଙ୍କୁ ପଞ୍ଚାୟତ ର ସମିତି ସଭ୍ୟଙ୍କ ପ୍ରତିନିଧି ବସନ୍ତ କୁମାର ନାୟକ, ୱାର୍ଡ ସଭ୍ୟ ସାରଙ୍ଗଧର ନାୟକ ଓ ସନ୍ତୋଷ ପ୍ରଧାନ ସହଯୋଗ କରିଥିଲେ। ପ୍ରଶିକ୍ଷଣ ନେଇଥିବା ଯୁବକମାନେ ପ୍ରତି ୱାର୍ଡରୁ ଜଣକା ୫୦ ଜଣ ଭୋଟରଙ୍କ ଟ୍ୟାଗର ଫର୍ମ ପୂରଣ କରି ସାତ ଦିନ ମଧ୍ୟରେ ଭାପୁର ବ୍ଲକ ଉପାଧ୍ୟକ୍ଷଙ୍କୁ ପ୍ରଦାନ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି।

## ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ କଲେ ଏନ୍‌ଏସି ଅଧ୍ୟକ୍ଷା

ଖଣ୍ଡପଡ଼ା, ୧୬।୨(ସମିସ): ଖଣ୍ଡପଡ଼ା ଏନ୍‌ଏସି ଅଧୀନ ବିଭିନ୍ନ ୱାର୍ଡରେ ଶିଳାନ୍ୟାସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଶୁକ୍ରବାର ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ନିରଞ୍ଜନ ଧଳଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଅଧ୍ୟକ୍ଷା ଆରତୀ ପ୍ରଧାନ ଯୋଗଦେଇ ବିଭିନ୍ନ ପ୍ରକଳ୍ପ ଗୁଡ଼ିକର ଶିଳାନ୍ୟାସ କରିବା ସହିତ ଖଣ୍ଡପଡ଼ା ଜନସାଧାରଣଙ୍କ ସହଯୋଗ କାମନା କରିଥିଲେ। ବାଇପାସ ରାସ୍ତା ନିକଟରେ ୧୯ ଲକ୍ଷ ଟଙ୍କା ବ୍ୟୟରେ କଂସେଇ ଖାନା, ୪ନଂ ୱାର୍ଡ଼ ମଙ୍ଗଳାଙ୍କ ସାହିରେ ୧୪ ଲକ୍ଷ ଟଙ୍କା ବ୍ୟୟରେ ଡ୍ରେନ ନିର୍ମାଣ, ୧ନଂ ୱାର୍ଡ଼ କେତକିବାରି ନିକଟରେ ୧୯ ଲକ୍ଷ ଟଙ୍କାରେ ନୂତନ ରାସ୍ତା, ୮ନଂ ୱାର୍ଡ଼ରେ ୧୯ ଲକ୍ଷ ଟଙ୍କାରେ ନୂତନ ରାସ୍ତା, ସୁନାମୁହିଁ ପାର୍କ ନିକଟରେ ୩୯ ଲକ୍ଷ ଟଙ୍କାରେ ପାଚେରି ନିର୍ମାଣ କାର୍ଯ୍ୟ ସାମିଲଥିବା ସୂଚନା ରହିଛି। ସେହିପରି ଉମାଦେବୀ ସାହିରେ ୭ ଲକ୍ଷ ଟଙ୍କା ବ୍ୟୟରେ ନବନିର୍ମିତ ପରିଚୟ ଗୃହକୁ ଏନ୍‌ଏସି ପକ୍ଷରୁ ଉଦ୍‌ଘାଟନ କରଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ବିଭିନ୍ନ ୱାର୍ଡର ଜନପ୍ରତିନିଧିମାନେ ସହଯୋଗ କରିଥିଲେ।



## କେନ୍ଦ୍ର ସରକାରଙ୍କ ବିରୋଧରେ ହରତାଳ



ଶରଣକୁଳ, ୧୬।୨(ସମିସ) କେନ୍ଦ୍ରୀୟ ଟ୍ରେଡ଼ ୟୁନିୟନ ସହିତ କିଷାନ ମୋର୍ଚ୍ଚାଙ୍କ ଡାକରାରେ ସାରା ଭାରତ ରେ ଦରବୃଦ୍ଧି, ବେକାରୀ, ଚାଷୀ ଫସଲର ସହାୟକ ମୂଲ୍ୟ ପାଇବା ପାଇଁ ଆଇନ ଆଣିବା, ପୁରୁଣା ପେନସନ ବ୍ୟବସ୍ଥା ଲଗୁ କରିବା, ଦରଦାମ୍ ନିୟନ୍ତ୍ରଣ କରିବା, ରାଷ୍ଟ୍ରାୟତ ଉଦ୍ୟୋଗ ଘରୋଇକରଣ ବନ୍ଦ କରିବା, ଠିକା ନିଯୁକ୍ତି ବାତିଲ ସହିତ ଖାଲି ପଡ଼ିଥିବା ସମସ୍ତ ପଦବୀ ପୂରଣ, କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଜନବିରୋଧୀ ନୀତି ବିରୋଧରେ ମୋଦୀ ସରକାର୍, ଗଣତନ୍ତ୍ର ବିରୋଧୀ, ସମ୍ବିଧାନ ବିରୋଧୀ, ଧର୍ମ ନିରପେକ୍ଷ ବିଚାର ଧାରା ବିରୋଧୀ। କୃଷକ ଓ ମହିଳାଙ୍କ ସମେତ ଶତାଧିକ ସ୍କିମ୍ ୱର୍କର୍‌ମାନେ ଏକ ହୋଇ କେନ୍ଦ୍ର ସରକାରଙ୍କ ଜନବିରୋଧୀ ନୀତି ବିରୋଧରେ ବିକ୍ଷୋଭ କରି ସଭା ଅନୁଷ୍ଠିତ କରିଥିଲେ। ଶରଣକୂଳ ଡ଼ାକବଙ୍ଗଳା ଠାରୁ ୨୦୦ରୁ ଉର୍ଦ୍ଧ୍ୱ ପୁରୁଷ, ମହିଳା ସତ୍ୟାଗ୍ରହୀ ବଜାର ପରିକ୍ରମା କରି ବସଷ୍ଟାଣ୍ଡ ଠାରେ ପହଁଞ୍ଚ ଥିଲେ। ସେଠାରେ ପ୍ରତିବାଦ ସଭା କୃଷ୍ଣ ଚନ୍ଦ୍ର ମହାପାତ୍ର ଅଧ୍ୟକ୍ଷତା ଅନୁଷ୍ଠିତ ହୋଇଥିଲା। ଉକ୍ତ ସଭାରେ ଚାଷୀ ନେତା ଗୋଲକ ମୁଦୁଲି, ଯୁବନେତା ସରୋଜ ନାୟକ, ମହିଳାନେତ୍ରୀ ଜ୍ୟୋତିପ୍ରଭା ଜେନା, କୃଷକ ନେତା ନିରଞ୍ଜନ ସାହୁ, ଭାଗିରଥି ସ୍ୱାଇଁ, ଧିରେନ ପାତ୍ର ପ୍ରମୁଖ କେନ୍ଦ୍ର ସରକାରଙ୍କ ଜନମାରଣା ନୀତି ବିରୁଦ୍ଧରେ ଉପସ୍ଥିତ ଜନସାଧାରଣଙ୍କୁ ଉଦ୍‌ବୋଧନ ଦେଇଥିଲେ।

● କୁରାଳ ସମବାୟ ସମିତି

## ଜମାକାରୀ ଫେରିପାଇଲେ ସଞ୍ଚିତ ଟଙ୍କା

ନୟାଗଡ଼/ଓଡଗାଁ, ୧୬।୨(ସମିସ): ନୟାଗଡ଼ ଜିଲ୍ଲା କୁରାଳ ସମବାୟ ସମିତିରେ ଘଟିଥିବା ଅନିୟମିତା ଘଟଣାରେ ଅନେକ ଅଧିକାରୀ ଓ କର୍ମଚାରୀଙ୍କ ଉପରେ ଖଣ୍ଡା ଝୁଲୁଛି। ଦୀର୍ଘ ୭ ବର୍ଷ ପରେ ଶୁକ୍ରବାର ଜମାକାରୀଙ୍କୁ ସେମାନଙ୍କର ସଞ୍ଚିତ ଅର୍ଥ ଫେରସ୍ତ କରିବା ପ୍ରକିୟା ଆରମ୍ଭ ହୋଇଛି। କୁରାଳ ସମବାୟ ସମିତିର ୬ କୋଟି ୪୨ ଲକ୍ଷ ଟଙ୍କା ତତ୍କାଳୀନ ସମ୍ପାଦକ ଓ ଅନ୍ୟମାନେ ହରିଲୁଟ କରିଥିଲେ। ଏହି ଅର୍ଥ ଫେରି ପାଇବା ପାଇଁ ଜମାକାରୀମାନେ ଅନେକ ସମୟରେ ଧାରଣା ଦେଇଥିବା ବେଳେ ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁଙ୍କ ଉଦ୍ୟମକ୍ରମେ ଜମାକାରୀମାନେ ଅର୍ଥ ଫେରି ପାଇଥିବା ଜଣାଯାଇଛି। ବିଧାୟକ ବାରମ୍ବାର ଉଚ୍ଚ ପଦାଧିକାରୀଙ୍କୁ ଭେଟିବା ସହ ଅର୍ଥ ଫେରସ୍ତ ପାଇଁ ବ୍ୟବସ୍ଥା କରାଇଥିଲେ। ଶୁକ୍ରବାର କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ରବୀନ୍ଦ୍ର ନାଥ ସାହୁ, ବ୍ଲକ ଅଧ୍ୟକ୍ଷ ଲୋକନାଥ ସାହୁ, ସମବାୟ ନିର୍ଦ୍ଦେଶକ ସନ୍ୟାସୀ ପ୍ରଧାନ, କୁରାଳ ସମବାୟ ସମିତି ସଭାପତି କାହ୍ନୁ ଚରଣ ପଣ୍ଡା ଏବଂ ସମ୍ପାଦକ ଲିଙ୍ଗରାଜ ସାହୁଙ୍କ ଉପସ୍ଥିତିରେ ୩୧ ଜଣ ଜମାକାରୀଙ୍କୁ ଅର୍ଥ ଫେରସ୍ତ କରାଯାଇଛି। ପ୍ରଥମ ପର୍ଯ୍ୟାୟରେ ୧ ଲକ୍ଷ ୮ ହଜାର ଟଙ୍କା ପ୍ରଦାନ କରାଯାଇଥିବା ବେଳେ ଯାଞ୍ଚ ଅନୁସାରେ ସମସ୍ତ ହିତାଧିକାରୀଙ୍କୁ ସେମାନଙ୍କ ସଞ୍ଚିତ ଅର୍ଥ ଫେରସ୍ତ କରାଯିବ ବୋଲି ସୂଚନା ମିଳିଛି। ତେବେ ଅର୍ଥ ହରିଲୁଟ କରିଥିବା ସମ୍ପାଦକଙ୍କ ସମ୍ପତ୍ତି ନିଲାମ ପାଇଁ ନିର୍ଦ୍ଦେଶ ରହିଥିବା ବେଳେ କେବେ ଏହି ନିର୍ଦ୍ଦେଶ ପାଳନ କରାଯିବ ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

କୋମଣ୍ଡ ପ୍ରକାଶ ହତ୍ୟା ଘଟଣା

## ହେମଦସ୍ତାରେ ମୁଣ୍ଡକୁ ପିଟିଥିଲେ

### ସ୍ତ୍ରୀ ଜ୍ୟୋତ୍ସ୍ନା ଏବଂ ଶାଶୂ ଡମୁଣୀ କୋର୍ଟ ଚାଲାଣ

ଓଡ଼ଗାଁ, ୧୬।୨(ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ବ୍ଲକ ଅନ୍ତର୍ଗତ କୋମଣ୍ଡ ପଞ୍ଚାୟତ ବଡ଼ସାହିରେ ଘଟିଯାଇଥିବା ଚାଞ୍ଚଲ୍ୟକର ହତ୍ୟା ଘଟଣାର ପୁଲିସ ଗୁମର ଖୋଲିଛି। ପରକୀୟା ପ୍ରୀତିରୁ ହତ୍ୟାକାଣ୍ଡ ଘଟିଥିବା ପ୍ରଚାରିତ ହୋଇଥିବା ବେଳେ ପ୍ରାଥମିକ ତଦନ୍ତ ଆଧାରରେ ଓଡ଼ଗାଁ ଥାନା ପୁଲିସ ସ୍ତ୍ରୀ ଜ୍ୟୋତ୍ସ୍ନା ନାୟକ(୩୨) ଏବଂ ଶାଶୂ ଡମୁଣୀ ପ୍ରଧାନଙ୍କୁ ଶୁକ୍ରବାର କୋର୍ଟଚାଲାଣ କରିଛି। ସେଠାରେ ତାଙ୍କର ଜାମିନ ନାମଞ୍ଜୁର ହେବାରୁ ଉଭୟଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ତେବେ ଦୀର୍ଘଦିନ ଧରି ଉଭୟ ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ଲାଗିରହିଥିବା ପାରିବାରିକ କଳହ ପ୍ରକାଶ ହତ୍ୟାକାଣ୍ଡର କାରଣ ହୋଇପାରେ ବୋଲି ପୁଲିସର ପ୍ରାଥମିକ ତଦନ୍ତରୁ ସୂଚନା ମିଳିଛି। ଏନେଇ ଓଡ଼ଗାଁ ପୁଲିସ ତଦନ୍ତ ଜାରି ରଖିଥିବା ବେଳେ ପରବର୍ତ୍ତୀ ସମୟରେ ଏହାର ସତ୍ୟାସତ୍ୟ ଜଣାପଡ଼ିବ। ପୁଲିସ ତଦନ୍ତ ଅନୁସାରେ ମୃତ ପ୍ରକାଶ ନାୟକ ପ୍ରତ୍ୟହ ମଦ୍ୟପାନ କରି ପାଟିତୁଣ୍ଡ କରିବା ସହିତ ଅନୈତିକ କାର୍ଯ୍ୟ ପାଇଁ ବାଧ କରୁଥିବା ବେଳେ ସ୍ତ୍ରୀ ଜ୍ୟୋତ୍ସ୍ନା ନାୟକ ଏହାକୁ ବିରୋଧ କଲେ ନାନା ନିର୍ଯାତନା ଦେବା ସହିତ ମାରପିଟ୍ କରୁଥିଲେ। ଏଭଳି ବର୍ଷବର୍ଷ ଧରି ଚାଲିଥିବା ବେଳେ ସ୍ୱାମୀ ପ୍ରକାଶ ନାୟକଙ୍କ ନିର୍ଯାତନା ଅସହ୍ୟ ହେବାରୁ ସ୍ୱାମୀଙ୍କୁ ଶେଷ କରିଦେବାକୁ ଜ୍ୟୋତ୍ସ୍ନା ନିଷ୍ପତ୍ତି ନେଇଥିଲେ। ଏଣୁ ଜାନୁଆରୀ ମାସ ପୂର୍ଣ୍ଣିମା ପୂର୍ବଦିନ ଅର୍ଥାତ ୨୪ ତାରିଖ ରାତିରେ ଆଜକୁ ୨୪ ଦିନ ପୂର୍ବେ ପ୍ରକାଶ ଘରେ ଶୋଇଥିବା ବେଳେ ଏକ ହେମଦସ୍ତା ପୁଆ ସାହାଯ୍ୟରେ ସ୍ତ୍ରୀ ଜ୍ୟୋତ୍ସ୍ନା ତାଙ୍କୁ ପିଟି ମାରିଦେଇଥିବା ପୁଲିସ ସୂଚନାରୁ ଜଣାପଡ଼ିଛି। ପରେ ଘଟଣାକୁ ଲୋକଲୋଚନରୁ ଲୁଚାଇ ଦେବାକୁ ନିଜ ଘର ଭିତରେ ଗାତ ଖୋଳି ସ୍ୱାମୀର ମୃତଦେହକୁ ପୋତି ଦେଇଥିଲେ। ଏହାସହ ପ୍ରମାଣ ନଷ୍ଟ କରିବା ପାଇଁ ଘରେ ପଡ଼ିଥିବା ରକ୍ତକୁ ସଫା କରିବା ସହିତ ରକ୍ତ ଭିଜା କପଡ଼ାକୁ ଘର ପଛ ପାଖରେ ପୋଡ଼ି ଦେଇଥିଲେ। ଏହି ହତ୍ୟାକାଣ୍ଡରେ ଜ୍ୟୋତ୍ସ୍ନାଙ୍କୁ ତାଙ୍କ ମାଆ ଅର୍ଥାତ ପ୍ରକାଶଙ୍କ ଶାଶୂ ଡମୁଣୀ ପ୍ରଧାନ ସହାୟତା କରିଥିଲେ। ପୁଲିସ ଜୋସ୍ନାରାଣୀ ଓ ତାଙ୍କ ମା'ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ବେଳେ ଏହି ହତ୍ୟାକାଣ୍ଡରେ ଅନ୍ୟ କେଉଁ ମାନେ ସମ୍ପୃକ୍ତ ଅଛନ୍ତି ତାର ତଦନ୍ତ ଜାରି ରଖିଛନ୍ତି। ହତ୍ୟାରେ ବ୍ୟବହୃତ ହେମଦସ୍ତାକୁ ପୁଲିସ ଜବତ କରିଛି। ଅଭିଯୋଗ ଅନୁସାରେ, ବିବାହ ପରଠାରୁ ପ୍ରାୟ ୧୩/୧୪ ବର୍ଷ ଧରି ପ୍ରକାଶ ନାୟକ କୋମଣ୍ଡ ଗ୍ରାମ ବଡ଼ସାହି ନିଜ ଶ୍ୱଶୁର ଘରେ ରହୁଥିଲେ। ସେ ନିଖୋଜ ହେବା ଖବର ଜଣାପଡ଼ିବା ପରେ ସ୍ତ୍ରୀ ଜ୍ୟୋତ୍ସ୍ନା ଥାନାରେ କୌଣସି ଅଭିଯୋଗ କରିନଥିବାରୁ ପ୍ରକାଶର ବାପାଙ୍କ ମନରେ ସନ୍ଦେହ ହେବାରୁ ଗୁରୁବାର ପୁଅ ନିଖୋଜ ଥିବା ନେଇ ଓଡଗାଁ ଥାନାରେ ଅଭିଯୋଗ କରିବାକୁ ଆସିଥିଲେ। ହେଲେ ସାଙ୍ଗରେ ପୁଅର ଆଧାରକାର୍ଡ ଆଣିନଥିଲେ। ଆଧାରକାର୍ଡ ଆଣିବାପାଇଁ ପ୍ରକାଶଙ୍କ ବାପା ପୁଅର ଶ୍ୱଶୁର ଘରକୁ ଯାଇଥିଲେ। ଶ୍ୱଶୁର ଘରୁ ଆଧାରକାର୍ଡ ଆଣିଲା ବେଳେ ଘର ଭିତରେ ମାଟି ଖୋଳାହୋଇଥିବା ଦେଖି ମନରେ ସନ୍ଦେହ ଉପୁଜିଥିଲା। ହେଲେ କାହାକୁ କିଛି ନକହି ଆଧାରକାର୍ଡ ନେଇ ଥାନାକୁ ଆସିଥିଲେ। ଥାନାରେ ପୁଅ ନିଖୋଜ ଥିବା ନେଇ ଅଭିଯୋଗ କରିବା ସହ ପୁଅକୁ ହତ୍ୟା କରାଯାଇଥିବା ସନ୍ଦେହ କରି ମାଟିଖୋଳ ସମ୍ପର୍କରେ ପୁଲିସ ଅଧିକାରୀଙ୍କୁ ସୂଚନା ଦେଇଥିଲେ। ପରେ ପୁଲିସ ପ୍ରକାଶଙ୍କ ଶ୍ୱଶୁର ଘରକୁ ଯାଇ ଛାନଭିନ୍ ଆରମ୍ଭ କରିଥିଲା। ପରେ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଘରେ ଭିତରେ ଗୁରୁବାର ରାତିରେ ମାଟି ଖୋଳି ଦେଖିବା ବେଳକୁ ପ୍ରକାଶଙ୍କ ମୃତଦେହ ମିଳିଥିଲା। ପୁଲିସ ମୃତଦେହକୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ କଟକ ପଠାଇ ଥିଲେ। ସାଇଣ୍ଟିଫିକ ଟିମ୍ ଘଟଣାର ତଦନ୍ତ କରିବା ସହ ପୁଲିସ ମଧ୍ୟ ଅଭିଯୁକ୍ତମାନଙ୍କ ନେଇ ସିନ୍ ରିକ୍ରିଏସନ କରିଥିଲେ।

# ଗାଁରୁ ସହରକୁ ଗମନାଗମନ ସୁବିଧା

**ଖୋର୍ଦ୍ଧାରେ ଗଡ଼ିଲା ଲକ୍ଷ୍ମୀ ବସ୍**

**▶ ଶୁଭାରମ୍ଭ ହେଲା ୧୩ଟି ଲକ୍ଷ୍ମୀ ବସ୍ ▶ ୫ଟଙ୍କାରେ ମହିଳା, ଛାତ୍ରଛାତ୍ରୀ କରିବେ ଯାତ୍ରା**









**ଖୋର୍ଦ୍ଧା, ୧୬।୨(ସମିସ)**

ଶୁକ୍ରବାର ଖୋର୍ଦ୍ଧା ଜିଲ୍ଲାରେ ଗଡ଼ିଲା ଲକ୍ଷ୍ମୀ ବସ୍। ମାତ୍ର ୫ଟଙ୍କା ବ୍ୟୟରେ ମହିଳା ଓ ଛାତ୍ରଛାତ୍ରୀ ଗାଁରୁ ସହରକୁ ଆସିପାରିବେ। ତେବେ ଗାଁରୁ ସହରକୁ ଗମନାଗମନ ସୁବିଧା ପାଇଁ ଘରେ ଘରେ ଲକ୍ଷ୍ମୀ କାର୍ଯ୍ୟକ୍ରମରେ ଶୁକ୍ରବାର ଖୋର୍ଦ୍ଧା ଜିଲ୍ଲାକୁ ଦିଆଯାଇଛି ୧୩ଟି ବସ୍। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭର୍ଚୁଆଲ ଖୋର୍ଦ୍ଧାରେ ଲକ୍ଷ୍ମୀ ବସ୍ ସେବା ଶୁଭାରମ୍ଭ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ସହିତ '୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ମୁଖ୍ୟମନ୍ତ୍ରୀ ଗ୍ରାମାଞ୍ଚଳ ଲୋକ ତଥା ମା'ମାନଙ୍କର ଗମନାଗମନ ସୁବିଧା ଲାଗି ଲକ୍ଷ୍ମୀ ବସ୍ ଯୋଜନା କାର୍ଯ୍ୟକାରୀ କରିଛନ୍ତି ବୋଲି କହିଛନ୍ତି।

ଲକ୍ଷ୍ମୀ ବସ ଆମ ଜୀବନକୁ ସହଜ କରିଛି। ପଞ୍ଚାୟତକୁ ବିକାଶର କେନ୍ଦ୍ର କରିବା ଏବଂ ଗାଁର ଅର୍ଥନିତୀକୁ ମଜଭୁତ କରିବା ଦିଗରେ ଲକ୍ଷ୍ମୀବସ ଗୁରୁତ୍ୱ ଭୂମିକା ନିର୍ବାହ କରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଦର୍ଶନ ଏବଂ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଦେଖିବାକୁ ଯିବା ପାଇଁ ଲକ୍ଷ୍ମୀ ଯୋଜନାରେ ଶ୍ରୀ ଜଗନ୍ନାଥ ଏକ୍ସପ୍ରେସ ମଧ ଆରମ୍ଭ କରାଯାଇଛି। ଏଥିରେ ମଧ ମାଆମାନଙ୍କ ପାଇଁ ଟିକଟ ଦାମ ଅଧା ରହିଛି। ଲକ୍ଷ୍ମୀ ବସ୍ ଲୋକଙ୍କ ସହିତ ରହିବ। ସାମାଜିକ ସମ୍ପର୍କକୁ ମଜଭୁତ କରିବ ଲକ୍ଷ୍ମୀବସ୍। ପିଲାଙ୍କୁ ସ୍କୁଲ କଲେଜ, ରୋଗୀଙ୍କୁ ହସ୍ପିଟାଲ ନେବ। ଚାଷୀକୁ ମାର୍କେଟ ସହିତ ଯୋଡିବ। ମା'ମାନେ ବିଭିନ୍ନ କାମରେ ଲକ୍ଷ୍ମୀ ବସ୍ ଯୋଗେ ଦ୍ୱାର ମୁହଁରୁ ସୁବିଧାରେ ଯିବା ଆସିବା କରିପାରିବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।



ଲକ୍ଷ୍ମୀ ବସ୍ ଶୁଭାରମ୍ଭ ସମୟରେ ସ୍ଥାନୀୟ ହାବେଳୀ ପଡ଼ିଆସ୍ଥିତ ମଞ୍ଚରେ ଭିନ୍ନକ୍ଷମ ଶଶକ୍ତୀକରଣ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ଜିଲ୍ଲା ଯୋଜନା ବୋର୍ଡ ଅଧକ୍ଷ ତଥା ବେଗୁନିଆ ବିଧାୟକ ରାଜେନ୍ଦ୍ର କୁମାର ସାହୁ, ଖୋର୍ଦ୍ଧା ବିଧାୟକ ଜ୍ୟୋତିରିନ୍ଦ୍ରନାଥ ମିତ୍ର, ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ, ଉତର ବିଧାୟକ ସୁଶାନ୍ତ ରାଉତ, ଜିଲ୍ଲାପରିଷଦ ଅଧକ୍ଷା ରୂପଶ୍ରୀରାଣୀ ଗୁମାନସିଂହ, 'ଆମ ଓଡ଼ିଶା ନବୀନ ଓଡ଼ିଶା'ର ଜିଲ୍ଲା ସଂଯୋଜିକା ଶ୍ରୀମୟୀ ମିଶ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ଶ୍ରୀମୟୀ ମିଶ୍ର ଏଠାରେ ମଞ୍ଚ ସଂଯୋଜନା କରିଥିଲେ। ବିଧାୟକ ଶ୍ରୀ ସାହୁ ଲକ୍ଷ୍ମୀବସ୍ ଯୋଜନା ଗ୍ରାମାଞ୍ଚଳରୁ ସହରକୁ ଗମନାଗମନର ପ୍ରମୁଖ ମାଧମ ହୋଇଥିବା ବେଳେ ଏହା ଏକ ଐତିହାସିକ ଯୋଜନା ବୋଲି କହିଥିଲେ। ସେହିପରି ଶ୍ରୀମୟୀ ମିଶ୍ର କହିଥିଲେ, ମୁଖ୍ୟମନ୍ତ୍ରୀଙ୍କର ଏହା ଏକ ଯୁଗାନ୍ତକାରୀ ପଦକ୍ଷେପ। ଗ୍ରାମାଞ୍ଚଳ ପରିବାରର ଆର୍ଥିକ ସ୍ଥିତିକୁ ଅନୁଧ୍ୟାନ କରି ଆମ ପ୍ରିୟ ମୁଖ୍ୟମନ୍ତ୍ରୀ ଲକ୍ଷ୍ମୀ ବସ୍ ଯୋଜନା ଆରମ୍ଭ କରିଛନ୍ତି।

**ପଞ୍ଚାୟତକୁ ବିକାଶର କେନ୍ଦ୍ର ଏବଂ ଗାଁର ଅର୍ଥନୀତିକୁ ମଜଭୁତ୍ କରିବାରେ ଲକ୍ଷ୍ମୀ ବସ୍ ଗୁରୁତ୍ୱ ବହନ କରିବ**

ପ୍ରଥମ ପର୍ଯ୍ୟାୟରେ ଜିଲ୍ଲାର ୧୩ଟି ବସ୍ ଶୁଭାରମ୍ଭ ହୋଇଛି। ୬ଟି ବ୍ଲକ ଯଥା: ଖୋର୍ଦ୍ଧା, ବେଗୁନିଆ, ବୋଲଗଡ଼, ଟାଙ୍ଗୀ, ବାଣପୁର, ଚିଲିକା ବ୍ଲକର ୧୨ ଟି ରୁଟ୍‌ରେ ୧୨ଟି ବସ୍ ଚାଲିବ। ପ୍ରତି ବ୍ଲକକୁ ୨ଟି ଲେଖାଏଁ ବସ ଦିଆଯାଇଛି। ପଞ୍ଚାୟତରୁ ବ୍ଲକ ମୁଖ୍ୟାଳୟ ପର୍ଯ୍ୟନ୍ତ ଚାଲିବ। ଅବଶିଷ୍ଟ ଗୋଟିଏ ଏସି ବସ୍ ମୁଖ୍ୟାଳୟରେ ରହିଛି। ଆସନ୍ତା ଦୁଇ ସପ୍ତାହ ମଧ୍ୟରେ ଜିଲ୍ଲାରେ ମୋଟ ୨୧ବସ୍ ୨୧ଟି ରୁଟ୍‌ରେ ଚାଲିବ ବୋଲି ଓଏସ୍‌ଆରଟିସିର ଡିଏମ ଲିଜାଲିନ ସାହୁ ସୂଚନା ଦେଇଛନ୍ତି। ଏହି ଅବସରରେ ସଭା ମଞ୍ଚ ନିକଟରୁ ୨ଟି ବସ୍ ଖୋର୍ଦ୍ଧା ବ୍ଲକ ନନ୍ଦପୁର ପଞ୍ଚାୟତ ଅଭିମୁଖେ ଯାଇଥିଲା। ଗୋଟିଏ ବସ୍ ରେ ମିଶନଶକ୍ତି ଓ ଏସଏଚଜି ମହିଳାମାନେ ଯାଇଥିବା ବେଳେ ଅନ୍ୟଟିରେ ଶ୍ରୀମୟୀ ମିଶ୍ର, ବେଗୁନିଆ ବିଧାୟକ ଶ୍ରୀ ସାହୁ, ଉତ୍ତର ବିଧାୟକ ଶ୍ରୀ ରାଉତ, ଜିଲ୍ଲାପରିଷଦ ଅଧକ୍ଷା ଶ୍ରୀମତୀ ଗୁମାନସିଂହ, ଖୋର୍ଦ୍ଧା ପୌରାଧକ୍ଷା କନକଲକ୍ଷ୍ମୀ ମହାନ୍ତି, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ସାଫଲ୍ୟ ମଣ୍ଡିତ ପ୍ରଧାନ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ଜିଲ୍ଲାପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ ଡଃ ବାଦଲ ମହାନ୍ତି, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସୁରେନ୍ଦ୍ରନାଥ ମୁର୍ମୁଙ୍କ ସମେତ ପ୍ରଶାସନିକ ଅଧିକାରୀମାନେ ବସି ଯାଇଥିଲେ। କାର୍ଯ୍ୟକ୍ରମ ଅବସରରେ ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ ବହୁ ସଂଖ୍ୟାରେ ମହିଳା ଓ ପୁରୁଷ ଯୋଗଦେଇଥିଲେ।

## ଅଚ୍ୟୁତପୁର ଲକ୍ଷ୍ମୀ ବସ୍‌ଷ୍ଟାଣ୍ଡ ଉଦ୍‌ଘାଟିତ



**ନିରାକାରପୁର, ୧୬।୨(ସମିସ):** ଖୋର୍ଦ୍ଧାସ୍ଥିତ ହାବେଳି ପଡ଼ିଆରେ ଖୋର୍ଦ୍ଧା ଜିଲ୍ଲାରେ ଆୟୋଜିତ ଘରେ ଘରେ ଲକ୍ଷ୍ମୀ କାର୍ଯ୍ୟକ୍ରମକୁ ଆଭାସି ଜରିଆରେ ଶୁଭାରମ୍ଭ କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, '୫-ଟି ' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ। ଏହି ଅବସରରେ ଟାଙ୍ଗୀ ବ୍ଲକ ଅଚ୍ୟୁତପୁର ଲକ୍ଷ୍ମୀ ବସଷ୍ଟାଣ୍ଡ ଉଦଘାଟିତ ହୋଇଯାଇଛି। ଅତିଥି ଭାବେ ବ୍ଲକ ଉପାଧକ୍ଷା ଦୁର୍ଗା ନାଥ ଶର୍ମା, ୧୨ ନଂ ଜିଲ୍ଲାପରିଷଦ ସଭ୍ୟ ବିଜୟ ପାଲଟାସିଂହ ଓ ଅଚ୍ୟୁତପୁର ସରପଂଚ ସୋନାଲି ମହାପାତ୍ର, ଟାଙ୍କୋଳ ସରପଞ୍ଚ ବିରେଶ୍ ରାଜଗୁରୁ, ସମିତି ସଭ୍ୟ ପୂର୍ଣ୍ଣଚନ୍ଦ୍ର ସିଂହ ପ୍ରମୁଖ ଉପସ୍ଥିତ ହୋଇ ଉଦ୍‌ଘାଟିନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମାଜସେବୀ ଟଙ୍କଧର ମହାପାତ୍ର, ନିର୍ବାହୀ ଅଧିକାରୀ ସାରଥ ଚନ୍ଦ୍ର ପାଇକରାୟ, ଜିଆରଏସ ସ୍ୱୟଂବ୍ରତ ଶ୍ରୀଚନ୍ଦନ ପ୍ରମୁଖ ସହଯୋଗ କରିଥିଲେ।

## ଦେଉଳିରେ 'ଆମ ପୁଲିସ' କାର୍ଯ୍ୟକ୍ରମ



**ବେଗୁନିଆ, ୧୬।୨(ସମିସ):** ବେଗୁନିଆ ବ୍ଲକ ଅନ୍ତର୍ଗତ ଦେଉଳି ପଞ୍ଚାୟତରେ ' ଆମ ପୁଲିସ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି।ଥାନା ଅଧିକାରୀ ଜ୍ୟୋତି ପ୍ରକାଶ ପଣ୍ଡାଙ୍କ ଅଧ୍ୟକ୍ଷତାରେ ତହସିଲଦାର ତାପସ ବିଶି ମୁଖ୍ୟ ଅତିଥି, ଜିଲ୍ଲା ଉପଖଣ୍ଡ ଆରକ୍ଷୀ ଅଧିକାରୀ ଦିଲ୍ଲୀପ କୁମାର ଦାସ ମୁଖ୍ୟବକ୍ତା, ସ୍ଥାନୀୟ ସରପଞ୍ଚ ଅକ୍ଷୟ ରାଉତରାୟ, ଗୋବିନ୍ଦପୁର ପ୍ରାଥମିକ ଚିକିତ୍ସାଳୟର ଡାକ୍ତର ଦେବୀ ପ୍ରସାଦ ଦାଶ ଓ ପ୍ରଧାନଶିକ୍ଷକ ଦାଶରଥି ପ୍ରଧାନ ପ୍ରମୁଖ ଅତିଥି ଭାବେ ଯୋଗଦେଇ ପୁଲିସ ଜନ ସାଧାରଣଙ୍କ ମଧ୍ୟରେ ସମନ୍ୱୟ ରଖିଲେ ସୁସ୍ଥ ସମାଜ ଗଠନ ଦିଗରେ ସହାୟକ ହୋଇ ପାରିବ ବୋଲି ମତ ପ୍ରକାଶ କରିଥିଲେ। ଏଥିରେ ସ୍ଥାନୀୟ ଅଞ୍ଚଳର ଜନ ସାଧାରଣ, ବୁଦ୍ଧିଜୀବୀ ଓ ସଚେତନ ନାଗରିକମାନେ ଯୋଗ ଦେଇଥିଲେ।

## ମାଣ୍ଡିଆ ମଣ୍ଡି ଉଦ୍‌ଘାଟିତ



**କାଲୁପଡ଼ାଘାଟ, ୧୬।୨(ସମିସ):** ମାଣ୍ଡିଆ ଚାଷକୁ ସାରା ବିଶ୍ୱରେ ଲୋକ ପ୍ରିୟ କରିବା ପାଇଁ ରାଜ୍ୟ ସରକାର ଅଣ୍ଟା ଭିଡ଼ିଛନ୍ତି। ଏହି କ୍ରମରେ ସାରା ରାଜ୍ୟରେ ମିଲେଟ ମିସନ ପକ୍ଷରୁ ଆରମ୍ଭ ହୋଇଛି କାର୍ଯ୍ୟକ୍ରମ। ମିଲେ୍ ମିଶନ ଜରିଆରେ ଚାଷ ଓ ଚାଷୀଙ୍କୁ ସରକାର ଦେଉଛନ୍ତି ପ୍ରୋତ୍ସାହନ। ଯାହା ଫଳରେ ମାଣ୍ଡିଆ ଚାଷ କରି ଯୁବକ ମାନେ ସଶକ୍ତ ହେବା ସହ ଲୋକମାନଙ୍କର ପ୍ରୋଟିନ ଅଭାବକୁ. ମାଣ୍ଡିଆ ପୂରଣ କରି ପାରିବ। ଏହିକ୍ରମରେ ଟାଙ୍ଗୀ ବ୍ଲକ ଓ ବାଣପୁର ବ୍ଲକ ଆଜି ଉଦଘାଟନ ହୋଇଛି ମାଣ୍ଡିଆ ମଣ୍ଡି। ଟାଙ୍ଗୀ ବ୍ଲକର କୁହୁଡି ସେବା ସମବାୟ ସମିତି ପରିସରରେ ମଣ୍ଡି ଉଦ୍‌ଘାଟନ ହୋଇ ସାରିଛି। କାର୍ଯ୍ୟକ୍ରମରେ ଜିଲ୍ଲା କୃଷି ଅଧିକାରୀ ସନ୍ତୋଷ କୁମାର ପରିଡ଼ା, ଜିଲ୍ଲାସମବାୟ ସଙ୍ଘ ସଭାପତି ପବିତ୍ର ଭୁଜବଳ, ସହକାରୀ କୃଷି ଅଧିକାରୀ ଯାଜ୍ଞଶେନି ନାୟକ, ସହକାରୀ ସମବାୟ ରେଜିଷ୍ଟର ପ୍ରଭାସ କୁମାର ମଲିକ, ଜିଲ୍ଲା କଲ୍ୟାଣ ଅଧିକାରୀ ସୁରେସ ଚନ୍ଦ୍ର ଜିତ ବାବୁଙ୍କ ସହ ବିଭାଗୀୟ ଅଧିକାରୀ ଯୋଗଦେଇ ମଣ୍ଡି ଉଦ୍‌ଘାଟନ କରିଥିଲେ।

## ଗୋରୁ ବୋଝେଇ ଟ୍ରକ୍ ଜବତ: ୭୦ ଗୋରୁ ଉଦ୍ଧାର, ୩ ଅଟକ

**ନିରାକାରପୁର, ୧୬ ।୨(ସମିସ):** ଖୋର୍ଦ୍ଧା ଜିଲ୍ଲା ବେଗୁନିଆ ଅଞ୍ଚଳରେ ବ୍ୟାପକ ଗୋରୁ ଚାଲାଣ କାରବାର ବୃଦ୍ଧି ପାଇ ଥିବାବେଳେ ଏହି ଅଞ୍ଚଳରୁ ଗୋରୁ ବୋଝେଇ ଗାଡି ଜଂକିଆ ଥାନା ଅଞ୍ଚଳ ଦେଇ ୧୬ ନଂ ଜାତୀୟ ରାଜପଥରେ ଅନ୍ୟ ରାଜ୍ୟକୁ ଚାଲାଣ କରିବାରେ ମାଫିଆମାନେ ସଫଳ ହେଉଛନ୍ତି। ବିଶେଷ ସୂତ୍ରରୁ ଖବର ପାଇ ଖୋର୍ଦ୍ଧା ଏସ୍‌ପି ସିଦ୍ଧାର୍ଥ କଟାରିଆଙ୍କ ନିର୍ଦ୍ଦେଶରେ ଏସ୍‌ଡିପିଓ ଦିଲ୍ଲୀପ ଦାସଙ୍କ ନେତୃତ୍ୱରେ ଜଂକିଆ ଥାନା ଆଇଆଇସି ପ୍ରଜ୍ଞା ରିତମ୍ଭରା କର ଗୁରୁବାର ବିଳମ୍ବିତ ରାତିରେ ଜଂକିଆ ନିକଟରେ ଚଢ଼ଉ କରି ଗୋରୁ ବୋଝେଇ ଆଇଚର ଗାଡ଼ି ନଂ ଟିଏସ ୧୧-ୟୁସି ୯୧୭୫ ଜବତ କରୁଛନ୍ତି। ଏହି ଗୋରୁ ବୋଝେଇ ଗାଡ଼ି ବେଗୁନିଆ ଥାନା ଜମୁସାହି ଅଞ୍ଚଳରୁ ଆସୁଥିବା ବେଳେ ଏହା ଆନ୍ଧ୍ରପ୍ରଦେଶ ଯାଉଥିବାର ସୂଚନା ମିଳିଛି। ଜବତ ଟ୍ରକ୍‌ରେ ୭୦ଟି ଗୋରୁ ଅତି ଦୟନୀୟ ଅବସ୍ଥାରେ ଚାଲାଣ କରାଯାଉଥିଲା। ଡ୍ରାଇଭରକୁ ମିଶାଇ ଗାଡ଼ିରେ ଥିବା ୩ ଜଣଙ୍କୁ ପୁଲିସ ଅଟକ ରଖି ପଚରାଉଚରା କରୁଛି। ଅଟକ ଡ୍ରାଇଭର ନାମ ତେଲେଙ୍ଗାନାର ସଭାବତ ସୁରେଶ, ମାଫିଆ ବେଗୁନିଆ କୁସପଲ୍ଲା ଗ୍ରାମର ଏସ୍‌କେ ନୌସାଦ ଓ ସୁମନ୍ତ ପଟ୍ଟନାୟକ ବୋଲି ଜଣାପଡ଼ିଛି। ଜବତ ଗୋରୁଙ୍କୁ ଭୁବନେଶ୍ୱର ସିଜୁଆ ଗୋଶାଳା ଛଡ଼ା ଯାଇଛି।

## 'ଆମ ଓଡ଼ିଶା ନବୀନ ଓଡ଼ିଶା' ସଚେତନତା କାର୍ଯ୍ୟକ୍ରମ

**କୁହୁଡ଼ି, ୧୬ ।୨(ସମିସ) :** ରାଜ୍ୟ ସରକାରଙ୍କ 'ଆମ ଓଡ଼ିଶା ନବୀନ ଓଡ଼ିଶା ' କାର୍ଯ୍ୟକ୍ରମ ମାଧ୍ୟମରେ ଖୋର୍ଦ୍ଧା ଜିଲ୍ଲା ରତନପୁର ଗ୍ରାମପଞ୍ଚାୟତ ପକ୍ଷରୁ ବିଭିନ୍ନ ଲୋକାଭିମୁଖି ଯୋଜନା ସମ୍ପର୍କୀତ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ପଞ୍ଚାୟତର ଉନ୍ନତି କରଣ ନିମନ୍ତେ ସରକାରଙ୍କ ପକ୍ଷରୁ ନିଆଯାଉଥିବା ସମସ୍ତ ପ୍ରକାର ପଦକ୍ଷେପ ଓ ପ୍ରୟାସ ବିଷୟରେ ଆଲୋଚନା ହୋଇଥିଲା। ଶ୍ରୀନୀଳକଣ୍ଠେଶ୍ୱର ସଂକୀର୍ତ୍ତନ ମଣ୍ଡଳୀ, ଭୋବରା ନିଜର କଳା ମାଧ୍ୟମରେ ଜନସାଧାରଣ ସଚେତନ କରାଇଥିଲେ। ମଧୁବାବୁ ପେନସନ ଯୋଜନା, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା, ମମତା ଯୋଜନା, ଖାଉଟି ଯୋଜନା, ମହିଳା ସଶକ୍ତିକରଣ ଯୋଜନା, ମିଶନ ଶକ୍ତି ଓ ଲକ୍ଷ୍ମୀବସ୍ ଯୋଜନା ବିଷୟରେ ମଧ ଆଲୋଚନା କରାଯାଇଥିଲା। କାର୍ଯ୍ୟକ୍ରମରେ ଟାଙ୍ଗୀ ପିଇଓ ଅରବିନ୍ଦ




ବେହେରା, ରତନପୁର ଜିଆଏସ୍ ନିରଞ୍ଜନ ବେହେରା, ରତନପୁର ସରପଞ୍ଚ ଗୁରୁବନ୍ଧୁ ବେହେରା, ସମସ୍ତ ୱାର୍ଡର ୱାର୍ଡମେମ୍ବର, ମିଶନ ଶକ୍ତି ମହିଳାମାନେ, ଏସ୍ ଏଚ୍ ଜି ଗ୍ରୁପ୍, ସିଆରପି, ଏମବିକେ, ଅଙ୍ଗନବାଡ଼ି ସଦସ୍ୟା ମାନେ, ଆଶା କର୍ମୀମାନେ, ବହୁସଂଖ୍ୟାରେ ମହିଳାମାନେ ଓ ଜନସାଧାରଣ ଉପସ୍ଥିତ ଥିଲେ।

**ବାଣପୁର :** ରାଜ୍ୟ ସରକାରଙ୍କ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଜରିଆରେ ବାଣପୁର ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ ଶୁକ୍ରବାର ବାଣପୁର ଆହାର କେନ୍ଦ୍ର ନିକଟରେ ବିଭିନ୍ନ ଲୋକାଭିମୁଖୀ ସହରୀ ଉନ୍ନତି କରଣ ଯୋଜନା ପ୍ରଚାର ଓ ପ୍ରସାର ନିମନ୍ତେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏନ୍‌ଏସି ନଗରପାଳ ମିଟୁ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥି ଭାବେ ଶିକ୍ଷାବିତ ସଂଗ୍ରାମ କେଶରୀ ସାହୁ, ବାଳମୁକୁନ୍ଦ ଦାସ, ଡାକ୍ତର ସୁରେନ୍ଦ୍ର ନାଥ ପାତ୍ର, ବରିଷ୍ଠ ସାମ୍ବାଦିକ ପୁରୁଷୋତ୍ତମ ମହାପାତ୍ର, ଉପାଧକ୍ଷ ପ୍ରାଚିପ୍ରଭା ସ୍ୱାଇଁ ପ୍ରମୁଖଙ୍କ ସମେତ ସମସ୍ତ କାଉନସିଲର ଓ ବହୁ କର୍ମକର୍ତ୍ତା ଯୋଗଦେଇ ରାଜ୍ୟ ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନା ସମ୍ପର୍କରେ ଅତିଥିମାନେ ଆଲୋକପାତ କରିଥିଲେ।

## ସରସ୍ୱତୀ ଶିଶୁ ମନ୍ଦିରର ସାମ୍ବତ୍ସରିକ ଉତ୍ସବ

**ବୋଲଗଡ଼, ୧୬।୨(ସମିସ):**ବୋଲଗଡ଼ ସରସ୍ୱତୀ ଶିଶୁମନ୍ଦିରର ସାମ୍ବତ୍ସରିକ ଉତ୍ସବ ବିଦ୍ୟାଳୟ ପରିସରରେ ଶୁକ୍ରବାର ସଂଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ଅଧାପକ ଗାନ୍ଧୀ କୁମାର ସାହୁଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ଅତିଥିଭାବେ ଆରଏସଏସ ପୁରୀ ବିଭାଗର ସଂଘଚାଳକ ମନୋରଞ୍ଜନ ସାହୁ, ସାଂସଦ ପ୍ରତିନିଧି ରଘୁନାଥ ଷଡ଼ଙ୍ଗୀ, ବିଦ୍ୟାଳୟ ପରିଚାଳନା କମିଟି ସମ୍ପାଦକ ରାମଚନ୍ଦ୍ର ସାହୁ ଓ ପ୍ରଧାନଆଚାର୍ଯ୍ୟ ବିରଞ୍ଚି ସାହୁ ପ୍ରମୁଖ ମଞ୍ଚସୀନ ଥିଲେ। ଏହି ଅବସରରେ ବିଦ୍ୟାଳୟର କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ମାନପତ୍ର ଓ ପୁରସ୍କାର ପ୍ରଦାନ କରିଥିଲେ। ଅବିନାଶ ସୁବୁଦ୍ଧିଙ୍କ ପରିଚାଳନାରେ ବିଦ୍ୟାର୍ଥୀମାନେ ଦେଶବନ୍ଦନା ଓ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ବିଦ୍ୟର୍ଥୀଙ୍କ ଦ୍ୱାରା ବିଭିନ୍ନ ଲୋକନୃତ୍ୟ ଓ ଆଧୁନିକ ନୃତ୍ୟ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମ ଗୁଡିକୁ ଅନୁଷ୍ଠାନର ଗୁରୁମା ଲକ୍ଷ୍ମୀପ୍ରିୟା ଦେଇ, ଦମୟନ୍ତୀ ସାହୁ, ସ୍ୱର୍ଣ୍ଣପ୍ରଭା ରାଉତ, ମମତା ପରିଡ଼ା, ରଶ୍ମିତା ବେହେରା ଓ ଗୁରୁଜୀ ଜିତେନ୍ଦ୍ର ସାହୁ, ଦେବପ୍ରସାଦ ସାହୁ, କୈଳାଶଚନ୍ଦ୍ର ସୁବୁଦ୍ଧି, ଓ ପଦ୍ମଚରଣ ଦାସ ପ୍ରମୁଖ ପରିଚାଳନା କରିଥିଲେ।

## ନାବାଳିକା ଅପହରଣ ଅଭିଯୋଗରେ ଜଣେ ଗିରଫ

**ନିରାକାରପୁର, ୧୬ ।୨(ସମିସ):** ଖୋର୍ଦ୍ଧା ଜିଲ୍ଲା ନିରାକାରପୁର ଥାନା ଅଞ୍ଚଳରୁ ଜଣେ ନାବାଳିକାକୁ ଜଣେ ଯୁବକ ମାସେ ତଳେ ନେଇ ପଳାଇଥିଲା। ଶୁକ୍ରବାର ଦିନ ନିରାକାରପୁର ପୁଲିସ ନାବାଳିକାକୁ ଉଦ୍ଧାର କରିବା ସହିତ ଯୁବକକୁ ଗିରଫ କରି କୋର୍ଟ ଚାଲାଣ କରିଛି। ସୂଚନାଯୋଗ୍ୟ କି ମାସେ ତଳେ ଉଭୟଙ୍କ ମଧ୍ୟରେ ମୋବାଇଲ ଯୋଗାଯୋଗରେ ପ୍ରେମ ସମ୍ପର୍କ ଗଢ଼ି ଉଠି ଥିଲା। ପରେ କେଉଁଝରର ଟଙ୍ଗରପଡ଼ା ଗ୍ରାମର ଅଭିନାଶ ସେଠୀ ନିରାକାରପୁର ଅଞ୍ଚଳକୁ ଆସି ଉକ୍ତ ନବାବଳିକକୁ ନେଇ ପକାଇଥିଲା। ନିରାକାରପୁର ପୁଲିସ ଅଭିଯୋଗ ପାଇ ଅନୁସନ୍ଧାନ କରି ଗତକାଲି କେଉଁଝରରୁ ଝିଅକୁ ଉଦ୍ଧାର କରିବା ସହ ଅଭିନାଶକୁ କୋର୍ଟ ଚାଲାଣ କରିଛି।

## ଦଳୀୟ କର୍ମୀଙ୍କୁ ଉପେକ୍ଷା ମହଙ୍ଗା ପଡ଼ିବ

**ଅପରାଜିତା ହଟାଅ ଦାବି ଜୋର୍ ଧରିଲା**

**ଖୋର୍ଦ୍ଧା/ବେଗୁନିଆ, ୧୬।୨(ସମିସ):** ବେଗୁନିଆ ସଦର ମହକୁମାସ୍ଥିତ ତହସିଲ କାର୍ଯ୍ୟାଳୟ ନିକଟସ୍ଥ ଏକ ଫାର୍ମ ହାଉସ ପରିସରରେ ଚଳିତ ନିର୍ବାଚନକୁ ଆଖି ଆଗରେ ରଖି ବେଗୁନିଆ-ବୋଲଗଡ଼ ନିର୍ବାଚନମଣ୍ଡଳୀ ବିଜେପିର ପ୍ରମୁଖ ସକ୍ରିୟ କାର୍ଯ୍ୟକର୍ତ୍ତା ସମ୍ମିଳନୀ ପାଞ୍ଚଗଡ଼ ମଣ୍ଡଳ ପୂର୍ବତନ ସଭାପତି ସୁବାସ ଚନ୍ଦ୍ର ମିଶ୍ରଙ୍କ ଆବାହକତ୍ୱରେ ଅନୁଷ୍ଠିତ ହୋଇଛି। ବୈଠକରେ ସାଂସଦ ଅପରାଜିତା ଷଡଙ୍ଗୀ ବିଭିନ୍ନ ସମୟରେ ଦଳୀୟ କର୍ମୀଙ୍କୁ ଉପେକ୍ଷା ଏବଂ ଅଣଦେଖା କରିବା ଯୋଗୁ ବେଗୁନିଆରେ ବିଜେପି ରସାଗାମୀ ହେଉଛି ବୋଲି କର୍ମୀ ଅଭିଯୋଗ କରିଥିଲେ। ଫଳରେ ଏବେ କର୍ମୀଙ୍କ ମଧ୍ୟରେ ଅସନ୍ତୋଷ କୁହୁଳିବାରେ ଲାଗିଛି। ଆସନ୍ତା ନିର୍ବାଚନରେ ଅପରାଜିତା ପ୍ରାର୍ଥୀ ହେଲେ ଦଳୀୟ କର୍ମୀଙ୍କୁ ଉପେକ୍ଷା ତାଙ୍କୁ ମହଙ୍ଗା ହେବ ବୋଲି କର୍ମୀମାନ ଚେତାବନୀ ଦେଇଛନ୍ତି।

ବରିଷ୍ଠ ବିଜେପି କାର୍ଯ୍ୟକର୍ତ୍ତା ଶାନ୍ତି ଶେଖର ମହାପାତ୍ରଙ୍କ ଅଧ୍ୟକ୍ଷତା ଓ ଦକ୍ଷିଣ ମଣ୍ଡଳ ପୂର୍ବତନ ସଭାପତି ସଞ୍ଜୟ ପ୍ରସାଦ ଛୁଆଳସିଂହଙ୍କ ସଂଯୋଜନାରେ ବୋଲଗଡ଼ ମଣ୍ଡଳ ସଭାପତି ସଞ୍ଜୟ ବେହେରା, ଦକ୍ଷିଣ ମଣ୍ଡଳ ପୂର୍ବତନ ସାଧାରଣ



ସମ୍ପାଦକ ଧ୍ରୁବ ଚରଣ ବାହିନୀପତି, ଧନେଶ୍ୱର ପ୍ରଧାନ, ପ୍ରଦୀପ ମହାଭୋଇ, ଦୟାନିଧି ବେହେରା, ସୁରେଶ ପ୍ରଧାନ, ପ୍ରଫୁଲ୍ଲ କୁମାର ରଥ, ସୁଧାକର ମାର୍ଥା, ପ୍ରମୋଦ ରାଉତରାୟ, ସହଦେବବେହେରା ଓ ଅରକ୍ଷିତ ସାମଲ ପ୍ରମୁଖ ଯୋଗଦେଇ ଚଳିତ ନିର୍ବାଚନରେ କିଭଳି ଦଳ ମଜଭୁତ ହେବା ସହ ବିଜୟ ଲାଭ କରି ପାରିବ ବୋଲି ଆଲୋଚନା ହୋଇଥିଲା।ବିଗତ ଦିନରେ ବେଗୁନିଆ ନିର୍ବାଚନ ମଣ୍ଡଳୀ ୬ଟି ଜୋନରେ ୬୬ ହଜାର ଭୋଟ ପାଇ ସେଥି ମଧ୍ୟରୁ ୩ଟି ଜିଲ୍ଲା ପରିଷଦ ସଭ୍ୟଙ୍କୁ ବିଜୟ ଲାଭ କରିବା ପାଇଁ ସକ୍ଷମ ହୋଇଥିବା ବେଳେ ବର୍ତ୍ତମାନ ପରିପ୍ରେକ୍ଷୀରେ ସାଂସଦଙ୍କ ମନମୁଖି କାର୍ଯ୍ୟ ଯୋଗୁଁ ଜୋନ ଗୁଡ଼ିକ ଅସୁନ୍ତଳିତ ହୋଇ ପଡ଼ିରହିଥିବା କର୍ମୀମାନେ କହିଥିଲେ। ଫଳରେ ସଂଗଠନ ଦୁର୍ବଳ ହେବାରେ ଲାଗିଛି। ଏହାର ପ୍ରତିକାର ପାଇଁ ସାଂସଦଙ୍କ ବିରୁଦ୍ଧରେ ରାଜ୍ୟର ନେତୃତ୍ୱ ମଣ୍ଡଳିକୁ ଅଭିଯୋଗ ହୋଇ ଥିଲେ ମଧ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନ ଥିବାରୁ ବୈଠକରେ କ୍ଷୋଭ ପ୍ରକାଶ କରିବା ସହ ଚଳିତ ନିର୍ବାଚନରେ ସଂଗଠନରେ ଜଡ଼ିତ ବ୍ୟକ୍ତିଙ୍କୁ ସାଂସଦ ପ୍ରାର୍ଥୀ କରିବା ପାଇଁ ଅନୁରୋଧ କରିଛନ୍ତି।ଏହି ଅସନ୍ତୋଷ ଦଳୀୟ କର୍ମୀଙ୍କ ମଧ୍ୟରେ ଦିନକୁ ଦିନ କୁହୁଳିବାରେ ଲାଗିଛି।

## ସ୍ୱାସ୍ଥ୍ୟ ସେବା ଶିବିର

**ଟାଙ୍ଗୀ, ୧୬।୨(ସମିସ):** ଟାଙ୍ଗୀ ଅଞ୍ଚଳରେ ମାଗଣା ସ୍ୱାସ୍ଥ୍ୟ ସେବା ଓ ପରାମର୍ଶ ଶିବିର ଅନୁଷ୍ଠିତ ହୋଇଛି। ଟାଙ୍ଗୀ ଅବସରପ୍ରାପ୍ତ କର୍ମଚାରୀ ସଂଘ ଭବନ ପରିସରରେ ଆୟୋଜିତ ଶିବିରରେ ପ୍ରାୟ ୫୦ ଜଣ ରୋଗୀ ଏହାର ସୁବିଧା ସୁଯୋଗ ନେଇଥିଲେ ଓ ଶ୍ରୀ ସତ୍ୟସାଇ ସେବା ସଙ୍ଗଠନ (ଟାଙ୍ଗୀ) ଓ ଅବସରପ୍ରାପ୍ତ କର୍ମଚାରୀ ସଂଘ ପକ୍ଷରୁ ଶିବିର ଆୟୋଜିତ ହୋଇଥିଲା। ଡାକ୍ତର ମଧୁସୂଦନ ସେନାପତି ରୋଗୀ ଚିକିତ୍ସା କରିଥିବା ବେଳେ ତାଙ୍କର ମେଡିକାଲ ସହଯୋଗୀ ଟିମ୍ ସହଯୋଗ କରିଥିଲେ। ଅବସରପ୍ରାପ୍ତ କର୍ମଚାରୀ ସଂଘର ପୂର୍ବତନ ସମ୍ପାଦକ ଅରୁଣ ରଞ୍ଜନ ମହାନ୍ତି, ଦେବଦତ ମହାନ୍ତି, ଗୋବିନ୍ଦ ସାହୁ ପ୍ରମୁଖ ସହଯୋଗ କରିଥିଲେ।

## ଦୁର୍ଘଟଣାରେ ସ୍ୱାମୀ ମୃତ, ଅଳ୍ପକେ ବର୍ତ୍ତିଲେ ସ୍ତ୍ରୀ

**ଜଟଣୀ, ୧୬ ।୨(ସମିସ):** ହରିଭାଇନା ଛକ ନିକଟରେ ଶୁକ୍ରବାର ସଡ଼କ ଦୁର୍ଘଟଣା ବାଇକ୍ ଚାଳକଙ୍କର ମୃତ୍ୟୁ ଘଟିଛି। ଅଳ୍ପକେ ବର୍ତ୍ତି ଯାଇଛନ୍ତି ମହିଳା। ମୃତ ଯୁବକ ନୟାଗଡ଼ ଜିଲ୍ଲା ରଣପୁର ହାଟସାହି ଅଞ୍ଚଳର ଅରୁଣ ନାହାକ। ଅରୁଣ ଜଟଣୀର ନିଜ ବନ୍ଧୁଘରକୁ ସ୍ତ୍ରୀଙ୍କୁ ଧରି ବାଇକ୍‌ରେ ଆସୁଥିବା ବେଳେ ହରିଭାଇନା ଛକ ନିକଟରେ ଭାରସାମ୍ୟ ହରାଇ ଡିଭାଇଡର୍‌ରେ ପିଟି ହୋଇ ଟ୍ରକ୍ ଚକାତଳେ ପଡ଼ି ଯାଇଥିଲେ। ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ହସ୍ପିଟାଲକୁ ପଠାଇଛି। ଜଟଣୀ ଅଞ୍ଚଳରେ ଏକ ବାହାଘର ଭୋଜି ଖାଇବାକୁ ନୟାଗଡ଼ରୁ ଅରୁଣ ଓ ତାଙ୍କ ପରିବାର ଲୋକ ଆସୁଥିଲେ।



ଅରୁଣ ନିଜ ପତ୍ନୀଙ୍କୁ ନେଇ ଆସୁଥିବା ବେଳେ ହରିଭାଇନା ଛକ ନିକଟରେ ଥିବା ଡିଭାଇଡର୍ ରେ ଭାରସାମ୍ୟ ହରାଇ ବାଇକ୍ ପିଟି ହୋଇଯାଇଥିଲା। ଦୁର୍ଘଟଣାରେ ଅରୁଣ ଅପରପାର୍ଶ୍ୱ ରାସ୍ତାକୁ ଛିଟିକି ପଡ଼ିଥିଲେ। ଏହି ସମୟରେ ବିପରୀତ ଦିଗରୁ ଆସୁଥିବା ଏକ ମାଲବାହୀ ଟ୍ରକ୍ ତାଙ୍କ ମୁଣ୍ଡ ଉପରେ ଚଢ଼ି ଯାଇଥିଲା। ଖବର ପାଇ ଘଟଣାସ୍ଥଳରେ ପୁଲିସ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଘଟଣାର ତଦନ୍ତ କରୁଛି।

## ରାସ୍ତା ନିର୍ମାଣ ଦାବିରେ ବ୍ଲକ୍ ଘେରିଲେ ଆଦିବାସୀ

**ବାଣପୁର, ୧୬।୨(ସମିସ)**

ରାଜ୍ୟ ସରକାର ଅଦିବାସୀ ଅଞ୍ଚଳର ଉନ୍ନତି ସହ ସେମାନଙ୍କୁ ଅଗ୍ରାଧିକାର ଦେଇ ସମସ୍ତ ପ୍ରକାର ମୌଳିକ ସୁବିଧା ଯୋଗାଇ ଦେବା ଲାଗି ବିଭିନ୍ନ ଯୋଜନା ଜରିଆରେ ପ୍ରଚୁର ଅର୍ଥ ବିନିଯୋଗ କରୁଛନ୍ତି। କିନ୍ତୁ ଆଜି ପର୍ଯ୍ୟନ୍ତ ବାଣପୁର ବ୍ଲକ ଅଧିନ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ଦାମିଆ ବରବରା ଓ ନୀଳାଦ୍ରି ପ୍ରସାଦ ଦୁଇ ପଞ୍ଚାୟତ ଅନ୍ତର୍ଗତ ଦଶଖଣ୍ଡ ଗ୍ରାମକୁ ଯାତାୟତ ନିମନ୍ତେ ପକ୍କା ରାସ୍ତା ନାହିଁ। ଏହି ପରିପ୍ରେକ୍ଷୀରେ ଅଲ ଇଣ୍ଡିଆ କ୍ଷେତ ମଜଦୁର କିଷାନ ସଭା ସହବନ୍ଧିତ ଓଡ଼ିଶା ଚାଷୀ ମୁଲିଆ ସଂଘ ପକ୍ଷରୁ ବାଣପୁର ବ୍ଲକର ଦୁଇ ଆଦିବାସୀ ଅଧ୍ୟୁଷିତ ପଞ୍ଚାୟତରେ ପକ୍କା ରାସ୍ତା ନିର୍ମାଣ ଦାବି ନେଇ ଆଦିବାସୀ ଓ ବନବାସୀମାନେ ବ୍ଲକ ଘେରଉ କରିବା ସହ ଗୋଷ୍ଠୀ ଉନ୍ନୟନ ଅଧିକାରିଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଖୋର୍ଦ୍ଧା ଜିଲ୍ଲାର ବାଣପୁର ବ୍ଲକ



ଅଧିନରେ ରହିଛି ଦୁଇଟି ଆଦିବାସୀ ଅଧ୍ୟୁଷିତ ପଞ୍ଚାୟତ ଦାମିଆ-ବରବରା ଓ ନୀଳାଦ୍ରି ପ୍ରସାଦ। ଏହି ଦୁଇଟି ପଞ୍ଚାୟତ ଅଧିନରେ ୩୦ରୁ ଉର୍ଦ୍ଧ୍ୱ ଛୋଟ ବଡ଼ ଗାଁ ଥିବା ବେଳେ ଉକ୍ତ ଗାଁରେ ପ୍ରାୟ ୪ ହଜାରରୁ ଉର୍ଦ୍ଧ୍ୱ ଆଦିବାସୀ ବସବାସ କରୁଛନ୍ତି। ତେବେ ପ୍ରଶାସନ ଏବଂ ରାଜନେତାଙ୍କ ଅବହେଳା ସହ ହାତୀ, ବାରାହା ଆଦି ଜଙ୍ଗଲି ପଶୁଙ୍କ ଦୌରାମ୍ୟ ଏବଂ ବନ କର୍ମଚାରୀଙ୍କ ଜୁଲମର ଶିକାର ହେଉଛନ୍ତି। ଗ୍ରାମ ଗୁଡିକ ସଂରକ୍ଷିତ ଜଙ୍ଗଲ ମଧ୍ୟରେ ରହି ଥିବାରୁ ହାତୀ ବାରାହା ଭଳି ଜଙ୍ଗଲୀ ପଶୁମାନଙ୍କ ସଦା ସର୍ବଦା ଭୟ ଲାଗି ରହୁଛି। ଗମନାଗମନ ପାଇଁ ପକ୍କା ରାସ୍ତା ନଥିବାରୁ ଆଦିବାସୀ ଛାତ୍ରଛାତ୍ରୀ ପାଠ ପଢ଼ିବା ପାଇଁ ଗ୍ରାମ ବାହରକୁ ଆସିବାରେ ନାହିଁ ନଥିବା ହଇରାଣ ହରକତ ହେଉଥିବା ବେଳେ ଚିକିତ୍ସା ସମ୍ପର୍କିତ ଆବଶ୍ୟକ ସୁବିଧା ପାଇଁ ଆମ୍ବୁଲାନ୍ସ କିମ୍ବା କୌଣସି ଗାଡି ମଟର ଉକ୍ତ ଗ୍ରାମ ଗୁଡିକୁ ଯା' ଆସ କରିପାରୁନାହିଁ। ଏହାର ସମାଧାନ ପାଇଁ ଆଦିବାସୀମାନେ ପ୍ରଶାସନ ନିକଟରେ ବାରମ୍ବାର ଅଭିଯୋଗ କରି ଆସୁଥିଲେ ମଧ ଏହାର କୌଣସି ସୁଫଳ ମିଳିନ ଥିବା ଅଭିଯୋଗ କରିଛନ୍ତି। ତେବେ ଏହାର ସମାଧାନ ପାଇଁ ଓଡ଼ିଶା ଚାଷୀ ମୁଲିଆ ସଂଘ ନେତୃତ୍ୱରେ ଉକ୍ତ ଦୁଇ ପଞ୍ଚାୟତର ଶତାଧିକ ମହିଳା ଓ ପୁରୁଷ ଆଦିବାସୀ ରାସ୍ତା ନିର୍ମାଣ ଦାବିନେଇ ବାଣପୁର ବ୍ଲକ କାର୍ଯ୍ୟାଳୟ ଘେରଉ କରିବା ସହ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଆଦିବାସୀମାନେ ନୀଳାଦ୍ରୀ ପ୍ରସାଦ ଠାରୁ ମଶାଣି ସାହି ଦେଇ ଶାଳିଆ ଡ୍ୟାମ ପଣସ ଡିହ ଯାଏଁ ପକ୍କା ରାସ୍ତା ଘାଟ ନିର୍ମାଣ ସମେତ ପାନୀୟ ଜଳ ଯୋଗାଣ ଦାବି ସମ୍ମିଳୀତ ଏକ ଦାବିପତ୍ର ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଗୋଷ୍ଠୀ ଉନ୍ନୟନ ଅଧିକାରିଣୀଙ୍କୁ ପ୍ରଦାନ କରି ଦାବି କରିଛନ୍ତି ବୋଲି ଓଡ଼ିଶା ଚାଷୀ ମୂଲିଆ ସଂଘର ରଜ୍ୟ କମିଟିର ସଦସ୍ୟ ନିରାକାର ନାୟକ ପ୍ରକାଶ କରିଛନ୍ତି।

### ଚତୁର୍ଥ ଦିନରେ ଚାଷୀ ଆନ୍ଦୋଳନ

# ଦୁଇ ରାଜ୍ୟରେ ‘ଭାରତ ବନ୍ଦ’ର ସର୍ବାଧିକ ପ୍ରଭାବ

ନୂଆଦିଲ୍ଲୀ, ୧୬।୨ (ଏଜେନ୍ସି)

ଚାଷୀ ଆନ୍ଦୋଳନ ଚତୁର୍ଥ ଦିନରେ ପହଞ୍ଚିଛି। ଶୁକ୍ରବାର ଚାଷୀ ଭାରତ ବନ୍ଦ କରିଛନ୍ତି। ପଞ୍ଜାବ ଏବଂ ହରିୟାଣାରେ ଏହାର ସର୍ବାଧିକ ପ୍ରଭାବ ପଡ଼ିଛି। ଏହାକୁ ସମସ୍ତେ ସମର୍ଥନ ଦେଇଛନ୍ତି। ଚାଷୀଙ୍କ ସମର୍ଥନରେ

**ଶମ୍ଭୁ ସୀମାରେ ଜୋରଦାର ହଙ୍ଗାମା**

**ଜଣେ ଚାଷୀ ଓ ଏସ୍ଆଇଙ୍କ ମୃତ୍ୟୁ**

**ଆଜି ହରିୟାଣାରେ ଟ୍ରାକ୍ଟର ମାର୍ଚ୍ଚ**

**ପଞ୍ଜାବରେ ସବୁ ଟୋଲ୍ ମୁକ୍ତ ହେବ**



ଦୋକାନବଜାର ବନ୍ଦ ରହିଛି। ରାସ୍ତାରେ କାହାକୁ ଦେଖିବାକୁ ମିଳିନାହିଁ। ଉଭୟ ରାଜ୍ୟର ରୋଡୱେଜ ବସ୍ କର୍ମଚାରୀ ଚାଷୀଙ୍କୁ ଅକୁଣ୍ଠ ସମର୍ଥନ ଦେଇଛନ୍ତି। ଏଥିଯୋଗୁଁ ସରକାରୀ ବସ୍ ଚାଲି ନ ଥିଲା। ପଞ୍ଜାବରେ ଘରୋଇ ବସ୍ ମଧ୍ୟ ବନ୍ଦ ରହିଥିଲା। ହିମାଚଳ ପ୍ରଦେଶ, ରାଜସ୍ଥାନ ହନୁମାନଗଡ଼ ଏବଂ ଶ୍ରୀଗଙ୍ଗାନଗରରେ ଜିଲ୍ଲାର ଗ୍ରାମାଞ୍ଚଳରେ ବନ୍ଦର ପ୍ରଭାବ ପଡ଼ି ଥିଲା। ସେହିପରି ‘ଦିଲ୍ଲୀ ଚଲୋ’ ଡ଼ାକରା ଦେଇଥିବା ଚାଷୀ ଶମ୍ଭୁ ସୀମାରେ ଅଟକି ରହିଛନ୍ତି। ହରିୟାଣା ପୁଲିସ ଏବଂ ଅର୍ଦ୍ଧସାମରିକ ବାହିନୀ ବ୍ୟାରିକେଡ଼ ଲଗାଇ ଚାଷୀଙ୍କୁ ଆଗକୁ ବଢ଼ିବାକୁ ଦେଇନି। ଏହାକୁ ନେଇ ସୀମାରେ ଜୋରଦାର ହଙ୍ଗାମା ହୋଇଛି। ଦ୍ୱିପହରେ ୩ଟା ସମୟରେ ଚାଷୀ ବାରିକେଡ ଭାଙ୍ଗିବାକୁ ପ୍ରୟାସ କରିଥିଲେ। ଏହି ସମୟରେ ସୁରକ୍ଷାକର୍ମୀ ସହ ମୁହାଁମୁହିଁ ହୋଇଛନ୍ତି। ଏହା ଦେଖି ପୁଲିସ ଲୁହ ବୁହା ଗୋଳା ମାଡ଼ କରିଥିଲା। ଏଥିରେ ଅନେକ ଚାଷୀ ଆହତ ହୋଇଥିବା ସୂଚନା ମିଳିଛି। ହରିୟାଣାରେ ଭାରତୀୟ କିଶାନ ୟୁନିୟନ (ଚଢ଼ୁନୀ) ନେତା ଗୁରନାମ ଚଢ଼ୁନିଙ୍କ ଆହ୍ୱାନରେ ଚାଷୀ ୧୨ରୁ ୩ଟା ଯାଏଁ ଟୋଲ୍ ଗେଟ୍‌କୁ ଖାଲି କରିଦେଇଛନ୍ତି। ଶନିବାର ଚାଷୀ ହରିୟାଣାର ସମସ୍ତ ତହସିଲରେ ଟ୍ରାକ୍ଟର ମାର୍ଚ୍ଚ ବାହାର କରିବେ।

ଅନ୍ୟପକ୍ଷରେ ଶୁକ୍ରବାର ସକାଳେ ଆନ୍ଦୋଳନରେ ସାମିଲ ପଞ୍ଜାବ ଗୁରଦାସପୁରର ଚାଷୀ ଜ୍ଞାନସିଂହଙ୍କ ମୃତ୍ୟୁ ହୋଇଛି। ଶମ୍ଭୁ ସୀମାରେ ଟ୍ରଲିରେ ବସିଥିବାବେଳେ ତାଙ୍କର ହୃଦ୍‌ଘାତ ହୋଇଥିଲା। ସନ୍ଧ୍ୟାରେ ତାଙ୍କୁ ଅନ୍ୟ ଚାଷୀନେତା ଶ୍ରଦ୍ଧାଞ୍ଜଳୀ ଦେଇଥିଲେ। ସେହିପରି ଆନ୍ଦୋଳନ କାର୍ଯ୍ୟରେ ଅମ୍ବାଲା ଜିଆରପିରେ ମୁତୟନ ଏସ୍ଆଇ ହିରାଲାଲଙ୍କ ମୃତ୍ୟୁ ହୋଇଛି। ଲୁହ ବୁହା ଗ୍ୟାସ୍‌ର ଗୋଳାରେ ଶ୍ୱାସରୁଦ୍ଧ ହୋଇ ସେ ପ୍ରାଣ ହରାଇଥିବା କୁହାଯାଉଛି। ଏହା ମଧ୍ୟରେ ହରିୟାଣା ପୁଲିସ ଚାଷୀ ନେତା ଅଭିମନ୍ୟୁ କୋହାଡ଼ ଏବଂ ତାଙ୍କ ୫ ସହଯୋଗୀଙ୍କ ବିରୋଧରେ ଏତଲା ରୁଜୁ କରିଛି। ଏମାନେ ପଞ୍ଜାବ-ହରିୟାଣାର ଖନୌରି ସୀମାରେ ପୁଲିସ ଉପରେ ଆକ୍ରମଣ କରିଥିବା ଅଭିଯୋଗ ଲାଗିଛି। ସନ୍ଧ୍ୟାରେ ପଞ୍ଜାବର ସବୁଠାରୁ ବଡ଼ ଚାଷୀ ସଂଗଠନ ଭାରତୀୟ କିଶାନ ୟୁନିୟନ (ଉଗରାହା)ର ମୁଖ୍ୟ ଯୋଗୀନ୍ଦର ସିଂହ ଉଗରାହା ଆନ୍ଦୋଳନରେ ସାମିଲ ହେବେ ବୋଲି ଘୋଷଣା କରିଛନ୍ତି। ସେ ଶନିବାରରୁ ୨ ଦିନ ପର୍ଯ୍ୟନ୍ତ ସମସ୍ତ ଟୋଲ୍ ଖାଲି କରିବାକୁ କହିଛନ୍ତି। ଏହା ସହିତ ବିଜେପି ନେତା କ୍ୟାପ୍ଟେନ ଅମରିନ୍ଦର ସିଂହ, ସୁନୀଲ ଜାଖର ଏବଂ କେବଳ ଢିଲୋଙ୍କ ଘର ଘେରଉ କରିବେ ବୋଲି ଘୋଷଣା କରିଛନ୍ତି। ଏହା ପୂର୍ବରୁ ଗୁରୁବାର ଚାଷୀଙ୍କ ସହ ହୋଇଥିବା କେନ୍ଦ୍ରର ଆଲୋଚନା ବିଫଳ ହୋଇଛି। କିଛି ନେତାଙ୍କ ସହ ଗୁପ୍ତ ବୈଠକକୁ ନେଇ ଚାଷୀ କ୍ଷୁବ୍ଧ ହୋଇଛନ୍ତି।

## ବିଶ୍ୱ ସୁନ୍ଦରୀ ପ୍ରତିଯୋଗିତାରେ ଭାରତରୁ ପ୍ରତିନିଧିତ୍ୱ କରିବେ ସିନୀ ସେଟ୍ଟି



ମୁମ୍ବାଇ, ୧୬।୨ (ଏଜେନ୍ସି): ଭାରତରେ ବିଶ୍ୱ ସୁନ୍ଦରୀ ପ୍ରତିଯୋଗିତା (୨୦୨୩) ପାଇଁ ଜୋର୍‌ସୋରରେ ପ୍ରସ୍ତୁତି ଚାଲିଛି। ୨୮ ବର୍ଷ ପରେ ଦେଶରେ ଏହି ସୁନ୍ଦରୀ ପ୍ରତିଯୋଗିତା ହେବାକୁ ଯାଉଛି। ଫେମିନା ମିସ୍ ଇଣ୍ଡିଆ (୨୦୨୨)ର ବିଜେତା ସିନୀ ସେଟ୍ଟୀ ଭାରତ ପକ୍ଷରୁ ଏହି ବିଶ୍ୱ ସୁନ୍ଦରୀ ପ୍ରତିଯୋଗିତାରେ ପ୍ରତିଦ୍ୱନ୍ଦ୍ୱିତା କରିବେ। ସେ ଏଥିପାଇଁ ଅଧିକ ଉତ୍ସାହିତ ଅଛନ୍ତି। ସିନୀ କହିଛନ୍ତି ଯେ ଭାରତକୁ ସାପୁଆ କେଳାଙ୍କ ଦେଶ କୁହାଯାଉଥିଲା। କିନ୍ତୁ ଏବେ ଭାରତ ସଂସ୍କୃତି ଏବଂ ପରମ୍ପରାରେ ସାରା ବିଶ୍ୱରେ ନିଜର ଛାପ ଛାଡ଼ିବ। ଭାରତ ଏଭଳି ଏକ ଦେଶ ଯେଉଁଠି ଆଧୁନିକୀକରଣ ଏବଂ ପରମ୍ପରାର ସଂଯୋଗ ଦେଖିବାକୁ ମିଳିଥାଏ। ବିଶ୍ୱ ସୁନ୍ଦରୀ ପ୍ରତିଯୋଗିତା କେବଳ ଏକ ସୁନ୍ଦରତା ନୁହେଁ। ବିଶ୍ୱରେ ଶାନ୍ତିର ପ୍ରଚାରପ୍ରସାର, ଅଧିକରୁ ଅଧିକ ଲୋକଙ୍କୁ ସହାୟତା ଏବଂ ମାନବିକତା ପାଇଁ କିଛି କରିବା ଏହାର ଉଦ୍ଦେଶ୍ୟ।

## ପତ୍ନୀଙ୍କ କଟାମୁଣ୍ଡ ଧରି ଥାନାରେ ପତି

ଲକ୍ଷ୍ନୌ, ୧୬।୨ (ଏଜେନ୍ସି): ଉତ୍ତରପ୍ରଦେଶ ବାରାବାଙ୍କୀରୁ ଶୁକ୍ରବାର ଏକ ହୃଦୟ ବିଦାରକ ଘଟଣା ସାମ୍ନାକୁ ଆସିଛି। ଏଠାକାର ବସାରା ଗ୍ରାମର ଅନିଲ କୌନଜିଆ ନିଜ ସ୍ତ୍ରୀ ବନ୍ଦନା (୨୪)କୁ ଅତି ନୃଶଂସ ଭାବେ ବେକ କାଟି ହତ୍ୟା କରିଛି। ପରେ କଟାମୁଣ୍ଡ ଧରି ଥାନାକୁ ଯାଉଥିବାବେଳେ ପୁଲିସକୁ ଗିରଫ କରିଛି। ପୁଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ସୂଚନା ଅନୁଯାୟୀ ୮ ବର୍ଷ ତଳେ ଉଭୟଙ୍କ ବିବାହ ହୋଇଥିଲା। ଏହା ପୂର୍ବରୁ ମଧ୍ୟ ସ୍ୱାମୀସ୍ତ୍ରୀଙ୍କ ମଧ୍ୟରେ ବିବାଦ ହୋଇଥିଲା। ଆଉ କାହା ସହ ସ୍ତ୍ରୀର ସମ୍ବନ୍ଧ ଥିବା ଅନିଲ ଭାବୁଥିଲା। ଅନିଲ ସକାଳେ ଘରୁ ନିଜ ପତ୍ନୀ ନାମରେ ଆସିଥିବା ଏକ ‘ପ୍ରେମ ପତ୍ର’ ପାଇଥିଲା। ଏହା ଦେଖିବା ପରେ ସେ ନିଜ ଉପରୁ ନିୟନ୍ତ୍ରଣ ହରାଇ ଥିଲା। ଘରେ ଥିବା କଟୁରୀରେ ପତ୍ନୀର ବେକ କାଟି ଦେଇଥିଲା।

## ଅଭିନେତ୍ରୀ କବିତାଙ୍କ ପରଲୋକ



ଅମୃତସର, ୧୬।୨ (ଏଜେନ୍ସି): ଅଶି-ନବେ ଦଶକର ଦୂରଦର୍ଶନର ଲୋକପ୍ରିୟ ଧାରାବାହିକ ‘ଉଡ଼ାନ’ର ଅଭିନେତ୍ରୀ କବିତା ଚୌଧୁରୀ (୬୨)ଙ୍କ ପରଲୋକ ହୋଇଛି। ସେ ଦୀର୍ଘ ଦିନ ହେଲା କର୍କଟରେ ପୀଡ଼ିତ ଥିଲେ। ଗୁରୁବାର ରାତିରେ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିବାରୁ ତାଙ୍କୁ ନିକଟସ୍ଥ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେ ଚିକିତ୍ସାଧୀନ ଅବସ୍ଥାରେ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ। ଅମୃତସରରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଛି। ଭାଇ କପିଳ ଚୌଧୁରୀ ତାଙ୍କୁ ମୁଖାଗ୍ନି ଦେଇଛନ୍ତି। ସେ ଏଠାରେ ହିଁ ଜନ୍ମଗ୍ରହଣ କରିଥିଲେ।

## ମୁମ୍ବାଇ ବିମାନବନ୍ଦରରେ ମିଳିଲାନି ହ୍ୱିଲ୍‌ଚେୟାର; ବୃଦ୍ଧଙ୍କ ମୃତ୍ୟୁ

ମୁମ୍ବାଇ, ୧୬।୨ (ଏଜେନ୍ସି): ମୁମ୍ବାଇ ବିମାନବନ୍ଦରରୁ ଅବହେଳାର କରୁଣ ଚିତ୍ର ସାମ୍ନାକୁ ଆସିଛି। ବିମାନବନ୍ଦରରେ ହ୍ୱିଲଚେୟାରର ଅଭାବ ଯୋଗୁଁ ଜଣେ ବୃଦ୍ଧଙ୍କ ଜୀବନ ଚାଲିଯାଇଛି। ମୃତକ ନିଜ ପତ୍ନୀଙ୍କ ସହ ଏୟାର ଇଣ୍ଡିଆର ଏକ ବିମାନରେ ନ୍ୟୁୟର୍କରୁ ଭାରତ ଆସିଥିଲେ। ମାତ୍ର ହ୍ୱିଲ୍‌ଚେୟାର ନ ମିଳିବାରୁ ବୃଦ୍ଧ ଫ୍ଲାଇଟରୁ ଟର୍ମିନାଲ ପର୍ଯ୍ୟନ୍ତ ପ୍ରାୟ ଦେଢ଼ କିମି ପର୍ଯ୍ୟନ୍ତ ଚାଲି ଚାଲି ଆସିଥିଲେ। ପରେ ଇମିଗ୍ରେସନ କାଉଣ୍ଟରରେ ପାସପୋର୍ଟ ଚେକିଂ ସମୟରେ ପଡ଼ି ଯାଇଥିଲେ। ତାଙ୍କୁ ବିମାନବନ୍ଦରରେ ମେଡିକାଲ ସୁବିଧା ଦେବା ପରେ ନାନାବତୀ ହସ୍ପିଟାଲକୁ ନିଆଯାଇଥିଲା। କିନ୍ତୁ ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା। ହୃଦ୍‌ଘାତରେ ତାଙ୍କ ଜୀବନ ଯାଇଥିବା କୁହାଯାଉଛି। ସୂଚନା ଅନୁଯାୟୀ ଭାରତୀୟ ବଂଶୋଦ୍ଭବ ବୃଦ୍ଧ ନିଜ ପତ୍ନୀଙ୍କ ସହ ଏଆଇ-୧୧୬ର ଇକୋନମି କ୍ଲାସ୍‌ରେ ଆସିଥିଲେ। ଏହା ଗତ ୧୧ ତାରିଖରେ ନ୍ୟୁୟର୍କରୁ ବାହାରି ୧୨ରେ ମୁମ୍ବାଇରେ ପହଞ୍ଚି ଥିଲା। ଉଭୟେ ହ୍ୱିଲଚେୟାର ଯାତ୍ରୀ ଭାବେ ଟିକଟ ବୁକ୍ କରିଥିଲେ। କିନ୍ତୁ ଅଭାବ ଯୋଗୁଁ ତାଙ୍କୁ ଗୋଟିଏ ହ୍ୱିଲ୍‌ଚେୟାର ମିଳିଥିଲା। ତେଣୁ ବୃଦ୍ଧ ନିଜ ପତ୍ନୀଙ୍କୁ ହ୍ୱିଲ୍‌ଚେୟାରରେ ବସାଇ ନିଜେ ଚାଲି ଚାଲି ଆସିଥିଲେ। ଏହି ବିମାନରେ ୩୨ ହ୍ୱିଲଚେୟାର ଯାତ୍ରୀ ଆସିଥିଲେ। କିନ୍ତୁ ବିମାନବନ୍ଦରରେ ମାତ୍ର ୧୫ଟି ହ୍ୱିଲ୍‌ଚେୟାର ଥିଲା।

## ନୀତୀଶ ଫେରନ୍ତୁ, ଦ୍ୱାର ଖୋଲାଅଛି: ଲାଲୁ

ପାଟନା, ୧୬।୨ (ଏଜେନ୍ସି): ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ପୁଣି ମହାମେଣ୍ଟକୁ ଫେରିପାରିବେ। ଏଥିପାଇଁ ସମସ୍ତ ଦ୍ୱାର ଖୋଲାଅଛି ବୋଲି ଆରଜେଡି ସୁପ୍ରିମୋ ଲାଲୁପ୍ରସାଦ ଯାଦବ କହିଛନ୍ତି। ଆରଜେଡି ସହ ସମ୍ପର୍କ ତୁଟାଇ ବିଜେପି ସହ ମେଣ୍ଟ କରିବାର ମାସେ ନ ପୂରୁଣୁ ନୀତୀଶ ପୁଣି ଫେରିବେ ବୋଲି ଲାଲୁ ଆଶଙ୍କା କରିଛନ୍ତି। ତେବେ ଜେଡିୟୁ ମୁଖ୍ୟ ମୁଖପାତ୍ର ଏମଏଲସି ନିରଜ କୁମାର କହିଥିଲେ ଯେ ଆରଜେଡି କ୍ଷମତାକୁ ଫେରିଲେ ଦୁର୍ନୀତିରେ ଲିପ୍ତ ରହୁଛି। ତେଣୁ ମହାମେଣ୍ଟକୁ ଫେରିବାର ପ୍ରଶ୍ନ ଉଠୁନାହିଁ। ସୂଚନା ଅନୁଯାୟୀ ଗୁରୁବାର ରାଜ୍ୟସଭା ପାଇଁ ପ୍ରାର୍ଥୀପତ୍ର ଦାଖଲ କରୁଥିବା ଦଳୀୟ ନେତାଙ୍କ ସହ ଲାଲୁ ବିଧାନସଭାକୁ ଯାଇଥିଲେ। ଏହି ସମୟରେ ସେ ନୀତୀଶଙ୍କୁ ଭେଟି ଥିଲେ। ଏହା ପରେ ସାମ୍ବାଦିକଙ୍କ ପ୍ରଶ୍ନର ଉତ୍ତର ଦେଇ ଲାଲୁ ଉପରୋକ୍ତ ମନ୍ତବ୍ୟ ଦେଇଥିଲେ।

## ୮୪,୫୬୦ କୋଟିର ପ୍ରତିରକ୍ଷା ସରଞ୍ଜାମ କ୍ରୟକୁ ମଞ୍ଜୁରୀ

ନୂଆଦିଲ୍ଲୀ, ୧୬।୨ (ଏଜେନ୍ସି)

ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ଅନୁଷ୍ଠିତ ଡିଫେନ୍ସ ଆକ୍ୟୁଜେସନ୍ କାଉନସିଲ (ଡିଏସି) ୮୪୫୬୦ କୋଟି ଅସ୍ତ୍ରଶସ୍ତ୍ର କ୍ରୟକୁ ମଞ୍ଜୁରି ଦେଇଛି। ଏହି ଟଙ୍କାର ପ୍ରତିରକ୍ଷା ସାମଗ୍ରୀ, ସରଞ୍ଜାମ, ଉପକରଣ, ଯୁଦ୍ଧାସ୍ତ୍ର, ଗୁଳିଗୋଳା ଆଦି କ୍ରୟ କରାଯିବ। ସେନାକୁ ଅଧିକ ସଶକ୍ତ କରିବା ଲକ୍ଷ୍ୟରେ ନୂତନ ପିଢ଼ିର ଆଣ୍ଟି-ଟ୍ୟାଙ୍କ ମାଇନ୍ସ, ଏୟାର ଡିଫେନ୍ସ ଟାକ୍ଟିକାଲ କଣ୍ଟ୍ରୋଲ ରାଡର, ହେଭିଓ୍ୱେଟ ଟର୍ପେଡୋ, ମଲ୍ଟି ମିଶନ ମାରିଟାଇମ ଏୟାରକ୍ରାଫ୍ଟ, ଲଙ୍ଗରେଞ୍ଜ ମାରିଟାଇମ ସର୍ଭେଲାନ୍ସ ଏୟାରକ୍ରାଫ୍ଟ, ରିଫୁଏଲିଂ ଏୟାର କ୍ରାଫ୍ଟ ଆଦି କିଣାଯିବ। ଭାରତୀୟ ଭେଣ୍ଡର, ଏମଏସଏମଇ ଓ ଷ୍ଟାର୍ଟଅପଙ୍କଠାରୁ ଅଧିକରୁ ଅଧିକ ସରଞ୍ଜାମ, ଯୁଦ୍ଧ ଉପକରଣ କିଣାଯିବା ନିମନ୍ତେ ନିଷ୍ପତ୍ତି ନିଆଯାଇଛି। ଏହାଅଧିନରେ ଭାରତୀୟ ନୌସେନା ପାଇଁ ୧୫ଟି ନୂଆ ବିମାନ କିଣାଯିବ। ଏଥିପାଇଁ ୨୯ ହଜାର କୋଟି ଟଙ୍କା ଖର୍ଚ୍ଚ କରାଯିବ। ଭାରତୀୟ ନୌସେନା ପାଇଁ ୯ଟି ଅତ୍ୟାଧୁନିକ ଗୋଇନ୍ଦା ବା ସର୍ଭେଲାନ୍ସ ବିମାନ ଓ ତଟ ସୁରକ୍ଷା ବାହିନୀ ପାଇଁ ୬ଟି ପୋଟ୍ରୋଲିଂ ବିମାନ କିଣାଯିବା ନିମେନ୍ତ ଆପାତତଃ ନିଷ୍ପତ୍ତି ହୋଇଛି। ଭାରତ ନିର୍ମିତ ସି-୨୯୫ ସାମୁଦ୍ରିକ ପରିବହନ ବିମାନରେ ଡିଆରଡିଓ ଦ୍ୱାରା ବିକଶିତ ଅତ୍ୟାଧୁନିକ ଲଙ୍ଗରେଞ୍ଜ ରାଡାର ଓ ସେନସର୍ ସିଷ୍ଟମ୍ ଯୋଡି ଏହାକୁ ସର୍ଭେଲାନ୍ସ ଓ ପାଟ୍ରୋଲିଂ ବିମାନରେ ପରିଣତ କରାଯିବ। ସି-୨୯୫ ପରିବହନ ବିମାନ ମେକ୍ ଇନ୍ ଇଣ୍ଡିଆ ପ୍ରାରମ୍ଭରେ ଟାଟା ଆଡଭାନ୍ସଡ୍ ସିଷ୍ଟମ୍ ଓ ଏୟାରବସର ଏକ ଯୌଥ ଉଦ୍ୟୋଗ ଟାଟା ଆଡଭାନ୍ସଡ୍ ସିଷ୍ଟମ୍ ଲିମିଟେଡ୍ ନିର୍ମାଣ କରୁଛି।

## ଅଭିଯୋଗ ପରେ କଂଗ୍ରେସ ଆକାଉଣ୍ଟରୁ କଟକଣା ହଟିଲା

ନୂଆଦିଲ୍ଲୀ, ୧୬।୨ (ଏଜେନ୍ସି): ଅଭିଯୋଗ ପରେ ଇନ୍‌କମ ଟ୍ୟାକ୍ସ ଅପିଲେଟ ଟ୍ରିବ୍ୟୁନାଲ କଂଗ୍ରେସ ବ୍ୟାଙ୍କ ଆକାଉଣ୍ଟରୁ କଟକଣା ହଟାଇ ଦେଇଛି। ଏହା ପୂର୍ବରୁ ବ୍ୟାଙ୍କ ଖାତାକୁ ସରକାର ଜବତ କରି ନେଇଥିଲେ ବୋଲି କଂଗ୍ରେସ ପକ୍ଷରୁ ଅଭିଯୋଗ କରାଯାଇଥିଲା। ଦଳର ରାଷ୍ଟ୍ରୀୟ କୋଷାଧ୍ୟକ୍ଷ ଅଜୟ ମାକନ ସାମ୍ବାଦିକ ସମ୍ମିଳନୀ କରି ଏହି ସୂଚନା ଦେଇଥିଲେ। ଆୟକର ବିଭାଗ (ଆଇଟି) ୟୁଥ୍ କଂଗ୍ରେସ ଏବଂ କଂଗ୍ରେସ ଦଳକୁ ୨୧୦ କୋଟି ଟଙ୍କାର ରିକଭରି ମାଗିଛି ବୋଲି କହିଥିଲେ। ଏବେ ବିଜୁଳି ବିଲ୍ ଏବଂ କର୍ମଚାରୀଙ୍କୁ ଦରମା ଦେବା ପାଇଁ ଦଳ ପାଖରେ ଟଙ୍କା ନାହିଁ। ବ୍ୟାଙ୍କ ଖାତା ଜବତ କରିବା ଘଟଣା ଗଣତନ୍ତ୍ର ଉପରେ କଟକଣା ଲଗାଇବା ସହ ସମାନ।

## ଜେଲ୍‌ରେ ପୁଟିନ୍ ବିରୋଧୀ ନଭ୍‌ଲନିଙ୍କ ମୃତ୍ୟୁ

ମସ୍କୋ,୧୬।୨ (ଏଜେନ୍ସି): ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କ ଦୃଢ଼ ବିରୋଧୀ ନେତା ଆଲେକ୍ସି ନଭଲନି (୪୭)ଙ୍କ ମୃତ୍ୟୁ ହୋଇଛି। ସେ ରୁଷ୍‌ର ସବୁଠାରୁ ଥଣ୍ଡା ସହର ସାଇବେରିଆର ଏକ ଜେଲ୍ କଲୋନୀରେ ଥିଲେ। ତାଙ୍କୁ ୧୯ ବର୍ଷ ଜେଲ୍ ଦଣ୍ଡାଦେଶ ମିଳିଥିଲା। ରିପୋର୍ଟ ଅନୁଯାୟୀ ସେ ଚାଲବୁଲା କରୁଥିବା ବେଳେ ହଠାତ ଅଚେତ ହୋଇପଡ଼ିଥିଲେ। ପରେ ଚିକିତ୍ସାଧୀନ ସମୟରେ ପ୍ରାଣ ହରାଇ ଥିଲେ। ଏହି ମାମଲାର ତଦନ୍ତ କରାଯିବ ବୋଲି ରୁଷ୍ ପକ୍ଷରୁ କୁହାଯାଇଛି। ପୁଟିନଙ୍କ ଶାସନରେ ଚାଲିଥିବା ଦୁର୍ନୀତି ସମ୍ପର୍କରେ ନଭଲନି ସ୍ୱର ଉତ୍ତୋଳନ କରୁଥିଲେ। ୨୦୨୧ରେ ସେ ଜର୍ମାନୀରୁ ଫେରିବା ପରେ ତାଙ୍କୁ ବିଭିନ୍ନ ଅଭିଯୋଗରେ ଗିରଫ କରାଯାଇଥିଲା। ପରେ ତାଙ୍କୁ ୧୯ ବର୍ଷ ଜେଲ ଦଣ୍ଡରେ ଦଣ୍ଡିତ କରାଯାଇଥିଲା।

## ପଶ୍ଚିମବଙ୍ଗରେ ରାଷ୍ଟ୍ରପତି ଶାସନ ସୁପାରିସ

କୋଲକାତା, ୧୬।୨ (ଏଜେନ୍ସି): ପଶ୍ଚିମବଙ୍ଗ ଉତ୍ତର୨୪ ପ୍ରଗଣା ଜିଲ୍ଲା ସ୍ଥିତ ସନ୍ଦେଶଖାଲି ଯୌନ ଉତ୍ପୀଡ଼ନ ମାମଲାକୁ ନେଇ ହଙ୍ଗାମା ଜାରି ରହିଛି। ଶୁକ୍ରବାର ବିଜେପି ପ୍ରିତନିଧି ଦଳ ପରେ ସାଂସଦ ଅଧିର ରଞ୍ଜନ ଚୌଧୁରୀଙ୍କ ନେତୃତ୍ୱରେ କଂଗ୍ରେସ କର୍ମୀ ସେଠାରେ ପହଞ୍ଚି ଥିଲେ। ତେବେ ପୁଲିସ ତାଙ୍କୁ ଯିବାକୁ ଦେଇ ନ ଥିଲା। ଏହାକୁ ନେଇ କଂଗ୍ରେସ କର୍ମୀ ଏବଂ ପୁଲିସ ମଧ୍ୟରେ ସଂଘର୍ଷ ହୋଇଥିଲା। ଏହା ପରେ ଅଧିର ରଞ୍ଜନ ଘଟଣାସ୍ଥଳରେ ଧାରଣା ଦେଇଥିଲେ। ସନ୍ଦେଶଖାଲିରେ କ’ଣ ଘଟିଛି ତାହା ଜାଣିବାକୁ ଚାହୁଁଛୁ ବୋଲି କହିଥିଲେ। ଲୋକଙ୍କୁ କାହିଁକି ଯିବାକୁ ଦିଆଯାଉ ନାହିଁ ବୋଲି ପ୍ରଶ୍ନ କରିଥିଲେ। ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଅତି ଚତୁରତାର ସହ ଏହାକୁ ପ୍ରୋତ୍ସାହନ ଦେଉଛନ୍ତି। ଅନ୍ୟପଟେ ଅନୁସୂଚିତ ଜାତି କମିସନ ଅଧ୍ୟକ୍ଷଙ୍କ ନେତୃତ୍ୱରେ ଏକ ଟିମ୍ ଗୁରୁବାର ସନ୍ଦେଶଖାଲି ଗସ୍ତ କରିଥିଲା। ସେ ସ୍ଥିତି ଅନୁଧ୍ୟାନ କରିବା ପରେ ରାଜ୍ୟରେ ରାଷ୍ଟ୍ରପତି ଶାସନ କାର୍ଯ୍ୟକାରି କରିବାକୁ କେନ୍ଦ୍ରକୁ ସୁପାରିସ କରିଛନ୍ତି।

■ ଆଇନ କମିସନଙ୍କ ସୁପାରିସ

## ଭାରତରେ ଏନ୍‌ଆରଆଇ ବିବାହର ପଞ୍ଜୀକରଣ ହେଉ

ନୂଆଦିଲ୍ଲୀ, ୧୬।୨ (ଏଜେନ୍ସି)

ନନ୍ ରେସିଡେଣ୍ଟ ଇଣ୍ଡିଆନ (ଏନ୍‌ଆରଆଇ) ଏବଂ ଭାରତୀୟ ନାଗରିକଙ୍କ ମଧ୍ୟରେ ହେଉଥିବା ବିବାହରେ ଠକେଇ ମାମଲା ବଢ଼ିବାରେ ଲାଗିଛି। ଆଇନ କମିସନ ଏହା ଉପରେ ଚିନ୍ତା ପ୍ରକଟ କରିଛନ୍ତି। ଏହାର ମୁକାବିଲା ପାଇଁ କଠୋର ଆଇନ ଆଣିବାକୁ ଏବଂ ଏଭଳି ବିବାହ ପଞ୍ଜିକରଣ ବାଧ୍ୟତାମୂଳକ କରିବାକୁ ସରକାରଙ୍କୁ ସୁପାରିସ କରିଛନ୍ତି। ୨୨ତମ ଆଇନ କମିସନର ଅଧ୍ୟକ୍ଷ ଅବସରପ୍ରାପ୍ତ ବିଚାରପତି ରିତୁରାଜ ଅବସ୍ଥି ଗୁରୁବାର ଏନଆରଆଇ ଏବଂ ଭାରତୀୟଙ୍କ ବିବାହ ସମ୍ବନ୍ଧିତ ୨୮୭ତମ ରିପୋର୍ଟକୁ ଆଇନମନ୍ତ୍ରୀ ଅର୍ଜୁନ ରାମ ମେଘୱାଲଙ୍କୁ ପ୍ରଦାନ କରିଛନ୍ତି। ଏଥିରେ ଆହୁରି ଅନେକ ପ୍ରସ୍ତାବ ଦିଆଯାଇଛି। ପାସପୋର୍ଟ ନିୟମ (୧୯୬୭)ରେ ପରିବର୍ତ୍ତନ ପାଇଁ ମଧ୍ୟ ସୁପାରିସ କରାଯାଇଛି। ଏହା ଅଧିନରେ ପତି କିମ୍ବା ପତ୍ନୀଙ୍କ ପାସପୋର୍ଟକୁ ପରସ୍ପର ସହ ଲିଙ୍କ୍ କିମ୍ବ ଉଭୟଙ୍କ ପାସପୋର୍ଟରେ ବିବାହ ପଞ୍ଜିକରଣ ନଂ ଲେଖିବା ପାଇଁ କୁହାଯାଇଛି। ପାସପୋର୍ଟରେ ବୈବାହିକ ସ୍ଥିତ ସମ୍ପର୍କରେ ଉଲ୍ଲେଖ କରିବାକୁ କୁହାଯାଇଛି। ଆଇନମନ୍ତ୍ରୀଙ୍କୁ ଲେଖିଥିବା ଚିଠିରେ ଜଷ୍ଟିସ ଅବସ୍ଥି କହିଛନ୍ତି ଯେ ଏଭଳି ବିବାହ ଦ୍ୱାରା ଅନେକ କ୍ଷତି ହୋଇଥାଏ। ବିଶେଷ କରି ମହିଳାମାନେ ସର୍ବାଧିକ ପ୍ରଭାବିତ ହୋଇଥାନ୍ତି। ଏଭଳି ଆଇନ ଏନଆରଆଇଙ୍କ ସହିତ ଓଭରସିଜ୍ ସିଟିଜେନ ଅଫ୍ ଇଣ୍ଡିଆ (ଓସିଆଇ) କାର୍ଡଧାରୀଙ୍କ ପାଇଁ ମଧ୍ୟ ଲାଗୁ କରାଯାଉ।

କମିଟି ଅନୁଯାୟୀ ଏହି ଆଇନରେ ଛାଡ଼ପତ୍ର, ଜୀବନସାଥିଙ୍କୁ ଭରଣପୋଷଣ,

**ପାସ୍‌ପୋର୍ଟରେ ଲେଖାଯାଉ ପଞ୍ଜିକରଣ ନମ୍ବର**

**ଠକେଇ ବନ୍ଦ କରିବାକୁ କଡ଼ା ଆଇନ ଅଣାଯାଉ**

ଶିଶୁଙ୍କ ସୁରକ୍ଷା ଏବଂ ଭରଣପୋଷଣ, ଏନଆରଆଇ ଏବଂ ଓସିଆଇଙ୍କୁ ସମନ, ୱାରଣ୍ଟ ତଥା ନ୍ୟାୟିକ ପ୍ରମାଣପତ୍ରକୁ ମଧ୍ୟ ସାମିଲ କରାଯାଉ। ଏଭଳି ବିବାହ ସମ୍ବନ୍ଧିତ ସମସ୍ୟାର ସମାଧାନ ଲାଗି ଅଧିକ ଘରୋଇ ଅଦାଲତ ଗଠନ କରିବାକୁ ମଧ୍ୟ ପ୍ରସ୍ତାବ ଦିଆଯାଇଛି।

### ଇଡିର ପଞ୍ଚମ ସମନ ପରେ କେଜ୍ରିୱାଲଙ୍କ ‘ମାଇଣ୍ଡ ଗେମ୍’

# ତୃତୀୟ ଥର ପାଇଁ ଲୋଡ଼ିଲେ ଆସ୍ଥା

ନୂଆଦିଲ୍ଲୀ, ୧୬।୨ (ଏଜେନ୍ସି)

ଦିଲ୍ଲୀ ମଦ ନୀତି ଦୁର୍ନୀତି ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଷଷ୍ଠ ସମନ ଜାରି କରିବାର ଦିନକ ପରେ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ ତୃତୀୟ ଥର ପାଇଁ ଆସ୍ଥା ଲୋଡ଼ିଛନ୍ତି। ଶନିବାର ଏହି ପ୍ରସ୍ତାବ ଉପରେ ଚର୍ଚ୍ଚା ହେବ। କେଜ୍ରିୱାଲ ରାଉଜ ଆଭିନ୍ୟୁ କୋର୍ଟଙ୍କ ସମନରୁ ବର୍ତ୍ତିବା ଲାଗି ଏହି କୂଟନୀତି ଆପଣାଇଥିବା କୁହାଯାଉଛି। ଇଡି ବାରମ୍ବାର ସମନ ଜାରି କରିବା ସତ୍ତ୍ୱେ କେଜ୍ରିୱାଲ ଜେରା ପାଇଁ ହାଜର ହୋଇ ନ ଥିଲେ। ତେଣୁ ଇଡି କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲା। ଗତ ୧୪ ତାରିଖରେ ଏହା ଉପରେ ଶୁଣାଣି କରି କୋର୍ଟ ଦିଲ୍ଲୀ ମୁଖ୍ୟମନ୍ତ୍ରୀଙ୍କୁ ସମନ ଜାରି କରିଥିଲା। ତାଙ୍କୁ ଶନିବାର ହାଜର ହେବାକୁ ନିର୍ଦ୍ଦେଶ ଦେଇଥିଲେ। କୋର୍ଟଙ୍କ ନିର୍ଦ୍ଦେଶ ପରେ ଇଡି ଗୁରୁବାର କେଜ୍ରିୱାଲଙ୍କୁ ଷଷ୍ଠ ସମନ ଜାରି କରି ୧୯ରେ ହାଜର ହେବାକୁ କହିଛି। ଗିରଫ ଅଟକଳ ପରେ ସେ ଆଜି ଆସ୍ଥା ଲୋଡ଼ିଛନ୍ତି।

ବାଚସ୍ପତି ରାମ ନିବାସ ଗୋୟଲ ଏହି ପ୍ରସ୍ତାବକୁ ସ୍ୱୀକାର କରି ଗୃହକୁ ସ୍ଥଗିତ ରଖିଛନ୍ତି। ଏହା ପୂର୍ବରୁ କେଜ୍ରିୱାଲ ୨୦୨୩ ମାର୍ଚ୍ଚ ଏବଂ ୨୦୨୨ ଅଗଷ୍ଟରେ ଆସ୍ଥା ଲୋଡ଼ି ଥିଲେ। ଆଜି ବିଧାନସଭାରେ ଏହି ପ୍ରସ୍ତାବ ଉପସ୍ଥାପନ କରି କେଜ୍ରିୱାଲ କହିଥିଲେ ଯେ ବିଜେପି ଦିଲ୍ଲୀରେ ‘ଅପରେସନ ଲୋଟସ’ ଚଳାଇଛି। ଆପ୍‌ର ୨ ବିଧାୟକଙ୍କୁ ଯୋଗାଯୋଗ କରିଛି। ଖୁବଶୀଘ୍ର



**ଆଜି ପ୍ରସ୍ତାବ ଉପରେ ଚର୍ଚ୍ଚା**

**ବିଧାୟକଙ୍କୁ ୨୫ କୋଟି ଲେଖାଏଁ ଅଫର ଦେଇଥିଲା ବିଜେପି**

**ଯେକୌଣସି ସମୟରେ ଗିରଫ କରାଇପାରନ୍ତି**

**ବିଜେପିର ୮ ବିଧାୟକରୁ ୭ ଜଣ ନିଲମ୍ବିତ**

ମୁଖ୍ୟମନ୍ତ୍ରୀଙ୍କୁ ଗିରଫ କରାଯିବ ବୋଲି କୁହାଯାଇଛି। ଦଳର ଆଉ ୨୧ ବିଧାୟକ ଯୋଗାଯୋଗରେ ଅଛନ୍ତି ଏବଂ ଦଳ ଛାଡ଼ିବାକୁ ପ୍ରସ୍ତୁ ଅଛନ୍ତି ବୋଲି ବିଜେପି ପକ୍ଷରୁ ୨ ବିଧାୟକଙ୍କୁ କୁହାଯାଇଥିଲା। ସମସ୍ତଙ୍କୁ ୨୫ କୋଟି ଲେଖାଏଁ ଅଫର ଦିଆଯାଇଥିଲା। ତେବେ ପରେ ବିଧାୟକଙ୍କୁ ପଚରାଉଚୁରା କରିବାରୁ ୭ ଏମଏଲଏଙ୍କ ସହ ସମ୍ପର୍କ କରାଯାଇଥିବା ଜଣାପଡ଼ି ଥିଲା। କେନ୍ଦ୍ର ସରକାର ଆପ୍ ନେତାଙ୍କୁ ମିଥ୍ୟା ମାମଲାରେ ଫସାଇବାକୁ ଉଦ୍ୟମ କରୁଛନ୍ତି। ମଦ ଦୁର୍ନୀତି ଆଳରେ ଦିଲ୍ଲୀ ସରକାରକୁ ଭାଙ୍ଗିବାକୁ ପ୍ରୟାସ ହେଉଛି। ଏହା ସତ୍ତ୍ୱେ ଦଳର ସବୁ ବିଧାୟକ ଏକାଠି ଅଛନ୍ତି ବୋଲି କେଜ୍ରିୱାଲ କହିଛନ୍ତି।

ଅନ୍ୟପକ୍ଷରେ ବାଚସ୍ପତି ଆଜି ଗୃହରୁ ବିଜେପିର ୮ରୁ ୭ ସଦସ୍ୟଙ୍କୁ ବଜେଟ ଅଧିବେଶନରୁ ନିଲମ୍ବନ କରିଦେଇଛନ୍ତି। ଏମାନଙ୍କ ଭିତରେ ବିରୋଧୀ ଦଳନେତା ରାମବୀର ସିଂହ ବିଧୁଡ଼ି ସାମିଲ ଅଛନ୍ତି। ଏମାନେ ଉପ-ରାଜ୍ୟପାଳଙ୍କ ଅଭିଭାଷଣକୁ ବନ୍ଦ କରିବାକୁ ଉଦ୍ୟମ କରିଥିବା ଅଭିଯୋଗ ହୋଇଛି।

## କେଜ୍ରିୱାଲ, ସଞ୍ଜୟ ସିଂଙ୍କୁ ହାଇକୋର୍ଟ ଝଟ୍‌କା

ଅହମଦାବାଦ, ୧୬।୨ (ଏଜେନ୍ସି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଡିଗ୍ରୀ ସମ୍ବନ୍ଧିତ ଆପରାଧିକ ମାନହାନୀ ମାମଲାରେ ଶୁକ୍ରବାର ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ ଏବଂ ଆପ୍ ସାଂସଦ ସଞ୍ଜୟ ସିଂହଙ୍କୁ ବଡ଼ ଝଟ୍‌କା ଲାଗିଛି। ଉଭୟଙ୍କ ବିରୋଧରେ ଅହମଦାବାଦ ସେସନ କୋର୍ଟଙ୍କ ଦ୍ୱାରା ଜାରି ସମନକୁ ରଦ୍ଦ କରିବାକୁ ଗୁଜରାଟ ହାଇକୋର୍ଟ ମନା କରିଦେଇଛନ୍ତି। ଉଭୟଙ୍କୁ ନିର୍ଦ୍ଧାରିତ ତାରିଖରେ କୋର୍ଟରେ ଉପସ୍ଥିତ ହେବାକୁ କହିଛନ୍ତି। ସୂଚନା ଅନୁଯାୟୀ ଅହମଦାବାଦର ଗୁଜରାଟ ୟୁନିଭର୍ସିଟି କେଜ୍ରିୱାଲ ଏବଂ ସିଂଙ୍କ ବିରୋଧରେ ଏହି ମାନହାନୀ ମାମଲା ରୁଜୁ କରିଥିଲା। ଉଭୟେ ୟୁନିଭର୍ସିଟିର ଛବି ଖରାପ ଉଦ୍ୟମ କରୁଥିବା ଅଭିଯୋଗ କରାଯାଇଥିଲା। ଏହି ମାମଲାରେ ସେସନ କୋର୍ଟ ଜାରି କରିଥିବା ସମନକୁ ରଦ୍ଦ ପାଇଁ ଉଭୟ ଆପ୍ ନେତା ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

## ମୁଦ୍ରା ବିନିମୟ ମୂଲ୍ୟ



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୩.୦୧ • ପାଉଣ୍ଡ ୧୦୪.୦୭
- ୟୁରୋ ୮୯.୮୮ • ୟେନ୍ ୦.୫୫

## ସୁନାରୁପା ଦର



୧୦ ଗ୍ରାମ ପିଛା (ଟଙ୍କାରେ)
- ସୁନା : ୫୭,୫୯୦ (ନୂଆଦିଲ୍ଲୀ)
- ରୁପା : ୭୫,୪୦୦ (କେଜି)



## ଷ୍ଟକ୍ ମାର୍କେଟ୍

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୭୨,୪୨୬.୦୦
- ନିଫ୍ଟି ୨୨,୦୪୦.୦୦



## ପେଟ୍ରୋଲ-ଡିଜେଲ୍

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୩.୩୭ (ଭୁବନେଶ୍ୱର)
- ଡିଜେଲ୍ - ୯୪.୮୬



### ଏଣିକି ଟୋଲ୍‌ଗେଟ୍‌ରେ କାମ ଦେବନି ପେଟିଏମ୍

# 'ଫାସ୍‌ଟ୍ୟାଗ୍ ବିକି ପାରିବନି ପେଟିଏମ୍ ପେମେଣ୍ଟସ୍ ବ୍ୟାଙ୍କ'

ନୂଆଦିଲ୍ଲୀ,୧୬।୨(ଏଜେନ୍ସି)

ସମସ୍ୟା ପେଟିଏମ୍‌ର ପିଛା ଛାଡୁନି। ପେଟିଏମ୍‌ର ସହାୟକ କମ୍ପାନୀ ପେଟିଏମ୍ ପେମେଣ୍ଟସ ବ୍ୟାଙ୍କ ଲିମିଟେଡ୍ (ପିପିବିଏଲ୍) ପାଇଁ ସମସ୍ୟା ଦିନକୁ ଦିନ ବଢ଼ିବାରେ ଲାଗିଛି। ଏବେ ଏକ ନୂଆ ଖବର ଅନୁଯାୟୀ, ଏଣିକି ଟୋଲ୍‌ଗେଟ୍‌ରେ ଚାଲିବନି ଆପଣଙ୍କ ପେଟିଏମ୍। ଆରବିଆଇର କାର୍ଯ୍ୟାନୁଷ୍ଠାନ ପରେ ଭାରତୀୟ ଜାତୀୟ ରାଜପଥ କର୍ତ୍ତୃପକ୍ଷ (ଏନ୍‌ଏଚ୍‌ଏଆଇ) ପେଟିଏମ ପେମେଣ୍ଟସ ବ୍ୟାଙ୍କ ଉପରେ ଏକ ବଡ଼ ନିଷ୍ପତ୍ତି ନେଇଛି। ଏହି ଅନୁଯାୟୀ, ପେଟିଏମ ପେମେଣ୍ଟସ ବ୍ୟାଙ୍କ ଆଉ ଫାସ୍‌ଟ୍ୟାଗ୍ ବିକ୍ରି କରିପାରିବନାହିଁ। ଏନ୍‌ଏଚ୍‌ଏଆଇ ଏହାର ୩୨ ଅଧିକୃତ ବ୍ୟାଙ୍କ ତାଲିକାରୁ ପେଟିଏମ ପେମେଣ୍ଟସ ବ୍ୟାଙ୍କକୁ ହଟାଇଦେଇଛି। ଏହାଫଳରେ ପେଟିଏମ୍‌ର ରହିଥିବା ପ୍ରାୟ ୨ କୋଟି ଫାସ୍‌ଟ୍ୟାଗ୍ ବ୍ୟବହାରକାରୀଙ୍କ ପାଇଁ ଏବେ ଆଉ ଏକ ନୂଆ ସମସ୍ୟା ସୃଷ୍ଟି ହୋଇଛି। ପାସ୍‌ଟ୍ୟାଗ୍ ବିକ୍ରେତା ବ୍ୟାଙ୍କ ତାଲିକାରୁ ପେଟିଏମ ପେମେଣ୍ଟସ ବ୍ୟାଙ୍କକୁ ବାଦ୍ ଦିଆଯିବା ପରେ ଯେଉଁ ଉପଭୋକ୍ତାମାନଙ୍କର ପେଟିଏମ ଫାସ୍‌ଟ୍ୟାଗ୍ ଥିରହିଲା ସେମାନଙ୍କୁ ଏବେ ଏକ ନୂତନ ଫାସଟ୍ୟାଗ୍ କରିବାକୁ ପଡିବ। ତେବେ ଏହାକୁ ନଜରରେ ରଖି ଫାସ୍‌ଟ୍ୟାଗ ବ୍ୟବହାରକାରୀଙ୍କ ପାଇଁ ଏନ୍‌ଏଚ୍‌ଏଆଇ ଏକ ପରାମର୍ଶପତ୍ର ଜାରି କରିଛି, ଯେଉଁଥିରେ ଲୋକଙ୍କୁ ଏନ୍‌ଏଚ୍‌ଏଆଇରେ ତାଲିକାଭୁକ୍ତ ବ୍ୟାଙ୍କଗୁଡିକରୁ ଫାସ୍‌ଟ୍ୟାଗ୍ କିଣିବାକୁ କୁହାଯାଇଛି।




ରିପୋର୍ଟର ଅନୁଯାୟୀ, ଆଇଏଚ୍‌ଏମ୍‌ସିଏଲ୍ (ଭାରତୀୟ ରାଜପଥ ପରିଚାଳନା କମ୍ପାନୀ ଲିମିଟେଡ୍ ) ସୋସିଆଲ ମିଡିଆ ଏକ୍ସରେ ଫାସ୍‌ଟ୍ୟାଗ୍ ବିକ୍ରେତା ବ୍ୟାଙ୍କର ଏକ ତାଲିକା ପ୍ରକାଶ କରିଛି। ଏହି ତାଲିକାରେ ୩୨ଟି ବ୍ୟାଙ୍କକୁ ରଖାଯାଇଛି। ଏଥିରେ ପେଟିଏମ ପେମେଣ୍ଟସ ବ୍ୟାଙ୍କ ନାହିଁ। ଆଇଏଚ୍‌ଏମ୍‌ସିଏଲ୍ ପକ୍ଷରୁ ଏ ସମ୍ପର୍କରେ ଏକ ଟ୍ୱିଟ୍ କରି କୁହାଯାଇଛି ଯେ, ନିମ୍ନଲିଖିତ ଫାସ୍‌ଟ୍ୟାଗରେ ବିନା କୌଣସି ସମସ୍ୟାରେ ଯାତ୍ରା କରନ୍ତୁ। ତେବେ ପେଟିଏମ୍‌କୁ ପାସ୍‌ଟ୍ୟାଗ୍ ବିକ୍ରେତା ବ୍ୟାଙ୍କ ତାଲିକାରୁ ହଟାଯିବା ପରେ ପୂର୍ବରୁ ପେଟିଏମ୍ ଫାସ୍‌ଟ୍ୟାଗ୍ ବ୍ୟବହାର କରୁଥିବା ପ୍ରାୟ ୨ କୋଟି ଉପଭୋକ୍ତା ଏହି ନିଷ୍ପତ୍ତିରେ ପ୍ରଭାବିତ ହେବେ। ଏହି ଉପଭୋକ୍ତାମାନଙ୍କୁ ବର୍ତ୍ତମାନ ଏକ ନୂଆ ଫାସ୍‌ଟ୍ୟାଗ ନେବାକୁ ପଡିବ। ଅର୍ଥାତ୍ ସେହି ଉପଭୋକ୍ତାମାନଙ୍କୁ ବର୍ତ୍ତମାନ ଏକ ନୂଆ ଫାସଟ୍ୟାଗ ନେବାକୁ ପଡିବ। ଉପଭୋକ୍ତାମାନଙ୍କୁ ନୂଆ ଆର୍‌ଏଫ୍‌ଆଇଡି ଷ୍ଟିକର ନେବାକୁ ପଡିବ। ଏହାଛଡା ଫେବୃଆରୀ ୨୯ ପରେ ପେଟିଏମ୍‌ର ଫାସ୍‌ଟ୍ୟାଗ୍‌କୁ ଆଉ ରିଚାର୍ଜ କରିପାରିବେନାହିଁ। ଆରବିଆଇର ନିର୍ଦ୍ଦେଶ ଅନୁଯାୟୀ, ଫେବୃଆରୀ ୨୯ପରେ ପେଟିଏମ ଫାସ୍‌ଟ୍ୟାଗ୍ ରିଚାର୍ଜ କରିହେବନାହିଁ। ଯଦି ପେଟିଏମ୍ ଓ୍ୱାଲେଟ୍‌ରେ ପୂର୍ବରୁ ଆପଣଙ୍କର ଟଙ୍କା ରହିଛି ତେବେ ଫେବୃଆରୀ ୨୯ ପରେ ମଧ୍ୟ ଏହାକୁ ବ୍ୟବହାର କରିପାରିବେ। ଉପଭୋକ୍ତା ପେଟିଏମ ଫାସ୍‌ଟ୍ୟାଗକୁ ବନ୍ଦ କରି ତା' ସ୍ଥାନରେ ଅନ୍ୟ ଏକ ବ୍ୟାଙ୍କର ଏକ ନୂଆ ଫାସ୍‌ଟ୍ୟାଗ୍ ପାଇପାରିବେ।

- ୩୨ ଅଧିକୃତ ବ୍ୟାଙ୍କ ତାଲିକାରୁ ହଟାଇଲା ଏନ୍‌ଏଚ୍‌ଏଆଇ
- ନୂଆ ଆର୍‌ଏଫ୍‌ଆଇଡି ଷ୍ଟିକର ନେବେ ୨ କୋଟି ଫାସ୍‌ଟ୍ୟାଗ୍ ବ୍ୟବହାରକାରୀ
- ଫେବୃଆରୀ ୨୯ ପରେ ପେଟିଏମ୍ ଫାସ୍‌ଟ୍ୟାଗ ଆଉ ରିଚାର୍ଜ ହେବ ନାହିଁ

## ପେଟିଏମ୍ ପେମେଣ୍ଟସ୍ ବ୍ୟାଙ୍କ କଟକଣା ସମୟସୀମା ବଢ଼ିଲା

### ଜମା ଗ୍ରହଣ ବନ୍ଦ ପାଇଁ ୧୫ ଦିନ ଦେଲା ଆର୍‌ବିଆଇ

**ନୂଆଦିଲ୍ଲୀ,୧୬।୨(ଏଜେନ୍ସି):** ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ପକ୍ଷରୁ ସେବା ପ୍ରଦାନ ନେଇ କଟକଣା ଲାଗୁ ପରେ ବଡ଼ ସମସ୍ୟାରେ ପଡିଯାଇଥିବା ପେଟିଏମ୍‌କୁ ଏବେ ବଡ ଆଶ୍ୱସ୍ତି ମିଳିଛି। କାରଣ କେନ୍ଦ୍ରୀୟ ବ୍ୟାଙ୍କ ପେଟିଏମ୍ ପେମେଣ୍ଟସ ବ୍ୟାଙ୍କକୁ ଏହାର ସେବା ଯୋଗାଣ ପାଇଁ ଅଧିକ ୧୫ ଦିନ ସମୟ ପ୍ରଦାନ କରିଛନ୍ତି। ଏହାପରେ ଏବେ ପେଟିଏମ୍ ପେମେଣ୍ଟ ବ୍ୟାଙ୍କ ଉପରେ ଆର୍‌ବିଆଇ ଲଗାଇଥିବା ପ୍ରତିବନ୍ଧକ ସମୟସୀମା ଫେବୃୟାରୀ ୨୯ରେ ଲାଗୁ ହେବ ନାହିଁ। ଏହାର ସେବା ଆଗକୁ ଆହୁରି ୧୫ ଦିନ ପର୍ଯ୍ୟନ୍ତ ଜାରି ରହିବ। ନୂଆ ନିର୍ଦ୍ଦେଶନାମା ଅନୁଯାୟୀ, ଏବେ ପେଟିଏମ୍ ପେମେଣ୍ଟ ବ୍ୟାଙ୍କ ଉପରେ କଟକଣା ୧୫ ମାର୍ଚ୍ଚ ପରେ ଲାଗୁ ହେବ। ଏହାର ଅର୍ଥ ହେଉଛି ଟିଏମ୍ ଓ୍ୱାଲେଟ୍, ଫାଷ୍ଟ୍ୟାଗ ଓ ଗ୍ରାହକଙ୍କ ଖାତାରେ କାରବାର ୧୫ ମାର୍ଚ୍ଚ ୨୦୨୪ ପର୍ଯ୍ୟନ୍ତ କରାଯାଇପାରିବ। ଏହା ସହିତ ଆର୍‌ବିଆଇ ପେଟିଏମକୁ ନେଇ ଏଫ୍‌ଏକ୍ୟୁ ମଧ୍ୟ ଜାରି କରିଛି। ଏଠାରେ ସୂଚନାଯୋଗ୍ୟ ଯେ, ୩୧ ଜାନୁୟାରୀ ୨୦୨୪ରେ ଆରବିଆଇ ଏକ ବଡ କାର୍ଯ୍ୟାନୁଷ୍ଠାନ ସ୍ୱରୂପ ପେଟିଏମ୍ ପେମେଣ୍ଟ ବ୍ୟାଙ୍କିଙ୍ଗ ସେବା ବନ୍ଦ କରିବା ପାଇଁ ଆଦେଶ ଜାରି କରିଥିଲା। ଏହା ଚଳିତମାସ ୨୯ ତାରିଖରୁ କାର୍ଯ୍ୟକାରୀ ହେବାର ଥିଲା।

## ଆକ୍ସିସ ବ୍ୟାଙ୍କରେ ୫ ହଜାର କୋଟିର ଠକେଇ

### ଯାଞ୍ଚ ଦାବି କଲେ ସୁବ୍ରମଣ୍ୟମ ସ୍ୱାମୀ

**ନୂଆଦିଲ୍ଲୀ,୧୬।୨(ସମିସ):** ଆକ୍ସିସ ବ୍ୟାଙ୍କରେ ହୋଇଛି ବଡ଼ ଧରଣର ଠକେଇ। ପୂର୍ବତନ ରାଜ୍ୟସଭା ସଦସ୍ୟ ସୁବ୍ରମଣ୍ୟମ ସ୍ୱାମୀ ବ୍ୟାଙ୍କ ଉପରେ ଏହି ଅଭିଯୋଗ ଆଣିଛନ୍ତି। ସେ କହିଛନ୍ତି ବ୍ୟାଙ୍କ ମ୍ୟାକ୍ସ ଲାଇଫ୍ ଇନସ୍ୟୁରାନ୍ସର ଶେୟାର କିଣାବିକା ମାଧ୍ୟମରେ ୫ ହଜାର କୋଟି ଟଙ୍କାରୁ ଅଧିକ ଅନୁଚିତ ଲାଭ ହାତେଇଛି। ଏହି ଅଭିଯୋଗ ସହ ସୁବ୍ରମଣ୍ୟମ ସ୍ୱାମୀ ବ୍ୟାଙ୍କ ବିରୋଧରେ ଠକେଇ ଯାଞ୍ଚ ଆଦେଶ ପାଇଁ ଦାବି କରି ପିଆଇଏଲ ଆବେଦନ କରିଛନ୍ତି। ଅବଶ୍ୟ ଆବେଦନର କପି ଆକ୍ସିସ ବ୍ୟାଙ୍କଙ୍କୁ ମିଳି ନ ଥିବାରୁ, ଦିଲ୍ଲୀ ହାଇକୋର୍ଟ ମାର୍ଚ୍ଚ ୧୩ ପର୍ଯ୍ୟନ୍ତ ମାମଲାର ଶୁଣାଣି ଘୁଞ୍ଚାଇ ଦେଇଛନ୍ତି। ଆବେଦନରେ ଶ୍ରୀ ସ୍ୱାମୀ ଦାବି କରିଛନ୍ତି ଯେ, ଆକ୍ସିସ ବ୍ୟାଙ୍କ କଥିତ ଭାବରେ ଅଣପାରଦର୍ଶୀ ଉପାୟରେ ଏବଂ ଲାଗୁ ନିୟମର ଉଲ୍ଲଙ୍ଘନ କରି ମ୍ୟାକ୍ସ ଲାଇଫର ଇକ୍ୱିଟି ଶେୟାର ବିକ୍ରି ଏବଂ କିଣାରେ ୫୧୦୦ କୋଟିର ଅନୁଚିତ ଲାଭ ଆୟ କରିଛନ୍ତି। ଆମେଦନରେ ଏହା ମଧ୍ୟ କୁହାଯାଇଛି ଯେ, ଆଇଆରଡିଏଆଇ ଅକ୍ଟୋବର ୨୦୨୨ରେ ମ୍ୟାକ୍ସ ଲାଇଫ ଉପରେ ୩ କୋଟି ଏବଂ ଆକ୍ସିସ ବ୍ୟାଙ୍କ ଉପରେ ୨ କୋଟି ଟଙ୍କାର ଜରିମାନା ଲଗାଇଛନ୍ତି। ଯାହା ଠକେଇ ହୋଇଥିବା ଟଙ୍କା ତୁଳନାରେ ଖୁବ୍ କମ୍। ତେବେ ସଂପୂର୍ଣ୍ଣ ମାମଲାରେ ଯାଞ୍ଚ ପାଇଁ ବିଶେଷଜ୍ଞ କମିଟି ଗଠନ କରିବା ଏବଂ ଏହି ଘୋଟାଲା ସାମ୍ନାକୁ ଆଣିବା ପାଇଁ କୋର୍ଟରେ ଦାବି ରଖିଛନ୍ତି ସୁବ୍ରମଣ୍ୟମ।



## ଏଲ୍‌ଆଇସିର ନୂଆ 'ଏଲ୍‌ଆଇସି ଅମୃତବାଲ' ଯୋଜନା



**ଭୁବନେଶ୍ୱର,୧୬।୨(ସମିସ):** ଭାରତୀୟ ଜୀବନ ବୀମା ନିଗମ(ଏଲ୍‌ଆଇସି) ପକ୍ଷରୁ ନୂଆ ଯୋଜନା 'ଏଲ୍‌ଆଇସି ଅମୃତବାଲ'(ଯୋଜନା ୮୭୪)ର ଶୁଭାରମ୍ଭ କରାଯାଇଛି। କେନ୍ଦ୍ର ଅର୍ଥ ସେବା ସଚିବ ଡ. ବିବେକ ଯୋଶୀ ଏହାକୁ ଉନ୍ମୋଚନ କରିଥିଲେ। ଏହି ପ୍ଲାନ୍ ଆଜିଠାରୁ ବିକ୍ରି ନିମନ୍ତେ ଉପଲବ୍ଧ ହୋଇଛି। 'ଏଲ୍‌ଆଇସି ଅମୃତବାଲ' ଏକ ବ୍ୟକ୍ତିଗତ,ସଞ୍ଚୟ, ଜୀବନ ବୀମା ଯୋଜନା। ଏହି ଯୋଜନାକୁ ବିଶେଷ କରି ପିଲାଙ୍କର ଉଚ୍ଚ ଶିକ୍ଷା ଏବଂ ଅନ୍ୟ ଆବଶ୍ୟକତାଗୁଡିକୁ ପୂରଣ କରିବା ପାଇଁ ପର୍ଯ୍ୟାପ୍ତ ଧନ ରାଶି ରଖିବା ଉଦ୍ଦେଶ୍ୟରେ ପ୍ରସ୍ତୁତ କରାଯାଇଛି। ପ୍ରାରମ୍ଭରୁ ପଲିସ ଅବଧିର ଶେଷ ପର୍ଯ୍ୟନ୍ତ ପ୍ରତି ପଲିସିର ବର୍ଷର ଶେଷରେ ୮୦ ଟଙ୍କା ପ୍ରତି ହାର ମୂଲ୍ୟର ବୀମା ରାଶି ହାରରେ ନିଶ୍ଚିତ ଅଭିବୃଦ୍ଧି ମାଧ୍ୟମରେ ଧନ ସଞ୍ଚୟ ସୁବିଧା ପ୍ରଦାନ କରିଥାଏ, ଯେ ପର୍ଯ୍ୟନ୍ତ ପଲିସି ଜାରି ରହିଥାଏ।

## ଜିଓ-ବିପିର 'ୟୁ–ଡିଜର୍ଭ-ମୋ' କ୍ୟାମ୍ପେନ୍

**ଭୁବନେଶ୍ୱର,୧୬।୨(ସମିସ):** ଅଗ୍ରଣୀ ମୋବିଲିଟି ସଲ୍ୟୁସନ୍ ପ୍ରଦାନକାରୀ ଜିଓ-ବିପି ପକ୍ଷରୁ ଶୁକ୍ରବାର 'ୟୁ –ଡିଜର୍ଭ-ମୋ' କ୍ୟାମ୍ପେନ୍ ଆରମ୍ଭ କରାଯାଇଛି। ଭାରତରେ ଗ୍ରାହକଙ୍କ ମଧ୍ୟରେ ଫୁଏଲି ଅଭିଜ୍ଞତାକୁ ବଢ଼ାଇବା ଲାଗି କମ୍ପାନୀ ଏହି 'ୟୁ –ଡିଜର୍ଭ-ମୋ' କ୍ୟାମ୍ପେନ୍ ଆରମ୍ଭ କରିଛି। ଦେଶର ସ୍ୱାଧୀନତାର ଏହି ଶତ ବାର୍ଷିକୀ ପାଳନ କରିବାକୁ ଯାଉଥିବାବେଳେ ଭାରତ ବିଶ୍ୱ ଶକ୍ତି କ୍ଷେତ୍ରରେ ଏକ ଉଜ୍ଜ୍ୱଳ ସ୍ଥାନ ହାସଲ କରିବାକୁ ଯାଉଛି। 'ୟୁ–ଡିଜର୍ଭ-ମୋ' (ୱାଇଡିଏମ୍) କ୍ୟାମ୍ପେନ୍ ଜିଓ-ବିପି ପକ୍ଷରୁ ଦିଆଯିବାକୁ ଥିବା ସ୍ୱତନ୍ତ୍ର ଅଫର ସମ୍ପର୍କରେ ବିଶେଷ ଭାବେ ଆଲୋକପାତ କରୁଛି। ଏଥିରେ ପରଫରମାନ୍ସ ବା ପ୍ରଦର୍ଶନ, ସେବା ବା ସର୍ଭିସ୍ ଏବଂ କଟିଂ ଏଜ୍ ଟେକ୍ନୋଲୋଜିକୁ ଗୁରୁତ୍ୱାରୋପ କରାଯାଇଛି। ଏହି କ୍ୟାମ୍ପେନ୍ ୱାଇଡିଏମ୍ ୪.୩% ଅଧିକ ମାଇଲେଜ୍ ପ୍ରଦାନ କରୁଥିବା ଡିଜେଲ ଡେଲିଭରୀକୁ ଗୁରୁତ୍ୱ ଦେଉଛି। ମୋବିଲିଟି ଷ୍ଟେସନ୍‌ରେ ଜିଓ-ବିପି ଅଟୋମେସନ୍ ଡ୍ରିଭେନ୍ ପିଲଫର ପ୍ରୁଫ୍ ମୋବାଇଲ୍ ଡିସ୍‌ପେନ୍‌ସର ଏବଂ ପ୍ୟାଟେଣ୍ଟ ପ୍ୟାକ୍ ଯୁକ୍ତ ଏଚ୍‌ଡିପିଇ କଣ୍ଟେନର ଜରିଆରେ ଗ୍ରାହକଙ୍କ ଦ୍ୱାରଦେଶରେ ଡିଜେଲ ପହଞ୍ଚାଉଛନ୍ତି।

## ଖଣ୍ଡଗିରିରେ ଟିପିସିଓଡିଏଲ୍‌ର ନୂତନ ଜ୍ଞାନ କୌଶଳର ବିଶାଳ ଟ୍ରାନ୍ସଫର୍ମର

ଭୁବନେଶ୍ୱର,୧୬।୨(ସମିସ): ଟାଟା ପାୱାର ଓ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ ଟିପି ସେଣ୍ଟ୍ରାଲ୍ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିସିଓଡିଏଲ୍) ଆଗାମୀ ଦିନରେ ଖଣ୍ଡଗିରି ଅଞ୍ଚଳର ବର୍ଦ୍ଧିତ ଶକ୍ତି ଚାହିଦା ପୂରଣ କରି ଭରସାଯୋଗ୍ୟ ବିଦ୍ୟୁତ୍ ଯୋଗାଣ କରିବା ଲାଗି ଏକ ଗୁରୁତ୍ୱପୂର୍ଣ୍ଣ ଉଦ୍ୟମ ଆରମ୍ଭ କରିଛି। ସହରାଞ୍ଚଳରେ ବର୍ଷକୁ ବର୍ଷ ଲୋଡ୍ରେ ହେଉଥିବା ବୃଦ୍ଧି ଚାହିଦା ପୂରଣ କରିବା ପାଇଁ ପୂର୍ବରୁ ଥିବା ପିଏସ୍‌ଏସ୍ରେ ବିଦ୍ୟୁତ ଟ୍ରାନ୍ସଫରମର ସହିତ ସ୍ୱିଚ୍ଗିୟରର ଦକ୍ଷତା ବୃଦ୍ଧି କରିବା ଲାଗି ଏକ ଗୁରୁତ୍ୱପୂର୍ଣ୍ଣ ଅଭିଯାନ ଆରମ୍ଭ କରାଯାଇଛି। ଆସନ୍ତା ୧୦ ବର୍ଷରେ ଲୋଡ୍‌ରେ ହେବାକୁ ଥିବା ବୃଦ୍ଧିକୁ ଦୃଷ୍ଟିରେ ରଖି ଦକ୍ଷତାରେ ଏହି ଉନ୍ନତି ଅଣାଯାଇଛି। ଟିପିସିଓଡିଏଲ୍ର ଦୂରଦୃଷ୍ଟି ସମ୍ପନ୍ନ ଆଭିମୁଖ୍ୟ ବିଦ୍ୟୁତ ଭିତିଭୂମି ଓ ଦକ୍ଷତାକୁ ବଦଳାଇଥିବା ବେଳେ ଏହି ଅଭିଯାନ ଜରିଆରେ ଏକ ନୂତନ ମାନଦଣ୍ଡ ନିର୍ଦ୍ଧାରଣ ହୋଇଛି ଯାହା ଜାଗମରା, କୋଳଥିଆ, ଧର୍ମ ବିହାର, ଗଣ୍ଡମୁଣ୍ଡା, ଆଇଗିଣିଆ, ଜଗମୋହନ ନଗର, ମଲ୍ଲିକ କମ୍ପ୍ଲେକ୍ସ ଓ ସତ୍ୟସାଇ ଏନ୍କ୍ଲେଭ୍ରେ ବିଦ୍ୟୁତ ଯୋଗାଣରେ ଉନ୍ନତି ଆଣିବ। ଏହି ଉଦ୍ୟମ ଆସନ୍ତା ଦଶନ୍ଧିରେ ଏହି ଅଞ୍ଚଳରେ ବିଦ୍ୟୁତ ସେବା ଦୃଶ୍ୟପଟରେ ରୂପାନ୍ତରଣ କରିବ ବୋଲି ଟିପିସିଓଡିଏଲ୍‌ର ସିଇଓ ଅରବିନ୍ଦ ସିଂହ କହିଛନ୍ତି।

## କେୟାର ହସ୍ପିଟାଲ ଭୁବନେଶ୍ୱର ପକ୍ଷରୁ ଜନ୍ମଗତ ହୃଦ୍‌ରୋଗ ସଚେତନତା ସପ୍ତାହ ପାଳନ




**ଭୁବନେଶ୍ୱର,୧୬।୨(ସିମସ):** କେୟାର ହସ୍ପିଟାଲ ଭୁବନେଶ୍ୱର ପକ୍ଷରୁ ଜନ୍ମଗତ ହୃଦ୍‌ରୋଗ ସଚେତନତା ସପ୍ତାହ ପାଳନ କରାଯାଇଛି। ଏହି ଅବସରରେ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ଜନ୍ମଗତ ହୃଦ୍‌ରୋଗରେ ଆକ୍ରାନ୍ତ ହୋଇଥିବା ୫୦ରୁ ଅଧିକ ଶିଶୁ ଏବଂ ତାଙ୍କର ଅଭିଭାବକମାନଙ୍କୁ ନେଇ ଏକ ସ୍ୱତନ୍ତ୍ର କର୍ମଶାଳା 'କେୟାର କେନକ୍ଟ' ଆୟୋଜନ କରାଯାଇଥିଲା। ଏହି ଅବସରରେ ସକାଳେ ଏକ ୱାକଥନ୍‌ର ଆୟୋଜନ କରାଯାଇଥିଲା, ଏଥିରେ ହସ୍ପିଟାଲର ଡାକ୍ତର, ନର୍ସ , କର୍ମଚାରୀ ଏବଂ ଚିକିତ୍ସା ହୋଇ ସୁସ୍ଥ ଥିବା ଜନ୍ମଗତ ହୃଦ୍‌ରୋଗୀ ଏବଂ ତାଙ୍କର ଅଭିଭାବକମାନେ ଅଂଶଗ୍ରହଣ କରିଥିଲେ। କେୟାର ହସ୍ପିଟାଲ ସବୁବେଳେ ହୃଦ୍‌ରୋଗ ଉପରେ ଅଧିକ ଗୁରୁତ୍ୱ ହୋଇଥାଏ ବୋଲି କେୟାର ହସ୍ପିଟାଲ ଭୁବନେଶ୍ୱର ହୃଦ୍‌ରୋଗ ବିଭାଗର ମୁଖ୍ୟ ତଥା କ୍ଲିନିକାଲ ଡାଇରେକ୍ଟର ଡାକ୍ତର ମହେନ୍ଦ୍ର ପ୍ରସାଦ ତ୍ରିପାଠୀ କହିଛନ୍ତି। ସେହିଭଳି ବରିଷ୍ଠ ଶିଶୁ ହୃଦ୍‌ରୋଗ ବିଶେଷଜ୍ଞ ଡାକ୍ତର ପ୍ରଶାନ୍ତ ପ୍ରକାଶ ରାଓ ପାଟିଲ କହିଛନ୍ତି ଯେ, ଆମେ ଯେତେ ଶୀଘ୍ର ଜନ୍ମଗତ ହୃଦ୍‌ରୋଗକୁ ଚିହ୍ନଟ କରି ତାର ସଠିକ୍ ଚିକିତ୍ସା କଲେ ସେହି ଶିଶୁମାନେ ମଧ ଏକ ସାଧାରଣ ଶିଶୁଙ୍କ ଭଳି ଏକ ସୁସ୍ଥ ଓ ନୀରୋଗ ଜୀବନ ଅତିବାହିତ। ଏହି ଅବସରରେ କେୟାର ହସ୍ପିଟାଲ ଭୁବନେଶ୍ୱରର ଏସିଓଓ କିସଲେ ଆନନ୍ଦ, ଏଭିପି (ବିଡି) ଡକ୍ଟର ଲୋକନାଥ ଦାଶ ଏବଂ ଅନ୍ୟମାନେ ଉପସ୍ଥିତ ଥିଲେ।

## ପାରାଦୀପ ପୋର୍ଟରେ କାର୍ଗୋ ରପ୍ତାନୀ ଓ ଆମଦାନୀ ପାଇଁ ସିପିଂ କମ୍ପାନୀ ସହ ଏମ୍‌ଓୟୁ

**ଭୁବନେଶ୍ୱର,୧୬।୨(ସମିସ):** ପାରାଦୀପ ପୋର୍ଟ ଜରିଆରେ କାର୍ଗୋ ରପ୍ତାନୀ ଓ ଆମଦାନୀ ପାଇଁ ବିଶ୍ୱର ବୃହତ୍ତମ କଣ୍ଟେନର୍ ସିପିଂ କମ୍ପାନୀ ଏମ୍‌ଏସ୍‌ସି ସହ ରାଜ୍ୟ ସରକାର ଏକ ଚୁକ୍ତି ସ୍ୱାକ୍ଷର କରିଛନ୍ତି। ଏହି ଚୁକ୍ତି ଅନୁସାରେ କମ୍ପାନୀ ଗୋଟିଏ ଭେସେ ଲସ୍‌ରେ ୨୫୦ ଟିୟୁ ସାମଗ୍ରୀ ରପ୍ତାନୀ-ଆମଦାନୀ କରିପାରିବ। ବିଶେଷତଃ ନାଲ୍କୋ, ବେଦାନ୍ତ, ଜେଏସ୍‌ଡବ୍ଲ୍ୟୁ (ଜିନ୍ଦଲ ଷ୍ଟିଲ୍), କୋଇଲା, ଖଣିଜ ପଦାର୍ଥ, ଇଲେକ୍ଟ୍ରୋନିକ୍ସ ଉତ୍ପାଦ, ଧାତବ ପଦାର୍ଥ ସହ ଅନ୍ୟାନ୍ୟ କମ୍ପାନୀ, କୃଷି ଓ ଉଦ୍ୟାନକୃଷି ଭିତ୍ତିକ ଦ୍ରବ୍ୟ ଏବଂ ସାମୁଦ୍ରିକ ଖାଦ୍ୟ, ମସଲା ବିଦେଶକୁ ରପ୍ତାନୀ କରିବ। ସେହିପରି ବିଦେଶରୁ ମଧ୍ୟ ଆବଶ୍ୟକ ପଦାର୍ଥ ନିର୍ଦ୍ଦିଷ୍ଟ ଓଜନ ପରିମାଣରେ ଆମଦାନୀ କରାଯିବ ବୋଲି ଚୁକ୍ତି କରାଯାଇଛି।



ବୃହତ୍ତମ କଣ୍ଟେନର୍ ସିପିଂ କମ୍ପାନୀ ଏମ୍‌ଏସ୍‌ସି ସହ ଚୁକ୍ତି

ପ୍ରଥମ ଥର ପାରାଦୀପରୁ ଶ୍ରୀଲଙ୍କା ପର୍ଯ୍ୟନ୍ତ ରପ୍ତାନୀ ଆରମ୍ଭ ହେବ

ଏହି ଅବସରରେ ଆୟୋଜିତ ଏକ ସମ୍ମିଳନୀରେ ରାଜ୍ୟ ସରକାରଙ୍କ ପକ୍ଷରୁ ଏମ୍‌ଏସ୍‌ଏମ୍‌ଇ ସଚିବ ଶାଶ୍ୱତ ମିଶ୍ର ଏବଂ ମେଡିଟେରିଆନ୍ ସିପିଂ କମ୍ପାନୀ ଏମ୍‌ଏସ୍‌ସିର ଅଧ୍ୟକ୍ଷ କ୍ୟାପ୍‌ଟେନ୍ ଦୀପକ ତିୱାରୀଙ୍କ ମଧ୍ୟରେ ବିଭାଗୀୟ ମନ୍ତ୍ରୀ ପ୍ରତାପ କେଶରୀ ଦେବ, ମୁଖ୍ୟ ଶାସନ ସଚିବ ପ୍ରଦୀପ ଜେନା ଓ ଅର୍ଥ ବିଭାଗର ପ୍ରମୁଖ ଶାସନ ସଚିବ ବିଶାଳ ଦେବଙ୍କ ଉପସ୍ଥିତିରେ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲା। ଏହି ଚୁକ୍ତି ସ୍ୱାକ୍ଷର ପରେ ଏମ୍‌ଏସ୍‌ସିର ଅଧ୍ୟକ୍ଷ କ୍ୟାପ୍‌ଟେନ୍ ଦୀପକ ତିୱାରୀ କହିଛନ୍ତି ଯେ ଭାରତର କୌଣସି ରାଜ୍ୟରେ ଏପରି ଏଗ୍ରିମେଣ୍ଟ ପୂର୍ବରୁ ହୋଇନଥିଲା। ଏହା ଓଡ଼ିଶାରେ ପ୍ରଥମ କରି ସମ୍ଭବ ହୋଇଛି। ଓଡ଼ିଶାର କାର୍ଗୋ ଓଡ଼ିଶା ବନ୍ଦର ମଧ୍ୟ ଦେଇ ରପ୍ତାନୀ ହେଉ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ଶିଳ୍ପ, ଅଣୁ, କ୍ଷୁଦ୍ର ଓ ମଧ୍ୟମ ଶିଳ୍ପଭିତ୍ତିକ ରପ୍ତାନୀ ଆମଦାନୀ ପାଇଁ କଣ୍ଟେନର ମାଧ୍ୟମରେ ସିପିଂ ହେବା ତାଙ୍କର ଲକ୍ଷ୍ୟ ଥିବା ବେଳେ ଏମ୍‌ଏସ୍‌ସିର ଭେସେଲସ୍‌ରେ ପାରାଦୀପଠାରୁ ଖୁବ୍‌ଶୀଘ୍ର ଆରମ୍ଭ ହେବ ବୋଲି ସେ କହିଛନ୍ତି। ଏହି ଚୁକ୍ତି ସ୍ୱାକ୍ଷର ଅନୁଯାୟୀ ପ୍ରଥମ ଥର ପାରାଦୀପରୁ ଶ୍ରୀଲଙ୍କାର କଲମ୍ବୋ ପର୍ଯ୍ୟନ୍ତ ରପ୍ତାନୀ ଆରମ୍ଭ କରାଯିବ।

ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା କହିଥିଲେ ଯେ ଯଦିଓ ଭାଇଜାକ୍ ଓ ହଳଦିଆ ମଧ୍ୟ ଦେଇ ଓଡ଼ିଶା ଦ୍ରବ୍ୟ ରପ୍ତାନୀ ହେଉଥିଲା, ବର୍ତ୍ତମାନ ଛତିଶଗଡ଼, ଝାଡଖଣ୍ଡ, ପଶ୍ଚିମବଙ୍ଗର କିଛି ଅଂଶ ଓ ବାଙ୍ଗଲାଦେଶ ପରାଦୀପ ପୋର୍ଟ ଜରିଆରେ ଆମଦାନୀ-ରପ୍ତାନୀ ପାଇଁ ଆଗ୍ରହ ପ୍ରକାଶ କରୁଛନ୍ତି ବୋଲି ସେ କହିଛନ୍ତି। ପାରାଦୀପ ପୋର୍ଟର ଉପାଧ୍ୟକ୍ଷ ନିଳାମ୍ବର ଦାସ୍‌ଗୁପ୍ତା କହିଥିଲେ ଯେ ବହୁ ଶତାବ୍ଦୀ ପରେ ପୁଣି ସାମୁଦ୍ରିକ ବାଣିଜ୍ୟ ଆରମ୍ଭ ହେବାର ଏକ ନୂଆ ଯୁଗ ସୃଷ୍ଟି ହୋଇଛି। ପାରାଦ୍ୱୀପ ପୋର୍ଟର ଇକୋସିଷ୍ଟମ୍, ଆଧୁନିକ କଣ୍ଟେନର, ଆଧୁନିକ କାର୍ଗୋ କଣ୍ଟେନର ଓଡ଼ିଶାର ସାମୁଦ୍ରିକ ବାଣିଜ୍ୟିକ ଅର୍ଥନୀତିକୁ ସୁଦୃଢ଼ କରିପାରିଛି। ପାରାଦୀପ ପୋର୍ଟ ୧୦୦ ମିଲିୟନ୍ ମେଟ୍ରିକ୍ ଟନ୍ କାର୍ଗୋ ରପ୍ତାନୀ-ଆମଦାନୀରେ ପହଞ୍ଚିସାରିଛି। ପ୍ରାରମ୍ଭିକ ପର୍ଯ୍ୟାୟରେ ପରିବହନ କ୍ଷେତ୍ରରେ ୭୫ ପ୍ରତିଶତ ରିଆତି ପ୍ରଦାନ କରାଯିବା ସହ ଓଡ଼ିଶାରୁ ଓଡ଼ିଶାର କାର୍ଗୋ ଓ ଓଡ଼ିଶାକୁ ଓଡ଼ିଶା କାର୍ଗୋ ପାରାଦୀପ ପୋର୍ଟର ଲକ୍ଷ୍ୟ ବୋଲ ଶ୍ରୀ ଦାସ୍‌ଗୁପ୍ତା କହିଛନ୍ତି।

## ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର ପକ୍ଷରୁ ରପ୍ତାନୀ ସୁଯୋଗ କାର୍ଯ୍ୟକ୍ରମ



**ଭୁବନେଶ୍ୱର,୧୬।୨:** ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର ସହାୟତାରେ ଏମ୍‌ଏସ୍‌ଏମ୍‌ଇ ମହିଳା ଉଦ୍ୟୋଗୀମାନଙ୍କ ନିମନ୍ତେ ରପ୍ତାନୀ ସୁଯୋଗ ସମ୍ପର୍କୀତ ଏକ କାର୍ଯ୍ୟକ୍ରମ ଭୁବନେଶ୍ୱରସ୍ଥିତ ହୋଟେଲ ପ୍ରେସିଡେନ୍ସିଠାରେ ଅନୁଷ୍ଠିତ ହୋଇଯାଇଛି। ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ରରେ ମହିଳା ସଶକ୍ତିକରଣ ପାଇଁ ମିଳିତ ପ୍ରୟାସର ଆହ୍ୱାନ ନେଇ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଏବଂ ହିତାଧିକାରୀ ଏଥିରେ ଯୋଗଦେଇଥିଲେ। ଆଇସିସି ନ୍ୟାସନାଲ ମହିଳା ଉଦ୍ୟୋଗୀ ପରିଷଦ (ଆଇଏନ୍‌ଡବ୍ଲୁସି) ଏବଂ ଫେଡେରେସନ ଅଫ୍ ଇଣ୍ଡିଆନ୍ ଏକ୍ସପୋର୍ଟ୍ ଅର୍ଗାନାଇଜେସନ୍ (ଫିଓ) , ଓଡିଶା ଚାପ୍ଟର, ବାଣିଜ୍ୟ ମନ୍ତ୍ରଣାଳୟ, ଭାରତ ସରକାର ଏବଂ ବ୍ୟାଙ୍କ ଅଫ୍ ମହାରାଷ୍ଟ୍ରର ମିଳିତ ସହଯୋଗରେ ଏହା ଏକ ମିଳିତ ପଦକ୍ଷେପ। ଏହି ଅବସରରେ ମାଧବ ଚନ୍ଦ୍ର ମିଶ୍ର, ଆଇଆର୍‌ଏସ୍, କମିଶନର କାର୍ଯ୍ୟାଳୟ, କଷ୍ଟମ୍ସ (ପିଇଭି), କମିଶନରେଟ୍, ଭୁବନେଶ୍ୱର, ବିମଳେନ୍ଦୁ ରାୟ, ଓଏଏସ୍ (ଏସ୍.ଏସ୍) ଡାଇରେକ୍ଟର, ଡିଇପି ଆଣ୍ଡ ଏମ୍, ଓଡିଶା, ଆଲୋକ କୁମାର ମିଶ୍ରା, ଅଞ୍ଚଳ ପ୍ରବନ୍ଧକ, ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର, ଭୁବନେଶ୍ୱର, କମଳ ସାହୁ, ମୁଖ୍ୟ, ଫିଓ, ଓସି, ଏମ୍‌ଓସି, ଭାରତ ସରକାର, ପ୍ରୀତି ପଟ୍ଟନାୟକ,ଆବାହକ, ଆଇଏନ୍‌ଡବ୍ଲ୍ୟୁସି ଏବଂ ଜେବି. ପାଣି, ଅଧ୍ୟକ୍ଷ, ଆଇସିସି ଓଡିଶା ରାଜ୍ୟ ପରିଷଦ ଆଦି ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ଏମ୍‌ଏସ୍‌ଏମ୍‌ଇ ମହିଳା ଉଦ୍ୟୋଗୀମାନଙ୍କ ପାଇଁ ନିଆଯାଇଥିବା ମୁଖ୍ୟ ପଦକ୍ଷେପଗୁଡିକ ଉପରେ ଗୁରୁତ୍ୱାରୋପ କରାଯାଇଥିବା ସହ ବୃହତ୍ତ ବ୍ୟବସାୟ ଇକୋସିଷ୍ଟମରେ ଅଂଶଗ୍ରହଣ ମାଧ୍ୟମରେ ବିକାଶ ଓ ଅଭିବୃଦ୍ଧି ଉପରେ ଆଲୋକପାତ କରାଯାଇଥିଲା।

### ପଞ୍ଚମ ଆର୍ଥିକ ଅନ୍ତର୍ଭୁକ୍ତୀକରଣ ଓ ମହିଳା ଉଦ୍ୟୋଗୀ ସମ୍ମିଳନୀ

# ୪୦ ଲକ୍ଷ ମହିଳାଙ୍କୁ ମିଳିଛି ୨୧,୮୦୦ କୋଟିର ଋଣ

ଭୁବନେଶ୍ୱର, ୧୬।୨(ସମିସ)

ସାରା ଦେଶରେ ଆର୍ଥିକ ଅନ୍ତର୍ଭୁକ୍ତୀକରଣର ରୂପରେଖ ବହୁ ମାତ୍ରାରେ ବଢ଼ିବାରେ ଲାଗିଛି। ଓଡ଼ିଶାରେ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ଅନୁବନ୍ଧିତ ମାଇକ୍ରୋ ଫାଇନାନ୍ସ ସଂସ୍ଥା, ବ୍ୟାଙ୍କ, ସିଡ୍‌ବି, ନାବାର୍ଡ, ଜାତୀୟକରଣ, ଘରୋଇ, ତଥା ସ୍ମଲ୍ ଫାଇନାନ୍ସ ବ୍ୟାଙ୍କଗୁଡ଼ିକ ବିଭିନ୍ନ ଆର୍ଥିକ ସେବାକୁ ବ୍ୟାପକ କରିଛନ୍ତି। ଋଣ ସହାୟତା, ବିଭିନ୍ନ ଦକ୍ଷତା ବିକାଶ ତଥା ଆର୍ଥିକ ସାକ୍ଷରତା କାର୍ଯ୍ୟକ୍ରମ ଦ୍ୱାରା ମହିଳାମାନଙ୍କ ରୋଜଗାର ବୃଦ୍ଧି ପାଇଛି ଓ ସେମାନେ ବର୍ତ୍ତମାନ ସଶକ୍ତ ହୋଇଛନ୍ତି। ବିଶେଷ କରି ଅପହଞ୍ଚ ଅଞ୍ଚଳଗୁଡିକରେ କ୍ଷୁଦ୍ର ଆର୍ଥିକ ଅନୁଷ୍ଠାନଗୁଡ଼ିକ ଆୟ ବୃଦ୍ଧି ଋଣ ସହ କୃଷି, ଗୃହ, ଶିକ୍ଷା, ପରିମଳ, ସୌରଶକ୍ତି ଆଦି କ୍ଷେତ୍ର ଋଣ ମଧ୍ୟ ପ୍ରଦାନ କରୁଛନ୍ତି। ରାଜ୍ୟରେ ୭୦ଟିରୁ ଊର୍ଦ୍ଧ୍ୱ କ୍ଷୁଦ୍ର ଆର୍ଥିକ ସେବା ପ୍ରଦାନକାରୀ ଅନୁଷ୍ଠାନ, ବ୍ୟାଙ୍କ, ସ୍ମାଲ ଫାଇନାନ୍ସ ବ୍ୟାଙ୍କ ୪୦ ଲକ୍ଷ ମହିଳାଙ୍କୁ ୨୧, ୮୦୦ କୋଟି ଟଙ୍କାର ଋଣ ଯୋଗାଇଦେଇଥିବା ଓଡ଼ିଶା ରେ କାର୍ଯ୍ୟରତ ଆର୍ଥିକ ଅନୁଷ୍ଠାନ ମାନଙ୍କ ସମୂହ ଅନୁଷ୍ଠାନ ଓସାଫି ପକ୍ଷରୁ ୫ମ ଆର୍ଥିକ ଅନ୍ତର୍ଭୁକ୍ତିକରଣ ସମ୍ମିଳନୀରେ ଅନୁଷ୍ଠାନ ମୁଖ୍ୟ ନରେନ୍ଦ୍ର ନାୟକ ଏହା କହିଛନ୍ତି।




ଅନୁଷ୍ଠାନର ସଭାପତି ଦିବ୍ୟଜ୍ୟୋତି ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମ୍ମିଳନୀକୁ ନାବାର୍ଡ ସିଜିଏମ ଡ.ସୁଧାଂଶୁ କେ.କେ. ମିଶ୍ର ଉଦ୍‌ଘାଟନ କରିଥିଲେ। ଏଥିରେ ସିଡ୍‌ବି ସିଜିଏମ୍ ୱାଇ କୁମାରୀ, ଏମ୍‌ଫିନ୍‌ର ମୁଖ୍ୟ ଡ.ଆଲୋକ ମିଶ୍ର, ସାଧନର ମୁଖ୍ୟ ଜି. ଜି ମେନନ୍, ସିୱାଇଏସ୍‌ଡିର ମୁଖ୍ୟ ଜଗଦାନନ୍ଦ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅତିଥିମାନେ ମହିଳାଙ୍କ ଦ୍ୱାରା ପ୍ରତିଷ୍ଠିତ ଉଦ୍ୟୋଗ ରବିକାଶ ପାଇଁ ସରକାରୀ, ବିଭିନ୍ନ ବ୍ୟାଙ୍କ ଓ ଆର୍ଥିକ ଅନୁଷ୍ଠାନମାନଙ୍କର ବିଭିନ୍ନ ଯୋଜନାରେ ସମସ୍ତ ଗ୍ରାମୀଣ ମହିଳା ମାନଙ୍କୁ ସାମିଲ କରିବା ପାଇଁ ଆଲୋଚନା କରିଥିଲେ। ନିରନ୍ତର ବିକାଶ ଲକ୍ଷ୍ୟ ହାସଲ ତଥା ଜଳବାୟୁ ସହନଶୀଳ ସମାଜ ଗଠନ ପାଇଁ ସମସ୍ତ ସରକାରୀ ଓ ବେସରକାରୀ ତଥା ସାମାଜିକ ଓ ଆର୍ଥିକ ବିକାଶ ଅନୁଷ୍ଠାନ ମାନଙ୍କ ମଧ୍ୟରେ ଅନୁବନ୍ଧନ ଉପରେ କାର୍ଯ୍ୟକ୍ରମ ରେ ଗୁରୁତ୍ୱ ଆରୋପ କରାଯାଇଥିଲା। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଅଜିତ ସାବତ୍, ଆଲୋକ ପଟ୍ଟନାୟକ, ଶ୍ରୀ ମୋହନ ଚନ୍ଦ୍ରନ୍, ଡ. ଦେବାଶିଷ ମହାପାତ୍ର, ଅଶୋକ ରଞ୍ଜନ ସାମଲ ପ୍ରମୁଖ ଯୋଗଦେଇ ସମାଜର ତୃଣମୂଳ ସ୍ତରରେ ରହୁଥିବା ଗ୍ରାମଗୁଡ଼ିକରେ ଆର୍ଥିକ ସେବା ଯୋଗାଇଦେବାରେ ଥିବା ବିଭିନ୍ନ ସେବା, ସମସ୍ୟା ଓ ସମାଧାନ ଉପରେ ଆଲୋଚନା କରିଥିଲେ। ଏହି ସମ୍ମିଳନୀରେ ୩୦ ଜିଲ୍ଲାରୁ ୫୦୦ ଜଣ ପ୍ରତିନିଧି ଯୋଗଦେଇଥିଲେ।

## ଖେଲୋ ଇଣ୍ଡିଆ ବାଳିକା ଫୁଟ୍‌ବଲ ଉଦ୍‌ଯାପିତ

# ଫାଓ ଏକାଡେମୀ ଚାମ୍ପିଅନ; ବିଡ଼ାନାସୀ ରନର୍ସଅପ୍

**ଭୁବନେଶ୍ୱର, ୧୬ ।୨ (ସମିସ)**




ଫୁଟ୍‌ବଲ ଆସୋସିଏସନ୍ ଅଫ୍ ଓଡ଼ିଶା (ଫାଓ) ଓ ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗର ମିଳିତ ଆନୁକୂଲ୍ୟରେ ଗତ ୪ ତାରିଖରୁ କଟକରେ ଚାଲିଥିବା ୧୩ ବର୍ଷରୁ କମ୍ ଖେଲୋ ଇଣ୍ଡିଆ ବାଳିକା ଫୁଟ୍‌ବଲ ଲିଗ୍ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଫାଓ ଏକାଡେମୀ ଚାମ୍ପିଅନ ହୋଇଥିବାବେଳେ ବିଡ଼ାନାସୀ କ୍ଲବ ରନର୍ସଅପ୍ ରହିଥିଲା। ଶେଷ ଦିନରେ ଅନୁଷ୍ଠିତ ମ୍ୟାଚରେ ଫାଓ ଏକାଡେମୀ ୧୫-୦ ଗୋଲର ବୃହତ୍ ବ୍ୟବଧାନରେ ସରକାରୀ ବାଳିକା ବିଦ୍ୟାଳୟ (କାଜି ବଜାର)କୁ ପରାସ୍ତ କରିଥିଲା। ବିଜୟୀ ଦଳର ଅନ୍ତରା ଡୋଲୁଇ ୯ଟି ଗୋଲ୍‌ସ୍କୋର କରି ଦଳକୁ ବୃହତ୍ ବିଜୟ ଭେଟି ଦେଇଥିଲେ। ସେହିଭଳି ଅନ୍ୟ ଏକ ମ୍ୟାଚରେ ପପୁଲାର କ୍ଲବ ୬-୦ ଗୋଲରେ କିଶୋର କ୍ଲବକୁ ପରାସ୍ତ କରିଥିଲା। ବିଡ଼ାନାସୀ କ୍ଲବ ଏବଂ କିଟ୍-କିସ୍ ଦଳ ମଧ୍ୟରେ ଅନୁଷ୍ଠିତ ଅନ୍ୟ ଏକ ମ୍ୟାଚ୍ ୨-୨ ଗୋଲରେ ଅମୀମାଂସିତ ରହିଥିଲା। ବିଡ଼ାନାସୀ ଗ୍ରାଉଣ୍ଡରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ସାଇର ଉପ ନିର୍ଦ୍ଦେଶକ ତ୍ରୈଲୋକ୍ୟନାଥ ସାହୁ ମୁଖ୍ୟ ଅତିଥି ଏବଂ ଭାରତୀୟ ଫୁଟ୍‌ବଲ ଦଳର ପ୍ରାକ୍ତନ ଅଧିନାୟିକା ଶ୍ରଦ୍ଧାଞ୍ଜଳି ସାମନ୍ତରାୟ, ରଞ୍ଜିତା ମହାନ୍ତି ସମ୍ମାନିତ ଅତିଥିଭାବେ ଉପସ୍ଥିତ ରହିଥିଲେ। ଚାମ୍ପିଅନ ଦଳକୁ ଟ୍ରଫି ସହ ୫୦ ହଜାର ଟଙ୍କା ଏବଂ ରନର୍ସଅପ୍ ଦଳକୁ ଟ୍ରଫି ସହ ୩୦ ହଜାର ଟଙ୍କା ପୁରସ୍କାର ପ୍ରଦାନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଫାଓର କୋଷାଧ୍ୟକ୍ଷ ଭକ୍ତବତ୍ସଳ ଦାସ, ଉପସଭାପତି ବିଜୟ ଦାସ, ଦିଲିପ ସାହୁ, ଯୁଗ୍ମ ସମ୍ପାଦକ ବିଶ୍ୱରଞ୍ଜନ ଘଡ଼େଇ, ଫାଓର ଟେକ୍‌ନିକାଲ ଡିରେକ୍ଟର ସୁରଜିତ୍ ଘୋଷ ପ୍ରମୁଖ ଏହି ଅବସରରେ ଉପସ୍ଥିତ ରହିଥିଲେ।

## ଏଫ୍‌ଆଇଏଚ୍ ପ୍ରୋ ଲିଗ୍

# କଳିଙ୍ଗରେ ଶେଷ ମିନିଟ୍‌ରେ ଫଳାଫଳ

## ଭାରତ, ଅଷ୍ଟ୍ରେଲିଆର ରୋମାଞ୍ଚକ ବିଜୟ



**ଭୁବନେଶ୍ୱର, ୧୬ ।୨ (ସମିସ):** ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ଏଫ୍‌ଆଇଏଚ୍ ପୁରୁଷ ପ୍ରୋ ଲିଗ୍‌ରେ ଶୁକ୍ରବାର ଖେଳାଯାଇଥିବା ୨ଟି ମ୍ୟାଚ୍ ରୋମାଞ୍ଚକ ଭାବେ ଶେଷ ହୋଇଛି। ଦିବସର ପ୍ରଥମ ମ୍ୟାଚରେ ଅଷ୍ଟ୍ରେଲିଆ ୫-୪ ଗୋଲରେ ନେଦରଲାଣ୍ଡସକୁ ଏବଂ ରାତିରେ ଘରୋଇ ଭାରତ ୧-୦ ଗୋଲରେ ଆୟର୍ଲାଣ୍ଡକୁ ପରାସ୍ତ କରିଛି। ଉଭୟ ମ୍ୟାଚର ବିଜୟସୂଚକ ଗୋଲ୍ ଅନ୍ତିମ ତଥା ୬୦ ମିନିଟ୍‌ରେ ହୋଇଥିଲା। ଫଳରେ ଦର୍ଶକ ଦୁଇଟି ଉତ୍କଣ୍ଠାପୂର୍ଣ୍ଣ ମ୍ୟାଚ୍ ଦେଖିବାର ସୁଯୋଗ ପାଇଥିଲେ। ଏଥିସହ ଚଳିତ ପ୍ରୋ ଲିଗ୍‌ର କଳିଙ୍ଗ ଷ୍ଟାଡିୟମ ଲେଗ୍ ଶେଷ ହୋଇଛି। ଏବେ ରାଉରକେଲାର ବିର୍ସା ମୁଣ୍ଡା ଷ୍ଟାଡିୟମରେ ୧୯ରୁ ପୁରୁଷ ଦଳର ଦ୍ୱିତୀୟ ଲେଗ୍ ଆରମ୍ଭ ହେବ।

ଶୁକ୍ରବାର ଘରୋଇ ଭାରତ ଓ ଆୟର୍ଲାଣ୍ଡ ମଧ୍ୟରେ ଅନୁଷ୍ଠିତ ଏହି ମ୍ୟାଚ୍ ଆରମ୍ଭରୁ ବେଶ୍ କଡ଼ା ସଂଘର୍ଷପୂର୍ଣ୍ଣ ରହିଥିଲା। ଭାରତ ବିଶ୍ୱ ମାନ୍ୟତାର ୪ର୍ଥ ସ୍ଥାନରେ ରହିଥିଲେ ମଧ୍ୟ ନିମ୍ନର୍‍ୟାଙ୍କ ଆୟର୍ଲାଣ୍ଡ (୧୧ତମ) ଭାରତକୁ କଡ଼ା ଟକ୍କର ଦେଇଥିଲା। ଫଳରେ ମ୍ୟାଚର ପ୍ରଥମ ୩ଟି କ୍ୱାର୍ଟର ଗୋଲଶୂନ୍ୟ ରହିଥିଲା। ଏହାପରେ ନିର୍ଣ୍ଣାୟକ ୪ର୍ଥ କ୍ୱାର୍ଟର ମଧ୍ୟ ଏକପ୍ରକାର ଗୋଲଶୂନ୍ୟ ସ୍ଥିତିରେ ଉପନୀତ ହୋଇଥିଲା। କିନ୍ତୁ ମ୍ୟାଚର ଅନ୍ତିମ ତଥା ୬୦ତମ ମିନିଟ୍‌ରେ ଭାରତର ଗୁର୍‌ଜାନ୍ତ ସିଂହ ଏକ ଚମତ୍କାର ଗୋଲ୍ ଦେଇ ଘରୋଇ ଦଳକୁ ରୋମାଞ୍ଚକ ବିଜୟ ଭେଟି ଦେଇଥିଲେ। ଭାରତ ଏଥିସହ ୪ର୍ଥ ମ୍ୟାଚରୁ ୨ୟ ବିଜୟ, ଗୋଟିଏ ବୋନସ୍ ବିଜୟ ଓ ଗୋଟିଏ ପରାଜୟ ସହ ୮ ପଏଣ୍ଟ ପାଇ ୪ର୍ଥ ସ୍ଥାନରେ ରହିଛି। ୧୯ରେ ଭାରତ ଏହାର ପରବର୍ତ୍ତୀ ମ୍ୟାଚରେ ରାଉରକେଲାରେ ସ୍ପେନକୁ ଭେଟିବ। ଏଥିପୂର୍ବରୁ ଶୁକ୍ରବାର ସନ୍ଧ୍ୟାରେ ଅନୁଷ୍ଠିତ ଅନ୍ୟ ଏକ ହାଇଭୋଲଟେଜ ମ୍ୟାଚରେ ଅଷ୍ଟ୍ରେଲିଆ ୫-୪ ଗୋଲରେ ବିଶ୍ୱର ଏକ ନମ୍ବର ଦଳ ନେଦରଲାଣ୍ଡସକୁ ହରାଇଦେଇଛି। ଏହି ମ୍ୟାଚରେ ମଧ୍ୟ ୬୦ତମ ମିନିଟ୍‌ରେ ଅଷ୍ଟ୍ରେଲିଆ ବିଜୟସୂଚକ ୫ମ ଗୋଲଟି ଦେଇଥିଲା। ଚତୁର୍ଥ ମ୍ୟାଚରୁ ୪ର୍ଥ ବିଜୟ ସହ ୧୨ ପଏଣ୍ଟ ପାଇ ଅଷ୍ଟ୍ରେଲିଆ ଦ୍ୱିତୀୟ ସ୍ଥାନରେ ରହିଛି। ସେହିଭଳି ନେଦରଲାଣ୍ଡସ ପରାଜୟ ସତ୍ତ୍ୱେ ୮ମ ମ୍ୟାଚରୁ ୧୫ ପଏଣ୍ଟ ପାଇ ଶୀର୍ଷରେ ଅପରିବର୍ତ୍ତିତ ରହିଛି।

● ଦିଲ୍ଲୀ ବିପକ୍ଷ ରଣଜୀ ମୁକାବିଲା

# ଶୁଭ୍ରାଂଶୁଙ୍କ ଶତକ; ବଡ଼ ସ୍କୋର୍ ଅଭିମୁଖେ ଓଡ଼ିଶା



**ଭୁବନେଶ୍ୱର, ୧୬ ।୨ (ସମିସ):** ଚଳିତ ରଣଜୀ ଟ୍ରଫି ସିଜନରେ ନକ୍‌ଆଉଟ୍ ଦୌଡ଼ରୁ ବାଦ୍ ପଡ଼ିସାରିଥିବା ଓଡ଼ିଶା ଦଳ ଶୁକ୍ରବାରଠାରୁ ଦିଲ୍ଲୀ ବିପକ୍ଷରେ ଅନ୍ତିମ ଗ୍ରୁପ୍ ପର୍ଯ୍ୟାୟ ମ୍ୟାଚ୍ ଖେଳିଛି। ଦିଲ୍ଲୀର ଜାମିଆ ମିଲିଆ ଇସଲାମିଆ ବିଶ୍ୱବିଦ୍ୟାଳୟ ଗ୍ରାଉଣ୍ଡରେ ଆରମ୍ଭ ହୋଇଥିବା ଏହି ମ୍ୟାଚରେ ଟସ୍ ଜିତି ଓଡ଼ିଶା ପ୍ରଥମେ ବ୍ୟାଟିଂ କରିଥିଲା। ଭ୍ରମଣକାରୀ ଓଡ଼ିଶା ଚମତ୍କାର ବ୍ୟାଟିଂ ପ୍ରଦର୍ଶନ କରି ଷ୍ଟମ୍ପ ସୁଦ୍ଧା ୮୮ ଓଭରରେ ୪ ୱିକେଟ୍ ହରାଇ ୩୧୪ ରନ ସଂଗ୍ରହ କରିଛି। ପ୍ରାକ୍ତନ ଅଧିନାୟକ ଶୁଭ୍ରାଂଶୁ ସେନାପତିଙ୍କ ଅପରାଜିତ ଶତକ ପ୍ରଥମ ଦିବସର ଉଲ୍ଲେଖନୀୟ ଘଟଣା ରହିଥିଲା। ଶୁଭ୍ରାଂଶୁ ନିଜର ୮ମ ପ୍ରଥମ ଶ୍ରେଣୀ ଶତକ ହାସଲ କରି ୧୦୯ ଓ ବିପ୍ଳବ ସାମନ୍ତରାୟ ୪୦ ରନରେ ବ୍ୟାଟିଂ କରୁଛନ୍ତି। ଅସମାପ୍ତ ୫ମ ୱିକେଟ୍ ଭାଗୀଦାରିରେ ଏହି ଦୁଇ ଖେଳାଳି ୮୧ ରନ ସଂଗ୍ରହ କରିଛନ୍ତି। ଶୁଭ୍ରାଂଶୁଙ୍କ ଏହି ୧୮୪ ବଲ୍ ପାଳିରେ ୧୩ଟି ଚୌକା ସାମିଲ ରହିଛି। ଅନ୍ୟମାନଙ୍କ ମଧ୍ୟରେ ଅଧିନାୟକ ଶାନ୍ତନୁ ମିଶ୍ର ୭୬, ଚଳିତ ଋତୁରେ ପ୍ରଥମଥର ସୁଯୋଗ ପାଇଥିବା ସ୍ୱସ୍ତିକ ସାମଲ ୩୮, ଗୋବିନ୍ଦ ପୋଦ୍ଦାର ୨୭, ସନ୍ଦୀପ ପଟ୍ଟନାୟକ ୧୨ ରନ କରି ଆଉଟ୍ ହୋଇଛନ୍ତି। ବୋଲିଂରେ ଘରୋଇ ଦିଲ୍ଲୀ ପକ୍ଷରୁ ହ୍ରଶୁ ବିଜୟରନ ଓ ସୁମିତ ମାଥୁର ୨ଟି ଲେଖାଏ ୱିକେଟ୍ ବାଣ୍ଟି ନେଇଛନ୍ତି। ଚଳିତ ରଣଜୀ ଟ୍ରଫି ସିଜନରେ ଏଲିଟ୍ ଗ୍ରୁପ୍-ଡି'ରେ ସ୍ଥାନ ପାଇଥିବା ଓଡ଼ିଶା ବର୍ତ୍ତମାନ ସୁଦ୍ଧା ୬ ମ୍ୟାଚ୍ ଖେଳି ଗୋଟିଏ ବିଜୟ, ୩ ପରାଜୟ ଓ ୨ଟି ଡ୍ର ସହ ୧୨ ପଏଣ୍ଟ ପାଇ ୭ମ ସ୍ଥାନରେ ରହିଛି। ଏହି ମ୍ୟାଚରେ ସାନ୍ତ୍ୱନାମୂଳକ ବିଜୟ ସହ ଓଡ଼ିଶା ଦଳ ଅଭିଯାନ ଶେଷ କରିବାକୁ ଲକ୍ଷ୍ୟ ରଖିଛି।

### ସଂକ୍ଷିପ୍ତ ସ୍କୋର

ଓଡ଼ିଶା ପ୍ରଥମ ପାଳି: ୩୧୪/୪, ୮୮ ଓଭର (ଶୁଭ୍ରାଂଶୁ- ୧୦୯*, ଶାନ୍ତନୁ- ୭୬, ବିପ୍ଳବ- ୪୦*, ଗୋବିନ୍ଦ- ୨୭, ସ୍ୱସ୍ତିକ- ୩୮, ମାଥୁର- ୨/୬୭)।

## ଦ.ଆଫ୍ରିକା ବିପକ୍ଷରେ ପ୍ରଥମ ଟେଷ୍ଟ ସିରିଜ ଜିତିଲା ନ୍ୟୁଜିଲାଣ୍ଡ

# ୯୨ ବର୍ଷର ପ୍ରତୀକ୍ଷିତ ବିଜୟ

**ହାମିଲଟନ୍,୧୬ ।୨(ଏଜେନ୍ସି):** ନ୍ୟୁଜିଲାଣ୍ଡ ପ୍ରଥମଥର ପାଇଁ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଟେଷ୍ଟ ସିରିଜ ବିଜୟ ହାସଲ କରିଛି। ଦୁଇ ଦଳ ମଧ୍ୟରେ ୯୨ ବର୍ଷର ଟେଷ୍ଟ ଇତିହାସରେ ନ୍ୟୁଜିଲାଣ୍ଡ ପ୍ରଥମଥର ପାଇଁ ଦକ୍ଷିଣ ଆଫ୍ରିକା ବିପକ୍ଷରେ ସିରିଜ ବିଜୟ ସ୍ୱାଦ ଚାଖିଛି। ଦ୍ୱିତୀୟ ତଥା ଅନ୍ତିମ ଟେଷ୍ଟରେ ନ୍ୟୁଜିଲାଣ୍ଡ ଶୁକ୍ରବାର ଦକ୍ଷିଣ ଆଫ୍ରିକାକୁ ୭ ୱିକେଟରେ ପରାସ୍ତ କରି ଇତିହାସ ସୃଷ୍ଟି କରିଛି। ପ୍ରଥମ ଟେଷ୍ଟରେ ନ୍ୟୁଜିଲାଣ୍ଡ ୨୮୧ ରନରେ ବିଜୟୀ ହୋଇଥିଲା। ଫଳରେ ନ୍ୟୁଜିଲାଣ୍ଡ ୨-୦ରେ ଏହି ସିରିଜ ହାତେଇଛି। ପ୍ରଥମ ପାଳିରେ ୩୧ ରନର ଅଗ୍ରଣୀ ହାସଲ କରିଥିବା ଦକ୍ଷିଣ ଆଫ୍ରିକା ଦ୍ୱିତୀୟ ପାଳିରେ ୬୯.୫ ଓଭରରେ ୨୩୫ ରନକରି ଅଲଆଉଟ ହୋଇଥିଲା। ଫଳରେ ନ୍ୟୁଜିଲାଣ୍ଡ ସମ୍ମୁଖରେ ୨୬୭ ରନର ବିଜୟଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା। ଜବାବରେ ନ୍ୟୁଜିଲାଣ୍ଡ ଅଭିଜ୍ଞ କେନ୍ ୱିଲିୟମସନଙ୍କ ଅପରାଜିତ ୧୩୩ ରନର ଶତକୀୟ ପାଳି ବଳରେ ୯୪.୨ ଓଭରରେ ୩ ୱିକେଟ ହରାଇ ୨୬୯ ରନକରି ବିଜୟୀ ହୋଇଛି। ମୋଟ ୯ ୱିକେଟ ଅକ୍ତିଆର କରିଥିବା ନ୍ୟୁଜିଲାଣ୍ଡ ଦ୍ରୁତ ବୋଲର ୱିଲିୟମ ଓ'ରୁର୍କ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଛନ୍ତି। ସେହିପରି ସିରିଜରେ ଏକାଧିକ ଶତକ ହାସଲ କରି ମୋଟ୍ ୪୦୩ ରନ ସଂଗ୍ରହ କରିଥିବା କେନ୍ ୱିଲିୟମସନ ସିରିଜର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଛନ୍ତି।

● ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ା

# ଗଗନେନ୍ଦୁ ଟେନିସର ସଂଯୋଜକ ମନୋନୀତ



**ଭୁବନେଶ୍ୱର, ୧୬ ।୨ (ସମିସ):** ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ାର ଆଗାମୀ ୪ର୍ଥ ସଂସ୍କରଣ ଚଳିତ ମାସ ୧୯ରୁ ୨୯ ତାରିଖ ପର୍ଯ୍ୟନ୍ତ ଆସାମ ସମେତ ଅରୁଣାଚଳ ପ୍ରଦେଶ, ମେଘାଳୟ, ମିଜୋରାମ, ସିକ୍କିମ, ନାଗାଲାଣ୍ଡ ଓ ତ୍ରିପୁରାରେ ମିଳିତ ଭାବେ ଆରମ୍ଭ ହେବାକୁ ଯାଉଛି। ମୋଟ୍ ଉପରେ ୨୦ଟି କ୍ରୀଡ଼ା ଏହି ବିଶ୍ୱବିଦ୍ୟାଳୟ କ୍ରୀଡ଼ାରେ ଖେଳାଯିବ। ଯେଉଁଥିରେ ପାଖାପାଖି ୪୫୦୦ ପୁରୁଷ ଓ ମହିଳା କ୍ରୀଡ଼ାବିତ୍ ଏଥିରେ ଯୋଗଦେବେ ବୋଲି ଜଣାପଡ଼ିଛି। ଏହି ସମ୍ମାନଜନକ ପ୍ରତିଯୋଗିତା ଲାଗି କିଟ୍ ଓ କିସ୍‌ର କ୍ରୀଡ଼ା ନିର୍ଦ୍ଦେଶକ ଡ. ଗଗନେନ୍ଦୁ ଦାଶଙ୍କୁ ଟେନିସ କ୍ରୀଡ଼ାର ସଂଯୋଜକ ଭାବେ ମନୋନୀତ କରାଯାଇଛି। ଭାରତୀୟ ବିଶ୍ୱବିଦ୍ୟାଳୟ ସଂଘ (ଏଆଇୟୁ) ପକ୍ଷରୁ ଗଗନେନ୍ଦୁଙ୍କୁ ଏହି ଗୁରୁଦାୟିତ୍ୱ ପ୍ରଦାନ କରାଯାଇଛି। ଏଆଇୟୁ ଦ୍ୱାରା ଦିଆଯାଇଥିବା ଟେନିସ ଇଭେଣ୍ଟର ସମସ୍ତ ଦାୟିତ୍ୱକୁ ସଂଯୋଜନା କରିବେ। ଏହି ଅବସରରେ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ତଥା ସାଂସଦ ପ୍ରଫେସର ଅଚ୍ୟୁତ ସାମନ୍ତ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# MATRIC MATE

BSE ODISHA MATRIC EXAM-2024

**SUBJECT : SSC**

PROBABLE QUESTION PAPER

## OBJECTIVE

୧. ସଡକ ନିରାପତ୍ତା ବ୍ୟବସ୍ଥାକୁ ବିଶେଷ କରି କେତୋଟି ବର୍ଗରେ ଶ୍ରେଣୀଭୁକ୍ତ କରାଯାଇଛି ?
(A) ୨ (B) ୩ (C) ୪ (D) ୫

୨. କେନ୍ଦ୍ରୀୟ ମୋଟରଯାନ ଆକ୍ଟ କେଉଁ ମସିହାରେ ସଂଶୋଧିତ ହୋଇଛି ?
(A) ୨୦୧୮ (B) ୨୦୨୦ (C) ୨୦୧୯ (D) ୨୦୧୬

୩. ରାଜ୍ୟ ସରକାର ହିଟ୍ ଏବଂ ରନ୍ ମୋଟରଯାନ ଦୁର୍ଘଟଣା ମାମଲାରେ ପ୍ରାଣ ହରାଇଥିବା ପରିବାରଙ୍କୁ କେତେ ଲକ୍ଷ ଟଙ୍କା ସହାୟତା ଦେଇଥାନ୍ତି ?
(A) ୧ (B) ୨ (C) ୩ (D) ୪

୪. ଓଡିଶା ଗୁଡ ସମରିଟାନ ନୀତି କେତେ ମସିହାରେ ପ୍ରଣୀତ ହୋଇଥିଲା ?
(A) ୨୦୧୬ (B) ୨୦୧୭ (C) ୨୦୧୮ (D) ୨୦୧୯

୫. ଭାରତର ଭାଇସ୍‌ରାୟ କାହାର ପ୍ରତିନିଧି ଭାବରେ କାର୍ଯ୍ୟ କରୁଥିଲେ ?
(A) ଇଷ୍ଟଇଣ୍ଡିଆ କମ୍ପାନୀର (B) ଇଂଲଣ୍ଡ ରାଣୀ / ରାଜାଙ୍କର
(C) ବ୍ରିଟିଶ୍ ପାର୍ଲିଆମେଣ୍ଟର (D) ଭାରତ ସରକାରଙ୍କର

୬. ଜୁନାଗଡର ନବାବ କେଉଁ ଦେଶକୁ ପଳାୟନ କରିଥିଲେ ?
(A) ବାଙ୍ଗଲାଦେଶ (B) ପାକିସ୍ତାନ (C) ସାଉଦିଆରବ (D) ଆଫଗାନିସ୍ତାନ

୭. "ଦଶହାରା ଭେଟି" ପୁସ୍ତକର ଲେଖକ କିଏ ଥିଲେ ?
(A) କାହ୍ନୁ ଚରଣ ମହାନ୍ତି (B) ଘନଶ୍ୟାମ ମହାନ୍ତି (C) ନାରଣ ମହାନ୍ତି (D) କଳ୍ପତରୁ ମହାନ୍ତି

୮. ହରେକୃଷ୍ଣ ମହତାବ କେବେ ଷ୍ଟାଫୋର୍ଡ କ୍ରିପସ୍‌ଙ୍କୁ ସାକ୍ଷାତ କରିଥିଲେ ?
(A) ୧୯୪୦ (B) ୧୯୪୨ (C) ୧୯୪୪ (D) ୧୯୪୫

୯. ଗୋଆରୁ ଭାରତୀୟ ସୈନ୍ୟ ପ୍ରତ୍ୟାହର ପ୍ରସ୍ତାବଟି ଜାତିସଂଘର ସୁରକ୍ଷା ପରିଷଦରେ କେଉଁ ରାଷ୍ଟ୍ର ଭିଟୋ ପ୍ରୟୋଗ ବଳରେ ଅକାମୀ ହୋଇଯାଇଥିଲା ?
(A) ଆମେରିକା (B) ଚୀନ୍ (C) ଫ୍ରାନ୍ସ (D) ରୁଷ୍

୧୦. ଗୋଆ ଭାରତର କେତେ ତମ ରାଜ୍ୟ ଭାବରେ ଆତ୍ମପ୍ରକାଶ କରିଥିଲେ ?
(A) ୨୨ (B) ୨୫ (C) ୨୬ (D) ୨୭

୧୧. "ଅନ୍ତ୍ୟୋଦୟ ଅନ୍ନଯୋଜନା" କେଉଁ ବର୍ଷ ଆରମ୍ଭ ହେଲା ?
(A) ୨୦୦୦ (B) ୨୦୦୧ (C) ୨୦୦୨ (D) ୧୯୯୭

୧୨. କେଉଁଟି ଆଣବିକ ରିଆକ୍ଟର ନୁହେଁ ?
(A) ଆକାଶ (B) ଜେରେଲିନା (C) ଧ୍ରୁବ (D) କାମିନୀ

୧୩. ସାଇଲେଣ୍ଟଭେଲି ଜାତୀୟ ଉଦ୍ୟାନ କେଉଁ ରାଜ୍ୟରେ ଅବସ୍ଥିତ ?
(A) କର୍ଣ୍ଣାଟକ (B) ତାମିଲନାଡୁ (C) କେରଳ (D) କେଉଁଟି ନୁହେଁ

୧୪. ସ୍ଲଥ ଭାଲୁ କେଉଁ ସଂରକ୍ଷିତ ଜୈବମଣ୍ଡଳରେ ଦେଖାଯାଏ ?
(A) କାହ୍ନା (B) ପାନ୍ନା (C) ଅମର କଣ୍ଟକ (D) କଚ୍ଛ

୧୫. କେଉଁଟି ଶୁଷ୍କ ଅଞ୍ଚଳୟର ବାଷ୍ପୀଭବନ ଫଳରେ ସୃଷ୍ଟି ହୋଇଥାଏ ?
(A) ଜିପସମ୍ (B) ସୁନା (C) ସଲଫର (D) ଗ୍ରାନାଇଟ୍

୧୬. ଓଡିଶାରେ ବକ୍‌ସାଇଟ କେତେ ଶତାଂଶ ଉତ୍ପାଦିତ ହୋଇଥାଏ ?
(A) ୪୩ (B) ୪୯ (C) ୪୮ (D) ୪୭

୧୭. କେଉଁଟି ଏକ ଅପତଟ ତୈଳ ଖଣି ?
(A) ଦିଗବୋଇ (B) ବାସେଇନ୍ (C) ମୋରାନ୍ (D) ହଗ୍ଗୁଦାନ

୧୮. CNG ର ପୂରାନାମ କଣ ?
(A) Combine Natural Gas (B) Central Natural Gas
(C) Compresed Natural Gas (D) Compressed Natural Gas

୧୯. ସେବିର ସ୍କୋରସ୍ ସିଷ୍ଟମରେ କେତେ ଦିନ ମଧ୍ୟରେ ଅଭିଯୋଗ ଉପରେ କାର୍ଯ୍ୟାନୁଷ୍ଠାନ ନିଆଯାଇଥାଏ ?
(A) ୪୫ (B) ୪୦ (C) ୧୫ (D) ୩୦

୨୦. କେଉଁ ଦରସୂଚକ ବୃଦ୍ଧି ପାଇବା ଦେଶ ପାଇଁ ଶୁଭଲକ୍ଷଣ ନୁହେଁ ?
(A) ପାଇକାରୀ (B) ଖାଉଟି (C) ଉଭୟ (D) କେଉଁଟି ନୁହେଁ



୨୧. କେବେ ଶୁଭାରମ୍ଭ ଭାରତ ଯୋଜନା ପ୍ରକଳ୍ପ ଆରମ୍ଭ ହେଲା ?
(A) Feb. 17, 2017 (B) Feb. 18, 217
(C) Feb. 20, 2017 (D) Feb. 14, 2017

୨୨. ଓଡିଶାରେ ଶୁଭାରମ୍ଭ ଯୋଜନାର ନାମକରଣ କଣ ଅଟେ ?
(A) ଆମ ଓଡିଶା ନବୀନ ଓଡିଶା (B) ନବ ପ୍ରବର୍ତ୍ତନ ଲହରୀ (C) ଉଭୟ (D) କୌଣସି ନୁହେଁ

୨୩. (i) ଚିହ୍ନିତ ସ୍ଥାନ କେଉଁ
ତାପଜ ବିଦ୍ୟୁତ କେନ୍ଦ୍ରକୁ ସୂଚାଉଛି।
(A) ରୁପନଗର (B) ଭାତିଣ୍ଡା (C) କାଳକୋଟ (D) ଯମୁନା ନଗର

୨୪. (ii) ଚିହ୍ନିତ ସ୍ଥାନ କେଉଁ
ଜାତୀୟ ଉଦ୍ୟାନକୁ ସୂଚାଉଛି ?
(A) ସାଇଲେଣ୍ଟ ଭେଲି (B) ପେରିୟାର (C) ଫସଲ ଜାତୀୟ ଉଦ୍ୟାନ (D) ପୁଷ୍ପଉପତ୍ୟାକା

୨୫. (ii) ଚିହ୍ନିତ ସ୍ଥାନ କେଉଁ
କୋଇଲା ଖଣିକୁ ସୂଚାଉଛି ?
(A) ନେଭେଲି (B) ଝରିଆ (C) ଶିବସାଗର (D) ତାଳଚେର

୨୬. ଦୁଇ ଚକିଆ ଯାନର ଯାତ୍ରୀ କ୍ଷମତା କେତେ ?
(A) ୨ (B) ୩ (C) ୪ (D) ୧

୨୭. ନିଶାସକ୍ତ ହୋଇ ଗାଡି ଚାଳନା କଲେ କେଉଁ ପ୍ରକାର ଦଣ୍ଡ ରହିଛି ?
(A) ଜେଲ (B) ଆର୍ଥିକ (C) ଆର୍ଥିକ ଓ ଜେଲ (D) କୌଣସିଟି ନୁହେଁ

୨୮. ଓଡିଶା ଗୁଡ ସମରିଟାନ୍ ନୀତି କେବେ ପ୍ରଣୟନ କରାଯାଇଛି ?
(A) ୨୦୧୬ (B) ୨୦୧୭ (C) ୨୦୧୮ (D) ୨୦୧୯

୨୯. ସାଧାରଣ ଟ୍ରାଫିକ୍ ନିୟମ ଉଲଂଘନ କରୁଥିବା ଗାଡି ଚାଳକ ମାନଙ୍କୁ ସଂଶୋଧିତ ମୋଟର ଯାନ ଆଇନ୍ ୨୦୧୯ ଅନୁସାରେ କେତେ ଗୁଣ ପର୍ଯ୍ୟନ୍ତ ଆର୍ଥିକ ଦଣ୍ଡ ବୃଦ୍ଧି କରାଯାଇଛି ?
(A) ୨ ଗୁଣ (B) ୮ ଗୁଣ (C) ୧୦ ଗୁଣ (D) ୧୨ ଗୁଣ

୩୦. ଉପଗ୍ରହ ଯୋଗାଯୋଗ କେନ୍ଦ୍ର କେଉଁଠାରେ ଅବସ୍ଥିତ ?
(A) ଇନ୍ଦୋର (B) ତ୍ରମ୍ବେ (C) ଆରଭି (D) ଲକ୍ଷ୍ନୌ

୩୧. କେବେ ଭାରତରେ ଏକ ନୂଆଶିକ୍ଷନୀତି ଘୋଷିତ ହୋଇଥିଲା ?
(A) ୧୯୫୧ (B) ୧୯୫୬ (C) ୧୯୯୦ (D) ୧୯୯୧

୩୨. ଗୋଆରେ କେବେ ସାଧାରଣ ନିର୍ବାଚନ ହେଲା ?
(A) ୧୯୬୦ (B) ୧୯୬୧ (C) ୧୯୬୩ (D) ୧୯୬୭

୩୩. 1949 June 19 ରେ କେଉଁଠାରେ ଗଣ ଭୋଟ ଅନୁଷ୍ଠିତ ହୋଇଥିଲା ?
(A) ପୁଦୁଚେରୀ (B) ୟାନାମ (C) ଚନ୍ଦରନଗର (D) କରାଇକଲ

୩୪. କିଏ ପୁନର୍ଗଠିତ ଓଡିଶାଇ ଗଡଜାତ ତଦନ୍ତ କମିଟିର ସମ୍ପାଦକ ଥିଲେ ?
(A) ହରେକୃଷ୍ଣ ମହତାବ (B) ସାରଙ୍ଗଧର ଦାସ
(C) ବଳବନ୍ତରାୟ ମେହେଟ୍ଟା (D) ପଟ୍ଟାଭି ସୀତାରାମାୟା

୩୫. କେଉଁ ସ୍ଥାନରୁ ଭାରତରେ ଦେଶୀୟରାଜ୍ୟ ମିଶ୍ରଣ ପ୍ରକ୍ରିୟା ଆରମ୍ଭ ହୋଇଥିଲା ?
(A) ମୟୁରଭଞ୍ଜ (B) ନୀଳଗିରି (C) ଜୁନାଗଡ (D) କଳାହାଣ୍ଡି

୩୬. କେଉଁ ଦେଶୀୟ ରାଜ୍ୟଟି ତତ୍‌କାଳୀନ ବମ୍ବେ ପ୍ରଦେଶ ସହିତ ମିଶି ଯାଇଥିଲା ?
(A) ଗୋଆଲିଅର (B) ଇଂଦୋର (C) କୋହ୍ଲାପୁର (D) ନଳାଗଡ

୩୭. ପଞ୍ଜାବ ପାର୍ବତ୍ୟ ରାଜ୍ୟ ଏଜେନ୍‌ସିର କେତେ ଗୋଟି ରାଜ୍ୟକୁ ନେଇ ହିମାଚଳ ପ୍ରଦେଶ ଗଠିତ ହୋଇଥିଲା ?
(A) ୬୬ (B) ୩୦ (C) ୬ (D) ୧୮

୩୮. ଗୀର ଜାତୀୟ ଉଦ୍ୟାନ କେଉଁ ରାଜ୍ୟରେ ଅବସ୍ଥିତ ?
(A) ରାଜସ୍ଥାନ (B) ମହାରାଷ୍ଟ୍ର (C) ଗୁଜରାଟ (D) ଓଡିଶା

୩୯. ଚିଲିକା ହ୍ରଦରେ କେଉଁ ଜାତିର ଡଲଫିନ୍ ଦେଖାଯାନ୍ତି ?
(A) ଓରକା (B) ଓସେନିକ୍ (C) ବୋଟଲ ନୋଜ (D) ଇରାବତୀ

୪୦. କେଉଁଟି ପ୍ଲାସର ନିକ୍ଷେପରୁ ମିଳିଥାଏ।
(A) ଜିପସମ୍ (B) ସୁନା (C) ପଟାସ (D) ସୋଡିୟମ

## SUBJECTIVE

୧. ମିଶ୍ରଣ ଚୁକ୍ତିର ସର୍ତ୍ତ ଗୁଡିକ କଣ ଥିଲା ?
କିମ୍ବା ପ୍ରତିରକ୍ଷା କ୍ଷେତ୍ରରେ ଭାରତର ଅଗ୍ରଗତି ସମ୍ପର୍କରେ ସୂଚନା ଦିଅ।

୨. ଦ୍ୱିତୀୟ ପଞ୍ଚବାର୍ଷିକ ଯୋଜନାର ମୁଖ୍ୟ ଲକ୍ଷ୍ୟ କଣ ଥିଲା ଏବଂ ଏହାର ସମୟକାଳ କଣ ଥିଲା ?
କିମ୍ବା ଫରାସୀ ଶାସନାଧିନ ଅନ୍ତଃକ୍ଷେତ୍ର ଗୁଡିକ ଭାରତରେ କେଉଁ ଅଞ୍ଚଳରେ ଅବସ୍ଥିତ ଥିଲା ?

୩. ସଂକ୍ଷିପ୍ତରେ ଉତ୍ତର ଲେଖନ୍ତୁ।
(କ) ସମରିଟାନ୍‌ର ସଂଜ୍ଞା କଣ ?
କିମ୍ବା ଗାଡି ଚାଳକ ପାଖରେ କେଉଁ ସବୁ ପ୍ରମାଣ ପତ୍ର ରହିବା ବାଧ୍ୟତାମୂଳକ ଅଟେ ?
(ଖ). ଭେଟି ଓ ମାଗଣ ମଧ୍ୟରେ ପାର୍ଥକ୍ୟ ଦର୍ଶାଅ ?
କିମ୍ବା ରାଜାଙ୍କ ହାତପାଣ୍ଠି କଣ ଏବଂ ଏହା କିପରି ସ୍ଥିରୀକୃତ ହୋଇଥାଏ ?
(ଗ) ବ୍ୟାଙ୍କକୁ ଜାତୀୟକରଣ କରିବା ଫଳରେ କଣ ଲାଭ ହେଲା ?
କିମ୍ବା ଭାରତର ପ୍ରଥମ ଯୋଗାଯୋଗ ଉପଗ୍ରହ କେବେ ମହାକାଶକୁ ପ୍ରେରିତ ହେଲା ଏବଂ ତାହାର ନାମ କଣ ?

୪. ଭାରତରେ ସୌରଶକ୍ତିର ବ୍ୟବହାର ସଂପର୍କରେ ଲେଖ।
କିମ୍ବା ଅଭ୍ର ଧାତୁ ସଂପର୍କରେ ବର୍ଣ୍ଣନା କର।

୫. କାରଣ ଦର୍ଶାଅ।
ଆଜିକାଲି ଜାଳେଣୀ କାଠ ଓ ଗୋବର ଘଷି ବ୍ୟବହାରକୁ ନାପସନ୍ଦ କରାଯାଉଛି ?
କିମ୍ବା ବନ୍ୟପ୍ରାଣୀ ସମ୍ବଳ କ୍ରମଶଃ ହ୍ରାସ ପାଉଛି।

**ଉତ୍ତର:** ୧ (B), ୨ (C), ୩ (B), ୪ (C), ୫ (B), ୬ (B), ୭ (B), ୮ (B), ୯ (D), ୧୦ (B), ୧୧ (A), ୧୨ (A), ୧୩ (C), ୧୪ (B), ୧୫ (A), ୧୬ (B), ୧୭ (A), ୧୮ (D), ୧୯ (D), ୨୦ (A), ୨୧ (A), ୨୨ (B), ୨୩ (B), ୨୪ (A), ୨୫ (D), ୨୬ (A), ୨୭ (B), ୨୮ (C), ୨୯ (C), ୩୦ (C), ୩୧ (B), ୩୨ (C), ୩୩ (C), ୩୪ (B), ୩୫ (B), ୩୬ (C), ୩୭ (B), ୩୮ (C), ୩୯ (D), ୪୦ (B)

ePaper : sakalaepaper.com
News Portal : thesakala.in
Facebook : SakalaNews
Twitter : SakalaNews
Instagram : sakalanews
Youtube : @SakalaNews

Courtesy:
**SARASWATI VIDYA MANDIR**
Neelakantha Nagar, Berhampur, GM.



# ଯଦି ଲୋକେ ନ ଦେଖିଲେ

## ହାଟ ମଝିରେ ବ୍ରହ୍ମଜ୍ଞାନ

କିଏ ନାକର ଗୁଣା ପିନ୍ଧିଲେ ନାକ ଟେକି ଟେକି କଥା ହେଉଥିଲା। ହାତରେ ଘଡ଼ି ପିନ୍ଧିଲେ ହାତ ହଲେଇ କଥା କହୁଥିଲା। ପୁଣି କିଏ ଗୋଡ଼ରେ ପାଉଁଜି ପିନ୍ଧିଲେ ଗୋଡ଼ କଚାଡ଼ି ଚାଲୁଥିଲା। ମନ ଭିତରେ ଗୋଟିଏ କଥା- ଏସବୁ ପିନ୍ଧି ଲାଭ କ'ଣ, ଯଦି ଲୋକେ ନ ଦେଖିଲେ!

ମନୁଆ ଦା'କୁ ପିଲାଦିନେ ଦେଖିଚି ମୁଁ। ନୂଆ ବାହା ହେଇଥାଏ ସେ। ଯଉତୁକରେ ଘଡ଼ି, ସାଇକଲ, ରେଡିଓ ପାଇଥିଲା। ଗାଁ ଦାଣ୍ଡକୁ ବାହାରିଲେ ଘଡ଼ି ପିନ୍ଧି ସାଇକଲ ଧରି ବାହାରେ। ରେଡ଼ିଓଟା ବି କାନ୍ଧରେ ଝୁଲେଇ ଫୁଲ୍ ସାଉଣ୍ଡ ଦେଇଥାଏ। ଦାଣ୍ଡରେ ଲୋକ ଥାନ୍ତୁ ନ ଥାନ୍ତୁ, ସାଇକଲ୍‌ର ଘଣ୍ଟି ବାଜୁଥାଏ। ତେବେ ରେଡିଓଟା ଘରେ ଥିଲେ, ଘରଲୋକେ ଶୁଣନ୍ତେନି ! ଲାଭ କ'ଣ? ଯଦି ଲୋକେ ନ ଦେଖିଲେ!

ସେତେବେଳେ ଲୋକେ ଦେଖେଇ ହେଉଥିଲେ, ଆଜି ବି ଦେଖେଇ ହେଉଚନ୍ତି। ହେଲେ ସେତେବେଳେ ଲୋକେ ଯେମିତି ଦେଖୁଥିଲେ, ଆଜି ଦେଖୁନାହାନ୍ତି। ତେବେ ଦେଖେଇ ହେବାର ପ୍ରୟାସ ଯେ ବଢ଼ିଯାଇଚି, ଆମେ ତାହା ଅସ୍ୱୀକାର କରିପାରିବାନି। ସେତେବେଳେ ତାହା ଗହଣା, ପୋଷାକ ଭିତରେ ସୀମିତ ଥିଲା। ଏବେ ଏହା ଏକାନ୍ତ ବ୍ୟକ୍ତିଗତ କଥା ଯାଏ ମାଡ଼ିଗଲାଣି।

କାଲି ମାଘସପ୍ତମୀ ଗଲା। ଆମେ ଚନ୍ଦ୍ରଭାଗା ଯାଇଥିଲୁ। ମାଘସପ୍ତମୀରେ ବୁଡ଼ ପକେଇ ପୁଣ୍ୟ ଅର୍ଜନ କରିବୁ। ଦିନକ ଆଗରୁ କୋଣାର୍କର ଗୋଟେ ହୋଟେଲ୍‌ରେ ରହିଥିଲୁ ପାହାନ୍ତାରୁ ଉଠି ସମୁଦ୍ରରେ ବୁଡ଼ ପକେଇବୁ। ପାହାନ୍ତାରୁ ସମୁଦ୍ର କୂଳରେ ପହଞ୍ଚି ତ ଗଲୁ। କିନ୍ତୁ ପାଣିରେ ପଶିବା ପାଇଁ ସାଙ୍ଗଟା ନାରାଜ। କହୁଥାଏ- ସିନ୍ଦୂରା ଫାଟୁ, ଟିକେ ସକାଳ ହେଉ। ନହେଲେ ଫଟୋ ଉଠିବ ନାହିଁ ଯେ ! ସେମିତି ମାଘବୁଡ଼ ପକେଇ ଲାଭ କ'ଣ, ଯଦି ଲୋକେ ନ ଦେଖିଲେ !

ଆମେ ଖାଦ୍ୟ ଖାଉ ପେଟ ପାଇଁ। ଜିଭ ପାଇଁ ବି ରୁଚିକର ଖାଦ୍ୟ ଖାଉ। କେବଳ ପେଟ ଭରିବା ପାଇଁ ନୁହେଁ ତ, ସୁସ୍ଥ ରହିବା ପାଇଁ ପୁଷ୍ଟିକର ଖାଦ୍ୟମାନ ଖାଇଥାଉ। ଅଣ୍ଡା, ମାଛ, ମାଂସ ଆଦି ହିତକର କି ଅହିତକର, ତାହା କେବଳ ଆମ ପାଇଁ। ତେବେ ଖାଇ ଦେଇ କେବଳ ଆମେ ସନ୍ତୁଷ୍ଟ ହେଇଯାଉକି? ଆମେ ଦେଖିରୁ ଲୋକେ ଦାନ୍ତ ଖୁଣ୍ଟିଖୁଣ୍ଟି ଗଳିମୁଣ୍ଡ ଯାଏ ଆସନ୍ତି, ଆଉ କହନ୍ତି ଆଜିକାଲି ଏ ମାଂସଗୁଡ଼ା ଦାନ୍ତସନ୍ଧିରେ ଲାଗିଯାଉଚି ପରା। ରବିବାର ଦିନ ତ ଖାଇସାରି ଆମ ଘର ଆଗ ପିଣ୍ଡିରେ ଥୋକେ ବସିଯାଆନ୍ତି, କେବଳ କା' ଘରେ କି ଆମିଷ ରୋଷେଇ ହେଇଥିଲା, ଗପିବା ପାଇଁ।

ଅନେକଙ୍କ ବ୍ୟସ୍ତତା ବଢ଼ିଗଲାଣି। ଖାଇଥିବା ଖାଦ୍ୟ ବିଷୟରେ କାହାକୁ କିଛି କହିପାରୁନାହାନ୍ତି। ଶୁଣିବା ପାଇଁ ବି ପିଣ୍ଡିରେ କେହି ବସୁନାହାନ୍ତି। ତେବେ ଏ କଥାଗୁଡ଼ା କ'ଣ ଅଛପା ରହିଯିବ ! ଏଣୁ ଥୋକେ ଖାଇଥିବା ଅଣ୍ଡାର ଚୋପା, ମାଂସହାଡ଼, ମାଛ କଣ୍ଟାକୁ ରାସ୍ତା ଉପରକୁ ପକେଇ ଦେଉଚନ୍ତି। ସତେ ଯେମିତି ଖାଦ୍ୟଗୁଡ଼ା ଜୀର୍ଣ୍ଣ ହେବନି, ଲୋକେ ନ ଦେଖିଲେ।

ଏବେ ଏବେ ଏ ହାଡ଼, କଣ୍ଟା, ଖୋଳପା ଫିଙ୍ଗା ବ୍ୟାପାରରେ ଅଙ୍କୁଶଟିଏ ଲାଗିଯାଇଚି। ଗଳି ଭିତରକୁ ବର୍ଜ୍ୟବସ୍ତୁ ଫିଙ୍ଗିବା ପାଇଁ ଗାଡ଼ିଟିଏ ଆସୁଚି। ଦେଖେଇ ହେବାକୁ ଚାହୁଁଥିବା ଲୋକ କିନ୍ତୁ ନିରାଶ ହେଇ ନାହାନ୍ତି। ସମୟ ସୁଯୋଗ ଦେଖି ଦାମୀ ହୋଟେଲକୁ ଯାଉଚନ୍ତି। ଶହେ ଟଙ୍କା ଖାଦ୍ୟକୁ ହଜାରେ ଦେଇ ଖାଉଚନ୍ତି। ଫଟୋ ଉଠେଇ ଫେସ୍‌ବୁକ୍ ଆଦି ବିବିଧ ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ଦେଉଚନ୍ତି। ଏତେ ଖର୍ଚ୍ଚ କରି ଲାଭ କ'ଣ, ଯଦି ଲୋକେ ନ ଦେଖିଲେ !

ବାହାଘରେ ନନା ଆସନ୍ତି। ହୋମ କରନ୍ତି। ସ୍ୱାମୀ-ସ୍ତ୍ରୀଙ୍କ ଦାମ୍ପତ୍ୟ ଜୀବନ ସୁଖମୟ ହେଉ ବୋଲି ଭଗବାନଙ୍କ ନିକଟରେ ପ୍ରାର୍ଥନା କରନ୍ତି। ପରିବାରର ସମସ୍ତେ ପୂଜା ସାମଗ୍ରୀ ଯୋଗାଡ଼ରେ ଲାଗିଯାଆନ୍ତି। ଏବେ ତ ଏସବୁ ଉପଚାର ମାତ୍ର। ବାହାଘରେ ସବୁଠୁ ଜରୁରି ଏବେ – ଫଟୋ ସେସନ୍ ଓ ଭିଡିଓ ସୁଟିଙ୍ଗ୍। ସେଇଟା କି ବିବାହ ବନ୍ଧନ କି ହୋ, ଯଦି ଲୋକେ ନ ଦେଖିଲେ !

ବିବାହ ବନ୍ଧନ ଏକ ସାର୍ବଜନୀନ କାର୍ଯ୍ୟକ୍ରମ। ଯାକୁ ଲୋକଙ୍କୁ ଦେଖେଇବାରେ ଅସୁବିଧା ନାହିଁ। କିନ୍ତୁ ଏହାପରେ ଯାହା ସବୁ-ତାହା ଏକାନ୍ତ ବ୍ୟକ୍ତିଗତ। ସମ୍ପର୍କ ନିଜ ଭିତରେ ସୁଦୃଢ଼ ରହୁ। ଏଇଠି ଅନ୍ତତଃ ନ ଭାବିଲେ ଚଳନ୍ତା – କି ଲାଭ ଲୋକେ ନ ଦେଖିଲେ।■

- ଜ୍ଞାନ ହୋତା
ଚହଟା, ବିଡ଼ାନାସୀ, କଟକ-୧୪



# ପୁଣି ଥରେ କବିର୍‌ଙ୍କ ସହ କାମ କରିବେ କାର୍ତ୍ତିକ୍

ବଲିଉଡ୍ ଅଭିନେତା କାର୍ତ୍ତିକ୍ ଆର୍ୟନ୍ ବହୁତ କମ୍ ଦିନର କ୍ୟାରିୟରରେ ଆଗଧାଡ଼ିର ଅଭିନେତାଙ୍କୁ କଡ଼ା ଟକ୍କର ଦେଉଛନ୍ତି। ଅନେକ ବଡ଼ ବଡ଼ ପ୍ରୋଜେକ୍ଟରୁ କାର୍ତ୍ତିକ୍‌ଙ୍କୁ କାମ କରିବା ପାଇଁ ଅଫର୍ ଆସୁଛି। ୨୦୨୩ରେ କାର୍ତ୍ତିକ୍‌ଙ୍କର ଦୁଇଟି ଫିଲ୍ମ ରିଲିଜ୍ ହୋଇଥିଲା। ଏଥିରୁ ଗୋଟିଏ ହିଟ୍ ହୋଇଥିବାବେଳେ ଆଉ ଗୋଟିଏ ବକ୍ସ ଅଫିସ୍‌ରେ ଆଭରେଜ୍ ବିଜିନେସ୍ କରିଥିଲା। ଚଳିତବର୍ଷ କାର୍ତ୍ତିକ୍‌ଙ୍କ ଅଭିନୀତ 'ଚନ୍ଦୁ ଚାମ୍ପିୟନ୍', 'ଭୁଲ୍‌ଭୁଲୈୟା-୩' ଏବଂ 'ଆଶିକୀ-୩' ମୁକ୍ତିଲାଭ କରିବ। କିନ୍ତୁ ଯେଉଁ ଫିଲ୍ମ ପାଇଁ କାର୍ତ୍ତିକ୍ ଅଧିକ ଚର୍ଚ୍ଚାରେ ରହିଛନ୍ତି, ତାହା ହେଉଛି 'ଚନ୍ଦୁ ଚାମ୍ପିୟନ୍'। ଜୁନ୍ ୧୪ରେ ଏହା ରିଲିଜ୍ ହେବ। 'ଚନ୍ଦୁ ଚାମ୍ପିୟନ୍' ରିଲିଜ୍ ହେବା ପୂର୍ବରୁ କାର୍ତ୍ତିକ୍‌ଙ୍କ ହାତକୁ ଏକ ବଡ଼ ପ୍ରୋଜେକ୍ଟ ଆସିଛି। 'ଚନ୍ଦୁ ଚାମ୍ପିୟନ୍'ର ନିର୍ଦ୍ଦେଶକ କବିର୍ ଖାନ୍, କାର୍ତ୍ତିକ୍‌ଙ୍କ କାମରେ ଏତେମାତ୍ରାରେ ପ୍ରଭାବିତ ହୋଇଛନ୍ତି ଯେ, ସେ ତାଙ୍କ ସହିତ ଆଉ ଏକ ଫିଲ୍ମ କରିବା ପାଇଁ ଚାହୁଁଛନ୍ତି। 'ଚନ୍ଦୁ ଚାମ୍ପିୟନ୍'ର ସୁଟିଂ ସରିବା ପରେ ଏହି ଫିଲ୍ମର ସୁଟିଂ ଆରମ୍ଭ ହେବ ବୋଲି ଜଣାପଡ଼ିଛି। ଏଠାରେ ପ୍ରକାଶ ଥାଉ କି, 'ଚନ୍ଦୁ ଚାମ୍ପିୟନ୍' ଏକ ସ୍ପୋର୍ଟସ୍ ଡ୍ରାମା ହେବ। ସାଜିଦ୍ ନାଡିୟାଡୱାଲା ଓ କବିର୍ ଖାନ୍ ଏହାର ପ୍ରଯୋଜନା ଦାୟିତ୍ୱରେ ଅଛନ୍ତି।

# ବାହାଘରରେ 'ଲିପଷ୍ଟିକ୍ ବୁଥ୍'

ସମୟ ସହିତ ବାହାଘର ଉତ୍ସବରେ ଅନେକ ପରିବର୍ତ୍ତନ ଆସିଛି। ଆଜିକାଲି ଲୋକମାନେ ବାହାଘରକୁ ଯଥାସମ୍ଭବ ଆକର୍ଷଣୀୟ ଓ ଭିନ୍ନ ଢଙ୍ଗରେ କରିବାକୁ ପ୍ରୟାସ କରୁଛନ୍ତି। କହିବାକୁ ଗଲେ, ଏବର ସମୟରେ ବାହାଘର ହେଉଛି ଏକ ବଡ଼ ଉତ୍ସବ। ତେଣୁ ଏବେ କେବଳ ବାହାଘରରେ ଅତିଥିମାନେ ସ୍ୱାଦିଷ୍ଟ ଖାଦ୍ୟ ଖାଇ ଖୁସି ମନରେ ଘରକୁ ଫେରିବେ, ତାହା ଉପରେ ଦୃଷ୍ଟି ଦିଆଯାଉ ନାହିଁ, ବରଂ ବାହାଘରରେ ଭୋଜିଭାତ ବ୍ୟତୀତ ସେମାନଙ୍କ ମନୋରଞ୍ଜନ ଯେଭଳି ହେବ, ତାହା ଉପରେ ବି ବାହାଘର ଆୟୋଜକ ବିଶେଷ ଦୃଷ୍ଟି ଦେଉଛନ୍ତି। ସେଥିପାଇଁ ବାହାଘରରେ 'ସେଲ୍‌ଫି ଜୋନ୍' ତିଆରି କରାଯାଉଛି। ଏବେ ତ 'ଲିପଷ୍ଟିକ୍ ବୁଥ୍' ସାଙ୍ଗକୁ 'ପରଫ୍ୟୁମ୍ ଷ୍ଟାଣ୍ଡ', 'ଟାଟୁ ବାର୍' ଭଳି ଏକାଧିକ ଷ୍ଟଲ୍ ଦେଖିବାକୁ ମିଳୁଛି। ଏହାମାଧ୍ୟମରେ ଅତିଥିମାନେ ନିଜ ପସନ୍ଦର ମେକ୍‌ଅପ୍ ସହିତ ନିଜକୁ ବ୍ୟସ୍ତ ରଖି ବାହାଘରର ଭିନ୍ନ ଏକ ଅନୁଭୂତି ସାଉଁଟୁଛନ୍ତି। ସେହିପରି ବାହାଘର ଉତ୍ସବରେ ଏଭଳି ବ୍ୟବସ୍ଥାକୁ 'ଇଣ୍ଟରଆକ୍ଟିଭ୍ ସେସନ୍' ବୋଲି କୁହାଯାଉଛି। ତେବେ ଏବେ ବଡ଼ ବଡ଼ ୱେଡ଼ିଂ ପ୍ଲାନର୍ ଏଭଳି ସୁବିଧା ସହ ଦାମୀ ଉପହାର ମଧ୍ୟ ଅତିଥିଙ୍କୁ ଦେବା ବ୍ୟବସ୍ଥା କରୁଛନ୍ତି। ଏହାବାଦ୍ ଭାରତୀୟ ବାହାଘରଗୁଡ଼ିକରେ ରାଜସ୍ଥାନର ଚୁଡ଼ି ତିଆରି କରିବା, ବ୍ଲକ୍ ପ୍ରିଣ୍ଟିଂ ଷ୍ଟଲ୍‌ଠୁ ଆରମ୍ଭ କରି ଚାଉଳ, ନଡ଼ିଆ ଉପରେ ଖୋଦେଇ କାର୍ଯ୍ୟର ବୁଥ୍ ମଧ୍ୟ ଦେଖିବାକୁ ମିଳୁଛି। ଅନ୍ୟପଟେ ଅତିଥିମାନଙ୍କଠାରୁ ମଧ୍ୟ ଏନେଇ ସକାରାତ୍ମକ ପ୍ରତିକ୍ରିୟା ମଧ୍ୟ ମିଳୁଛି। କାରଣ ବାହାଘରରେ ସେମାନଙ୍କ ପାଇଁ କିଛି ସ୍ୱତନ୍ତ୍ର ବ୍ୟବସ୍ଥା ହୋଇଥିବା ଜାଣି ସେମାନେ ଖୁସି ଅନୁଭବ କରୁଛନ୍ତି। ଅବଶ୍ୟ ବାହାଘରରେ ଏଭଳି ବ୍ୟବସ୍ଥା ପାଇଁ ୫୦ ଲକ୍ଷ ଉପରେ ଅଧିକ ଟଙ୍କାର ବଜେଟ୍ ରହୁଛି।






# ଛୁଇଁଲେ ଦୋହଲିଯାଏ ବିଶାଳ ପଥର

ଫ୍ରାନ୍ସର ହ୍ୟୁଏଲ ଗୋଟ ଜଙ୍ଗଲରେ ଗ୍ରାନାଇଟ୍‌ର ଏକ ବିଶାଳକାୟ ପଥର ରହିଛି। ଏହି ପଥରର ଓଜନ ହାତୀର ଓଜନଠାରୁ ମଧ୍ୟ ଅଧିକ। ତେବେ ଏହି ପଥରର ସ୍ୱତନ୍ତ୍ରତା ହେଉଛି ଏହାର ଓଜନ ଅଧିକ ହେଲେ ବି ଏହି ପଥରଟିକୁ ଲୋକେ ସହଜରେ ହାତରେ ହଲାଇ ପାରନ୍ତି। 'ଟ୍ରେମ୍ବ୍ଲିଂ ଷ୍ଟୋନ୍' ନାମରେ ଜଣାଶୁଣା ଏହି ପଥରର ଓଜନ ମଣିଷଠାରୁ ଯଥେଷ୍ଟ ଅଧିକ। ଏଥିପାଇଁ କେବଳ ଏକ ନିର୍ଦ୍ଦିଷ୍ଟ ସ୍ଥାନକୁ ଛୁଇଁବାକୁ ପଡ଼ିଥାଏ। ଯଦିଓ ଲୋକେ ଏହାକୁ ଚମତ୍କାର ବୋଲି ଚିନ୍ତା କରିଥାନ୍ତି, ଏହା ବାସ୍ତବରେ ବିଜ୍ଞାନ ଉପରେ ଆଧାରିତ। ଏହି ପଥରର ଓଜନ ୧୩୨ ଟନ୍। ତେବେ ଏହି ପଥରଟି ଅନ୍ୟ ଏକ ପଥର ଉପରେ ଏମିତି ଢଳି ରହିଛି ଯେ, ଏହାର ଏକ କୋଣ ଆଦୌ ସ୍ଥିର ନ ଥାଏ। ତେଣୁ ପଥରର ଗୋଟିଏ କୋଣକୁ ଛୁଇଁବା ମାତ୍ରେ, ପଥରଟି ଉପର ତଳ ଦୋହଲିଥାଏ। ଦେଶ ବିଦେଶରୁ ବହୁ ସଂଖ୍ୟାରେ ପର୍ଯ୍ୟଟକ ଏହି ପଥରକୁ ଦେଖିବାକୁ ଆସିଥାନ୍ତି।

## ଆଜିର ରାଶିଫଳ

**ମେଷ:** ବ୍ୟବସାୟରୁ ସଫଳତା ମିଳିବ। ସ୍ୱାସ୍ଥ୍ୟ ଉପରେ ଅଧିକ ଧ୍ୟାନ ଦିଅନ୍ତୁ। ସନ୍ତାନଙ୍କ ପ୍ରଗତିରେ ଅଭିଭାବକ ଖୁସି ହେବେ। ସକାରାତ୍ମକ ଦୃଷ୍ଟିରୁ ଦିନଟି ଭଲ।

**ବୃଷ:** ଭାଗ୍ୟ ଆପଣଙ୍କ ସାଥ୍ ଦେବ। ଅଟକି ପଡ଼ିଥିବା କାର୍ଯ୍ୟ ପୂରା ହେବ। ଦୂରଯାତ୍ରାରୁ ଲାଭ ମିଳିବ। ଆଜିର ପ୍ରେମ ବ୍ୟାପାରରେ ଦିନଟି ବହୁତ ଭଲ। ବିଦ୍ୟାର୍ଥୀମାନେ କ୍ୟାରିୟରକୁ ନେଇ ଚିନ୍ତାରେ ରହିବେ।

**ମିଥୁନ:** କୌଣସି କ୍ଷେତ୍ରରୁ ଆଘାତ ପାଇପାରନ୍ତି। ପ୍ରତିକୂଳ ପରିସ୍ଥିତିରେ ଆଦୌ ଭୟ କରନ୍ତୁନି। ଅଯଥା ଖର୍ଚ୍ଚରୁ ଦୂରେଇ ରୁହନ୍ତୁ। ବିଦ୍ୟାର୍ଥୀମାନେ ପ୍ରତିଯୋଗିତାମୂଳକ ପରୀକ୍ଷାରେ ଭଲ ପ୍ରଦର୍ଶନ କରିବେ।

**ସିଂହ:** ଶତ୍ରୁଙ୍କୁ ଦୁର୍ବଳ ମନେ କରନ୍ତୁନି। ଅଟକି ଥିବା କାର୍ଯ୍ୟ ସମାପନ ହେବ। ପ୍ରେମିକ ପ୍ରେମିକାଙ୍କ ମିଳନ ଯୋଗ ରହିଛି। ବ୍ୟବସାୟ ଦୃଷ୍ଟିରୁ ଦିନଟି ବହୁତ ଭଲ। ମହିଳାମାନେ ଘରକାର୍ଯ୍ୟରେ ବ୍ୟସ୍ତ ରହିବେ।

**କର୍କଟ:** ଜୀବନସାଥୀଙ୍କ ସାନ୍ନିଧ୍ୟ ମିଳିବ। ନୂତନ ବ୍ୟବସାୟ ଆରମ୍ଭ କରିପାରନ୍ତି। ପରିବାରବର୍ଗଙ୍କ ସହ ଦୂରସ୍ଥାନକୁ ଯାତ୍ରା କରିପାରନ୍ତି। ବିଦ୍ୟାର୍ଥୀମାନେ ଖେଳମନସ୍କ ହେବେ। ପ୍ରଭୁ ମହାଦେବଙ୍କ ଆରାଧନା କରନ୍ତୁ।

**କନ୍ୟା:** ଭାବନା ଅନୁସାରେ ନିଷ୍ପତ୍ତି ନେବା ଠିକ୍ ନୁହେଁ। ଅଧିକ କ୍ଷତି ସହିପାରନ୍ତି। ଗୁରୁଜନଙ୍କ ପରାମର୍ଶ ନେଇ ନୂତନ କାର୍ଯ୍ୟରେ ଯୋଗ ଦିଅନ୍ତୁ। ପିଲାମାନେ ଖେଳକୁଦରେ ସମୟ ବିତାଇବେ।

**ତୁଳା:** ଭୂମି, ଯାନବାହନ କିଣିବାର ଅଧିକ ସମ୍ଭାବନା ରହିଛି। ଅଭିଭାବକମାନେ ସନ୍ତାନଙ୍କ କ୍ୟାରିୟରକୁ ନେଇ ଚିନ୍ତାରେ ରହିବେ। ପ୍ରତିକୂଳ ପରିସ୍ଥିତିରେ ଧୈର୍ଯ୍ୟହରା ହୁଅନ୍ତୁନି। ବନ୍ଧୁ ଯୋଗ ରହିଛି।

**ବିଛା:** ବ୍ୟାପାରିକ ଦିଗରୁ ଦିନଟି ଭଲ। ସ୍ୱାସ୍ଥ୍ୟ ଭଲ ରହିବ। ସନ୍ତାନଙ୍କ ଖୁସିରେ ଖୁସି ହେବେ। ଅଚାନକ ଖୁସି ଖବର ପାଇପାରନ୍ତି। ଉଧାର ଦେଇପାରନ୍ତି। ମହିଳାମାନଙ୍କୁ ମୁଖ୍ୟ ଦାୟିତ୍ୱ ମିଳିବ।

**ଧନୁ:** ସୃଜନାଶୀଳତା ବୃଦ୍ଧି ପାଇବ। ଅଧିକ ଖର୍ଚ୍ଚାନ୍ତ ହେବେ। ସ୍ୱାସ୍ଥ୍ୟ ବହୁତ ଭଲ ରହିବ। ପ୍ରେମ ବ୍ୟାପାରରେ ସଫଳ ହେବେ। ଆଜି ଭାଗ୍ୟ ଆପଣଙ୍କ ସାଥ୍ ଦେବ। କର୍ମକ୍ଷେତ୍ରରେ ବଡ଼ ଦାୟିତ୍ୱ ପାଇପାରନ୍ତି।

**ମକର:** ଆପଣଙ୍କ ପ୍ରତିଭା ପ୍ରସ୍ଫୁଟିତ ହେବ। ସରକାରୀ ଚାକିରିଆଙ୍କ ପାଇଁ ଆଜି ଦିନଟି ବହୁତ ଭଲ। ବନ୍ଧୁଙ୍କ ସହିତ ମନୋରଞ୍ଜନ କରିବେ। ଦିନଟି ବେଶ୍ ହସଖୁସିରେ ବିତିବ।

**କୁମ୍ଭ:** ଅଚାନକ ଆପଣଙ୍କ ମନ ଭିତରେ ପରିବର୍ତ୍ତନ ଆସିବ। ଆର୍ଥିକ ସମସ୍ୟା ରହିବନି। ଅନ୍ୟକୁ ଉଧାର ଦେଇ ଠକିପାରନ୍ତି। ଆୟ ଅନୁସାରେ ଅଧିକ ବ୍ୟୟ ହେବ। ଭଗବାନଙ୍କ ପୂଜାର୍ଚ୍ଚନା କରନ୍ତୁ।

**ମୀନ:** ଜମି କିଣାବିକା ଯୋଗ ରହିଛି। ଅନ୍ୟମାନଙ୍କୁ ସାହାଯ୍ୟ କରି ଉଦାହରଣ ସୃଷ୍ଟି କରିବେ। ଅଧିକ ଲାଭ ପାଇବା ଆଶାରେ ଭୁଲ୍ କରନ୍ତୁନି। ମହିଳାମାନେ ଘର କାମରେ ବ୍ୟସ୍ତ ରହିବେ।

- ୧୮୬୩-ଜେନେଭାରେ ଅନ୍ତରାଷ୍ଟ୍ରୀୟ ରେଡକ୍ରସ୍‌ର ସ୍ଥାପନା।
- ୧୯୧୫- ଗାନ୍ଧିଜୀ ପ୍ରଥମ ଥର ଶାନ୍ତିନିକେତନ ଯାତ୍ରା କରିଥିଲେ।
- ୧୯୩୩- ଆମେରିକାରେ ସାପ୍ତାହିକ ପତ୍ରିକା 'ନ୍ୟୁଜ୍ ୱିକ୍' ପ୍ରକାଶିତ।
- ୧୯୭୯-ଚୀନ୍-ଭିଏତନାମ ଯୁଦ୍ଧ ଆରମ୍ଭ ହେଲା।
- ୧୯୯୬- ନାସା ଡିସ୍‌କଭରି ପ୍ରୋଗ୍ରାମର ଆରମ୍ଭ କଲା।
- ୨୦୦୯- ନିର୍ବାଚନ ଆୟୋଗ ଅନ୍ତିମ ଚରଣ ମତଦାନ ଶେଷ ହେବା ପର୍ଯ୍ୟନ୍ତ ଏକଜିଟ୍ ପୋଲ୍‌ର ପ୍ରସାରଣ ଉପରେ ରୋକ୍ ଲଗାଇଲେ।

# ମାତୃଭାଷା



ମହେନ୍ଦ୍ର କୁମାର ଘଡ଼େଇ

ମାତୃଭାଷା ପରି ଆଉ ଭାଷାଟିଏ
ଦେଖିଅଛ କୁହ କିଏ
ଅନ୍ତର ଭିତର କଥା କହିବାକୁ
ଆଗ ଲୋଡ଼ା ହୁଏ ଯିଏ ।
କେବେ ଧ୍ୱନି ବର୍ଣ୍ଣ ଅବନାରେ ଗଢ଼େ
ପୁଣି କେବେ ଯୁକ୍ତାକ୍ଷର
ଭାବ ଭାଷା ଦେଇ ମଧୁବୋଳା କଥା
ଓଠୁ ଝରେ ନିରନ୍ତର ।
ରାଗ ରୋଷ କଳି ମାନ ଅଭିମାନ
ନିମିଷେ ତୁଟାଇ ଦିଏ
ପରକୁ ଆପଣା କରି ସୁପଥରେ
ଆଗକୁ ଆଗକୁ ନିଏ ।
ଡର ଭୟ ଦୂର କରି ସେ ମନରେ
ସାହସ ଶକତି ଆଣେ
ବୁଦ୍ଧି ବିଦ୍ୟା ବଳେ ନ ହୋଇବା କାମ
କରି ଜନମନ କିଣେ।
ମାଆ ମାଟି ମାତୃଭୂମି ମାତୃଭାଷା
ଜନନୀ ପରିକା ଜାଣ
ଦିବସ ରଜନୀ ତାଙ୍କ ସେବା କରି
ହେବା ଲକ୍ଷ୍ୟପଥେ ଟାଣ।
ହତାଦର ଯିଏ କରିଅଛି ତାଙ୍କୁ
ନରକ ପୁରେ ତା' ବାସ
ଯା' ଲହକା ଜିଭ ଚାଟି ପକାଇବ
ଗୁଣ ଯଶ ପଉରୁଷ।
ବିଦେଶୀ ଦରବ ଭୂଷଣ ଭାଷାକୁ
ବରତରେ ତଡ଼ି ଦେଇ
ଧର ନିଜ ଭାଷା ଚଳଣି ପୋଷାକ
ଭେଦାଭେଦ ଭୁଲିଯାଇ ।

କଟରପଡ଼ା, ନିଶ୍ଚିନ୍ତକୋଇଲି , କଟକ
ମୋ: ୯୪୩୭୭୪୦୫୬୬

## ପହେଲି



- ଶୀତଋତୁ ପରେ ଆସଇ ମୁହିଁ
ମନଲୋଭା ପୁଷ୍ପେ ସଜେଇ ହୋଇ
ଗଛରେ ଜନମେ ନୂଆ ପତର
କାନକୁ ଶୁଭଇ କୋଇଲି ସ୍ୱର
ଆମ୍ବ ବଉଳର ବାସ ଛୁଟଇ
ଋତୁରାଜ ବୋଲି କୁହନ୍ତି କେହି
ଏବେ କହିଦିଅ ନାମଟି ମୋର
ମୋ ପରଶେ ଧରା ଦିଶେ ସୁନ୍ଦର।

ଉତ୍ତର-ବସନ୍ତ ଋତୁ

- ବସନ୍ତ ଆସିଲେ ସରାଗେ ମୁହିଁ
ଦକ୍ଷିଣ ଦିଗରୁ ଧୀରେ ବହଇ
ମୋ ପରଶେ ଜନେ ହୁଅନ୍ତି ଖୁସି
ଖରାର ପ୍ରକୋପ ଲାଗେନି ବେଶି
ପବନ ରୂପେ ମୁଁ ଦେହକୁ ହିତ
କହି ପାରିବକି ମୋ ନାମ ମିତ।

ଉତ୍ତର-ମଳୟ ପବନ



- ଶୀତ କମିଗଲେ ଏହି ଜଗତେ
ସିଏ ଏକ ଫୁଲ ଗଛରେ ଫୁଟେ
ସେ ଫୁଲର ବାସ ଭାରି ମଧୁର
କୁହୁଡ଼ି ଅଟଇ ବଇରି ତା'ର
ସେ ଫୁଲରୁ ଜନ୍ମେ ଫଳର ରାଜା
ଖାଇଲେ ତାହାକୁ ଲାଗଇ ମଜା
ସେଇ ଗଛ ଡାଳେ କୋଇଲି ବସେ
କୁହୁ କୁହୁ ଗୀତ ଗାଏ ହରଷେ
ସେ ଫୁଲର ନାମ ଯିଏ କହିବ
ସୁନାପିଲାରେ ସେ ଗଣା ହୋଇବ।

ଉତ୍ତର-ଆମ୍ବ ବଉଳ

- ରାମଚନ୍ଦ୍ର ବେହେରା
ତେନ୍ତୁଳିପଦା, ଜଗତସିଂହପୁର,
ମୋ-୭୩୫୫୬୩୪୩୪୬

## ସକାଳ ଶିଶୁ କୁଇଜ୍-୧୦୭

(୧) ଆମ ସୌରମଣ୍ଡଳର କେଉଁ ଗ୍ରହର ସର୍ବାଧିକ ଉପଗ୍ରହ ଅଛନ୍ତି?
ଉତ୍ତର : ____________

(୨) ଉତ୍କଳ କେଶରୀ ଭାବେ କିଏ ପରିଚିତ?
ଉତ୍ତର : ____________

(୩) ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ମୁଖ୍ୟାଳୟ କେଉଁଠାରେ ଅଛି?
ଉତ୍ତର : ____________

(୪) ଧୂଆଁପତ୍ରରେ ଥିବା ବିଷାକ୍ତ ପଦାର୍ଥର ନାମ କ'ଣ?
____________

(୫) କାଜିରଙ୍ଗା ଜାତୀୟ ଉଦ୍ୟାନ ଭାରତର କେଉଁ ରାଜ୍ୟରେ ରହିଛି?
ଉତ୍ତର : ____________

ସକାଳ ଶିଶୁ କୁଇଜ୍‌ରେ ଅଂଶଗ୍ରହଣ କରୁଥିବା ଛାତ୍ରଛାତ୍ରୀମାନେ ଏବେ ସେମାନଙ୍କ ଉତ୍ତରକୁ sakalasishu@gmail.comରେ ପଠାଇବାକୁ ଅନୁରୋଧ। ତିନିଜଣ ସଠିକ୍ ଉତ୍ତରଦାତାଙ୍କ ନାମ ଏହି ପୃଷ୍ଠାରେ ପ୍ରକାଶ ପାଇବ।

ଗତ ସପ୍ତାହର କୁଇଜ୍ ବିଜେତା
- ଦେବାଶିଷ କର, ଆଙ୍କପଦା, ଭଦ୍ରକ
- ଓମ୍ ପ୍ରକାଶ ରଣା, ଚକେଇସିହାଣୀ, ଭୁବନେଶ୍ୱର
- ଜସ୍ମିନ୍ ମଲ୍ଲିକ୍, ପ୍ରୀତିପୁର, ଯାଜପୁର

ଆମର ଯୋଗାଯୋଗ ଠିକଣା
ନନ୍ଦିଘୋଷ ନେଟ୍‌ୱର୍କ ପ୍ରାଇଭେଟ୍ ଲିମିଟେଡ୍
ଇଡ୍‌କୋ ପ୍ଲଟ୍ ନଂ- ୯୦-୯୧, ଭଗବାନପୁର, ଭୁବନେଶ୍ୱର-୭୫୧୦୧୯




# ପ୍ରକୃତ ବନ୍ଧୁ



ଅର୍ଜୁନ ଦାସ



ରାଜୁ ଓ ବିଜୁ ଭାରି ଅନ୍ତରଙ୍ଗ ବନ୍ଧୁ। ସେମାନେ କେହି କାହାରିକୁ ଛାଡ଼ି ଘଡ଼ିଏ ରହି ପାରନ୍ତି ନାହିଁ। ଜଣେ ଅନ୍ୟ ଜଣଙ୍କ ପାଇଁ ଜୀବନ ଦେବାକୁ ପଛାଇବା ନାହିଁ ବୋଲି କୁହନ୍ତି। ଗାଁଟା ସାରା ଦୁଇ ଜଣଙ୍କ ବନ୍ଧୁତାକୁ ନେଇ ବେଶ୍ ଚର୍ଚ୍ଚା ଚାଲେ। ପାଠପଢ଼ାଠାରୁ ଆରମ୍ଭ କରି ଖାଇବା ପିଇବା, ଖେଳିବା ବୁଲିବା ଆଦି ସମସ୍ତ କାର୍ଯ୍ୟରେ ଦୁହିଁଙ୍କୁ ଏକାଠି ଦେଖିବାକୁ ମିଳେ। କେତେବେଳେ ବିଜୁ ରାଜୁ ଘରେ ରହିଯାଏ ତ କେତେବେଳେ ରାଜୁ ବିଜୁ ଘରେ। ଏମିତି କୌଣସି ଦିନ ଆସିନାହିଁ, ଯେଉଁଦିନ ଉଭୟ ଉଭୟଙ୍କୁ ନ ଦେଖି ଦିନ କାଟିଥିବେ। ଦିନକର ଘଟଣା ଦୁଇ ବନ୍ଧୁ ବିଦ୍ୟାଳୟ ନ ଯାଇ ପାଖରେ ଥିବା ଜଙ୍ଗଲକୁ କୌଣସି ଏକ ଫଳ ନିମନ୍ତେ ବାହାରିଗଲେ। ରାଜୁ କହିଲା, "ଆରେ ବିଜୁ, ଆମେ ଯଦି ସେ ଫଳ ପାଇଯିବା ନିଶ୍ଚୟ ବହୁତ କାମରେ ଆସିବ। କାଲି ସାର୍ ପଢ଼ାଇବା ବେଳେ ତା'ର କେତେ ଆବଶ୍ୟକତା ଅଛି, ଜଣାଇଥିଲେ। ଅନେକ ଔଷଧୀୟ ଗୁଣ ଭରି ରହିଥିବା ଫଳଟିକୁ ନ ଦେଖିଲେ ଆମ ମନଟା ଡହଳବିକଳ ହେବନାହିଁ।" ରାଜୁର କଥାକୁ ସମର୍ଥନ କରି ବିଜୁ ମଧ୍ୟ କହିବାକୁ ଲାଗିଲା , "ଠିକ୍ କଥା କହିଲୁ। କାଲି ଏ ଫଳକୁ ନେଇକି ସ୍କୁଲ୍‌ର ସମସ୍ତ ପିଲାମାନଙ୍କୁ ଦେଖାଇବା। ସାର୍ ବି ବହୁତ ଖୁସି ହୋଇଯିବେ ଦେଖିବା ପରେ।" ଗପିଗପି ସେମାନେ ଜାଣି ପାରିଲେ ନାହିଁ କେତେବେଳେ ଜଙ୍ଗଲର ମଧ୍ୟ ଭାଗକୁ ପଳାଇଥିଲେ। କେଉଁଠି ସେ କଲରାପତରିଆ ବାଘଟି ଲୁଚିକରି ଥିଲା କେଜାଣି, ପବନ ବେଗରେ ଧାଇଁ ଆସିଲା। ଏହା ପାଇଁ ଦୁହେଁ ଆଗରୁ ପ୍ରସ୍ତୁତ ନ ଥିଲେ। ବାଘ ଆସିବାର ଦେଖି ବିଜୁ ଭୟରେ ଧାଇଁବାକୁ ଲାଗିଲା। ତାକୁ ରାଜୁ ଯେତେ ଡାକିଲେ ବି ସେ ଶୁଣିଲା ନାହିଁ। ରାଜୁ ମନେ ମନେ ବହୁତ ରାଗିଲା। ସେ ମନେମନେ କହୁଥାଏ, ଏ କୁଆଡ଼େ ବନ୍ଧୁ, ଯିଏ ବିପଦବେଳେ ହାତ ଛାଡ଼ିଦେଲା। ହଉ ଭଗବାନ, ସବୁ ତୁମ ଇଚ୍ଛା। ଏକାକୀ ବା ଆଉ କ'ଣ କରିବ ବିକଳରେ ଧାଇଁବାକୁ ଲାଗିଲା । ବାଘ ବି ପଛେ ପଛେ ଧାଉଁଥାଏ। ମନରେ କିଛି ବି ବୁଦ୍ଧି ଆସୁନଥାଏ। ଏ ବିପଦରୁ କିପରି ବଞ୍ଚିବାକୁ ହେବ। ଶେଷରେ ମରଣ ହିଁ ଏକ ମାତ୍ର ଦେଖାଯାଉଥାଏ। ହଠାତ୍ ଏକ ଫାର୍ସା ଆସି ବାଜିଲା ବାଘର ବେକରେ। ଆଉ ସେ ଟଳି ପଡ଼ିଲା। ରାଜୁ ଟିକେ ଅଟକି ଯାଇ ଚାରିଆଡ଼କୁ ଅନାଇ ଦେଖିଲା ପଛରୁ ବିଶୁ ଧାଇଁ ଆସୁଛି। ରାଜୁ ତାକୁ ଦେଖି ଆଶ୍ଚର୍ଯ୍ୟ ହୋଇଗଲା। ବିଶୁ, ଯିଏ କି ରାଜୁର ପିଲାଦିନୁ ଶତ୍ରୁ। ତା' ସହ ସବୁବେଳେ ଝଗଡ଼ା କରେ। ବିଶୁ ଟିକେ ବଳୁଆ ହୋଇଥିବାରୁ ସବୁବେଳେ ମାଡ଼ ଦିଏ। ସେଥିପାଇଁ ଦୁଇଜଣଙ୍କ ମଧ୍ୟରେ ଠିକ୍ ସେ ପଡେନାହିଁ। ରାଜୁ ଆଖିର ଲୁହ ଦେଖି ବିଶୁ କହିଲା , କ'ଣ ଭାବୁଛୁ ମୁଁ ତ ତୋର ବଡ଼ ଶତ୍ରୁ, ତତେ କ'ଣ ପାଇଁ ମରଣମୁହଁରୁ ରକ୍ଷାକଲି। ଶତ୍ରୁ ତ ସେ ହୋଇଥାଏ, ଯିଏ ବିପଦବେଳେ ହାତ ଛାଡ଼ିଦିଏ। ତୋର ମୋର ଯେତେ ଶତ୍ରୁତା ଥିଲେ ମଧ୍ୟ ଯେତେବେଳେ ତୁ ବିପଦରେ ଅଛୁ, ରକ୍ଷା କରିବା ମୋ ଦାୟିତ୍ୱ। ମୋ ବନ୍ଧୁର ଜୀବନ ପ୍ରତି ବିପଦ ଥିବ ମୁଁ ଚୁପ୍ ହୋଇ ଦେଖିବି ଏହା କ'ଣ ମିତ୍ରତା। ରାଜୁ ବିଶୁକୁ ଧରି କାନ୍ଦିକାନ୍ଦି କହିବାକୁ ଲାଗିଲା, "ମୁଁ ଏବେ ସବୁ ବୁଝି ପାରୁଛି, ପ୍ରକୃତ ବନ୍ଧୁ କିଏ। ଯିଏ ମୋ ସହ ସବୁବେଳେ ଥାଇ ମଧ୍ୟ ବିପଦବେଳେ ରହିଲା ନାହିଁ। ନା ଯିଏ କେବେ ବି ମୋ ସହ ନ ଥାଇ ମଧ୍ୟ ବିପଦ ବେଳେ ଅଛି।"■

ମାଧବ, ନିଆଳୀ, କଟକ
ମୋ-୭୭୩୫୯୫୭୧୫୧









ନନ୍ଦିତା ରକ୍ଷିତ
ପଞ୍ଚମ ଶ୍ରେଣୀ
କେନ୍ଦ୍ରୀୟ ବିଦ୍ୟାଳୟ-୧
ବାଲେଶ୍ୱର



ଆଶିଷ କୁମାର ଡାକୁଆ
ନବମ ଶ୍ରେଣୀ
ସରକାରୀ ଉନ୍ନୀତ ଉଚ୍ଚ ସ୍ୱାମୀ ବିବେକାନନ୍ଦ ବିଦ୍ୟାମନ୍ଦିର
ଉମରକୋଟ, ନବରଙ୍ଗପୁର



ସନ୍ଧ୍ୟା ସାହୁ
ତୃତୀୟ ଶ୍ରେଣୀ
ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର
ନିମାପଡ଼ା

## ରାଜକୋଟ ଟେଷ୍ଟ

# ଡକେଟ୍‌ଙ୍କ ଶତକ: ଇଂଲଣ୍ଡର ଦୃଢ଼ ଜବାବ

ରାଜକୋଟ୍,୧୬ ।୨(ଏଜେନ୍ସି)

ଚଳିତ ଭାରତ ବିପକ୍ଷ ତୃତୀୟ ଟେଷ୍ଟ ମ୍ୟାଚ୍‌ରେ ଭ୍ରମଣକାରୀ ଇଂଲଣ୍ଡ ଶୁକ୍ରବାର ଦ୍ୱିତୀୟ ଦିବସରେ ତା'ର ପ୍ରଥମ ପାଳି ଆରମ୍ଭ କରି ଓପନର ବେନ୍ ଡକେଟଙ୍କ ଅପରାଜିତ ୧୩୩ ରନର ଶତକୀୟ ପାଳି ବଳରେ ଦମ୍‌ଦାର ପ୍ରଦର୍ଶନ କରିଛି । ଟସ୍ ଜିତି ଭାରତ ପ୍ରଥମ ପାଳିରେ ୧୩୦.୫ ଓଭରରେ ୪୪୫ ରନକରି ଅଲଆଉଟ ହୋଇଥିଲା । ଜବାବରେ ଇଂଲଣ୍ଡ ପ୍ରଥମ ପାଳି ଆରମ୍ଭ କରି ଦ୍ୱିତୀୟ ଦିବସ ଖେଳ ଶେଷ ସୁଦ୍ଧା ୩୫ ଓଭରରେ ଦୁଇ ୱିକେଟ ହରାଇ ୨୦୭ ରନ ସଂଗ୍ରହ କରି ଦୃଢ଼ ଜବାବ ଦେଇଛି । ଇଂଲଣ୍ଡ ଏବେ ୮ ୱିକେଟ ବାକି ରଖି ୨୩୮ ରନ ପଛରେ ପଡିଛି । ଷ୍ଟମ୍ପ ଅପସାରଣ ବେଳକୁ ଡକେଡ ୧୧୮ଟି ବଲର ସମ୍ମୁଖୀନ ହୋଇ ୨୧ ଚୌକା ଓ ୨ ଛକା ସହ ୧୩୩ ରନ ଓ ଅଭିଜ୍ଞ ଜୋ ରୁଟ୍ ୯ ରନକରି ଅପରାଜିତ ରହିଛନ୍ତି । ଡକେଟ ଏଥିସହ କ୍ୟାରିୟରର ତୃତୀୟ ଟେଷ୍ଟ ଶତକ ହାସଲ କରିଛନ୍ତି । ଦ୍ରୁତ ଗତିରେ ବ୍ୟାଟିଂ କରି ସେ ମାତ୍ର ୮୮ଟି ବଲର ସମ୍ମୁଖୀନ ହୋଇ ଶତକ ପୂରଣ କରିଥିଲେ । ଅନ୍ୟତମ ଓପନର ଜ୍ୟାକ କ୍ରଲି ୧୫ ରନକରି ଥିବା ବେଳେ ସୁଇପ୍ କରିବାକୁ ଯାଇ ରଜତ ପଟିଦାରଙ୍କୁ କ୍ୟାଚ୍ ଦେଇ ଆଉଟ୍ ହୋଇଥିଲେ । ସେହିପରି ଓଲି ପୋପ୍ ୩୯ ରନ କରିଥିବା ବେଳେ ମହମ୍ମଦ ସିରାଜଙ୍କ ଦ୍ୱାରା ଏଲ୍‌ବିଡବ୍ଲ୍ୟୁ ହୋଇ ପ୍ୟାଭିଲିୟନ ଫେରିଥିଲେ । ସିରାଜ ଓ ଅଶ୍ୱିନ ଗୋଟିଏ ଲେଖାଏ ୱିକେଟ ଅକ୍ତିଆର କରିଥିଲେ ।



### ଉଡ୍‌ଙ୍କୁ ୪ ୱିକେଟ: ଭାରତ ୪୪୫ରେ ଅଲଆଉଟ

ପୂର୍ବରୁ ଅସମାପ୍ତ ପ୍ରଥମ ପାଳି ସ୍କୋର ୩୨୬/୫ରୁ ଖେଳ ଆରମ୍ଭ କରି ଭାରତ ଦ୍ୱିତୀୟ ଦିବସରେ ୪୪୫ ରନକରି ଅଲଆଉଟ ହୋଇଥିଲା । ଅପରାଜିତ ଥିବା ରବୀନ୍ଦ୍ର ଜାଡେଜା ଆଉ ୨ ରନ ଯୋଡ଼ି ୧୧୨ ରନରେ ଆଉଟ ହୋଇଥିଲେ । ରାତ୍ର ଜଗୁଆଳି ଭାବେ ଆସିଥିବା କୁଳଦୀପ ଯାଦବ (୪) ମଧ୍ୟ ବେଶି ସମୟ ତିଷ୍ଠି ପାରି ନ ଥିଲେ । ଏହାପରେ ଅଷ୍ଟମ ୱିକେଟରେ ଅଶ୍ୱିନ ଓ ପଦାର୍ପଣ କରିଥିବା ୱିକେଟରକ୍ଷକ ବ୍ୟାଟର ଧ୍ରୁବ ଜୁରେଲ ୭୭ ରନ ସଂଗ୍ରହ କରି ଦଳର ସ୍କୋରକୁ ୪୦୦ ରନ ପାର କରାଇଥିଲେ । ଅଶ୍ୱିନ ୩୭ ରନ କରି ରେହାନ ଅହମ୍ମଦଙ୍କ ଶିକାର ହୋଇଥିଲେ । ଜୁରେଲ ଦୁଇଟି ଜୀବନଦାନ ପାଇଥିଲେ ମଧ୍ୟ ଫାଇଦା ଉଠାଇ ନପାରି ସେ ୪୬ ରନ କରି ପ୍ୟାଭିଲିୟନ ଫେରିଥିଲେ । ସେହିପରି ଯଶପ୍ରୀତ ବୁମ୍‌ରା ୨୬ ରନ କରି ମାର୍କ ଉଡଙ୍କ ଦ୍ୱାରା ଏଲ୍‌ବିଡବ୍ଲ୍ୟୁ ହୋଇଥିଲେ । ମହମ୍ମଦ ସିରାଜ ୩ ରନକରି ଅପରାଜିତ ରହିଥିଲେ । ଗୁରୁବାର ପ୍ରଥମ ଦିବସରେ ଅଧିନାୟକ ରୋହିତ ଶର୍ମା ୧୩୧ ଓ ସର୍ଫରାଜ ଖାନ ୬୨ ରନ ସଂଗ୍ରହ କରିଥିଲେ । ବୋଲିଂରେ ଇଂଲଣ୍ଡ ତରଫରୁ ଉଡ୍ ସର୍ବାଧିକ ୪, ରେହାନ ଅହମ୍ମଦ ୨ ୱିକେଟ ଅକ୍ତିଆର କରିଥିଲେ । ୫ ମ୍ୟାଚ୍ ବିଶିଷ୍ଟ ଏହି ସିରିଜ ୧-୧ ବରାବର ସ୍ଥିତିରେ ରହିଛି ।

### ଭାରତକୁ ଝଟ୍‌କା; ଅଶ୍ୱିନ ଓହରିଲେ

ଏକ ଗୁରୁତ୍ୱପୂର୍ଣ୍ଣ ଘଟଣାକ୍ରମେ ଅଶ୍ୱିନ ଚଳିତ ୩ୟ ଟେଷ୍ଟର ବଳକା ମ୍ୟାଚରୁ ଓହରିଯାଇଛନ୍ତି । ଶୁକ୍ରବାର ଖେଳ ଶେଷ ପରେ ଅଶ୍ୱିନ ପାରିବାରିକ ସ୍ୱାସ୍ଥ୍ୟଗତ ସମସ୍ୟା ଯୋଗୁ ଜରୁରୀକାଳୀନ ଭାବେ ବଳକା ମ୍ୟାଚରୁ ଓହରି ଘରକୁ ଫେରିଯାଇଛନ୍ତି । ଭାରତୀୟ କ୍ରିକେଟ୍‌ର ସର୍ବୋଚ୍ଚ ସଂସ୍ଥା ବିସିସିଆଇ ପକ୍ଷରୁ ଏହି ସୂଚନା ଦିଆଯାଇଛି ।

### ସଂକ୍ଷିପ୍ତ ସ୍କୋର

ଭାରତ ପ୍ରଥମ ପାଳି- ୪୪୫/୧୦, ୧୩୦.୫ ଓଭର (ରୋହିତ- ୧୩୧, ଜାଡେଜା- ୧୧୨, ସର୍ଫରାଜ- ୬୨, ଜୁରେଲ- ୪୬, ଅଶ୍ୱିନ- ୩୭, ବୁମ୍‌ରା- ୨୬, ଉଡ୍- ୪/୧୧୪, ରେହାନ- ୨/୮୫) ।
ଇଂଲଣ୍ଡ ପ୍ରଥମ ପାଳି- ୨୦୭/୨, ୩୫ ଓଭର (ଡକେଟ- ୧୩୩* , ପୋପ- ୩୯, ରୁଟ୍- ୯*, କ୍ରଲି- ୧୫, ଅଶ୍ୱିନ- ୧/ ୩୭, ସିରାଜ-୧/୫୪) ।

# ଅଶ୍ୱିନ @୫୦୦



ରାଜକୋଟ,୧୬ ।୨(ଏଜେନ୍ସି): ଭାରତୀୟ ଅଭିଜ୍ଞ ଅଫ୍ ସ୍ପିନର ରବିଚନ୍ଦନ ଅଶ୍ୱିନ କ୍ୟାରିୟରରେ ଆଉ ଏକ ମାଇଲଖୁଣ୍ଟ ଛୁଇଁଛନ୍ତି । ସେ ଟେଷ୍ଟରେ ୫୦୦ ୱିକେଟ ପୂରଣ କରିଛନ୍ତି । ଦ୍ୱିତୀୟ ଭାରତୀୟ ବୋଲର ଭାବେ ସେ ଏହି ଉପଲବ୍ଧି ହାସଲ କରିଛନ୍ତି । ପୂର୍ବରୁ କିମ୍ବଦନ୍ତୀ ସ୍ପିନର ଅନିଲ କୁମ୍ବଲେ ପ୍ରଥମ ଭାରତୀୟ ବୋଲର ଭାବେ ୧୦୫ଟି ଟେଷ୍ଟ ଖେଳି ଏହି ମାଇଲଖୁଣ୍ଟ ଅତିକ୍ରମ କରିଥିଲେ । ତେବେ ଅଶ୍ୱିନ ଦ୍ରୁତତମ ଭାରତୀୟ ବୋଲର ଭାବେ ୫୦୦ ୱିକେଟ ହାସଲ କରି ଏକ ବିରଳ କ୍ଲବରେ ସାମିଲ ହୋଇଛନ୍ତି । ରାଜକୋଟରେ ଚାଲିଥିବା ତୃତୀୟ ଟେଷ୍ଟ ମ୍ୟାଚ୍‌ରେ ଅଶ୍ୱିନ ଇଂଲଣ୍ଡ ଓପନର ଜ୍ୟାକ କ୍ରଲିଙ୍କୁ ଆଉଟ କରି ଏହି ଐତିହାସିକ ସଫଳତା ପାଇଛନ୍ତି ।

### ୫୦୦ ଟେଷ୍ଟ ୱିକେଟ ହାସଲକାରୀ ବୋଲର

| ଖେଳାଳି | ଦେଶ | ମ୍ୟାଚ୍ | ୱିକେଟ |
|---|---|---|---|
| ମୁଥିୟା ମୁରଲୀଧରନ | ଶ୍ରୀଲଙ୍କା | ୧୩୩ | ୮୦୦ |
| ଶେନ ୱର୍ଣ୍ଣ | ଅଷ୍ଟ୍ରେଲିଆ | ୧୪୫ | ୭୦୮ |
| ଜେମ୍ସ ଆଣ୍ଡରସନ | ଇଂଲଣ୍ଡ | ୧୮୫ | ୬୯୬ |
| ଅନିଲ କୁମ୍ବଲେ | ଭାରତ | ୧୩୨ | ୬୧୯ |
| ଷ୍ଟୁଆର୍ଟ ବ୍ରଡ | ଇଂଲଣ୍ଡ | ୧୬୭ | ୬୦୪ |
| ଗ୍ଲେନ ମ୍ୟାକଗ୍ରା | ଅଷ୍ଟ୍ରେଲିଆ | ୧୨୪ | ୫୬୩ |
| କର୍ଟନୀ ୱାଲ୍ସ | ୱେଷ୍ଟଇଣ୍ଡିଜ | ୧୩୨ | ୫୧୯ |
| ନାଥନ ଲାୟନ | ଅଷ୍ଟ୍ରେଲିଆ | ୧୨୭ | ୫୧୭ |
| ଆର ଅଶ୍ୱିନ | ଭାରତ | ୯୮ | ୫୦୦ |

ଅଶ୍ୱିନଙ୍କ ଏହା ୯୮ତମ ଟେଷ୍ଟ ଥିଲା । କମ୍ ସଂଖ୍ୟକ ଟେଷ୍ଟ ଖେଳି ୫୦୦ ୱିକେଟ ନେବାର ସେ ବିଶ୍ୱର ଦ୍ୱିତୀୟ ଦ୍ରୁତତମ ବୋଲର ସାବ୍ୟସ୍ତ ହୋଇଛନ୍ତି । ପୂର୍ବରୁ ଶ୍ରୀଲଙ୍କାର ମୁଥିୟା ମୂରଲୀଧରନ ୮୭ଟି ଟେଷ୍ଟ ଖେଳି ଏହି ମାଇଲଖୁଣ୍ଟ ହାସଲ କରିଥିଲେ । ବିଶ୍ୱର ୯ମ ବୋଲର ଭାବେ ସେ ଏହି ବିରଳ ସଫଳତା ଅର୍ଜନ କରିଛନ୍ତି । ସେ ଶ୍ରୀଲଙ୍କାରେ ୬ ଟେଷ୍ଟ ଖେଳି ୩୮ ଓ ଭାରତରେ ୫୮ ଟେଷ୍ଟ ଖେଳି ୩୪୭ ୱିକେଟ ଅକ୍ତିଆର କରିଛନ୍ତି । ଅଷ୍ଟ୍ରେଲିଆ ବିପକ୍ଷରେ ୨୨ ଟେଷ୍ଟରେ ସେ ସର୍ବାଧିକ ୧୧୪ଟି ୱିକେଟ ନେଇଛନ୍ତି । ଇଂଲଣ୍ଡ ଅଧିନାୟକ ବେନ ଷ୍ଟୋକ୍ସଙ୍କୁ ସେ ସର୍ବାଧିକ ୧୨ଥର ଆଉଟ କରିଛନ୍ତି ।

# ସଦରଲାଣ୍ଡଙ୍କ ରେକର୍ଡ ଦ୍ରୁତତମ ଦ୍ୱିଶତକ

ପର୍ଥ,୧୬ ।୨(ଏଜେନ୍ସି)



ମହିଳା ଟେଷ୍ଟ ଇତିହାସରେ ଅଷ୍ଟ୍ରେଲିଆର ଆନାବେଲ ସଦରଲାଣ୍ଡ ଦ୍ରୁତତମ ଦ୍ୱିଶତକ ଅର୍ଜନ କରି ରେକର୍ଡ କରିଛନ୍ତି । ଫଳରେ ଏଠାରେ ଚାଲିଥିବା ଦକ୍ଷିଣ ଆଫ୍ରିକା ବିପକ୍ଷ ଏକମାତ୍ର ଟେଷ୍ଟରେ ଘରୋଇ ଅଷ୍ଟ୍ରେଲିଆ ସ୍ଥିତି ଦୃଢ଼ କରିଛି । ଟସ ହାରି ଦକ୍ଷିଣ ଆଫ୍ରିକା ପ୍ରଥମ ପାଳିରେ ୩୧.୨ ଓଭରରେ ମାତ୍ର ୭୬ ରନକରି ଅଲଆଉଟ ହୋଇଥିଲା । ଜବାବରେ ପ୍ରଥମ ପାଳି ଆରମ୍ଭ କରି ଅଷ୍ଟ୍ରେଲିଆ ୧୨୫.୨ ଓଭରରେ ୯ ୱିକେଟ ୫୭୫ ରନ ସଂଗ୍ରହ କରି ପାଳି ଘୋଷଣା କରିଥିଲା । ମଧ୍ୟକ୍ରମ ବ୍ୟାଟର ସଦରଲାଣ୍ଡ ୨୫୬ ବଲର ସମ୍ମୁଖୀନ ହୋଇ ୨୭ ଚୌକା ଓ ୨ ଛକା ସହ ୨୧୦ ରନର ଦ୍ରୁତତମ ଦ୍ୱିଶତକୀୟ ପାଳି ଖେଳିଥିଲେ । ଏହାପରେ ଦ୍ୱିତୀୟ ପାଳି ଆରମ୍ଭ କରି ଦକ୍ଷିଣ ଆଫ୍ରିକା ଶୁକ୍ରବାର ଦ୍ୱିତୀୟ ଦିବସ ଖେଳ ଶେଷ ସୁଦ୍ଧା ୨୮ ଓଭର ୩ ୱିକେଟ ହରାଇ ୬୭ ରନ ସଂଗ୍ରହ କରିଛି । ପୂର୍ବରୁ ଭାରତର ମିତାଲି ରାଜ (୨୧୪), ପାକିସ୍ତାନର କିରନ ବାଲୁଚ୍ (୨୪୨) ଓ ଏଲିସ ପେରୀ (୨୧୩*) ସଦରଲାଣ୍ଡଙ୍କଠାରୁ ଅଧିକ ରନ ସଂଗ୍ରହ କରିଛନ୍ତି ।

# ସର୍ବଭାରତୀୟ ବେସାମରିକ ଟିଟି ଖେଳାଳି ଚୟନ ୧୮ରେ

**ଭୁବନେଶ୍ୱର, ୧୬ ।୨ (ସମିସ):** ଗୁଜରାଟର ଗାନ୍ଧୀନଗରସ୍ଥିତ ସଚିବାଳୟ ଜିମଖାନାଠାରେ ମାର୍ଚ୍ଚ ୧୦ରୁ ୧୪ ତାରିଖ ପର୍ଯ୍ୟନ୍ତ ସର୍ବଭାରତୀୟ ବେସାମରିକ ଟେବଲ୍ ଟେନିସ (ଟିଟି) ପ୍ରତିଯୋଗିତା ଅନୁଷ୍ଠିତ ହେବ । ଏଥିପାଇଁ ଓଡ଼ିଶା ଖେଳାଳି ଚୟନ ପ୍ରକ୍ରିୟା ରବିବାର ସକାଳ ୮ଟା ୩୦ରେ ଭୁବନେଶ୍ୱର ଲକ୍ଷ୍ମୀସାଗରସ୍ଥିତ ଓଡ଼ିଶା ଟେବଲ ଟେନିସ ଏକାଡେମୀରେ ହେବାର ସୂଚୀ ରହିଛି । ଏହି ଖେଳରେ କେବଳ ସରକାରୀ ଚାକିରିରେ ଥିବା ବ୍ୟକ୍ତିମାନେ ଭାଗନେଇପାରିବେ । ଇଚ୍ଛୁକ ବ୍ୟକ୍ତି ସେମାନଙ୍କ ସେବା ପୁସ୍ତିକାର ପ୍ରଥମ ପୃଷ୍ଠା ଏବଂ ବିଭାଗ/ଅଫିସ ପରିଚୟ ପତ୍ର ସହ ଏକ ପାସପୋର୍ଟ୍ ଫଟୋ ସାଙ୍ଗରେ ଆଣି ଚୟନ ପ୍ରକ୍ରିୟାରେ ଯୋଗଦେବାକୁ ଓଡ଼ିଶା ସେକେଟାରୀଏଟ୍ ରିକ୍ରିଏସନ କ୍ଲବ ପକ୍ଷରୁ କୁହାଯାଇଛି । ଅଧିକ ବିବରଣୀ ପାଇଁ ଉପସଭାପତି ମାନଗୋବିନ୍ଦ ଦଳେଇ (୯୦୪୦୫୧୯୪୭୭), ସାଧାରଣ ସମ୍ପାଦକ ମୁରଲୀ ମୋହନ ଦାସ (୯୯୩୮୭୫୨୧୯୨), କୋଷାଧ୍ୟକ୍ଷ ରଞ୍ଜିତ ମୁଦୁଲି (୯୩୪୮୩୭୭୨୧୫) ଓ କ୍ରୀଡ଼ା ସମ୍ପାଦକ ନୃସିଂହ ଚରଣ ପୃଷ୍ଟି (୯୯୩୭୯୩୬୧୭୫)ରେ ଯୋଗାଯୋଗ କରିବାକୁ କୁହାଯାଇଛି ।

● ବ୍ୟାଡମିଣ୍ଟନ ଏସିଆ ଟିମ୍ ଚାମ୍ପିଅନସିପ୍‌ରେ ଐତିହାସିକ ବିଜୟ

# ପ୍ରଥମଥର ସେମିରେ ଭାରତୀୟ ମହିଳା



**ଶାହା ଆଲମ,୧୬ ।୨(ଏଜେନ୍ସି):** ମାଲେସିଆର ଶାହା ଆଲମରେ ଚାଲିଥିବା ବ୍ୟାଡମିଣ୍ଟନ ଏସିଆ ଟିମ୍ ଚାମ୍ପିଅନସିପ୍‌ରେ ଭାରତୀୟ ମହିଳା ଦଳ ପ୍ରଥମଥର ପାଇଁ ସେମିରେ ପ୍ରବେଶ କରି ଇତିହାସ ସୃଷ୍ଟି କରିଛି । ଶୁକ୍ରବାର ଅନୁଷ୍ଠିତ କ୍ୱାର୍ଟର ଫାଇନାଲରେ ଭାରତ ଗ୍ରୁପ୍ ଏ'ରେ ୩-୦ରେ ହଂକଂକୁ ହରାଇ ସେମିକୁ ଉଠିଛି । ଏଥିସହ ମହିଳା ଦଳ ପ୍ରଥମଥର ପାଇଁ ଏହି ବିଶ୍ୱସ୍ତରୀୟ ଟୁର୍ଣ୍ଣାମେଣ୍ଟରେ ପଦକ ନିଶ୍ଚିତ କରିଛି । ଭାରତ ଏବେ ସେମିରେ ଜାପାନକୁ ଭେଟିବ । ଅନ୍ୟପଟେ ଭାରତୀୟ ପୁରୁଷ ଦଳ ଶୁକ୍ରବାର କ୍ୱାର୍ଟର ଫାଇନାଲ୍‌ରେ ୨-୩ରେ ଜାପାନ୍‌ଠାରୁ ପରାସ୍ତ ହୋଇ ବିଦାୟ ନେଇଛି । କ୍ୱାର୍ଟର ଫାଇନାଲରେ ହଂକଂ ବିପକ୍ଷରେ ପିଭି ସିନ୍ଧୁ, ଅସ୍ମିତା ଚଲିହା ଓ ଯୁଗଳ ଯୋଡି ଅଶ୍ୱିନୀ ପୋନାପ୍ପା ଓ ତନିଶା କ୍ରାଷ୍ଟୋ ବିଜୟୀ ହୋଇ ଭାରତକୁ ଏହି ଐତିହାସିକି ବିଜୟ ପ୍ରଦାନ କରିଥିଲେ । ଏକକରେ ସିନ୍ଧୁ ୨୧-୭, ୧୬-୨୧, ୨୧-୧୨ରେ ଲୋ ସିନ ୟାନ ହାପିଙ୍କୁ ହରାଇଥିଲେ । ସେହିପରି ଅସ୍ମିତା ୨୧-୧୨, ୨୧-୧୩ରେ ୟେୟଙ୍ଗ ସମ ୟିଙ୍କୁ ପରାସ୍ତ କରିଥିଲେ । ସେହିପରି ଯୁଗଳ ମୁକାବିଲାରେ ଅଶ୍ୱିନୀ ଓ ତନିଶା ୨୧-୧୦, ୨୧-୧୪ରେ ମାତ୍ର ୩୫ ମିନିଟ୍‌ରେ ବିଶ୍ୱର ୧୮ ନଂ ଯୋଡି ୟେୟଙ୍ଗ ଏନ୍‌ଗା ତିଙ୍ଗ୍ ଓ ୟେୟଙ୍ଗ ପୁଇ ଲାମଙ୍କୁ ପରାସ୍ତ କରିଥିଲେ ।

SBI
ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ
କେନ୍ଦ୍ରୀୟ ନିଯୁକ୍ତି ଏବଂ ପଦୋନ୍ନତି ବିଭାଗ,
କର୍ପୋରେଟ୍ କେନ୍ଦ୍ର, ମୁମ୍ବାଇ
ଫୋନ୍: 022-22820427

ବିଶେଷଜ୍ଞ କ୍ୟାଡର୍ ଅଧିକାରୀମାନଙ୍କର ନିଯୁକ୍ତି
ଚୁକ୍ତିନାମା/ନିୟମିତ ଆଧାରରେ

ନିମ୍ନଲିଖିତ ପୋଷ୍ଟଗୁଡିକ ପାଇଁ ଭାରତୀୟ ନାଗରିକମାନଙ୍କ ଠାରୁ ଆବେଦନ ଗୁଡିକ ଗ୍ରହଣ କରାଯାଉଛି:

| କ୍ର. ସଂ. | ପଦବୀ | ଖାଲି ପଦବୀ | ବିଜ୍ଞାପନ ସଂ. |
|---|---|---|---|
| 1 | ସର୍କଲ ଡିଫେନ୍ସ ବ୍ୟାଙ୍କିଙ୍ଗ ଆଡଭାଇଜର (ସିଡିବିଏ) ଚୁକ୍ତିଭିତ୍ତିକ ସମୀକରଣ ଟିଇଜିଏସ୍-VI (ଡେପୁଟି ଜେନେରାଲ୍ ମ୍ୟାନେଜର) | 01 | CRPD/SCO/ 2023-24/31 |
| 2 | ସହକାରୀ ମ୍ୟାନେଜର (ସୁରକ୍ଷା ଆନାଲିଷ୍ଟ) ନିୟମିତ ଜେଏମ୍‌ଜିଏସ୍-I | 23 | CRPD/SCO/ 2023-24/32 |
| 3 | ଡେପୁଟି ମ୍ୟାନେଜର (ସୁରକ୍ଷା ଆନାଲିଷ୍ଟ) ନିୟମିତ ଏମ୍‌ଏମ୍‌ଜିଏସ୍-II | 51 | |
| 4 | ମ୍ୟାନେଜର (ସୁରକ୍ଷା ଆନାଲିଷ୍ଟ) ନିୟମିତ ଏମ୍‌ଏମ୍‌ଜିଏସ୍-III | 03 | |
| 5 | ସହକାରୀ ଜେନେରାଲ୍ ମ୍ୟାନେଜର (ଆପ୍ଲିକେସନ୍ ସୁରକ୍ଷା) ନିୟମିତ ଏସ୍‌ଏମ୍‌ଜିଏସ୍-V | 03 | |
| 6 | କ୍ରେଡିଟ୍ ଆନାଲିଷ୍ଟ ନିୟମିତ ଏମ୍‌ଏମ୍‌ଜିଏସ୍-III | 50 | CRPD/SCO/ 2023-24/33 |

ଯୋଗ୍ୟତା ମାନଦଣ୍ଡ (ବୟସ, ଅଭିଜ୍ଞତା, ଜବ୍ ପ୍ରୋଫାଇଲ ଇତ୍ୟାଦି), ଆବଶ୍ୟକ ଫିସ୍ ଏବଂ ଅନ୍ୟାନ୍ୟ ବିବରଣୀ ପାଇଁ ବ୍ୟାଙ୍କର ୱେବସାଇଟ୍ https://bank.sbi/web/careers ଅନଲାଇନ୍ ଆପ୍ଲିକେସନ୍ ଫି ଜମା ଏବଂ ଅନଲାଇନ୍ ଦେୟ ଲିଙ୍କ୍ ସହିତ ଲଗ ଇନ୍ କରନ୍ତୁ । ଆବେଦନ ଏବଂ ଫି ପଠାଇବା ପୂର୍ବରୁ ଯୋଗ୍ୟତା ଏବଂ ଅନ୍ୟାନ୍ୟ ବିବରଣୀ ବିଷୟରେ ସୁନିଶ୍ଚିତ ହେବା ପାଇଁ ବିସ୍ତୃତ ବିଜ୍ଞାପନକୁ ଅନୁସରଣ କରନ୍ତୁ ।

- **ଅନଲାଇନ୍ ଆବେଦନ ଏବଂ ଫିସ୍ ଦେୟ ପାଇଁ ତାରିଖ: 13.02.2024 ରୁ 04.03.2024 ପର୍ଯ୍ୟନ୍ତ ।**

ଯେକୌଣସି ପ୍ରଶ୍ନ ପାଇଁ ଦୟାକରି ଏହି ଲିଙ୍କ୍ ମାଧ୍ୟମରେ ଆମକୁ ଲେଖନ୍ତୁ: **"CONTACT US" —> "Post Your Query"** ଯାହା ବ୍ୟାଙ୍କର ୱେବସାଇଟରେ ଉପଲବ୍ଧ ।

**ସ୍ଥାନ:** ମୁମ୍ବାଇ
**ତାରିଖ:** 13.02.2024
**ମହା ପ୍ରବନ୍ଧକ (ଆରପି ଆଣ୍ଡ ପିଏମ୍)**







PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
EDITOR: UMAKANT MISHRA
ସମ୍ପାଦକ: ଉମାକାନ୍ତ ମିଶ୍ର